


୨୦୨୬ ଫିଫା ବିଶ୍ୱକପ୍ ପରେ ଅବସର ନେବେ ରୋନାଲ୍ଡୋ

ପୃଷ୍ଠା ୧୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ISSUE-136 WEDNESDAY 12 NOVEMBER 2025 PAGE-12 ₹ 6.00
JEYPORE
ବର୍ଷ-୪୩ ସଂଖ୍ୟା-୧୩୬ ବୁଧବାର ୧୨ ନଭେମ୍ବର ୨୦୨୫ ପୃଷ୍ଠା-୧୨ ଟ.୬.୦୦

ପୁଣ୍ୟ ସ୍ମୃତିରେ...



ଓଡ଼ିଶାର ମସଲା ସମ୍ରାଟ
ଡ଼. ଶରତ କୁମାର ସାହୁ
ପ୍ରତିଷ୍ଠାତା, ରୁଚି ଫୁଡ୍‌ଲାଇନ୍
୧୪.୦୬.୧୯୫୦ - ୦୨.୧୧.୨୦୨୫

ଆପଣଙ୍କ ମହତ କାର୍ଯ୍ୟ ପାଇଁ ଆପଣ ସଦା ସ୍ମରଣୀୟ ହୋଇ ରହିବେ ।
ଆପଣଙ୍କ ଦୂରଦୃଷ୍ଟି, ଏକନିଷ୍ଠ ଉଦ୍ୟମ, ଧୈର୍ଯ୍ୟ ଏବଂ ଶ୍ରଦ୍ଧାଶୀଳ ବ୍ୟବହାର
ରୁଚି ପରିବାର ପାଇଁ ପ୍ରେରଣା ଓ ମାର୍ଗଦର୍ଶନ ହୋଇ ରହିବ ।

RUCHI FOODLINE Since 1976 · Celebrating 50 Years · 50 Saal Aapke Sehat Ke Saath ...
FROZIT® "Time Ki Bachat, Eat Fresh Fatafat"
FarrmB® Family of Master Artisans
RUCHI Tea Dum Hardam
RUCHI PRATIVA FOUNDATION ESTD. 1976 CUTTACK
RAYS FOUNDATION






## ପାକିସ୍ତାନ କୋର୍ଟରେ ଆତ୍ମଘାତୀ ଆକ୍ରମଣ: ୧୨ ମୃତ

ଇସଲାମାବାଦ୍, ୧୧।୧୧(ଏଜେନ୍ସି): ପାକିସ୍ତାନ ରାଜଧାନୀ ଇସ୍‌ଲାମବାଦ୍‌ର ଡିଷ୍ଟ୍ରିକ୍ଟ କୋର୍ଟ ନିକଟରେ ମଙ୍ଗଳବାର ଅପରାହ୍ଣ ୧ଟାରେ ଭୟଙ୍କର ଆତ୍ମଘାତୀ ବିସ୍ଫୋରଣ ହୋଇଛି। ଏଥିରେ ୧୨ ଲୋକ ମୃତ୍ୟୁବରଣ କରିଛନ୍ତି ଓ ୨୭ ଜଣ ଆହତ ହୋଇଛନ୍ତି ବୋଲି ପାକିସ୍ତାନ ଗଣମାଧ୍ୟମଗୁଡିକର ରିପୋର୍ଟରୁ ଜଣାପଡ଼ିଛି। ମୃତକ ଓ ଆହତଙ୍କ ମଧ୍ୟରେ ଅଧିକାଂଶ ଓକିଲମାନେ ରହିଛି ବୋଲି କୁହାଯାଇଛି। ବିସ୍ଫୋରଣର ଶବ୍ଦ ଏତେ ତୀବ୍ରଥିଲା ଯେ ଏହା ୬ କିମି ଦୂରରେ ଥିବା ପୁଲିସ ଲାଇନ ହେଡକ୍ୱାର୍ଟର ପର୍ଯ୍ୟନ୍ତ ଏହା ଶୁଣିବାକୁ ମିଳିଥିଲା। ଫଳରେ ଆଖପାଖ ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା। ସୂଚନା ପାଇବା ମାତ୍ରେ ଉଦ୍ଧାରକାରୀ ଦଳ ଓ ସୁରକ୍ଷାବଳ ଘଟଣାସ୍ଥଳରେ ପହଞ୍ଚି ପୂରା ଅଞ୍ଚଳକୁ ଘେରାଉ କରି ଯାଞ୍ଚ ଆରମ୍ଭ କରିଛନ୍ତି। କୋର୍ଟର ପାର୍କି ଅଞ୍ଚଳରେ ଥିବା ଗାଡ଼ିଗୁଡିକରେ ହିଁ ବିସ୍ଫୋରଣ ହୋଇଥିଲା ବୋଲି ପୁଲିସ ଅଧିକାରୀମାନେ କହିଛନ୍ତି। ବିସ୍ଫୋରଣରେ ଏକାଧିକ ଗାଡ଼ି କ୍ଷତିଗ୍ରସ୍ତ ହୋଇଛି। ଆକ୍ରମଣକାରୀର ମୁଣ୍ଡ ଘଟଣାସ୍ଥଳରୁ ହିଁ ମିଳିଛି ବୋଲି ଅଧିକାରୀମାନେ କହିଛନ୍ତି। ଫଳରେ ଏହାଏକ ଆତ୍ମଘାତୀ ଆକ୍ରମଣ ଥିଲା ବୋଲି ଅଧିକାରୀମାନେ କହିଛନ୍ତି। ବିସ୍ଫୋରଣର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏହି ବିସ୍ଫୋରଣ ପାଇ ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍ ଆଫଗାନିସ୍ତାନକୁ ଦାୟୀ କରିଛନ୍ତି। ଅବଶ୍ୟ ଏହି ବିସ୍ଫୋରଣ ପାଇଁ କୌଣସି ସଂଗଠନ ଏପର୍ଯ୍ୟନ୍ତ ନିଜକୁ ଦାୟୀ କରିନାହାନ୍ତି। ତେବେ ପ୍ରଧାନମନ୍ତ୍ରୀ ସରିଫ ଏଥିପାଇଁ ଭାରତକୁ ଦାୟୀ କରିଛନ୍ତି।

## ନିଠାରୀ ହତ୍ୟା ମାମଲା: ୧୮ ବର୍ଷ ପରେ ମୁକ୍ତ ହେବ ସୁରେନ୍ଦ୍ର କୋଲି

ନୂଆଦିଲ୍ଲୀ, ୧୧।୧୧(ଏଜେନ୍ସି): ବହୁଚର୍ଚ୍ଚିତ ନିଠାରୀ ହତ୍ୟାକାଣ୍ଡ ମାମଲାରେ ମୁଖ୍ୟ ଅଭିଯୁକ୍ତ ସୁରେନ୍ଦ୍ର କୋଲି ଖୁବ୍‌ଶୀଘ୍ର ଜେଲ୍‌ରୁ ମୁକ୍ତି ପାଇବ। ସୁପ୍ରିମକୋର୍ଟ ମଙ୍ଗଳବାର ଏହି ହତ୍ୟାକାଣ୍ଡ ସହିତ ଜଡିତ ଅନ୍ତିମ ମାମଲାରେ କୋଲିର ଦଣ୍ଡକୁ ରଦ୍ଦ କରିଛନ୍ତି। ଏଥିସହ ତାକୁ ତୁରନ୍ତ ଖଲାସ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଧାନ ବିଚାରପତି ବିଆର ଗବାଇ, ଜଷ୍ଟିସ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ ବିକ୍ରମ ନାଥଙ୍କ ଖଣ୍ଡପୀଠ କୋଲିଙ୍କ ତରଫରୁ ଦାଏର କରାଯାଇଥିବା କ୍ୟୁରେଟିଭ ଆବେଦନକୁ ମଞ୍ଜୁରୀ ଦେଇଛନ୍ତି। ନିଜକୁ ଦୋଷୀ ସାବ୍ୟସ୍ତ କରାଯିବା ବିରୋଧରେ ସେ ଏହି ଆବେଦନ କରିଥିଲେ। ୨୦୧୧ ଫେବୃଆରୀରେ ଏକ ୧୫ ବର୍ଷୀୟା ଝିଅର ହତ୍ୟା ମାମଲାରେ କୋଲିକୁ ଦୋଷୀ ସାବ୍ୟସ୍ତ କରାଯିବାର ରାୟକୁ ସୁପ୍ରିମକୋର୍ଟ ବଜାୟ ରଖିଥିଲେ। ସେହିପରି ୨୦୧୪ ଅକ୍ଟୋବର ୨୮ରେ କୋଲିରଙ୍କ ପୁନର୍ବିଚାର ଆଦେଶକୁ ଖାରଜ କରାଯାଇଥିଲା। ଏହି ଦୁଇଟି ନିଷ୍ପତ୍ତିକୁ ସୁପ୍ରିମକୋର୍ଟ ମଙ୍ଗଳବାର ରଦ୍ଦ କରିଛନ୍ତି। ଏଥିସହ କୋଲିଙ୍କୁ ମୁକ୍ତି କରିବାକୁ ଆଦେଶ ମଧ୍ୟ ଦେଇଛନ୍ତି। ଉଲ୍ଲେଖଥାଉ କି, ୨୦୦୬ ଡିସେମ୍ବରରେ ଏହି ହତ୍ୟାକାଣ୍ଡ ନେଇ ସାରା ଦେଶରେ ହଇଚଇ ସୃଷ୍ଟି ହୋଇଥିଲା। ନୋଏଡାର ନିଠାରୀ ଗାଁରେ ମନିନ୍ଦର ସିଂ ପନ୍ଧେରଙ୍କ ଘର ବାହାରେ ଏକ ନାଳରୁ ଏକାଧିକ ଛୋଟପିଲା ଓ ଯୁବତୀଙ୍କ କଙ୍କାଳ ଜବତ ହୋଇଥିଲା। ମନିନ୍ଦର ହିଁ ଏହି ଘରର ମାଲିକ ଥିଲା ବୋଲି ଯାଞ୍ଚରୁ ଜଣାପଡ଼ିଥିଲା।

## ଧର୍ମେନ୍ଦ୍ରଙ୍କ ମୃତ୍ୟୁ ଗୁଜବକୁ ପରିବାର ସଦସ୍ୟଙ୍କ ନିନ୍ଦା

ମୁମ୍ବଇ, ୧୧।୧୧(ଏଜେନ୍ସି): ବଲିଉଡ୍ ବର୍ଷୀୟାନ ଅଭିନେତା ତଥା ହିମ୍ୟାନ ଧର୍ମେନ୍ଦ୍ରଙ୍କ ପରଲୋକ ନେଇ ପ୍ରକାଶିତ ଖବର ମିଥ୍ୟା ସାବ୍ୟସ୍ତ ହୋଇଛି। ମଙ୍ଗଳବାର ସକାଳେ ଗଣମାଧ୍ୟମଗୁଡିକରେ ତାଙ୍କର ପରଲୋକ ହୋଇଛି ବୋଲି ଖବର ପ୍ରକାଶିତ ହୋଇଥିଲା। ଏହି ଗୁଜବକୁ ଧର୍ମେନ୍ଦ୍ରଙ୍କ ପରିବାର ଲୋକେ ନାପସନ୍ଦ କରିଛନ୍ତି। ୮୯ ବର୍ଷୀୟ ଧର୍ମେନ୍ଦ୍ରଙ୍କ ଝିଅ ତଥା ଅଭିନେତ୍ରୀ ଇଶା ଦେଓଲ ସାମ୍ନାକୁ ଆସି ଏ ନେଇ ସ୍ଥିତ ସ୍ୱଷ୍ଟ କରିଛନ୍ତି। 'ଗଣମାଧ୍ୟମ ସମ୍ପୂର୍ଣ୍ଣ ଭାବେ ମିଥ୍ୟା ଖବର ପ୍ରସାରଣ କରୁଛି। ପିତାଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି ଓ ଏଥିରେ ଧିରେ ଧିରେ ସୁଧାର ହେଉଛି। ଆମ ପରିବାରର ଗୋପନୀୟତାଙ୍କୁ ସମ୍ମାନ ଦେବାକୁ ସମସ୍ତଙ୍କୁ ନିବେଦନ କରୁଛି। ପିତାଙ୍କ ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଥିବାରୁ ସମସ୍ତଙ୍କୁ କୃତଜ୍ଞତା ଜଣାଉଛି' ବୋଲି ଇଶା କହିଛନ୍ତି। ଧର୍ମେନ୍ଦ୍ରଙ୍କ ପତ୍ନୀ ହେମାମାଳିନୀ ମଧ୍ୟ ନେଇ ନିଜର ଅସନ୍ତୋଷ ପ୍ରକାଶ କରିଛନ୍ତି। ଗଣମାଧ୍ୟମଗୁଡିକରେ ମିଥ୍ୟା ଖବର ପରିବେଷଣ କରାଯାଉଛି ଓ ଏହା କ୍ଷମାର ଯୋଗ୍ୟନୁହଁ ବୋଲି ସେ କହିଛନ୍ତି। ଦାୟିତ୍ୱସମ୍ପର୍ଣ୍ଣ ଚ୍ୟାନେଲଗୁଡିକ କିପର ଏଭଳି ଭିତ୍ତିହୀନ ତଥା ଅମୂଳକ ଖବର ପ୍ରଚାର କରୁଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି।

## ତୁର୍କୀ ବାୟୁସେନା ବିମାନ ଦୁର୍ଘଟଣାଗ୍ରସ୍ତ; ୨୦ ମୃତ

ଅଙ୍କାରା, ୧୧।୧୧ (ଏଜେନ୍ସି): ତୁର୍କୀ ବାୟୁସେନାର ସି-୧୩୦ ହର୍‌କ୍ୟୁଲସ ମିଲିଟାରୀ କାର୍ଗୋ ବିମାନ ମଙ୍ଗଳବାର ଦୁର୍ଘଟଣାଗ୍ରସ୍ତ ହୋଇଜର୍ଜିଆ-ଅଜରବୈଜାନ ସୀମାରେ ଖସିପଡ଼ିଛି। ଏଥିରେ ବିମାନର କ୍ରୁ ସଦସ୍ୟଙ୍କ ସମେତ ୨୦ ସୈନିକଙ୍କ ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଉଛି। ତେବେ ଏ ନେଇ ସରକାରଙ୍କ ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ। ଅଜରବୈଜାନ ଏବଂ ଜର୍ଜିଆ ଅଧିକାରୀଙ୍କ ସହ ମିଶି ତୁର୍କୀ ଉଦ୍ଧାରକାର୍ଯ୍ୟ ଚଳାଇଛି। ବିମାନ ଖସୁଥିବାର ଭିଡିଓ ଖୁବ୍ ଭାଇରାଲ ହେବାରେ ଲାଗିଛି। ଜର୍ଜିଆ ଅଧିକାରୀଙ୍କ ଅନୁଯାୟୀ ଦେଶର ବାୟୁସୀମାରେ ପ୍ରବେଶ କରିବା ପରେ ରାଡାର ସହ ଏହି ବିମାନର ଯୋଗାଯୋଗ ବିଚ୍ଛିନ୍ନ ହୋଇ ଯାଇଥିଲା। ପରେ କାଖୋତି କ୍ଷେତ୍ରର ସିଘନାଘି ଅଞ୍ଚଳରେ ଖସି ପଡ଼ିଥିଲା। ଚାରି ଇଞ୍ଜିନ ବିଶିଷ୍ଟ ଏହି ବିମାନକୁ ଆମେରିକାର ଲକ୍‌ହିଡ ମାର୍ଟିନ କମ୍ପାନୀ ନିର୍ମାଣ କରିଥିଲା।

# ଆରଡିଏକ୍ସଠାରୁ ବି ଭୟଙ୍କର ଥିଲା

ନୂଆଦିଲ୍ଲୀ, ୧୧।୧୧(ଏଜେନ୍ସି): ଲାଲକିଲ୍ଲା ନିକଟରେ ସୋମବାର ହୋଇଥିବା ବିସ୍ଫୋରଣ ଆରଡିଏକ୍ସଠାରୁ ବି ଭୟଙ୍କର ଥିଲା। ଏଥିରେ ଆମୋନିୟମ ନାଇଟ୍ରେଟ ଫୁଏଲ ଅଏଲ (ଏଏନଏଫଓ) ଏବଂ ଡିଟୋନେଟର୍ସ ବ୍ୟବହାର କରାଯାଇଥିଲା। ପ୍ରାଥମିକ ତଦନ୍ତରୁ ଏହା ଜଣାପଡ଼ିଛି। ଘଟଣାସ୍ଥଳରୁ ଆମୋନିୟମ ନାଇଟ୍ରେଟ (ଏଏନ) ମିଳିଛି। ଏହି ବିସ୍ଫୋରକ ଆଇଇଡିଠାରୁ ଭୟଙ୍କର ହୋଇଥିଲେ ବି ସହଜରେ ମିଳି ଯାଇଥାଏ। କମ୍ ଖର୍ଚ୍ଚରେ ଏହା ଅଧିକ କ୍ଷୟକ୍ଷତି ଘଟାଇ ଥାଏ। ଏଥିପାଇଁ ଆତଙ୍କବାଦୀ ମାନେ ଏହାକୁ ବ୍ୟବହାର କରୁଛନ୍ତି। ତେବେ ଫରେନସିକ ରିପୋର୍ଟ ଆସିବା ପରେ ବିସ୍ଫୋରଣର ପ୍ରକୃତ କାରଣ ଜଣାପଡ଼ିବ ବୋଲି କୁହାଯାଇଛି।

ଗତ ସପ୍ତାହରେ ପର୍ଦ୍ଦାଫାସ ହୋଇଥିବା ଫରିଦାବାଦ ଆତଙ୍କବାଦୀ ମଡ୍ୟୁଲୋର ସଦସ୍ୟ ଡ. ମହମ୍ମଦ ଉମର ଏହି ଆତ୍ମଘାତୀ ବିସ୍ଫୋରଣ କରିଥିବା କୁହାଯାଉଛି। ସେ ନିଜ ଦୁଇ ସହଯୋଗୀଙ୍କ ସହ ମିଶି ଏହି ଯୋଜନା କରିଥିଲା। ଏଥିରେ ବ୍ୟବହୃତ ଏଏନଏଫଓ ଅଧିକ ଜ୍ୱଳନଶୀଳ ପଦାର୍ଥ। ବିଶେଷ କରି ଉଦ୍ୟୋଗିକ ବିସ୍ଫୋରଣ ଲାଗି ଏହାକୁ ବ୍ୟବହାର କରାଯାଇଥାଏ। ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ବିପୁଳ ବିସ୍ଫୋରକ ସହ ସହଯୋଗୀ ଡ. ମୁଜାମିଲ ସକିଲ ଗିରଫ ହେବା ପରେ ଡ. ଉମର ଭୟଭୀତ ହୋଇ ଯାଇଥିଲା। ପରେ ସେ ଦୁଇ ସହଯୋଗୀଙ୍କ ସହାୟତାରେ ଏକ କାର୍‌ରେ ଡେଟୋନିଟର ସହିତ ଅନ୍ୟ ବିସ୍ଫୋରକ ନେଇ ଲାଲକିଲ୍ଲା ନିକଟରେ ବିସ୍ଫୋରଣ କରିଥିଲା। ଏହି ବିସ୍ଫୋରକ କେଉଁଠୁ ଆସିଥିଲା ଏବଂ କିଏ ଆଣିଥିଲା ଏବେ ତାହାର ଖୋଳତାଡ଼ ଆରମ୍ଭ ହୋଇଛି। ତେବେ ଏହି ଏଏନ ପ୍ରସ୍ତୁତ କରିବାକୁ ଆମୋନିଆ ଏବଂ ନାଇଟ୍ରିକ ଏସିଡର ରାସାୟନକି ପ୍ରତିକ୍ରିୟା କରାଯାଇଥାଏ। କିନ୍ତୁ ଏଏନ ବିସ୍ଫୋରକ ହୋଇ ନଥାଏ। ଡିଜେଲ କିମ୍ବା ଅନ୍ୟ କୌଣସି ଇନ୍ଧନ ସହ ମିଶାଇ ଦେଲେ ଏହା ବିପଜ୍ଜନକ ବୋମା ପାଲଟି ଯାଇଥାଏ। ଏହି ବିସ୍ଫୋରଣର ବେଗ ଘଣ୍ଟାପ୍ରତି ୧୪ ହଜାର କିମି ରହିଥାଏ। ଏହା ଦ୍ୱାରା ଯେଉଁ ତରଙ୍ଗ ସୃଷ୍ଟି ହୋଇଥାଏ ତାହା ଶବ୍ଦଠାରୁ ୫ ଗୁଣ ଅଧିକ। ଅନ୍ୟପଟେ ଏହି ବିସ୍ଫୋରଣ ଭେଇକିଲ-ବର୍ଣ୍ଣ ଇମ୍‌ପ୍ରୋଭାଇଜ୍ଡ ଏକ୍ସପ୍ଲୋଜିଭ ଡିଭାଇସ (ଭିବିଆଇଡି) ଥିବା କୁହାଯାଉଛି। କାରଣ ପୂର୍ବରୁ ଆତଙ୍କବାଦୀ ଏହାର ବ୍ୟବହାର କରିଛନ୍ତି। ଏକ ଗାଡ଼ିରେ ବିସ୍ଫୋରକ ନେଇ ତାହାକୁ ଉଡ଼ାଇ ଦିଅନ୍ତି। ଏହି ପ୍ରକ୍ରିୟାକୁ ଠାବ କରିବା ଅତ୍ୟନ୍ତ କଷ୍ଟସାଧ୍ୟ ହୋଇଥାଏ। ଆତଙ୍କବାଦୀଙ୍କୁ ଚିହ୍ନଟ କରି ଜେରା କରିବା ମଧ୍ୟ କାଠିକର ହୋଇଥାଏ।

### ଦିଲ୍ଲୀ ନୁହେଁ; ଉତ୍ତର ପ୍ରଦେଶରେ ହେବାର ଥିଲା ବିସ୍ଫୋରଣ



ସୋମବାର ସନ୍ଧ୍ୟାରେ ଦିଲ୍ଲୀରେ ଯେଉଁ ବିସ୍ଫୋରଣ ହୋଇଥିଲା ତାହାକୁ ୪୬୦ କିମି ଦୂର ଉତ୍ତର ପ୍ରଦେଶ (ୟୁପି) ରେ କରାଇବାକୁ ଯୋଜନା କରାଯାଇଥିଲା। ଜମ୍ମୁ-କଶ୍ମୀର ପୁଲିସ ଏବଂ ଗୁଜରାଟ ଏଟିଏସ ପକ୍ଷରୁ ଦିଆଯାଇଥିବା ଏହି ସୂଚନା ୟୁପି ସୁରକ୍ଷା ଏଜେନ୍ସି ଗୁଡିକର ହୋସ୍ ଉଡ଼ାଇ ଦେଇଛି। ୟୁପିର ଜଣେ ବରିଷ୍ଠ ଅଧିକାରୀ ନାମ ଗୋପନ ରଖି କହିଛନ୍ତି ଯେ ଏହି ସୂଚନା ମିଳିବା ପରେ ସୁରକ୍ଷାକୁ କଡ଼ାକଡ଼ି କରିଦିଆଯାଇଛି। ଆତଙ୍କବାଦୀଙ୍କ ନିଶାଣରେ ଲକ୍ଷ୍ନୌ, କାଶୀ, ମଥୁରା, ଅଯୋଧ୍ୟା ଭଳି ବଡ଼ ସହର ଥିଲା। ଅଧିକାରୀଙ୍କ ସୂଚନା ଅନୁଯାୟୀ ଗତ କିଛି ଦିନ ହେଲା ୟୁପିରେ ଦୁଇଟି ଅଲଗା ଅଲଗା ଆତଙ୍କବାଦୀ ମଡ୍ୟୁଲୋ ସାମ୍‌ନାକୁ ଆସିଥିଲା। ଗୋଟିଏକୁ ଗୁଜରାଟ ପୁଲିସ ଏବଂ ଅନ୍ୟଟିକୁ ଜମ୍ମୁ-କଶ୍ମୀର ପୁଲିସ ବିଫଳ କରିଦେଇଛି। ଏଥିପାଇଁ ଆତଙ୍କବାଦୀ ଅନ୍ୟ ଯୋଜନା କରୁଛନ୍ତି।

## ଫରିଦାବାଦରୁ ବାହାରିଲା, ଲାଲକିଲ୍ଲାରେ ଅଟକିଲା

ନୂଆଦିଲ୍ଲୀ: ଦିଲ୍ଲୀ ବିସ୍ଫୋରଣରେ ବ୍ୟବହୃତ କାର୍‌ର ସିସିଟିଭି ଫୁଟେଜ ସାମ୍‌ନାକୁ ଆସିଛି। କଳା ରଙ୍ଗର ମାସ୍କ ପିନ୍ଧିଥିବା ଜଣେ ଯୁବକ ପାର୍କିଂରୁ କାର୍ ଧରି ବାହାରୁ ଥିବା ଦେଖାଯାଉଛି। ସୂଚନା ଅନୁଯାୟୀ କାର୍‌ରେ ବସିଥିବା ସନ୍ଦିଗ୍ଧ ବ୍ୟକ୍ତିର ମୁହଁ ଡ. ମହମ୍ମଦ ଉମର ନବି ସହ ମେଳ ଖାଉଛି। ସେ ପୁଲୱାମାର ବାସିନ୍ଦା। ସେ ଫରିଦାବାଦର ଅଲ ଫଲାହ ୟୁନିଭର୍ସିଟିରେ ପ୍ରାଧ୍ୟାପକ ଥିଲା। ସେ ଆତଙ୍କବାଦୀ ସଂଗଠନ ଜୈସ-ଇ-ମହମ୍ମଦର ଶାଖା ସହ ଜଡ଼ିତ ଥିବା ଅଭିଯୋଗ ହୋଇଛି। ସେ ହରିୟାଣାର ଫରିଦାବାଦ ଆତଙ୍କୀ ମଡ୍ୟୁଲୋରେ ସାମିଲ ଥିବା ସୁରକ୍ଷା ବାହିନୀ ଗୁଡ଼ିକ ସନ୍ଦେହ କରୁଛନ୍ତି। ଦିଲ୍ଲୀରେ ବିସ୍ଫୋରଣ ହେବାର କିଛି ଘଣ୍ଟା ପୂର୍ବରୁ ଜମ୍ମୁ-କଶ୍ମୀର ପୁଲିସ ଫରିଦାବାଦରୁ ଏକ ଆତଙ୍କବାଦୀ ମଡ୍ୟୁଲୋରେ ସାମିଲ ୩ ଡାକ୍ତରଙ୍କ ସମେତ ୮ ଜଣଙ୍କୁ ଗିରଫ କରିଥିଲା। ସେମାନଙ୍କ ନିକଟରୁ ୨୯୦୦ କେଜି ବିସ୍ଫୋରକ, ଏକ ଆସଲ୍ଟ ଏବଂ ଏକେ-୪୭ ରାଇଫଲ ଜବତ କରାଯାଇଥିଲା। ଜୈସ ସହ ସଂଶ୍ଳିଷ୍ଟ ଥିବା ୪ ଡାକ୍ତରଙ୍କୁ ପୁଲିସ ଖୋଜୁଥିଲା। ଏଥିରେ ଡ.ଉମର ମଧ୍ୟ ସାମିଲ ଥିଲା। ଏହି ତିନି ଜଣ ଡାକ୍ତର ଗିରଫ ହେବା ପରେ ଉମର ଦିଲ୍ଲୀରେ ଆତ୍ମଘାତୀ ଆକ୍ରମଣ କରିଥିଲା ବୋଲି କୁହାଯାଉଛି।

ଦିଲ୍ଲୀ ପୁଲିସର ସ୍ୱତନ୍ତ୍ର ସେଲ୍ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ବିସ୍ଫୋରଣ ପୂର୍ବରୁ ଆଇ-୨୦ କାର୍ ଏକ ପାର୍କିଂ ନିକଟରେ ପ୍ରାୟ ୩ ଘଣ୍ଟା ପର୍ଯ୍ୟନ୍ତ ଛିଡ଼ା ହୋଇଥିଲା। ଏହି କାର୍‌ରେ ଆତଙ୍କବାଦୀ ଉମର ତିନି ଘଣ୍ଟା ପର୍ଯ୍ୟନ୍ତ ବସିଥିଲା। ସେ କିଛି ସେକେଣ୍ଡ ପାଇଁ ବି କାର୍‌ରୁ ବାହାରି ନ ଥିଲା। ଏଠାରେ ସେ କାହାକୁ ଅପେକ୍ଷା କରି ବସିଥିଲା କିମ୍ବା କାହାର ନିର୍ଦ୍ଦେଶକୁ ଚାହିଁ ରହିଥିଲା। ସନ୍ଧ୍ୟା ପ୍ରାୟ ୬ଟା ୫୨ରେ ଏହି କାର୍ ମନ୍ଥର ଗତିରେ ଆସି ଲାଲ୍‌କିଲ୍ଲା ନିକଟସ୍ଥ ମେଟ୍ରୋ ଷ୍ଟେସନର ଟ୍ରାଫିକ ସିଗ୍‌ନାଲ ନିକଟରେ ପହଞ୍ଚି ଥିଲା। ଏଠାରେ ବିସ୍ଫୋରଣ ହୋଇଥିଲା। ସେ ବିସ୍ଫୋରଣରେ ନିଜକୁ ଉଡ଼ାଇ ଦେଉଥିବା କୁହାଯାଉଛି। କିନ୍ତୁ ବିସ୍ଫୋରଣ ସମୟରେ ସେ କାର୍‌ରେ ଥିଲା କି ନାହିଁ ତାହା ଜଣାପଡ଼ି ନାହିଁ। ଡିଏନ୍‌ଏ ଯାଞ୍ଚ ପାଇଁ ଉମରର ମାଆଙ୍କ ନମୁନା ସଂଗ୍ରହ କରାଯାଇଛି। ଅନ୍ୟପଟେ ବିସ୍ଫୋରଣର ଦୁଇ ସପ୍ତାହ ପୂର୍ବରୁ ଗତ ୨୯ ତାରିଖରେ ଏହି କାର୍‌ର ପ୍ରଦୂଷଣ ପରୀକ୍ଷା ହେଉଥିବାର ଭିଡିଓ ସାମନାକୁ ଆସିଛି। ଏହା ମଧ୍ୟରେ ଡ.ଉମର ନବିର ଭାଉଜ ମୁଜମିଲା କହିଛନ୍ତି ଯେ ପୁଲିସ ମୋ ସ୍ୱାମୀ, ଦିଅର ଏବଂ ଶାଶୁଙ୍କୁ ଉଠାଇ ନେଇଛି। ଉମର ଦିଲ୍ଲୀରେ ଥିବା କହିବାରୁ ଜେରା ପାଇଁ ସମସ୍ତଙ୍କୁ ନେଇ ଯାଇଥିଲେ। ଗତ ଶୁକ୍ରବାର ଶେଷ ଥର ପାଇଁ ଉମର ଘରଲୋକଙ୍କ ସହ କଥା ହୋଇଥିଲା। ତାର ନିର୍ବନ୍ଧ ହୋଇ ସାରିଥିଲା। ସେ ଗତ ଦୁଇ ମାସ ହେଲା ଘରକୁ ଆସି ନ ଥିଲା।



ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ସାମାଜିକ ଗଣମାଧ୍ୟମ ଆପ୍ ଟେଲିଗ୍ରାମ ଉପରେ ପ୍ରଶ୍ନ ଉଠାଯାଉଛି। ଏହା ଆତଙ୍କବାଦୀ, ଅପରାଧି, ଯୌନ ଉତ୍ପୀଡ଼ନର ସୁରକ୍ଷିତ ପ୍ଲାଟଫର୍ମ ପାଲଟି ଥିବା ଅଭିଯୋଗ ହେଉଛି। କାରଣ ଏହାର ମେସେଜ ଆପେ ଆପେ ଡିଲିଟ ହୋଇଯାଉଛି।

## ୭ ଥର କିଣାବିକା ହୋଇଥିଲା କାର୍

ନୂଆଦିଲ୍ଲୀ: ରାଜଧାନୀ ଦିଲ୍ଲୀରେ ସୋମବାର ଲାଲ୍‌କିଲ୍ଲା ନିକଟରେ ହୋଇଥିବା କାର୍ ବିସ୍ଫୋରଣରେ ୧୩ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୨୦ଜଣ ଆହତ ହୋଇଛନ୍ତି। ଲାଲ୍‌କିଲ୍ଲା ମେଟ୍ରୋ ଷ୍ଟେସନ ନିକଟରେ ସନ୍ଧ୍ୟା ୬.୫୨ ମିନିଟ୍‌ରେ ଏକ ହୁଣ୍ଡାଇ ଆଇ୨୦ କାର୍ ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣରେ ବ୍ୟବହୃତ ହୋଇଥିବା ଏହି କାର୍ ୭ଥର ବିକାକିଣା ହୋଇଥିଲା। ରୟାଲ କାର ଜୋନ୍‌ର ମାଲିକ ସୋନୁଙ୍କୁ ଏହି ମାମଲାରେ ଗିରଫ କରାଯାଇଛି। ହରିୟାଣା ପୁଲିସ ତାଙ୍କୁ ଦିଲ୍ଲୀ ପୁଲିସକୁ ହସ୍ତାନ୍ତର କରିଛି। ଶେଷଥର ପାଇଁ ସୋନୁ ହିଁ ଏହି କାର୍ ବିକ୍ରି କରିଥିଲେ। ୪ ଦିନ ତଳେ ଓଏଲ୍‌ଏକ୍ସ ଜରିଆରେ ସେ ଏହି କାର୍‌କୁ ବିକିଥିଲେ। କିନ୍ତୁ ଏହାପୂର୍ବରୁ ଏହି ହୁଣ୍ଡାଇ କାର ୬ଥର କିଣାବିକା ହୋଇଥିଲା। ଏବେ ଏହି କାର୍‌ର ସିସିଟିଭି ଫୁଟେଜ ସାମ୍ନାକୁ ଆସିଛି। ଏଥିରେ ୩ ଜଣ ଲୋକ ବସିଥିବାର ଦେଖାଯାଇଛି। ଏହି ଫୁଟେଜ ଦିଲ୍ଲୀ-ମୁମ୍ବଇ- ଭଦୋଦରା ଏକ୍ସପ୍ରେସୱେର ସର୍ଭିସ ଲାଇନ୍‌ରେ ଥିବା ପେଟ୍ରୋଲ ପମ୍ପ ନିକଟର ବୋଲି ଜଣାଯାଇଛି। କାର୍‌ରେ ଲମ୍ବା ଦାଢ଼ି ରଖିଥିବା ତାରିକ ନାମକ ବ୍ୟକ୍ତି ବସିଥିବାର ଦେଖାଯାଇଛି। ଅକ୍ଟୋବର ୨୯ରେ ସନ୍ଧ୍ୟା ୪ଟା ୨୦ରେ କାର୍‌ର ପଲ୍ୟୁସନ ସାର୍ଟିଫିକେଟ୍ ବାହାର କରାଯାଇଥିଲା। ଏହି କାର ଗୁରୁଗ୍ରାମ ଆରଟିଓରେ ମହମ୍ମଦ ସଲମାନ ନାମରେ ପଞ୍ଜିକୃତ ହୋଇଛି।

## ଭାଇ ଗିରଫ, ମାଆ ଅଟକ

ଶ୍ରୀନଗର, ୧୧।୧୧ (ଏଜେନ୍ସି): ଦିଲ୍ଲୀ ବିସ୍ଫୋରଣର ୨୦ ଘଣ୍ଟା ପରେ ମାମଲାର ତଦନ୍ତ ଦାୟିତ୍ୱ ନ୍ୟାସନାଲ ଇନଭେଷ୍ଟିଗେସନ ଏଜେନ୍ସି (ଏନଆଇଏ) ପାଖକୁ ଯାଇଛି। ଆଜି ବିସ୍ଫୋରଣରେ ବ୍ୟବହୃତ କାର୍‌ର ସିସିଟିଭି ଫୁଟେଜ ସାମ୍‌ନାକୁ ଆସିଛି। ମେଟ୍ରୋ ଷ୍ଟେସନ ପାର୍କିଂରୁ ବାହାରୁ ଥିବା ଏହି କାର୍‌ରେ କଳା ମାସ୍କ ପିନ୍ଧି ଜଣେ ବ୍ୟକ୍ତି ବସିଥିବା ଦେଖାଯାଉଛି। ପୁଲିସ ସୂଚନା ଅନୁଯାୟୀ, ଏହି ବ୍ୟକ୍ତିର ନାମ ଡ. ମହମ୍ମଦ ଉମର ନବି। ସେ ପୁଲୱାମାର ବାସିନ୍ଦା। ସେ ବିସ୍ଫୋରଣରେ ନିଜକୁ ଉଡ଼ାଇ ଦେଇଥିବା କୁହାଯାଉଛି। ଡିଏନଏ ଟେଷ୍ଟ କରିବା ପାଇଁ ଜମ୍ମୁ-କଶ୍ମୀର ପୁଲିସ ପୁଲୱାମାରୁ ତାହାର ମାଆ ଏବଂ ଦୁଇ ଭାଇଙ୍କୁ ହେପାଜତକୁ ନେଇଛି। ନବିର ସାଙ୍ଗ ଡ. ସଜ୍ଜାଦକୁ ମଧ୍ୟ ଗିରଫ କରାଯାଇଛି। ଦିନେ ତଳେ ସେ ବିବାହ କରିଥିଲା। ଅନ୍ୟପକ୍ଷରେ ହରିୟାଣାର ଫରିଦାବାଦରୁ ଅନ୍ୟ ଜଣେ ମହିଳା ଡ. ସାହିନ ସାହିଦକୁ ଗିରଫ କରାଯାଇଛି। ସେ ଭାରତରେ ଆତଙ୍କବାଦୀ ସଂଗଠନ ଜୈସ-ଇ-ମହମ୍ମଦର ମହିଳା ଶାଖା 'ଜମାତ-ଉଲ-ମୋମିନତ'ର ମୁଖ୍ୟ ଥିଲା। ପାକିସ୍ତାନରେ ଥିବା ଆତଙ୍କବାଦୀ ଅଜହର ମସୁଦର ଭଉଣୀ ଏହି ମହିଳା ଶାଖାର ମୁଖ୍ୟ ରହିଛି।

## ଆତଙ୍କବାଦୀର ପ୍ରେମିକା ଓ ଭାଇ ଘରେ ଚଢ଼ଉ

ଲକ୍ଷ୍ନୌ: ଦିଲ୍ଲୀ ବିସ୍ଫୋରଣକୁ ନେଇ ଉତ୍ତର ପ୍ରଦେଶ (ୟୁପି) ଏଟିଏସ ବଡ଼ଧରଣର ଅଭିଯାନ ଆରମ୍ଭ କରିଛି। ଏଟିଏସ ଟିମ୍ ସହିତ ଜମ୍ମୁ-କଶ୍ମୀର ପୁଲିସ ମଙ୍ଗଳବାର ଦ୍ୱିପହରେ ଡ. ସାହିନ ସାହିଦର ଘରେ ପହଞ୍ଚିଛି। ତାର ଘର ଲକ୍ଷ୍ନୌର ଲାଲବାଗ ଅଞ୍ଚଳ ସ୍ଥିତ ଖନ୍ଦାରୀ ବଜାରରେ ରହିଛି। ଏହି ଟିମ୍ ସମ୍ପୂର୍ଣ୍ଣ ଘରର ତଲାସୀ ନେଇଛି। ଆଖପାଖର ପଡୋଶୀଙ୍କୁ ମଧ୍ୟ ପଚରାଉଚୁରା କରାଯାଇଛି। ସାହିନକୁ ଫରିଦାବାଦରୁ ସୋମବାର ଗିରଫ କରାଯାଇଥିଲା। ସେ ଗିରଫ ଡ.ମୁଜମ୍ମିଲ ସକିଲର ପ୍ରେମିକା। ଜମ୍ମୁ-କଶ୍ମୀର ପୁଲିସ ତା କାର୍‌ରୁ ଏକେ-୪୭, ପିସ୍ତଲ ଏବଂ କ୍ୟାଟ୍ରିଜ ଜବତ କରିଥିଲା। ଏହା ପୂର୍ବରୁ ପୁଲିସ ଟିମ୍ ମଡିୟାଁଓ ଥାନା ଅଧିନସ୍ଥ ସାହିନର ଭାଇ ଡ.ପରଭେଜ ଅନ୍‌ସାରୀର ଘରେ ତିନି ଘଣ୍ଟା ପର୍ଯ୍ୟନ୍ତ ଚଢ଼ଉ କରିଥିଲା। ଫାଟକରେ ତାଲା ପଡ଼ିଥିବାରୁ ଏହାକ ଭାଙ୍ଗି ପୁଲିସ ତଲାସୀ ନେଇଥିଲା। ଏହି ଘରେ କହି ନ ଥିବା ଜଣା ପଡ଼ିଥିଲା। ପଡ଼ୋଶୀ କହିଥିଲେ ଯେ ବୃଦ୍ଧ ପିତା ସୈୟଦ ଅନ୍‌ସାରୀ ସହ ପରଭେଜ ଅନସାରୀ ଏହି ଘରେ ରହୁଛି। ସେ ଲୋକଙ୍କ ସହ ବେଶୀ ମିଳାମିଶା କରେନି। ସାହରନପୁରର ଡେରାଡୁନ ଛକରେ ପରଭେଜର କ୍ଲିନିକ ରହିଛି। ଏଠାରୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର, ଡିଜିଟାଲ ଡିଭାଇସ, କାର୍ ଏବଂ ବାଇକ ମିଳିଛି। ଏହି ମାମଲାର ଯାଞ୍ଚ ଜାରି ରହିଛି। ଘର ବାହାରେ ଥିବା କାର୍‌ରେ ଇଣ୍ଟିଗ୍ରାଲ ୟୁନିଭର୍ସିଟିର ପାସ୍ ଲାଗିଛି। ଏହି କାର୍‌କୁ ସହାରନପୁରରୁ କ୍ରୟ କରାଯାଇଥିଲା।

## ପ୍ରାଧ୍ୟାପିକା ସାହିନ ଥିଲା ଆତଙ୍କବାଦୀର ସହଯୋଗୀ



କାନପୁର: ଦିଲ୍ଲୀ ବିସ୍ଫୋରଣର ତଦନ୍ତରୁ ଭୟଙ୍କର ତଥ୍ୟ ସାମ୍‌ନାକୁ ଆସିଛି। ଏହି ମାମଲାର ଅଭିଯୁକ୍ତ ଡ.ମୁଜାମିଲ ସକିଲକୁ ଗିରଫ କରିବା ପରେ ତାର ସହଯୋଗୀ ତଥା ପ୍ରେମିକା ଡ. ସାହିନକୁ ଧରାଯାଇଛି। ସେ ପୂର୍ବରୁ କାନପୁରର ଗଣେଶ ଶଙ୍କର ବିଦ୍ୟାର୍ଥୀ ମେଡିକାଲ କଲେଜ (ଜିଏସଭିଏମ)ରେ କାର୍ଯ୍ୟରତ ଥିଲା। ସେ ୨୦୦୬ରେ ଜିଏସଭିଏମରେ ଫାର୍ମାକୋଲଜିଷ୍ଟ ଡିପାର୍ଟମେଣ୍ଟର ସହାୟକ ପ୍ରାଧ୍ୟାପିକା ଭାବେ ସାମିଲ ହୋଇଥିଲା। ସେ ଏଠାରେ ୨୦୧୩ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲା। ଏହା ପରେ ବିନା ସୂଚନାରେ କୁଆଡେ ଗାଏବ ହୋଇଯାଇଥିଲା। ସୂଚନାଅନୁଯାୟୀ ଡ. ସାହିନ ସୈୟଦ ପ୍ରୟାଗରାଜରୁ ଏମ୍‌ବିବିଏସ କରିଥିଲା। ତାର ସ୍ୱାମୀ ଡ.ଜାଫର ସୈୟଦ ଚକ୍ଷୁ ଡାକ୍ତର ଥିଲା।

ଜାଫରଠୁ ଛାଡ଼ପତ୍ର ନେବା ପରେ ସାହିନ ଆତଙ୍କବାଦୀ ଡ. ମୁଜାମ୍ମିଲର ପ୍ରେମିକା ପାଲଟି ଯାଇଥିଲା। ତେବେ ସାହିନକୁ ମୁଜାମିଲ କେଉଁଠି ଭେଟିଥିଲା, ଏହି ବିସ୍ଫୋରଣରେ ତାର କି ସମ୍ପର୍କ ରହିଛି ତାରା ସାମ୍‌ନାକୁ ଆସିନାହିଁ। ସାହିନ ଭାରତରେ ଆତଙ୍କବାଦୀ ସଂଗଠନ ଜୈସର ମହିଳା ଶାଖା ମୁଖ୍ୟ ଥିଲା। ସେ ଭାରତରେ ମହିଳାଙ୍କୁ ଆତଙ୍କବାଦରେ ସାମିଲ କରାଉ ଥିଲା। ଜୈସର ଜମାତ-ଉଲ-ମୋମନତ ସଂଗଠନ ସହ ସାହିନ ଜଡ଼ିତ ଥିଲା। କଲେଜ ସୂତ୍ରରୁ ଜଣାପଡ଼ିଛି ଯେ ଡ. ସାହିନ ସାହିଦ ୟୁପିପିଏସସିରୁ ଚୟନ ହୋଇ ପ୍ରାଧ୍ୟାପିକା ହୋଇଥିଲା। ୨୦୦୯ରେ ୬ ମାସ ପାଇଁ ତାଙ୍କ ବଦଳି କନୌଜ ମେଡିକାଲ କଲେଜକୁ ହୋଇଥିଲା। ଏହା ପରେ ୨୦୧୦ରେ ପୁଣି ସେ କାନପୁର ଆସି ଯାଇଥିଲା। ତେବେ ୨୦୧୩ରେ ସେ କାହାକୁ ନ ଜଣାଇ ଗାଏବ ହୋଇ ଯାଇଥିଲା। ଅନେକ ନୋଟିସ ପଠାଇବା ପରେ ବି ସେ କୌଣସି ଜବାବ ଦେଇ ନ ଥିଲା। କଲେଜ ପକ୍ଷରୁ ଯୋଗାଯୋଗ କରିବାକୁ ପ୍ରୟାସ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇପାରି ନ ଥିଲା। ଶେଷରେ ୨୦୨୧ରେ କଲେଜ ତାକୁ ବରଖାସ୍ତ କରିଦେଇଥିଲା। ମେଡିକାଲ କଲେଜର ଡାକ୍ତରଙ୍କ ଅନୁଯାୟୀ ସାହିନର ବ୍ୟକ୍ତିଗତ ଜୀବନ ମଧ୍ୟ ବିବାଦରେ ଥିଲା। ସେ ୨୦୧୫ରେ ଜାଫର ଠାରୁ ଛାଡ଼ପତ୍ର ନେଇଥିଲା। ଏହା ପରେ ଲକ୍ଷ୍ନୌରେ ରହୁଥିଲା।

## ସନ୍ଦେହରେ ଆଉ ତିନି ଡାକ୍ତର

ଫରିଦାବାଦ୍, ୧୧।୧୧(ଏଜେନ୍ସି): ଫରିଦାବାଦ୍‌ରେ ୨୯୦୦ କେଜି ବିସ୍ଫୋରକ ମିଳିବା ପରେ ଅଲ-ଫଲାହ ବିଶ୍ୱବିଦ୍ୟାଳୟରେ ପୁଲିସ ଚଢ଼ଉ କରିଛି। ଯାଞ୍ଚ ପାଇଁ ସେଠାରେ ଏନ୍‌ଆଇଏ ଟିମ୍ ପହଞ୍ଚିଛି। ଦେଢ଼ ଘଣ୍ଟା ରେଡ୍ କରିବା ପରେ ଟିମ୍ ସେଠାରୁ ଫେରିଆସିଛି। କିନ୍ତୁ ପୁଲିସ ଏବେ ମଧ୍ୟ ସେଠାରେ ରହିଛି। ପୁଲିସ ବିଶ୍ୱବିଦ୍ୟାଳୟର ଲାବୋରାଟୋରୀରେ କାର୍ଯ୍ୟ କରୁଥିବା ୩ ଜଣ ଲୋକଙ୍କୁ ପଚରାଉଚରା କରିବା ପାଇଁ ଗିରଫ କରିଛି। ତେବେ ଏହି ୩ ଜଣ ବିଶ୍ୱବିଦ୍ୟାଳୟ ଛାତ୍ର କିମ୍ବା କର୍ମଚାରୀ ସେ ନେଇ କିଛି ସ୍ପଷ୍ଟ କରାଯାଇନାହିଁ। ଏହାପରେ ପୁଲିସ ଫରିଦାବାଦ୍‌ର ଫତେପୁର ତଗା ଗାଁରେ ଥିବା ମସଜିଦ୍‌ରେ ଯାଞ୍ଚ କରୁଛି। ଫରିଦାବାଦ୍‌ରୁ ଗିରଫ ହୋଇଥିବା ଡାକ୍ତର ମୁଜାମିଲ୍ ସକିଲ୍ ତଗା ମସଜିଦକୁ ନମାଜ ପଢ଼ିବା ପାଇଁ ଯାଇଥାଏ। ସେଠାରେ ଥିବା ଅନ୍ୟ ଧାର୍ମିକ ଲୋକଙ୍କୁ ମଧ୍ୟ ପୁଲିସ ପଚରାଉଚରା କରିଛି ଓ ୪ ଜଣଙ୍କୁ ପୁଲିସ ଗିରଫ କରିଛି। ଏମାନଙ୍କ ହ୍ୱାଟ୍ସଆପ୍ ଚାଟ ଡିଲିଟ୍ ହୋଇଥିବା ପୁଲିସ ଜାଣିବାକୁ ପାଇଛି। ଦିଲ୍ଲୀ ବିସ୍ଫୋରଣର ଅନ୍ୟତମ ଅଭିଯୁକ୍ତ ମହମ୍ମଦ ଉମର ନବୀ ଏହି ବିଶ୍ୱବିଦ୍ୟାଳୟରେ ପଢ଼ାଉଥିଲା। ସୋମବାର ବିସ୍ଫୋରଣ ଦିନ ଉମର ଏହି ବିଶ୍ୱବିଦ୍ୟାଳୟରୁ ଆଇ୨୦ ଗାଡି ନେଇ ବାହରିଥିଲା। ଏହାପରେ ସୋମବାର ସନ୍ଧ୍ୟାରେ ଦିଲ୍ଲୀରେ ବିସ୍ଫୋରଣ ହୋଇଥିଲା। ପୁଲିସ ପୂର୍ବରୁ ଏହି ବିଶ୍ୱବିଦ୍ୟାଳୟ ସହିତ ଜଡିତ ୩ ଜଣ ଡାକ୍ତର ଆଦିଲ ଅହମ୍ମଦ ରାଠର, ମୁଜାମିଲ ଅହମ୍ମଦ ଗନାଇ ଉରଫ ମୁଜାମିଲ ସକିଲ ଏବଂ ମହିଳା ଡାକ୍ତର ଶାହିନ ଶାହିଦଙ୍କୁ ଗିରଫ କରିଥିଲା। ମଧ୍ୟପ୍ରାଚ୍ୟ ତଥା ଗଲ୍ ଦେଶଗୁଡିକର ପାଣ୍ଠିରେ ଏହି ବିଶ୍ୱବିଦ୍ୟାଳୟ ସ୍ଥାପନ ହୋଇଛି ବୋଲି କୁହାଯାଉଛି।

# ଉଜୁଡ଼ିଗଲା ଡିଟିସି କଣ୍ଡକ୍ଟର, ଟ୍ୟାକ୍ସି ଡ୍ରାଇଭରଙ୍କ ସଂସାର

ନୂଆଦିଲ୍ଲୀ, ୧୧।୧୧(ଏଜେନ୍ସି): ଗତକାଲି ଦିଲ୍ଲୀରେ ହୋଇଥିବା ବିସ୍ଫୋରଣରେ ୧୨ ଜଣ ପ୍ରାଣ ହରାଇଛନ୍ତି ଏବଂ ୨୧ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୨ ଜଣ ମହିଳା ସାମିଲ ଅଛନ୍ତି। ନିହତ ୧୨ ଜଣ ବ୍ୟକ୍ତିଙ୍କ ମଧ୍ୟରୁ ୭ ଜଣଙ୍କୁ ଚିହ୍ନଟ କରାଯାଇଛି। ଅନ୍ୟମାନଙ୍କର ଚିହ୍ନଟ ଲାଗି ଡିଏନଏ ପରୀକ୍ଷା କରାଯାଉଛି। ଏଥିପାଇଁ ମୃତକଙ୍କ ପରିବାର ସଦସ୍ୟ ହସ୍ପିଟାଲରେ ଅପେକ୍ଷା କରି ରହିଛନ୍ତି। ପ୍ରାଣ ହରାଇଥିବା ବ୍ୟକ୍ତି ଜାଣିନଥିଲେ ଯେ ମୃତ୍ୟୁ ଏମିତି ଆସିବ ଏବଂ ସେମାନଙ୍କର ସଂସାରକୁ ଉଜାଡ଼ିଦେବ।

ଚିହ୍ନଟ ହୋଇଥିବା ମୃତ ବ୍ୟକ୍ତି ହେଲେ ଅମର କଟାରିଆ, ନୋମାନ ଅନସାରୀ, ମୋହସିନ, ମହମ୍ମଦ ଜୁମ୍ମନ, ପଙ୍କଜ ସାହିନୀ, ଅଶୋକ କୁମାର ଏବଂ ଲୋକେଶ ଅଗ୍ରୱାଲ।

ଏହି ବିସ୍ଫୋରଣରେ ଅନେକ ଲୋକ ନିଜ ପରିବାରର ଏକମାତ୍ର ରୋଜଗାରିଆ ବ୍ୟକ୍ତିଙ୍କୁ ହରାଇଛନ୍ତି। ଏଭଳି ଜଣେ ବ୍ୟକ୍ତି ହେଉଛନ୍ତି ଉତ୍ତର ପ୍ରଦେଶ ସାମଲି ଜିଲ୍ଲା ଝିନ୍ନନ ସହରର ବାସିନ୍ଦା ନୋମାନ ଅନସାରୀ। ସେ ଘରର ଏକମାତ୍ର ରୋଜଗାରିଆ ବ୍ୟକ୍ତି ଥିଲେ। ପୁଅର ମୃତ୍ୟୁ ଖବର ଶୁଣି ଘରେ ଉପରେ ଏବେ ଚଡ଼କ ପଡ଼ିଯାଇଛି। ସେହିପରି ଦିଲ୍ଲୀର ଏଲଏନଜେପି ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ସାମିଲ ଜିଲ୍ଲାର ନୋମାନ ପ୍ରାଣ ହରାଇଛନ୍ତି। ସେ ବ୍ୟବସାୟ ପାଇଁ ସାମଗ୍ରୀ ଆଣିବାକୁ ସମ୍ପର୍କୀୟ ଭାଇ ଅମାନଙ୍କ ସହ ଦିଲ୍ଲୀ ଯାଇଥିଲେ। କିଣାବିକା ସାରିବା ପରେ ନୋମାନ ଆଉ କିଛି ଜିନିଷ ଆଣିବାକୁ ଚାନ୍ଦିନ ଚୌକ ଯିବାକୁ ବାହାରି ଥିଲେ। ମାତ୍ର ଏହାର କିଛି ମିନିଟ ମଧ୍ୟରେ ବିସ୍ଫୋରଣ ଘଟି ନୋମାନ ପ୍ରାଣ ହରାଇ ଥିଲେ। ତେବେ ଅମାନ ଅଳ୍ପକେ ବର୍ତ୍ତି ଯାଇ ଗୁରୁତର ଆହତ ହୋଇଛନ୍ତି। ଅନ୍ୟ ମୃତକଙ୍କ ମଧ୍ୟରେ ଡିଟିସି କଣ୍ଡକ୍ଟର ଅଶୋକ କୁମାର (୩୪) ସାମିଲ ଅଛନ୍ତି। ସେ ତାଙ୍କ ବନ୍ଧୁ ଲୋକେଶ ଅଗ୍ରୱାଲଙ୍କ ସହିତ ବାଇକରେ ଯାଉଥିଲେ। ସେମାନେ ଯେଉଁ କାର ପଛେ ଯାଉଥିଲେ, ତାହା ବିସ୍ଫୋରଣ ହୋଇଥିଲା। ଦୁହେଁ ପ୍ରାଣ ହରାଇଛନ୍ତି। ସେମା ।।ନେ ଅମରୋହା ଜିଲ୍ଲାର ବାସିନ୍ଦା। ଟ୍ୟାକ୍ସି ଚଳାଉଥିବା ସେହିଭଳି ପଙ୍କଜ ସାହିନୀ (୨୨) ମଧ୍ୟ ଏଥିରେ ପ୍ରାଣ ହରାଇଛନ୍ତି। ତିନି ବର୍ଷ ହେଲା ସେ ଦିଲ୍ଲୀରେ ଟ୍ୟାକ୍ସି ଚଳାଉ ଥିଲେ। ବିହାର ସମସ୍ତିପୁରର ସାହିନୀ ନିଜ ସମ୍ପର୍କୀୟଙ୍କୁ ଛାଡ଼ିବା ପାଇଁ ପୁରୁଣା ଦିଲ୍ଲୀ ରେଳ ଷ୍ଟେସନକୁ ଯାଇଥିଲେ। ବିସ୍ଫୋରଣ ପରଠୁ ତାଙ୍କ ଫୋନ୍ ସ୍ୱିଚ୍‌ଅଫ ହୋଇଯାଇଥିଲା। ମଙ୍ଗଳବାର ସକାଳେ ତାଙ୍କର ମୃତ୍ୟୁ ହୋଇଥିବା ପୁଲିସ ପକ୍ଷରୁ ପରିବାର ଲୋକଙ୍କୁ ସୂଚନା ଦିଆଯାଇଥିଲା। ଏବେ ମୃତଦେହ ନେବା ପାଇଁ ତାଙ୍କ ପରିବାର ସଦସ୍ୟ ହସ୍ପିଟାଲ ବାହାରେ ଅପେକ୍ଷା କରି ରହିଛନ୍ତି। ଇ-ରିକ୍ସା ଡ୍ରାଇଭର ମୋହସିନ ଗତକାଲି ସନ୍ଧ୍ୟାରେ ଯାତ୍ରୀଙ୍କ ଫେରିବା ବାଟକୁ ଚାହିଁ ରହିଥିଲେ। ତେବେ ବିସ୍ଫୋରଣ ଯୋଗୁ ଘଟଣାସ୍ଥଳରେ ପ୍ରାଣ ହରାଇଥିଲେ। ଦୁଇ ବର୍ଷ ତଳେ ସେ ଦିଲ୍ଲୀ ଆସିଥିଲେ ଏବଂ ଘରର ଏକମାତ୍ର ରୋଜିଗାରିଆ ବ୍ୟକ୍ତି ଥିଲେ। ଅନ୍ୟତମ ମୃତ ବ୍ୟକ୍ତି ହେଲେ ଅମର କଟାରିଆ। ସେ ଔଷଧ ବ୍ୟବସାୟ କରୁଥିଲେ। ସେହିପରି ବିସ୍ଫୋରଣ ଯୋଗୁଁ ଏକ ଧାତବ ପଦାର୍ଥ ଆସି ପେଟରେ ବାଜିବାରୁ ଅଟୋ ଡ୍ରାଇଭର ଅବଧେଶ ମଣ୍ଡଳ ଆହତ ହୋଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେ ଗାଡ଼ି ଚଳାଇ ଚାରି କିମି ଦୂର ହସ୍ପିଟାଲରେ ପହଞ୍ଚି ଥିଲେ। ଏହା ବ୍ୟତୀତ ୩୪ ବର୍ଷୀୟ ଆଜାଦ ଆଲମଙ୍କ ଦେହରେ ଲୁହା ଏବଂ କାଚ ଆଦି ମାଡ଼ ହୋଇଥିଲା। ସେ ରକ୍ତାକ୍ତ ଅବସ୍ଥାରେ ନିଜ ଭାଇକୁ ଫୋନ କରିଥିଲେ।





ମା' ହେବେ ଓନସ ଜାବେଉର୍

▶ପୃଷ୍ଠା ୧୨ ଦେଖନ୍ତୁ...

◆ RNI REGD NO: 42041/83
◆ www.sakalaepaper.com
◆ /sakalanews
◆ /sakalanews
◆ www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-136 ◆WEDNESDAY ◆12 NOVEMBER 2025 ◆PAGE-12 ◆₹ 6.00 | JEYPORE | ◆ବର୍ଷ-୪୩ ◆ସଂଖ୍ୟା-୧୩୬ ◆ବୁଧବାର ◆୧୨ ନଭେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ଦିଲ୍ଲୀ ଲାଲକିଲ୍ଲା ବିସ୍ଫୋରଣ: ଏନ୍ଆଇଏର ତନାଘନା ଆରମ୍ଭ

# ଖୋଲୁଛି ଷଡ଼ଯନ୍ତ୍ରର ଗୁମର



**ଡାକ୍ତର ଉମର ବିସ୍ଫୋରଣର ମାଷ୍ଟରମାଇଣ୍ଡ**

**ଉମରଙ୍କ ପରିବାରର କରାଗଲା ଡିଏନ୍ଏ ଟେଷ୍ଟ**

**ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି, ଆଉ ୬ ଗିରଫ**

**କୌଣସି ଦୋଷୀକୁ ଛଡ଼ାଯିବ ନାହିଁ: ପ୍ରଧାନମନ୍ତ୍ରୀ**

**ମୃତ୍ୟୁସଂଖ୍ୟା ୧୨କୁ ବୃଦ୍ଧି; ବଢ଼ିବା ଆଶଙ୍କା**



■ **ନୂଆଦିଲ୍ଲୀ, ୧୧।୧୧ (ଏଜେନ୍ସି):** ଗତକାଲି ଦିଲ୍ଲୀର ଲାଲକିଲ୍ଲା ନିକଟରେ ହୋଇଥିବା କାର ବିସ୍ଫୋରଣର ତନାଘନା ଆରମ୍ଭ କରିଛି ଜାତୀୟ ତଦନ୍ତକାରୀ ସଂସ୍ଥା ଏନ୍ଆଇଏ। ତଦନ୍ତକାରୀ ସଂସ୍ଥାକୁ ଗୁରୁତ୍ୱପୂର୍ଣ୍ଣ ସୁରାଖ ମିଳିଛି। ଯେଉଁ ଆଇ-୨୦ କାର ବିସ୍ଫୋରଣ ହୋଇଛି, ତାହାକୁ ଚଳାଉଥିବା ସନ୍ଦିଗ୍ଧ ବ୍ୟକ୍ତି ଚିହ୍ନଟ ହେଉଛି। ସେ ହେଉଛି ଡାକ୍ତର ଉମର-ଉନ-ନବି। ସମଗ୍ର ବିସ୍ଫୋରଣ ଷଡ଼ଯନ୍ତ୍ରରେ ସେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ଅନୁମାନ କରାଯାଉଛି। ତା ଘର ହେଉଛି ଜମ୍ମୁ-କଶ୍ମୀରର ପୁଲୱାମାରେ। ସେ ହରିଆଣା ଫରିଦାବାଦର ଅଲ-ଫଲାହ ମେଡିକାଲ କଲେଜରେ ଡାକ୍ତର ଥିଲା। ସେ ନିଖୋଜ ଥିବା ବେଳେ ପୁଲିସ ତା ଘରେ ଚଢଉ କରି ପରିବାରର ତିନି ଜଣଙ୍କୁ ଅଟକ ରଖାଯିବା ସହ ଉମରର ମା'ଙ୍କର ଡିଏନ୍ଏ ଟେଷ୍ଟ କରାଯାଇଛି। ବିସ୍ଫୋରଣସ୍ଥଳରୁ ମିଳିଥିବା ଶରୀରର ଅଂଶବିଶେଷ ସହିତ ଡିଏନ୍ଏ ଟେଷ୍ଟ ରିପୋର୍ଟ ମେଳ ଖାଇଲେ ଉମର ମୃତ ବୋଲି ଘୋଷଣା କରାଯିବ।

ସେହିପରି ଏହି ବିସ୍ଫୋରଣ ସହ ସଂପୃକ୍ତ ଥିବା ସନ୍ଦେହରେ ପୁଲିସ ଅଲ-ଫଲାହ କଲେଜର ଆଉ ତିନି ଜଣ ଡାକ୍ତରଙ୍କୁ ମଧ୍ୟ ଗିରଫ କରିଛି। ଆଜି ଏହି ଘଟଣାରେ ଉତ୍ତର ପ୍ରଦେଶ ସମେତ ହରିଆଣା ଓ ଜମ୍ମୁ-କଶ୍ମୀରରେ ପୁଲିସ ଚଢ଼ଉ କରିଛି। ୬ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଅନେକ ଲୋକଙ୍କୁ ପଚରାଉଚରା ପାଇଁ ଅଟକ ରଖାଯାଇଛି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଆଜି ଏକ ଉଚ୍ଚସ୍ତରୀୟ ବୈଠକରେ ପରିସ୍ଥିତିର ସମୀକ୍ଷା କରିବା ବେଳେ ସ୍ପଷ୍ଟ କରିଦେଇଛନ୍ତି ଯେ ଏହି ବିସ୍ଫୋରଣରେ ସଂପୃକ୍ତ ଥିବା କୌଣସି ଦୋଷୀଙ୍କୁ ଛଡ଼ାଯିବ ନାହିଁ ଏବଂ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି ଭୁଟାନ ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ବିସ୍ଫୋରଣରେ ସମ୍ପୃକ୍ତ କୌଣସି ଦୋଷୀଙ୍କୁ ଛଡ଼ାଯିବ ନାହିଁ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଏହି ବିସ୍ଫୋରଣରେ ୧୨ ଜଣ ପ୍ରାଣ ହରାଇଥିବା ବେଳେ ୨୧ ଜଣ ଗୁରୁତର ଆହତ ହୋଇଛନ୍ତି। ଗତକାଲି କାର ବିସ୍ଫୋରଣ ପରେ ପୁଲିସ ଉକ୍ତ କାର ସଂପର୍କରେ ତନାଘନା ଆରମ୍ଭ କରିଥିଲା। ଗତକାଲି ଏହି କାର ଫରିଦାବାଦରୁ ଦିଲ୍ଲୀ ଆସିଥିଲା। ଏଥିରେ ତିନି ଜଣ ଥିଲେ। ଡାକ୍ତର ଉମର କାର ଚଳାଉଥିବା ବେଳେ ସେ ମାସ୍କ ପିନ୍ଧିଥିବା ▶ପୃଷ୍ଠା-୭

## ସରିଲା ବିହାର ନିର୍ବାଚନ

# ଏନ୍ଡିଏ ସପକ୍ଷରେ ବୁଥ୍ ବାହୁଡ଼ା ମତ

■ **ପାଟନା, ୧୧।୧୧ (ଏଜେନ୍ସି):** ୨୪୩ ଆସନ ବିଶିଷ୍ଟ ବିହାର ବିଧାନସଭା ପାଇଁ ନିର୍ବାଚନ ଆଜି ଶେଷ ହୋଇଛି। ପ୍ରଥମ ପର୍ଯ୍ୟାୟରେ ରେକର୍ଡ ୬୫.୦୮ ପ୍ରତିଶତ ମତଦାନ ହୋଇଥିବା ବେଳେ ଆଜି ଦ୍ୱିତୀୟ ପର୍ଯ୍ୟାୟରେ ମଧ୍ୟ ରେକର୍ଡ ୬୭.୧୪ ପ୍ରତିଶତ ମତଦାନ ହୋଇଛି। ଆସନ୍ତା ୧୪ ତାରିଖରେ ଭୋଟ ଗଣତି ପରେ ଫଳାଫଳ ଘୋଷଣା ହେବ।

ନିର୍ବାଚନରେ ମୁଖ୍ୟ ମୁକାବିଲା ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ନେତୃତ୍ୱାଧୀନ ଏନ୍ଡିଏ ଏବଂ ତେଜସ୍ୱୀ ଯାଦବଙ୍କ ନେତୃତ୍ୱାଧୀନ ମହାମେଣ୍ଟ ମଧ୍ୟରେ ହେଉଛି। ତେବେ ନିର୍ବାଚନରେ ଏନଡିଏକୁ ସ୍ପଷ୍ଟ ବହୁମତ ମିଳିବ ବୋଲି ବିଭିନ୍ନ ସଂସ୍ଥା ପକ୍ଷରୁ କରାଯାଇଥିବା ବୁଥବାହୁଡ଼ା ମତରୁ ଜଣାପଡୁଛି। ସରକାର ଗଠନ ପାଇଁ ୧୨୨ ଆସନ ଆବଶ୍ୟକ ଥିବା ବେଳେ ଏନଡିଏ ୧୩୦ରୁ ୧୬୭ ମଧ୍ୟରେ ଆସନ ହାସଲ କରିପାରେ ବୋଲି ସର୍ଭେରେ କୁହାଯାଇଛି। ସେହି ସର୍ଭେ ଅନୁଯାୟୀ ତେଜସ୍ୱୀଙ୍କ ମହାମେଣ୍ଟକୁ ଏଥର ପୁଣି ଝଟକା ଲାଗିବ। ଏହି ମେଣ୍ଟକୁ ୭୦ରୁ ୧୦୮ ମଧ୍ୟରେ ଆସନ ମିଳିପାରେ। ତେବେ ପ୍ରଶାନ୍ତ କିଶୋରଙ୍କ ଜନସୂରଜ ପାର୍ଟିକୁ ବିଶେଷ ସଫଳତା ମିଳିବ ନାହିଁ। ▶ପୃଷ୍ଠା-୭

| ଆକଳନକାରୀ ସଂସ୍ଥା | ଏନ୍ଡିଏ | ମହାମେଣ୍ଟ | ଅନ୍ୟ |
|---|---|---|---|
| ଜେଭିସି ପଲ୍ସ | ୧୩୫-୧୫୦ | ୮୮-୧୦୩ | ୩-୬ |
| ମାଟ୍ରିଜ | ୧୪୭-୧୬୭ | ୭୦-୯୦ | ୨-୧୦ |
| ପିପୁଲ୍ସ ଇନ୍ସାଇଟ୍ | ୧୩୩-୧୪୮ | ୮୭-୧୦୨ | ୩-୬ |
| ପିପୁଲ୍ସ ପଲ୍ସ | ୧୩୩-୧୫୯ | ୭୫-୧୦ | ୧୨-୧୩ |
| ଦୈନିକ ଭାସ୍କର | ୧୪୫-୧୬୦ | ୭୩-୯୧ | ୫-୧୦ |
| ଚାଣକ୍ୟ | ୧୩୦-୧୩୮ | ୧୦୦-୧୦୮ | ୩-୫ |
| ଟାଇମ୍ସ ନାଓ | ୧୪୩ | ୯୫ | ୫ |

# ନୂଆପଡ଼ାରେ ୮୧.୪୫% ମତଦାନ

■ **ନୂଆପଡ଼ା/ ଭୁବନେଶ୍ୱର, ୧୧।୧୧ (ସମିସ):** ନୂଆପଡ଼ା ଉପନିର୍ବାଚନ ପାଇଁ ମଙ୍ଗଳବାର ଶେଷ ହୋଇଛି ମତଦାନ। ମତଦାନ ଶେଷ ସହ ଇଭିଏମରେ ପ୍ରାର୍ଥୀଙ୍କ ଭାଗ୍ୟ ସିଲ୍ ହୋଇଥିବା ବେଳେ ଆସନ୍ତା ୧୪ ତାରିଖରେ ଉପ ନିର୍ବାଚନ ଫଳ ପ୍ରକାଶ ପାଇବ। ଭାରତୀୟ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ସନ୍ଧ୍ୟା ୭ଟା ପର ସୁଦ୍ଧା ମୋଟ ୮୧.୪୫ ପ୍ରତିଶତ ମତଦାନ ରେକର୍ଡ କରାଯାଇଛି। ଅପରପକ୍ଷେ କର୍ତ୍ତବ୍ୟରେ ଅବହେଳା ଓ ମତଦାତାଙ୍କ ଗୋପନୀୟତା ଉଲ୍ଲଂଘନ କରିଥିବା ହେତୁ କୁଳିଆବନ୍ଧ ପିଏସ୍-୩୬ର ପ୍ରିଜାଇଡିଂ ଅଫିସର ଏବଂ ବୁଥ ନମ୍ବର ୪୬ର ପ୍ରିଜାଇଡିଂ ଅଫିସରଙ୍କୁ ନିଲମ୍ବିତ କରାଯାଇଛି। ଅପରପକ୍ଷେ ଭୋଟଗ୍ରହଣ ସମୟରେ ଇଭିଏମ ମାଧ୍ୟମରେ ଭୋଟଚୋରୀଠାରୁ ଆରମ୍ଭ କରି ଶାସକ ଦଳର ସମର୍ଥକମାନେ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରୁଥିବା ସଂକ୍ରାନ୍ତରେ ମାଳମାଳ ଅଭିଯୋଗ ଆଣିଛନ୍ତି ବିରୋଧୀ ବିଜେଡି ଓ କଂଗ୍ରେସ। ଯାହାକୁ ନେଇ ରାଜ୍ୟ ରାଜନୀତି ସରଗରମ ହୋଇଛି ଏବଂ ଜାତୀୟସ୍ତରରେ ଚର୍ଚ୍ଚିତ 'ଭୋଟ ଚୋରି' ▶ପୃଷ୍ଠା-୭

**୧୪ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମରେ ସିଲ୍**

**ଦାୟିତ୍ୱରେ ଅବହେଳା, ୨ ପ୍ରିଜାଇଡିଂ ଅଫିସର ନିଲମ୍ବିତ**

### ଟେଷ୍ଟିଂ ବେଳେ ଧରାପଡ଼ିଲା ଇଭିଏମ୍ ତ୍ରୁଟି

# 'ହାତ'ରେ ଟିପିଲେ 'ପଦ୍ମ'



■ **ନୂଆପଡ଼ା/ଭୁବନେଶ୍ୱର, ୧୧।୧୧ (ସମିସ):** ଭୋଟ ଚୋରିକୁ କଂଗ୍ରେସ ସାରା ଦେଶରେ ପ୍ରସଙ୍ଗ କରିଥିବା ସମୟରେ ନୂଆପଡ଼ା ଉପନିର୍ବାଚନରେ କେତେକ ଘଟଣା ଏହାକୁ ଅଧିକ ବଳ ଯୋଗାଇଛି। ନୂଆପଡ଼ାର କିଛି ମତଦାନ କେନ୍ଦ୍ରରେ ଭୋଟରମାନେ ଇଭିଏମ୍‌ର ବିଶ୍ୱସନୀୟତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଇଭିଏମ୍‌ରେ ଅନ୍ୟ ଦଳର ପ୍ରାର୍ଥୀଙ୍କୁ ଭୋଟ ଦେଲେ ତାହା ବିଜେପି ସପକ୍ଷରେ ଯାଇଥିବା ଅଭିଯୋଗ ହୋଇଛି।

କୋମନା ବ୍ଲକ୍ ଅନ୍ତର୍ଗତ ଭାଲୁକୋନାର ୨୫୦ ନମ୍ବର ବୁଥରେ ଏପରି ସାଂଘାତିକ ଘଟଣାର ଛବି ଦେଖିବାକୁ ମିଳିଛି। ଏଠାରେ ମତଦାତାମାନେ ସେମାନଙ୍କର ମତାଧିକାର ସାବ୍ୟସ୍ତ ସମୟରେ ସବୁ ଭୋଟ ବିଜେପି ପ୍ରାର୍ଥୀଙ୍କ ସପକ୍ଷରେ ଯାଇଥିବା ଭୋଟରମାନେ ଅଭିଯୋଗ କରିଛନ୍ତି। ବିଜେଡି, କଂଗ୍ରେସ ଓ ଅନ୍ୟ ସ୍ୱାଧୀନ ପ୍ରାର୍ଥୀଙ୍କ ସପକ୍ଷରେ ଇଭିଏମ୍‌ରେ ବଟନ୍ ଟିପିବା ସମୟରେ ତାହା ବିଜେପିକୁ ଯାଉଥିବା ଭୋଟରମାନେ ଅଭିଯୋଗ କରିଥିଲେ। ଯାହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା ଓ କିଛି ସମୟ ମତଦାନ ବନ୍ଦ ରହିଥିଲା। ବିଭିନ୍ନ ଦଳର ପ୍ରାର୍ଥୀମାନେ ଏହା ଯୋଜନାବଦ୍ଧ ଭୋଟ ଚୋରି ବୋଲି ଅଭିଯୋଗ କରିଥିଲେ। ସେଠାରେ କାର୍ଯ୍ୟରତ ସେକ୍ଟର ଅଫିସର ଅନ୍ୟ ଇଭିଏମ୍ ଆଣିବା ପରେ ପୁନର୍ବାର ମତଦାନ କରାଯାଇଥିଲା।

### ପୁଲିସ ଏସ୍ଆଇ ଚାକିରି ବିକ୍ରି

# ସିବିଆଇ ତଦନ୍ତ ପାଇଁ ବିଜ୍ଞପ୍ତି

■ **ଭୁବନେଶ୍ୱର,୧୧।୧୧(ସମିସ):** ଏସ୍ଆଇ ଚାକିରି ବିକ୍ରି ମାମଲାର ସିବିଆଇ ତଦନ୍ତ ସଂକ୍ରାନ୍ତ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ କରିଛନ୍ତି କେନ୍ଦ୍ର ସରକାର। ରାଜ୍ୟ ସରକାରଙ୍କ ସୁପାରିସ ଆଧାରରେ କେନ୍ଦ୍ର ସରକାରଙ୍କ କାର୍ମିକ ମନ୍ତ୍ରଣାଳୟ ଏ ସଂକ୍ରାନ୍ତରେ ବିଜ୍ଞପ୍ତି ପ୍ରକାଶ ସହ ଏହାର ନକଲ ଓଡ଼ିଶା ମୁଖ୍ୟ ସଚିବ ଓ ସିବିଆଇ ନିର୍ଦ୍ଦେଶକଙ୍କୁ ପ୍ରଦାନ କରାଯାଇଛି। ରାଜ୍ୟରେ ଅକ୍ଟୋବର ୫ ଏବଂ ୬ ତାରିଖରେ ହେବାକୁଥିବା ଏସ୍ଆଇ ପରୀକ୍ଷା ପୂର୍ବରୁ ପରୀକ୍ଷା ପରିଚାଳନା ନିମନ୍ତେ ଠିକା ନେଇଥିବା ଆଇଟିଆଇରୁ ସବ୍‌ଲେଟ ପାଇଥିବା ସିଲିକନ୍ ଟେକ୍‌ଲାବ ଓ ଏହାର ସହଯୋଗୀ ସଂସ୍ଥା ପଞ୍ଚସପ୍ଟ ପରୀକ୍ଷାର୍ଥୀଙ୍କୁ ତାଲିମ ପାଇଁ ନେବାବେଳେ ଧରାପଡ଼ିଥିଲେ। ୧୧୪ ଜଣ ପରୀକ୍ଷାର୍ଥୀଙ୍କ ସହ ଦଲାଲମାନଙ୍କୁ ଶ୍ରୀକାକୁଳମରୁ ପୁଲିସ ଗିରଫ କରିଥିଲା। ନିଯୁକ୍ତି ଆଶାୟୀଙ୍କ ଠାରୁ ୨୫ରୁ ୫୦ଲକ୍ଷ ପର୍ଯ୍ୟନ୍ତ ଟଙ୍କା ନେଇ ଚାକିରି ଦିଆଯିବା ପ୍ରତିଶ୍ରୁତି ଦିଆଯାଇଥିବା ପୁଲିସ ସୂଚନା ଦେଇଥିଲା। ପରେ ଏହାର ତଦନ୍ତ କ୍ରାଇମବ୍ରାଞ୍ଚ ▶ପୃଷ୍ଠା-୭

# ଟ୍ରାକ୍ଟର୍ ମଡ଼ାଇ ଜେଜେ-ନାତିଙ୍କୁ ହତ୍ୟା

■ **ଧର୍ମଗଡ଼, ୧୧।୧୧ (ସମିସ):** ଟ୍ରାକ୍ଟର୍ ଚଢ଼ାଇ ୨ ଜଣଙ୍କୁ ମାରିଦେଲେ ଚୋର। କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଥାନା ଅନ୍ତର୍ଗତ ମେରଘରା ଗ୍ରାମରେ ଗତ ରାତିରେ ଘଟିଥିବା ଏପରି ଏକ ଘଟଣା ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ମୃତକଦ୍ୱୟ ହେଲେ, ହରିଶଙ୍କର ଭଇଁସାଳ ଓ ସତ୍ୟମ ଭଇଁସାଳ। ସଂପର୍କରେ ଦୁହେଁ ଜେଜେ-ନାତି। ଟ୍ରାକ୍ଟର୍ ଡାଲା ଚୋରି କରିନେଉଥିବା ଦୁର୍ବୃତ୍ତଙ୍କୁ ଧରିବା ପାଇଁ ଦୁହେଁ ପିଛା କରୁଥିବା ବେଳେ ଅଭିଯୁକ୍ତମାନେ ସେମାନଙ୍କ ଉପରେ ଟ୍ରାକ୍ଟର୍ ମଡ଼ାଇ ଦେଇଥିଲେ। ଏନେଇ ପୁଲିସ୍ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ▶ପୃଷ୍ଠା-୭

**ଚୋରଙ୍କୁ ଧରିବାକୁ ଯାଇଥିଲେ**

**ଶବ ରଖି ଗ୍ରାମବାସୀଙ୍କ ରାସ୍ତା ଅବରୋଧ**





### ହାଇକୋର୍ଟରେ ପୀତବାସ ହତ୍ୟା ପ୍ରସଙ୍ଗ

# ନିଃସର୍ତ୍ତ କ୍ଷମା ମାଗିଲେ ବ୍ରହ୍ମପୁର ଏସ୍‌ପି

■ **କଟକ, ୧୧।୧୧ (ସମିସ):** ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ଘଟଣା ସହ ବ୍ରହ୍ମପୁର ବିଧାନସଭା ନିର୍ବାଚନୀ ମକଦ୍ଦମାକୁ ଯୋଡ଼ି ଗଣମାଧ୍ୟମ ସମ୍ମୁଖରେ ତଥ୍ୟ ସାର୍ବଜନୀନ କରିବା ମାମଲାରେ ବ୍ରହ୍ମପୁର ଏସ୍‌ପି ସର୍ବଣା ବିବେକ ଏମ୍. ଆଜି ହାଇକୋର୍ଟରେ ବ୍ୟକ୍ତିଗତ ଭାବେ ହାଜର ହୋଇ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିଛନ୍ତି। ପୂର୍ବ ନିର୍ଦ୍ଦେଶ ଅନୁସାରେ, ଏସ୍‌ପି ଦାଖଲ କରିଥିବା ସତ୍ୟପାଠକୁ ହାଇକୋର୍ଟ ଗ୍ରହଣ କରିବା ସହ ଏସ୍‌ପିଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ଚାଲିବ ନାହିଁ ବାଲି କହିଛନ୍ତି। ମନୋଜ କୁମାର ପଣ୍ଡାଙ୍କ ପକ୍ଷରୁ ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାରଙ୍କ ବିରୋଧରେ ରୁଜୁ ନିର୍ବାଚନୀ ମାମଲାର ଶୁଣାଣି କରି ଜଷ୍ଟିସ ଶଶିକାନ୍ତ ମିଶ୍ର ଏପରି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ▶ପୃଷ୍ଠା-୭

# ଓଏନ୍‌ଜିସି ତୈଳକୂପରୁ ୧୩,୭୦୦ କୋଟିର ଗ୍ୟାସ୍ ଚୋରି

### ସିବିଆଇ ତଦନ୍ତ ପାଇଁ ବମ୍ବେ ହାଇକୋର୍ଟରେ ଆବେଦନ

■ **ମୁମ୍ବଇ, ୧୧।୧୧ (ଏଜେନ୍ସି):** ତୈଳ ଏବଂ ପ୍ରାକୃତିକ ଗ୍ୟାସ କର୍ପୋରେସନ (ଓଏନ୍‌ଜିସି)ର କୂପରୂ ଚୋରି ହୋଇଛି ୧.୫୫ ବିଲିୟନ ଡଲାର (ପ୍ରାୟ ୧୩,୭୦୦ କୋଟି ଟଙ୍କା) ମୂଲ୍ୟର ପ୍ରାକୃତିକ ଗ୍ୟାସ । ଏହି ଘଟଣା ଜଣା ପଡ଼ିବା ପରେ ହତବାକ ହୋଇଛି ଓଏନ୍‌ଜିସି ଓ କେନ୍ଦ୍ର ସରକାରଙ୍କ ପେଟ୍ରୋଲିୟମ ମନ୍ତ୍ରଣାଳୟ। ଅନ୍ୟପକ୍ଷରେ ଏହି ଗ୍ୟାସ ଚୋରି ଘଟଣାକୁ ଆନ୍ଧ୍ରପ୍ରଦେଶର କୃଷ୍ଣା-ଗୋଦାବରୀ ଉପତ୍ୟକାରେ କଥିତ ଗ୍ୟାସ ଚୋରି ଘଟଣା ସହ ତୁଳନା କରି ଜିତେନ୍ଦ୍ର ପି. ମାରୁ ନାମକ ଜଣେ ବ୍ୟକ୍ତି ବମ୍ବେ ହାଇକୋର୍ଟରେ ଏକ ମାମଲା ରୁଜୁ କରିଛନ୍ତି । ଏହି ଘଟଣାର ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେବାକୁ ସେ ଅଦାଲତରେ ଆବେଦନ କରିଛନ୍ତି । ବମ୍ବେ ହାଇକୋର୍ଟର ବିଚାରପତି ଏ.ଏସ୍.ଗଡ଼କରୀ ଓ ରଣଜିତ୍ ସିଂହ ଭୋଁସଲେଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ବିଚାର କରି କେନ୍ଦ୍ର ସରକାରଙ୍କୁ ନୋଟିସ ଜାରି କରିଛନ୍ତି।



ଆବେଦନକାରୀ ଜିତେନ୍ଦ୍ର ପି. ମାରୁ ଏହି ଘଟଣାରେ ଚୋରି, ଅର୍ଥ ଆତ୍ମସାତ ଏବଂ ବିଶ୍ୱାସ ଭଙ୍ଗ ଅଭିଯୋଗ ଆଣିଛନ୍ତି। ଓଏନ୍‌ଜିସିର ତୈଳକୂପ ମଧ୍ୟରେ ଅନୁପ୍ରବେଶ କରାଯାଇ ଏହି ଗ୍ୟାସ ଉତ୍ତୋଳନ କରାଯାଇଛି ଏବଂ ଏହା ଏକ ସଂଗଠିତ ଓ ଯୋଜନାବଦ୍ଧ ଠକେଇ ବୋଲି ନିଜ ଆବେଦନରେ ଦର୍ଶାଇଛନ୍ତି। ଓଏନ୍‌ଜିସିର ଅଧିକାରୀମାନେ ୨୦୧୩ରେ ଏପରି ଏକ ଘଟଣାକୁ ଧରିଥିଲେ ହେଁ ସେତେବେଳେ ସେପରି କୌଣସି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ତେଣୁ ଅନ୍ୟ କମ୍ପାନୀ ବେଆଇନ ଭାବରେ ଓଏନ୍‌ଜିସି କୂପରୁ ଗ୍ୟାସ ଉତ୍ତୋଳନ କରିବାକୁ ସାହସ ପାଇଥିଲା। ସେହିପରି ବେଆଇନ ଗ୍ୟାସ ଉତ୍ତୋଳନ କରିଥିବା କମ୍ପାନୀ ଭୁଲକ୍ରମେ ଏହି ଗ୍ୟାସ ଉତ୍ତୋଳନ ହୋଇଥିବା ସଂକ୍ରାନ୍ତରେ ପ୍ରଦାନ କରିଥିବା ତଥ୍ୟ ବିଶ୍ୱାସଯୋଗ୍ୟ ନୁହେଁ ବୋଲି ମଧ୍ୟ ଆବେଦନକାରୀ ଦର୍ଶାଇଛନ୍ତି । ଅଦାଲତ ଏହି ଆବେଦନକୁ ଅତ୍ୟନ୍ତ ଗମ୍ଭୀରତାର ସହ ନେବା ସହ ବିଚାର ପଦ୍ଧତିକୁ ଖୋଲା ରଖିଛନ୍ତି ।

### ତଳମୁହାଁ ପାରଦ

# ୩ ଦିନରେ ଖସିବ ୩ ଡିଗ୍ରୀ

■ **ଭୁବନେଶ୍ୱର, ୧୧।୧୧ (ସମିସ):** ରାଜ୍ୟର ବିଭିନ୍ନ ସ୍ଥାନରେ ଶୀତର ପ୍ରଭାବ ଜାରି ରହିଛି। ତାପମାତ୍ରା ତଳମୁହାଁ ହେତୁ ଅନେକ ସ୍ଥାନରେ ଥଣ୍ଡା ଅନୁଭୂତ ହେଉଛି। ଏହି କ୍ରମରେ ଗତ ୨୪ ଘଣ୍ଟାରେ ଝାରସୁଗୁଡ଼ାରେ ପୁଣି ପାରଦ ତଳମୁହାଁ ହୋଇଛି। ଏଠାରେ ତାପମାତ୍ରା ୧୧.୧ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ରାଉରକେଲାରେ ତାପମାତ୍ରା ୧୨.୯, କେନ୍ଦୁଝର ୧୩.୪, ସମ୍ବଲପୁରରେ ୧୫.୬, ହୀରାକୁଦ ୧୫.୬, ଭୁବନେଶ୍ୱର ୧୬.୨, ବାଲେଶ୍ୱର ୧୭.୮, ପାରାଦୀପରେ ୧୮.୭, ଗୋପାଳପୁର ୧୮.୮, ଚାନ୍ଦବାଲି ୧୯.୨ ଓ ପୁରୀରେ ତାପମାତ୍ରା ୨୦.୫ ଡିଗ୍ରୀ ରେକର୍ଡ ହୋଇଛି। ପଆସନ୍ତା ୨-୩ ଦିନ ମଧ୍ୟରେ ରାଜ୍ୟରେ ତାପମାତ୍ରା ଆହୁରି ୨-୩ ଡିଗ୍ରୀ ହ୍ରାସ ହେବାର ସମ୍ଭାବନା ଥିବାରୁ ଶୀତର ପ୍ରଭାବ ବୃଦ୍ଧି ପାଇବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି ।

# ଡିସେମ୍ବର ୧୭ରେ ଓଟିଇଟି

■ **କଟକ, ୧୧।୧୧ (ସମିସ):** ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଆନୁକୂଲ୍ୟରେ ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି) -୨୦୨୫ ପରୀକ୍ଷା ଆସନ୍ତା ଡିସେମ୍ବର ୧୭ରେ ଅନୁଷ୍ଠିତ ହେବ ବୋଲି ଧାର୍ଯ୍ୟ ହୋଇଛି। ଏ ସଂକ୍ରାନ୍ତରେ ବୋର୍ଡ ପକ୍ଷରୁ ଆଜି ବିଧିବଦ୍ଧ ବିଜ୍ଞପ୍ତି ଜାରି କରାଯାଇଛି। ପ୍ରଥମ ସିଟିଂରେ ପେପର୍-୧ ପରୀକ୍ଷା ସକାଳ ୯ଟାରୁ ଦିନ ସାଢ଼େ ୧୧ଟା ପର୍ଯ୍ୟନ୍ତ ଓ ଦ୍ୱିତୀୟ ସିଟିଂରେ ପେପର-୨ ପରୀକ୍ଷା ଦିନ୨ଟାରୁ ଅପରାହ୍ଣ ସାଢ଼େ ୪ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଆସନ୍ତାକାଲିଠାରୁ ଏଥିପାଇଁ ଅନଲାଇନ ଆବେଦନ ପାଇଁ ଲିଙ୍କ୍ ବୋର୍ଡ ୱେବସାଇଟ୍‌ରେ ନଭେମ୍ବର ୨୫ ତାରିଖ ମଧ୍ୟରାତ୍ରି ପର୍ଯ୍ୟନ୍ତ ଉପଲବ୍ଧ ରହିବ। ତେବେ ଫି' ଦେୟ ଓ ଫର୍ମ ଦାଖଲ ଆସନ୍ତା ନଭେମ୍ବର ୨୬ ତାରିଖ ରାତି ୧୧ଟା ୪୫ ପର୍ଯ୍ୟନ୍ତ କରାଯାଇପାରିବ। ସେହିଭଳି ଆସନ୍ତା ଡିସେମ୍ବର ୧୦ରୁ ଆଡମିଟ କାର୍ଡ ପ୍ରଦାନ କରାଯିବ। ପ୍ରକାଶଥାଉକି ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଘଟଣା ପାଇଁ ଗତ ▶ପୃଷ୍ଠା-୭

ସକାଳ THE SAKALA



# ଜୟପୁର ସହରର ବିକାଶ ପାଇଁ କମିଟି ଗଠନ ହେବ

**ଜୟପୁର,୧୧।୧୧(ସମିସ):** ଜୟପୁର ପୌରସଂସ୍ଥାର ସମ୍ମିଳନୀ କକ୍ଷଠାରେ ପୌର ପରିଷଦର ସାଧାରଣ ପରିଷଦ ବୈଠକ ମଙ୍ଗଳବାର ମଧ୍ୟାହ୍ନରେ ଅନୁଷ୍ଠିତ ହୋଇଥିଲା। ଜୟପୁର ପୌରସଂସ୍ଥାର ଅଧ୍ୟକ୍ଷ ନରେନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ବିଷୟ ନେଇ ଆଲୋଚନା ହୋଇଥିଲା। ଏଥିରେ ମୁଖ୍ୟତଃ ଆଗାମୀ ଦିନରେ ସହରର ବିକାଶ ଏବଂ ଅନ୍ୟାନ୍ୟ ବିଷୟବସ୍ତୁକୁ ନେଇ କାଉନସିଲର ମାନଙ୍କୁ ନେଇ ନୂତନ ଭାବେ ବିଭିନ୍ନ କମିଟି ଗଠନ କରାଯିବ। ସେଥିପାଇଁ ପୌରାଧ୍ୟକ୍ଷ ଏବଂ ଉପାଧ୍ୟକ୍ଷ ମିଳିତ ଭାବେ ଆଲୋଚନା ମାଧ୍ୟମରେ କମିଟିର ଅଧ୍ୟକ୍ଷ ଓ ସଦସ୍ୟ ଗଠନ କରିବାର ଦାୟିତ୍ୱ ପ୍ରଦାନ କରାଯାଇଛି। ଜୟପୁର ଟାଉନଥାନା ଠାରେ ନବ ନିର୍ମିତ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ପ୍ରତମୂର୍ତ୍ତି ଅତିଶିଘ୍ର ଉଦଘାଟନ ନେଇ ସମୟ ଧାର୍ଯ୍ୟ କରାଯିବ ବୋଲି ବୈଠକରେ ଅଧ୍ୟକ୍ଷ ଘୋଷଣା କରିଥିଲେ। ଅନ୍ୟପକ୍ଷରେ ସମସ୍ତ ଉନ୍ନତୀମୂଳକ କାର୍ଯ୍ୟ ଟେଣ୍ଡର ମାଧ୍ୟମରେ ନିର୍ମାଣ ଏବଂ ସହରର ବିଭିନ ଖୁଣ୍ଟରେ ବିଦ୍ୟୁତ ଲାଇଟ ସଂଯୋଗିକରଣ ଏବଂ ଆବଶ୍ୟକ ମରାମତି ସରଞ୍ଜାମ ମହଜୁଦ ରଖାଯିବା ନେଇ ଗୁରୁତ୍ୱାରୋପ କରାଯାଇଥିଲା। ଏହିପରି ବିଭିନ୍ନ ମହିଳା ସ୍ୱଙ୍ଗ ସହାୟକ ଗୋଷ୍ଠୀକୁ ପ୍ରଦାନ କରାଯାଇଥିବା ପୌରସଂସ୍ଥାର ଆଧାର କେନ୍ଦ୍ର, ଆଶ୍ରୟ କେନ୍ଦ୍ର ଏବଂ ଅନ୍ୟାନ୍ୟ ସଂସ୍ଥାର ପୁନଃର୍ବାର ପ୍ରଦାନ କରିବା ନେଇ ନବୀକରଣ କିମ୍ବା ଟେଣ୍ଡର ମାଧ୍ୟମରେ ଆହ୍ୱାନ କରାଯିବା ନେଇ ବିଚାର ବିମର୍ଷ ପରେ ପଦକ୍ଷପ ଗ୍ରହଣ କରାଯିବ। ସେହିପରି ବାହ୍ୟମଳ ଉପଚାର କେନ୍ଦ୍ର ପରିଚାଳନା ମଧ୍ୟ ଟେଣ୍ଡର ମାଧ୍ୟମରେ ପରିଚାଳନା ଦାୟୀତ୍ୱ ପ୍ରଦାନ କରାଯିବ। ଏହିପରି ଜଗନ୍ନାଥ ସାଗର ପାରିପାଶ୍ୱର୍କ ଜବରଦଖଲ ରହିଥିବା ବସ୍ତିକୁ ଉଚ୍ଛେଦ କରାଯିବା ଏବଂ ଉକ୍ତ ଉଚ୍ଛେଦ ବସ୍ତିବାସିନ୍ଦାଙ୍କୁ ଥଇଥାନ ବ୍ୟବସ୍ଥା ଉପରେ ଆଲୋଚନା ହୋଇଥିଲା। ପୌରସଂସ୍ଥାରେ ଅଧିନରେ ରହିଥିବା ଦୁଇଟି ଗୋଶାଳାର ରକ୍ଷଣାବେକ୍ଷଣ ନେଇ ଟେଣ୍ଡର ପ୍ରକ୍ରିୟା ମାଧ୍ୟମରେ ପ୍ରଦାନ କରିବା ନେଇ ନିଷ୍ପତି ହୋଇଛି। ଏହିପରି ପୌର ପାଳିକାରେ ରହିଥିବା ସମସ୍ତ ଦୋକାନ ଗୃହର ସୂଚି ପ୍ରଦାନ କରାଯାଇଛି। ଏହିପରି ଦୋକାନ ଗୃହର ମାସିକ ଭଡା ବୃଦ୍ଧି ସହିତ ବକୟା ଟଙ୍କା ଆଦାୟ ଏବଂ ଆବଶ୍ୟକ ମରାମତି ନିମନ୍ତେ ପାଣ୍ଠି ପ୍ରଦାନ କରିବା ଉପରେ ବିଚାର ବିମର୍ଶ ହୋଇଛି। ବୈଠକରେ ପରିଚାଳନା ପୌରନିର୍ବାହୀ ଅଧିକାରୀ ତଥା ଉପଜିଲ୍ଲାପାଳ ଏ.ଶଶ୍ୟା ରେଡ୍ଡି କରିଥିବା ବେଳେ ଉପାଧ୍ୟକ୍ଷା ବି.ସୁନିତା, ଅତିରିକ୍ତ ପୌର ନିର୍ବାହୀ ଅଧିକାରୀ ପୂଜା ରାଉତ, ପୌର ଯନ୍ତ୍ରୀ ଅଜୟ ଜାନୀ, କାଉନସିଲର ଯଶପାଲ ସିଂ, ବିଷ୍ଣୁ ବର୍ଦ୍ଧନ ରେଡ୍ଡି, ସିମାଞ୍ଚଳ ବିଶୋୟୀ, ପାର୍ଥସାରଥୀ ମଲ୍ଲିକ, ସୁଷମା ମହାପାତ୍ର, ପଦ୍ମା ରେଡ୍ଡି, ପ୍ରଣବ କିଶୋର ନାୟକ, ଶଶିରେଖା ପରଜା, ମଧୁସ୍ମିତା ଓରାନ, ରବିନ୍ଦ୍ର ପ୍ରସାଦ ସାହୁ, ଉଷାରାଣି ଦଣ୍ଡସେନା, ଏନ. ଲକ୍ଷ୍ମୀନାରାୟଣ, ଦେବେନ୍ଦ୍ର ଚୌଧୁରୀ, ଅଜିତ ବେହେରା, ମଧୁସ୍ମିତା ଓରାନ ଏବଂ ଅନ୍ୟାନ୍ୟ କାଉନସିଲର ସହିତ ପୌରସଂସ୍ଥାର ବିଭିନ୍ନ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ।




## ପ୍ରେମ ପ୍ରତାରଣା, ପ୍ରେମିକ ଥାନାର ଦ୍ୱାରସ୍ଥ

**ପାପଡାହାଣ୍ଡି,୧୧।୧୧(ସମିସ):** ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ସ୍ଥାପନ କରି ପ୍ରେମିକ ଅନ୍ୟତ୍ର ବିବାହ କରିବାରୁ ପ୍ରେମିକା ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସୂଚନା ଅନୁଯାୟୀ କୋରାପୁଟ ଜିଲ୍ଲା ଆମ୍ବାଗୁଡା ଥାନା ଅନ୍ତର୍ଗତ ବିଷୋୟୀପୁଟ ଗ୍ରାମର ରଶ୍ମିତା ପୂଜାରୀ (୨୬) ପାପଡାହାଣ୍ଡି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି, ପାପଡାହାଣ୍ଡି ଥାନା ଅନ୍ତର୍ଗତ ପେଟୁଗୁଡା ଗ୍ରାମର ଦିବାକର ଗୌଡ଼ ଗତ ଚାରି ବର୍ଷ ହେଲା ତାଙ୍କୁ ପ୍ରେମ କରିବା ସହ ବିବାହର ପ୍ରତିଶୃତି ଦେଇ ଶାରୀରିକ ସମ୍ପର୍କ ରଖିଥିଲା। ସେ ଅନ୍ୟତ୍ର ବିବାହ କରିଥିବା ଜାଣିବା ପରେ ସେ ନ୍ୟାୟ ପାଇଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପାପଡାହାଣ୍ଡି ଥାନା କେସ୍ ନମ୍ବର ୨୨୩/୨୫ରେ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଥିବା ଅଧିକାରୀ ଉମାକାନ୍ତ ଶବର ସୂଚନା ଦେଇଛନ୍ତି।

## ଟ୍ରାକ୍ଟର ଓଲଟି ଜଣେ ମୃତ, ୫ ଆହତ

**ପଟ୍ଟାଙ୍ଗି,୧୧।୧୧(ସମିସ):** କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ବ୍ଲକ ଅନ୍ତର୍ଗତ ସୁଙ୍କି ଥାନା ଅନ୍ତର୍ଗତ ଅମ୍ବାବିଲି ଗ୍ରାମ ନିକଟରେ ଏକ ଟ୍ରାକ୍ଟର ଦୁର୍ଘଟଣାରେ ଜଣେ ମୃତ୍ୟୁବରଣ କରିଥିବା ବେଳେ ୫ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ ଆଜି ଭାରତମାଳା ପରିଯୋଜନାରେ କାର୍ଯ୍ୟରତ ଶ୍ରମିକ ମାନେ କାର୍ଯ୍ୟସାରି ଘରକୁ ଫେରୁଥିଲେ। ସମସ୍ତେ ଏକ ଟ୍ରାକ୍ଟର ଯୋଗେ ନିଜ ଘରକୁ ଫେରୁଥିଲେ। ଆମ୍ବାବାଲି ନିକଟସ୍ଥ ବଙ୍କେଇ ରାସ୍ତାରେ ଟ୍ରାକ୍ଟରଟି ଭାରସାମ୍ୟ ହରାଇ ଦୁର୍ଘଟଣା ଗ୍ରସ୍ତ ହୋଇଯାଇଥିଲା। ଫଳରେ ଘଟଣାସ୍ଥଳରେ ତଳଗୋଲୁର ପଞ୍ଚାୟତ ମୁନଗାଲବାଲସା ଗ୍ରାମର ପେଟେଲ ତାଉଡୁଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିବା ନେଇ ସୂଚନା ମିଳିଛି। ଆହତ ୫ ଜଣ ମଧ୍ୟ ସେହି ଗ୍ରାମର ହୋଇଥିବା ଜଣାପଡିଛି। ସୁଙ୍କି ଥାନା ଅଧିକାରୀ ଚତୁର୍ଭୁଜ ନାୟକ ସୂଚନା ପାଇ ଘଟଣା ସ୍ଥଳରେ ପହଞ୍ଚିଛନ୍ତି। ସନ୍ଧ୍ୟା ସମୟରେ ଉକ୍ତ ଘଟଣା ଟି ଘଟିଥିବା ଯୋଗୁଁ ଆହତଙ୍କୁ ନିକଟ ଆନ୍ଧ୍ରର ସାଲୁର ସହରର ଏକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ପରିବାର ବର୍ଗ ନେଇଥିବା ଏବଂ ମୃତ ବ୍ୟକ୍ତିଙ୍କ ଶରୀରକୁ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେବାର ବ୍ୟବସ୍ଥା ଚାଲିଥିବା ଜଣାପଡ଼ିଛି। ବୁଧବାର ବ୍ୟବଚ୍ଛେଦ କରାଯିବ ବୋଲି ସୂଚନା ଦେବା ସହ ପୁଲିସ ଏହାର ଅଧିକ ତଦନ୍ତ କରୁଥିବା ଜଣାପଡିଛି।

## ଘରୋଇ ଛାତ୍ରାବାସରେ ଛାତ୍ରୀ ମୃତ

● ଡାକ୍ତରଖାନାରେ ଉତ୍ତେଜନା

**ନବରଙ୍ଗପୁର,୧୧।୧୧(ସମିସ):** ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ପଡାଲଗୁଡା ପଞ୍ଚାୟତ ପୁରୁଣାପାଣିଗୁଡାରେ ଥିବା ଘରୋଇ ଛାତ୍ରାବାସ ମରାକଲ ଖ୍ରୀଷ୍ଟିୟାନ ବୋର୍ଡିଂ ସ୍କୁଲରେ ଅନ୍ତେବାସୀ ଲିପ୍‌ସା କନ୍ଧପାନ(୧୦)ଙ୍କର ମୃତ୍ୟୁ ହୋଇଛି। କୋରାପୁଟ ଜିଲ୍ଲା ବୈପାରୀଗୁଡ଼ା ବ୍ଲକ୍‌ର ଝୋଡିଗୁଡା ଗାଁର ବାବୁଲା କନ୍ଧପାନଙ୍କ ଝିଅ ଲିପସାକୁ ଗତକାଲି ରାତିରେ ଜ୍ୱର ହୋଇଥିବା ଦେଖି ଛାତ୍ରାବାସର କର୍ମଚାରୀ ମାନେ ପାରାସିଟମଲ୍ ଔଷଧ ଦେଇଥିଲେ। ସକାଳୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ନେଇ ଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଡିଏଚ୍‌ଏଚ୍ ପକ୍ଷରୁ ନବରଙ୍ଗପୁର ଥାନାକୁ ସୂଚନ ଦିଆଯାଇଥିଲା। ନବରଙ୍ଗପୁର ପୁଲିସ ଶବ ବ୍ୟବଚ୍ଛେଦ କରିବାକୁ କହିବାରୁ ପରିବାରବର୍ଗ ନ କରିବାକୁ କହି ପାଟିତୁଣ୍ଡ କରିଥିଲେ। ପୁଲିସ ବହୁ ବୁଝାସୁଝା କରିବା ପରେ ପରିବାରବର୍ଗ ରାଜି ହୋଇଥିଲେ। ଟାଉନଥାନା ପକ୍ଷରୁ ବ୍ୟବଚ୍ଛେଦ କରାଇବା ପରେ ପରିବାର ବର୍ଗକୁ ହସ୍ତାନ୍ତର କରାଯାଇଥିବା ସୂଚନା ମିଳିଛି।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

■ ଜୟନ୍ତଗିରି ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ଭୋଟ

## ହାଇକୋର୍ଟ ଆଦେଶ ପାଇଁ ଫଳାଫଳ ଘୋଷଣା ସ୍ଥଗିତ

**ଜୟପୁର,୧୧।୧୧(ସମିସ):** ଜୟପୁର ବ୍ଲକ ଜୟନ୍ତଗିରି ସରପଞ୍ଚ ଭଦ୍ର ପୂଜାରୀଙ୍କ ବିରୋଧରେ ଆଜି ଅନାସ୍ଥା ଭୋଟ କରାଯାଇଛି। କିନ୍ତୁ ସରପଞ୍ଚ ଭଦ୍ର ପୂଜାରୀ ହାଇକୋର୍ଟରୁ ରହିତାଦେଶ ଆଣିଥିବା ଯୋଗୁଁ ଫଳାଫଳ ଘୋଷଣା ହୋଇନଥିବା ଅନାସ୍ଥା ପ୍ରସ୍ତାବ ଦାୟିତ୍ୱରେ ରହିଥିବା ତହସିଲଦାର ସବ୍ୟସାଚି ଜେନା ପ୍ରକାଶ କରିଛନ୍ତି। ଏହିପରି ହାଇକୋର୍ଟ ପକ୍ଷରୁ ଅନାସ୍ଥା ପ୍ରସ୍ତାବ ବୈଠକ ଓ ଭୋଟଦାନ ଆୟୋଜନ କରାଯାଇଛି। କିନ୍ତୁ ଭୋଟଦାନ ଫଳାଫଳ ଆସନ୍ତା ଡିସେମ୍ବର ୧୨ ତାରିଖ ଶୁଣାଣି ପରେ ଘୋଷଣା କରାଯିବ ବୋଲି କୁହାଯାଉଛି। ଆଜି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଠାରେ ଅନାସ୍ଥା ପ୍ରସ୍ତାବ ଭୋଟଦାନ କରାଯାଇଥିଲା। ସରପଞ୍ଚ ଶ୍ରୀ ପୂଜାରୀ କହିଛନ୍ତି ଅନାସ୍ଥା ଅଭିଯୋଗରେ ପ୍ରକୃତ ୱାର୍ଡ ମେମ୍ବରଙ୍କ ବଦଳରେ କେତେକଙ୍କ ନକଲି ଦସ୍ତଖତ କରାଯାଇଛି। ଏସବୁ ପ୍ରମାଣ ଦାଖଲ କରି ଅନାସ୍ଥା ଭୋଟ ଗ୍ରହଣ ବନ୍ଦ କରିବାକୁ ସେ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଏହାର ଶୁଣାଣି କରିବା ସହ ହାଇକୋର୍ଟ ପକ୍ଷରୁ ଫଳାଫଳ ଉପରେ ରହିତାଦେଶ ଲାଗୁ କରିବା ନେଇ ରାୟ ଶୁଣାଇଛନ୍ତି। ସୂଚନାଯେ, ଜୟନ୍ତଗିରି ପଞ୍ଚାୟତରେ ମୋଟ ୧୩ଟି ୱାର୍ଡ ରହିଛି ଏବଂ ଜଣେ ୱାର୍ଡମେମ୍ବରଙ୍କ ଦେହାନ୍ତ ହୋଇଛି। ବଳକା ୧୨ ଜଣଙ୍କ ମଧ୍ୟରୁ ୧୧ ଜଣ ୱାର୍ଡସଦସ୍ୟ ସରପଞ୍ଚ ପୂଜାରୀଙ୍କ ବିରୁଦ୍ଧରେ ଅନାସ୍ଥା ଦେଇଛନ୍ତି। ପୂର୍ବରୁ ମଧ୍ୟ ଉପଜିଲ୍ଲାପାଳଙ୍କ ନିକଟରେ ଜଣାଇଥିଲେ। ସରପଞ୍ଚ ଶ୍ରୀ ପୂଜାରୀ ମନମୁଖୀ କର୍ଯ୍ୟ କରୁଥିବା ଏବଂ ବିନା ପରାମର୍ଶରେ ସରକାରୀ ନିୟମକୁ ଉଲ୍ଲଂଘନ କରୁଥିବା ଅଭିଯୋଗ ନେଇ ଦସ୍ତଖତ ମାଧ୍ୟମରେ ୱାର୍ଡ ମେମ୍ବର ମାନେ ଲିଖିତ ଭାବେ ସ୍ମାରକ ପତ୍ର ପ୍ରଦାନ କରିଥିଲେ ଜିଲ୍ଲା ପ୍ରଶାସନର ଯାଞ୍ଚ ପରେ ଅନାସ୍ଥା ପ୍ରସ୍ତାବ ନେଇ ବୈଠକ ଓ ଭୋଟଦାନ ନିମନ୍ତେ ତାରିଖ ଧାର୍ଯ୍ୟ ପରେ ସରପଞ୍ଚ ଶ୍ରୀ ପୂଜାରୀ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ।

## ମୁଖ୍ୟ ଛକରୁ ମୋବାଇଲ ଲୁଟ୍, ଜନ ଅସନ୍ତୋଷ

**ବୈପାରିଗୁଡ଼ା,୧୧।୧୧(ସମିସ):** ବୈପାରୀଗୁଡା ମୁଖ୍ୟ ଛକରୁ ମୋବାଇଲ ଲୁଟ୍ ଭଳି ଘଟଣାକୁ ନେଇ ବଢୁଛି ଜନ ଅସନ୍ତୋଷ। ଘଟଣା ଅନୁଯାୟୀ, ବୈପାରିଗୁଡା ବ୍ଲକ ଅନ୍ତର୍ଗତ ବୋଦାପୁଟ ସଦର ପଞ୍ଚାୟତର ଭାନୁ ଚନ୍ଦ୍ରପାଡିଆ ଏବଂ ଦୁଇ ସାଥି କୌଣସି କାମରେ ବୈପାରିଗୁଡା ଆସିଥିଲେ। କାମ ସରିବା ପରେ ଘରକୁ ଫେରିବା ପାଇଁ ବୈପାରିଗୁଡା ମେଡ଼ିକାଲ ସାମ୍ନାରେ ଗାଡ଼ି ଅପେକ୍ଷା କରିଥିଲେ। ଭାନୁ ଏବଂ ଦୁଇ ସାଙ୍ଗ ସନ୍ଧ୍ୟା ସାଢ଼େ ୬ଟା ବେଳେ ମେଡିକାଲ ସାମ୍ନାରେ ଠିଆ ହୋଇଥିବା ବେଳେ ଭାନୁ ମୋବାଇଲରେ କଥାବାର୍ତ୍ତା ହେଉଥିଲେ। କଥାହେବା ସମୟରେ ମୁଖା ପିନ୍ଧା ଦୁଇଜଣ ଲୁଟେରା ବାଇକ୍‌ରେ ଆସି ମୋବାଇଲ ଛଡ଼ାଇ ଚମ୍ପଟ ମାରିବାକୁ ଚେଷ୍ଟା କରିଥିଲେ। ଭାନୁ ଉକ୍ତ ଦୁଇଜଣ ଲୁଟେରାଙ୍କ ମଧ୍ୟରୁ ବାଇକ୍ ପଛପଟେ ବସିଥିବା ଜଣକୁ କାବୁ କରିବା ପାଇଁ ଚେଷ୍ଟା କରିଥିଲେ। କିନ୍ତୁ ଲୁଟେରା ମାନେ ବାଇକକୁ ଦ୍ରୁତ ଗତିରେ ନେବାରୁ ଭାନୁ ରାସ୍ତା ଉପରେ ଛିଟିକି ହୋଇ ପଡ଼ି ଯାଇଥିଲେ। ଫଳରେ ତାଙ୍କ ଗୋଡ଼ ଏବଂ ହାତରେ ଆଘାତ ଲାଗିଥିଲା। ଲୁଟର ଶିକାର ହେବାପରେ ଭାନୁ ଚନ୍ଦ୍ରପାଡିଆ ଏବଂ ସମ୍ପର୍କୀୟ ଥାନାରେ ଅଭିଯୋଗ କରିଥିଲେ। ବୈପାରିଗୁଡା ପୁଲିସ ସିସିଟିଭି ଯାଞ୍ଚ କରିବା ସହ ତଦନ୍ତ ଆରମ୍ଭ କରିଛି।



## ଜୟପୁର ସହରରେ ଗାଡ଼ି, ଲଜ୍ ଯାଞ୍ଚ

**ଜୟପୁର,୧୧।୧୧(ସମିସ):** ଦେଶର ରାଜଧାନୀ ନୂଆଦିଲ୍ଲୀର ଲାଲକିଲ୍ଲା ସମ୍ମୁଖ ପାର୍କିଂସ୍ଥଳରେ କାର ବୋମା ବିସ୍ଫୋରଣ ହେବା ପରେ ବର୍ତ୍ତମାନ ଜିଲ୍ଲା ପୁଲିସ ପ୍ରଶାସନର ନିର୍ଦ୍ଦେଶକ୍ରମେ ଜୟପୁର ସହରର ପ୍ରବେଶ ପଥରେ ସମସ୍ତ ଗାଡି ଗୁଡିକକୁ ଯାଞ୍ଚ କରାଯାଉଛି। ସହରର ଭିତରକୁ ପ୍ରବେଶ କରୁଥିବା ଗ୍ଲୋବାଲ ହସ୍‌ପିଟାଲ ଛକ, ଯେଲୋବ୍ରିଜ ଛକ ଓ ରାଜ ନଅର ଛକ ନିକଟରେ ପୁଲିସ ଯିବା ଆସିବା ଗାଡି ଗୁଡିକ ଯାଞ୍ଚ କରିଥିଲା। ସହରରେ ଥିବା ସମସ୍ତ ହୋଟେଲ ଓ ଲଜ୍ ଗୁଡିକୁ ପୁଲିସ ରେଜିଷ୍ଟାର ଏବଂ କକ୍ଷଗୁଡିକର ମଧ୍ୟ ଯାଞ୍ଚ କରୁଛନ୍ତି। ନୂତନ ଭାବେ ଜିଲ୍ଲାକୁ ଆସିଥିବା ପର୍ଯ୍ୟଟକ ମାନଙ୍କ ଆଧାର କାର୍ଡ ଦେଖି ଯାଞ୍ଚ କରାଯାଉଛି। ବର୍ତ୍ତମାନ ଶୀତ ଋତୁରେ ବାହାରର ପର୍ଯ୍ୟଟକ ମାନେ ଜିଲ୍ଲାକୁ ବହୁମାତ୍ରାରେ ଆସୁଥିବା ଯୋଗୁଁ ଏହି ଯାଞ୍ଚ ପ୍ରକିୟା ଆସନ୍ତା ଜାନୁଆରୀ ମାସ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ଟାଉନ ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ପ୍ରକାଶ କରିଛନ୍ତି।

## ଯବାନଙ୍କ ଗୁଳିରେ ୬ ମାଓବାଦୀ ମୃତ

**ମାଲକାନଗିରି, ୧୧।୧୧(ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର ବିଜାପୁରର ଜାତୀୟ ଉଦ୍ୟାନ ଅଞ୍ଚଳରେ ଯବାନ ଏବଂ ନକ୍ସଲବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଛି। ଏଥିରେ ଯବାନ ମାନେ ନକ୍ସଲ ମାନଙ୍କୁ ଘେରି ରହିଥିବା ବେଳେ ବର୍ତ୍ତମାନ ମଧ୍ୟ ଏହି ଗୁଳି ବିନିମୟ ଚାଲିଥିବା ବିଜାପୁର ପୋଲିସ ପକ୍ଷରୁ ଏନେଇ ସୂଚନା ଦିଆଯାଇଛି। ଏପର୍ଯ୍ୟନ୍ତ ଛଅ ଜଣ ମାଓବାଦୀ ନିହତ ହୋଇଥିବା ଏବଂ ସ୍ୱୟଂଚାଳିତ ଅସ୍ତ୍ରଶସ୍ତ୍ର, ଇନସାସ୍, ଥ୍ରୀ ନଟ୍ ଥ୍ରୀ ରାଇଫଲ୍ ଉଦ୍ଧାର କରାଯାଇଥିବା ସୂଚନା ମିଳିଛି।

## ରାଜ୍ୟସ୍ତରୀୟ 'ସୁରଭି'ରେ ଭାଗନେବେ ଛାତ୍ରଛାତ୍ରୀ



**କୋଷାଗୁମୁଡା,୧୧।୧୧(ସମିସ):** ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି -୨୦୨୫'ରେ ନବରଙ୍ଗପୁର ଜିଲ୍ଲାରୁ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ମାଝିଧନୁଆର ଛାତ୍ରଛାତ୍ରୀ ବିଷ୍ଣୁ ମଣ୍ଡଳ ଓ ସୁରଜ ମଣ୍ଡଳ କୌଶଳୀ କ୍ଲବ୍ ତରଫରୁ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀ କରିବା ପାଇଁ ଚୟନ ହୋଇଛନ୍ତି। ଏହି ପ୍ରକଳ୍ପ ଏକ ସ୍ମାର୍ଟ ସ୍କୁଲ । ଯାହା ଛାତ୍ର ଛାତ୍ରୀ ମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ବ୍ୟବସ୍ଥା ପ୍ରଦାନ କରିବ। ଫଳରେ ଛାତ୍ର ଛାତ୍ରୀ ମାନେ ବିଦ୍ୟାଳୟରେ କୌଣସି ଅସୁବିଧା ଅନୁଭବ କରିବେ ନାହିଁ। ୨ୟ ପ୍ରକଳ୍ପ ବିଜ୍ଞାନ, ଗଣିତ ଓ ବୈଷୟିକ କୌଶଳର ପ୍ରଦର୍ଶନୀରେ ଭାଗ ନେବା ପାଇଁ ଚୟନ ହୋଇଛନ୍ତି। ଏହି ପ୍ରକଳ୍ପ କୃଷକର ବିପଦର ବନ୍ଧୁ ଭାବେ ପରିଚିତ। ଏହି ପ୍ରକଳ୍ପ କୁ ଉକ୍ତ ବିଦ୍ୟାଳୟର ବସନ୍ତ ଚଣ୍ଡାଳ ପ୍ରଦର୍ଶନ କରିବେ। ପ୍ରକଳ୍ପର ମାର୍ଗଦର୍ଶକ ଶିକ୍ଷକ ବଦ୍ରିନାରାୟଣ ବିଶ୍ୱାଳଙ୍କ ପ୍ରଚେଷ୍ଟା ଫଳରେ ଚଳିତ ବର୍ଷ ଉକ୍ତ ବିଦ୍ୟାଳୟର ଦୁଇଟି ବିଜ୍ଞାନ ପ୍ରକଳ୍ପ ରାଜ୍ୟସ୍ତର ଶିଶୁ ମହୋତ୍ସବରେ ଅଂଶଗ୍ରହଣ କରିବା ପାଇଁ ଚୟନ ହୋଇଛି। ଆଜି ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରକାଶ ମାଲିକ , ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ କେଶବ ମେହେର, ଜିଲ୍ଲା ବିଜ୍ଞାନ ପରିଦର୍ଶକ ଚିତ୍ତରଞ୍ଜନ ପଟ୍ଟନାୟକ ଯିବା ବେଳେ ଶୁଭେଚ୍ଛା ପ୍ରଦାନ କରିଥିଲେ। ଏହି ଖବର ଜାଣିବା ପରେ ମାଝିଧନୁଆର ସରପଞ୍ଚ ଦୟାରାମ ପୂଜାରୀ, ମୋ ସ୍କୁଲ ସଭାପତି ଦିନେଶ ପାନକା, ପାର୍ଥ ସାରଥି ସାହୁ ଏବଂ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଶୁଭେଚ୍ଛା ପ୍ରଦାନ କରିଥିଲେ।

## ଭୁବନେଶ୍ୱର ଗଲେ ବୈପାରିଗୁଡା ବ୍ଲକର ୪ ଛାତ୍ରଛାତ୍ରୀ

**ବୈପାରିଗୁଡ଼ା,୧୧।୧୧(ସମିସ):** ରାଜ୍ୟସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଭୁବନେଶ୍ୱର ଅଭିମୁଖେ ବାହାରିଲେ ବୈପାରିଗୁଡା ବ୍ଲକର ୪ ଛାତ୍ରଛାତ୍ରୀ। କୋରାପୁଟଠାରେ ଅନୁଷ୍ଠିତ ହୋଇଥିବା ଜିଲ୍ଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ବୈପାରିଗୁଡା ବ୍ଲକର ୪ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ସେମାନେ ରାଜ୍ୟସ୍ତରକୁ ମନୋନୀତ ହୋଇଥିଲେ। ଆଜି ସେମାନେ ଭୁବନେଶ୍ୱର ଠାରେ ହେବାକୁ ଥିବା ସୁରଭି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଯାଉଛନ୍ତି। ୪ ଜଣଙ୍କ ମଧ୍ୟରୁ କୁରିଆଗୁଡା ସେବାଶ୍ରମର ପଞ୍ଚମ ଶ୍ରେଣୀର ଛାତ୍ରୀ ରୀତା ସାନ୍ତା, ଚିକିମା ହାଇସ୍କୁଲର ୧୦ମ ଶ୍ରେଣୀର ଛାତ୍ର ସମୀର ସଗରିଆ, ଆର୍. ଭାଲୁଗୁଡା ଏନୟୁପିଏସ ସ୍କୁଲର ଅଷ୍ଟମ ଶ୍ରେଣୀର ଛାତ୍ର କିଶୋର କୁମାର ନାୟକ ଏବଂ ସହିଦ୍ ଲକ୍ଷ୍ମଣ ନାୟକ ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷର ଛାତ୍ରୀ ଗୌରୀ ବାରିକ ଭୁବନେଶ୍ୱର ୟୁନିଟ ୩ କ୍ୟାପିଟାଲ ହାଇସ୍କୁଲରେ ୧୨ ରୁ ୧୪ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ରାଜ୍ୟସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ।

## ରାସ୍ତା କଡ଼ରୁ ଗୁରୁତର ଯୁବତୀ ଉଦ୍ଧାର

**ବୈପାରିଗୁଡା,୧୧।୧୧(ସମିସ):** ଜାତୀୟ ରାଜପଥ କଡ଼ରେ ଜଣେ ଅଜଣା ଯୁବତୀ ଗୁରୁତର ଆହତ ହୋଇ ପଡ଼ି ରହିଥିବା ବେଳେ ତାଙ୍କୁ ଉଦ୍ଧାର କରାଯାଇଛି। ଘଟଣା ଅନୁଯାୟୀ, ରାଞ୍ଚି-ବିଜୟୱାଡା ୩୨୬ ନମ୍ବର ଜାତୀୟ ରାଜପଥ ବୈପାରିଗୁଡା ବ୍ଲକର ଦୋରାଗୁଡା ମୁଖ୍ୟ ରାସ୍ତାରେ ଜଣେ ଅଜଣା ଯୁବତୀ ଆହତ ହୋଇ ଅଚେତ ଅବସ୍ଥାରେ ପଡ଼ି ରହିଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ଯୁବତୀର ଚେତା ଫେରିବା ପର୍ଯ୍ୟନ୍ତ ଲୋକେ ଅପେକ୍ଷା କରିବା ସହ ବୈପାରିଗୁଡା ପୁଲିସକୁ ଖବର ଦେଇଥିଲେ। ବୈପାରିଗୁଡା ଥାନା ଏସଆଇ ଅନିତା ନାୟକ ଘଟଣାସ୍ଥଳରେ ପହଞ୍ଚିଥିଲେ ଏବଂ ଗୁରୁତର ଯୁବତୀଙ୍କୁ ସ୍ଥାନୀୟ ଲୋକଙ୍କ ସାହାଯ୍ୟରେ ମୁହଁରେ ପାଣି ମାରିବାରୁ ଚେତା ଫେରିଥିଲା। ସ୍ଥାନୀୟ ଲୋକ ଏବଂ ପୁଲିସ ସହାୟତାରେ ପୁଲିସ ଗାଡ଼ିରେ ତୁରନ୍ତ ବୈପାରିଗୁଡା ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ବେଳେ ମୁହଁ ମଧ୍ୟ ଖଣ୍ଡିଆ ଖାବରା ହୋଇଥିବା ଜଣାପଡିଛି। ପୁଲିସ ଯୁବତୀଙ୍କ ପରିଚୟ ଖୋଜିବା ପରେ ସେ ମାଲକାନଗିରି ଜିଲ୍ଲାର ମାଥିଲି ଗ୍ରାମର ରତ୍ନାକର ନାୟକଙ୍କ ଝିଅ ସନ୍ତୋଷୀ ନାୟକ ବୋଲି ଜଣାପଡିଥିଲା। ପରିବାର ଲୋକଙ୍କୁ ଖବର ଦେବାପରେ ପରିବାର ଲୋକେ ବୈପାରିଗୁଡା ମେଡ଼ିକାଲରେ ପହଞ୍ଚିଥିଲେ। ଡାକ୍ତର ପ୍ରାଥମିକ ଚିକିତ୍ସା ପରେ ସନ୍ତୋଷୀଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ଉଚ୍ଚ ଚିକିତ୍ସା ପାଇଁ କୋରାପୁଟ ମେଡିକାଲ କଲେଜକୁ ସ୍ଥାନାନ୍ତର କରିଛନ୍ତି। ପ୍ରକାଶ ଥାଉ କି, ସନ୍ତୋଷୀ ଜଣେ ମାନସିକ ରୋଗୀ ହୋଇଥିବା ବେଳେ ଫିଡସ୍ ରୋଗରେ ଆକ୍ରାନ୍ତ ଥିବା ଜଣାପଡିଛି।

## ଗ୍ରହଣଖଣ୍ଡିଆ ଶିଶୁ ଚିକିତ୍ସା ଶିବିର



**ଜୟପୁର,୧୧।୧୧(ସମିସ):** ଜୟପୁର ଜିଲ୍ଲା ଚିକିତ୍ସାଳୟ ପରିସରରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଓ ଚିକିତ୍ସା ପରୀକ୍ଷା କେନ୍ଦ୍ର ଠାରେ ଗ୍ରହଣ ଖଣ୍ଡିଆ ଶିଶୁ ମାନଙ୍କ ଚିକିତ୍ସା କରାଯାଇଛି। ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ଆୟୋଜିତ ଏହି ଶିବିରରେ ମୋଟ ୮୫ ଜଣ ଗ୍ରହଣ ଖଣ୍ଡିଆ ଶିଶୁ ମାନଙ୍କୁ ଆଜି ଚିକିତ୍ସା କରାଯିବା ପରେ ଉଚ୍ଚସ୍ତରୀୟ ଚିକିତ୍ସା ନିମନ୍ତେ କଟକର ବାଲିକୁଦା ଠାରେ ରୋଗୀ ମାନଙ୍କୁ ମାଗଣାରେ ଚିକିତ୍ସା କରାଯିବ। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଓ ଏନଏଚଏମର ପ୍ରୟାସରେ ଏହି ଉଦ୍ୟମ ଦ୍ୱାରା ଅନେକ ଶିଶୁ ମୁଖମଣ୍ଡଳ ତୃଟିରୁ ମୁକ୍ତ ହୋଇ ସୁସ୍ଥ ଜୀବନଯାପନ କରିପାରିବେ। ଏହି ଶିବିରରେ ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ମ୍ୟାନେଜର ସନ୍ତୋଷୀ କୁମାରୀ ଗୋପି ଓ ଡିଇଆଇସିର ସମସ୍ତ କର୍ମଚାରୀ ଓ ମୋବାଇଲ ହେଲ୍‌ଥ ଦଳର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ମେଡିକାଲ ଅଫିସର ସଚେତନତା ତାଲିମ ଶିବିର

**କୋରାପୁଟ,୧୧।୧୧(ସମିସ):** କୋରାପୁଟ ଜିଲ୍ଲାର ମେଡିକାଲ ଅଫିସର ମାନଙ୍କୁ ନେଇ କୁଷ୍ଠ ରୋଗର ନିରାକରଣ ନିମନ୍ତେ ଦିନିକିଆ ସଚେତନତା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ମୁଖ୍ୟ ଜିଲ୍ଲା ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମୁକ୍ତିକାନ୍ତ ଖଟୁଆଙ୍କ ଅଧ୍ୟକ୍ଷତାରେ ଆୟୋଜିତ ତାଲିମ ଶିବିରରେ ଜିଲ୍ଲାର ୩୦ ଜଣ ଏମ୍‌ବିବିଏସ ଏବଂ ଆୟୁଷ ଡାକ୍ତର ଯୋଗଦେଇ ତାଲିମ ନେଇଥିଲେ। ଆସ୍କା ଆରଏଲଟିଆରଆଇର ନିର୍ଦ୍ଦେଶକ ଡାକ୍ତର ଭି ଶାନ୍ତାରାମ ତାଲିମଦାତା ଭାବେ ମେଡିକାଲ ଅଫିସର ମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଏଡିପିଏଚଓ (ମ୍ୟାଲେରିଆ) ଡାକ୍ତର ଏସ ଦେବଦର୍ଶିନୀ, ପରାମର୍ଶଦାତା ଡାକ୍ତର ରତ୍ନପୂର୍ଣ୍ଣା ହୋତା, ଡାକ୍ତର ଶିବ ସାଇ ସ୍ୱରୂପ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା କୁଷ୍ଠ ରୋଗ ପରାମର୍ଶ ଦାତା ଡାକ୍ତର ରାକେଶ ଚନ୍ଦ୍ର କଲେତ, ବି ଭାସ୍କର ରାଓ ଏବଂ ଲେପ୍ରା ସୋସାଇଟିର ପ୍ରୋଜେକ୍ଟ ଅଫିସର ଏ ଅନୀଲ କୁମାର ପ୍ରମୁଖ ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ।

## ବାପା ମା' ଛେଉଣ୍ଡ ଭିନ୍ନକ୍ଷମଙ୍କୁ ମିଳିଲା ସରକାରୀ ସହାୟତା



**କୁନ୍ଦୁରା, ୧୧।୧୧(ସମିସ):** କୁନ୍ଦୁରା ବ୍ଲକ ଅନ୍ତର୍ଗତ ବଣୁଆଗୁଡା ପଞ୍ଚାୟତର ନାରାଗାଁ ଗ୍ରାମର ବାପା ମା' ଛେଉଣ୍ଡ ଭିନ୍ନକ୍ଷମ ପୂର୍ଣ୍ଣି ଗୌଡ଼ (୧୫) ଙ୍କୁ ମିଳିଲା ସରକାରୀ ସହାୟତା। କୁନ୍ଦୁରା ବ୍ଲକ କାର୍ଯ୍ୟାଳୟ ପରିସରରେ ଏଡିଏମ୍ ତପନ କୁମାର ନାୟକଙ୍କ ଉପସ୍ଥିତିରେ ଦିବ୍ୟାଙ୍ଗ ପୂର୍ଣ୍ଣିଙ୍କୁ ହୁଇଲ୍ ଚେୟାର ଓ ରାସନ କାର୍ଡରେ ଚାଉଳ ପ୍ରଦାନ କରାଯାଇଛି। ଏଥିସହ ଭତ୍ତା ପ୍ରଦାନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି ବୋଲି ବ୍ଲକ ପ୍ରଶାସନ ପକ୍ଷରୁ ଜଣାପଡିଛି । ସୂଚନା ଥାଉକି, ନାରାଗାଁରେ ବାପା ମାଆଙ୍କ ଦେହାନ୍ତ ପରେ ଭାଇ କର୍ଣ୍ଣ ଗୌଡ଼ ପାଖରେ ରହିଥିଲେ ଭିନ୍ନକ୍ଷମ ପୂର୍ଣ୍ଣି ଗୌଡ଼। ସେ ସରକାରୀ ସହାୟତାରୁ ବଞ୍ଚିତ ଥିଲେ। ଏହି ଖବର 'ସକାଳ'ରେ ପ୍ରକାଶ ପାଇଥିଲା। ଅସହାୟ ଦିବ୍ୟାଙ୍ଗ ପୂର୍ଣ୍ଣିଙ୍କ ନିକଟରେ ସମସ୍ତ ପ୍ରମାଣ ପତ୍ର ଥାଇ ମଧ୍ୟ ସରକାରୀ ସହାୟତରୁ ସେ ବଞ୍ଚିତ ଥିବା ବେଳେ ସୁବିଧା ଦୃଷ୍ଟିରୁ ଭତ୍ତା, ଶୌଚାଳୟ ଓ ଆବାସ ଘର ଖଣ୍ଡେ ଯୋଗାଇ ଦେବାକୁ ପ୍ରଶାସନ ନିକଟରେ ନିବେଦନ କରିଥିଲେ ପୂର୍ଣ୍ଣିଙ୍କ ଭାଇ କର୍ଣ୍ଣ ଗୌଡ଼ । ଖବର ପ୍ରକାଶ ପାଇବା ପରେ ଜିଲ୍ଲା ପ୍ରଶାସନ ତତ୍ପରତା ଦେଖାଇଛି ଏବଂ ହୁଇଲ୍ ଚେୟାର ଓ ରାସନ କାର୍ଡରେ ଚାଉଳ ପ୍ରଦାନ କରାଯାଇଛି। ଜିଲ୍ଲା ପ୍ରଶାସନ ଏବଂ ସ୍ଥାନୀୟ ବିଡିଓ ପି ମନସ୍ମିତା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ଗାଁର କୃଷ୍ଣ ପେଣ୍ଡିଆ, ଜଗତ ନାୟକ, ମଙ୍ଗଲୁ ପେଣ୍ଡିଆ, ପୂର୍ଣ୍ଣ ବାରିକ, ଜଗନ୍ନାଥ ପେଣ୍ଡିଆ, ଧନ ନାୟକ, ଅଭି ବାରିକ, ସଦା ପେଣ୍ଡିଆ, ଗୁରୁ ନାୟକ, ଚିଟି ବାରିକ, ଗୁରୁ ନାୟକ ପ୍ରମୁଖ ଧନ୍ୟବାଦ ଜଣାଇଛନ୍ତି।

## ଶାଶୂକୁ ମାଡ଼ମାରି ଜ୍ୱାଇଁ ଗିରଫ

**ଜୟପୁର,୧୧।୧୧(ସମିସ):** ଜୟପୁର ସଦରଥାନା ଅଧିନସ୍ଥ ସଉରାଗୁଡା ଗ୍ରାମରେ ଶାଶୂକୁ ଆକ୍ରମଣ କରିଥିବା ଅଭିଯୋଗରେ ଜ୍ୱାଇଁକୁ ପୁଲିସ ଗିରଫ ସହ କୋର୍ଟ ଚାଲାଣ କରିଛନ୍ତି। ପୁଲିସ ସୂଚନା ଅନୁଯାୟୀ, ଗତକାଲି କଂଗା ଗ୍ରାମପଞ୍ଚାୟତର ସଉରାଗୁଡା ଗ୍ରାମର ହିରାମଣୀ ହରିଜନଙ୍କୁ ତାଙ୍କ ଜ୍ୱାଇଁ ଖଗପତି ହରିଜନ(୪୦) ମଦ ପିଇ ବିନା କାରଣରେ ଗାଳି ଗୁଲଜ କରିବା ସହ ଏକ ଠେଙ୍ଗାରେ ଜୀବନରେ ମାରିଦେବା ପାଇଁ ଉଦ୍ୟମ କରିଥିବା ବେଳେ ଶାଶୁଙ୍କ କାନରେ ବାଜିଥିଲା ଏବଂ ପ୍ରବଳ ରକ୍ତସ୍ରାବ ହୋଇଥିଲା। ଏନେଇ ଅଭିଯୋଗକାରିଣୀ ଶାଶୁଙ୍କ ଲିଖିତ ଅଭିଯୋଗ କ୍ରମେ ସଦର ପୁଲିସ ତଦନ୍ତ କରିବା ସହ ଅଭିଯୁକ୍ତ ଜ୍ୱାଇଁଙ୍କୁ ଗିରଫ କରିଥିବା ନେଇ ସଦରଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

MISSING



**ନାମ - ନରେସ ସ୍ୱାଇଁ**
**ବୟସ- ୫୨ ବର୍ଷ**
**ଉଚ୍ଚତା- ୫ ଫୁଟ୍ ୪ ଇଞ୍ଚ୍**
**(ମଧ୍ୟମ ଶରୀର, ଶ୍ୟାମଳ ରଙ୍ଗ)**
ମାନସିକ ଅବସ୍ଥା ଅସ୍ଥିର ଅଟେ। ଶେଷ ଥର ପାଇଁ ଫୁଲନଖରା ଓଭରବ୍ରିଜ ତଳେ ଦେଖାଯାଇଥିଲେ । ସେ ଲୁଙ୍ଗି ଆଉ ଗେଞ୍ଜି ପିନ୍ଧିଥିଲେ । ସେ ଛୋଟେଇ କରି ଚାଲନ୍ତି ତାଙ୍କ ବାମ ଗୋଡ ଛୋଟା ଅଟେ । ଯଦି କେହି ସହୃଦୟ ବ୍ୟକ୍ତି ଆଙ୍କର କୌଣସି ସନ୍ଧାନ ପାଆନ୍ତି। ତାହେଲେ ଏହି ଠିକଣାରେ ଜଣେଇବାକୁ ଅନୁରୋଧ ।
କେଶବ ଚନ୍ଦ୍ର ସ୍ୱାଇଁ,
ଖଣ୍ଡାସାହି, କାକଟପୁର, ପୁରୀ,
ମୋ.: ୯୧୨୪୯୦୯୩୨୬, ୮୭୩୩୦୪୬୧୨୩ ।

ସକାଳ THE SAKALA
ବୁଧବାର ୧୨ ନଭେମ୍ବର, ୨୦୨୫




# ଜମିବାଡ଼ିକୁ ନେଇ ଗଣ୍ଡଗୋଳ: ୩ ଗୁରୁତର



ପାପଡାହାଣ୍ଡି,୧୧।୧୧(ସମିସ): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ପୋଣ୍ଡିକୋଟ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଲାଇବାନପଦର ଗ୍ରାମରେ ଘରବାରୀ ଜାଗାକୁ ନେଇ ଗଣ୍ଡଗୋଳ ଘଟି ତିନି ଗୁରୁତର ହୋଇଛନ୍ତି। ୩ ଗୁରୁତରଙ୍କୁ ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥକେନ୍ଦ୍ରଠାରେ ଚିକିତ୍ସା କରାଯିବା ପରେ ପାପଡାହାଣ୍ଡି ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ରିପୋର୍ଟ ଅନୁଯାୟୀ ପୋଣ୍ଡିକୋଟ ଗ୍ରାମପଞ୍ଚାୟତ ଅନ୍ତର୍ଗତ ମାଲତିଗୁଡା ଗ୍ରାମର ମୀନ ହରିଜନ ଲାଇବାନପଦର ଠାରେ ଦୀର୍ଘ ବର୍ଷେ ତଳେ ଏକ ସରକାରୀ ଜାଗାରେ ଘରବାରୀ କରି ରହିଥିଲେ। ପରିବାର ଚଳିବା ଅସୁବିଧା ହେବା ଯୋଗୁ ସେ ମାଲତିଗୁଡା ଗ୍ରାମକୁ ଯାଇ ରହୁଥିଲେ। ଲାଇବାନପଦରରେ ରହିଥିବା ଘରବାରୀ ଜାଗାକୁ ନିଜ ଅଧୀନରେ ରଖିଥିଲେ। ଏହି ବର୍ଷ ସେ ସେହି ସ୍ଥାନରେ ସୋରିଷ ଚାଷ କରିଥିଲେ। ଘରବାରୀ ଜାଗାରେ ସୋରିଷ ଚାଷ ଉପରେ ଲାଇବାନପଦର ଗ୍ରାମର ମୋତିରାମ ସାନ୍ତା, ଫାଗଣୁ ସାନ୍ତା, ରଘୁ ସାନ୍ତା, ମନବୋଧ ସାନ୍ତା, ପାଳଗଦା ପକେଇବା ସହ ନିଜ ଜାଗା ବୋଲି ଧମକ ଦେଉଥିଲେ। ଆଜି ମୀନ ହରିଜନ ଓ ତାଙ୍କ ପୁଅ ହେବଲ ହରିଜନ ଓ ନାତି ଆଶିଷ ହରିଜନ ମିଶି ଘଟଣାସ୍ଥଳରେ ପହଞ୍ଚି ଏହି ଘରବାରୀ ସ୍ଥାନରେ ପାଳଗଦା ରଖିବାକୁ ମନା କରିଥିଲେ। ଏହା ପରେ ଦୁଇ ପରିବାର ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଫଗୁଣ ତାଙ୍କ ପରିବାର ସଦସ୍ୟ ମୀନ, ହେବଲ ଓ ଆଶିଷ ଉପରେ ଆକ୍ରମଣ କରିଥିଲେ। ଏହା ପରେ ମୀନ, ହେବଲ ଓ ଆଶିଷ ନିଜ ଜୀବନ ବଞ୍ଚାଇବା ସହ ଦୌଡ଼ି ପଳେଇଥିଲେ। ତିନି ଜଣ ମୀନ ଓ ହେବଲ ଓ ଆଶିଷକୁ ଗୁରୁତର ଅବସ୍ଥାରେ ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥକେନ୍ଦ୍ର ଠାରେ ଆଣି ପରିବାର ସଦସ୍ୟ ଭର୍ତ୍ତି କରିଥିଲେ। ଚିକିତ୍ସା ପରେ ମୀନ ହରିଜନ ପାପଡାହାଣ୍ଡି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ପାପଡାହାଣ୍ଡି ଥାନା କେଶ ନମ୍ବର ୨୨୪/୨୫ ରୁଜୁ କରି ତଦନ୍ତ ଜାରି ରହିଥିବା ତଦନ୍ତ ଅଧିକାରୀ ଏଏସଆଇ ଶରତ ଚନ୍ଦ୍ର କୁଟୁରିକା ସୂଚନା ଦେଇଛନ୍ତି।

## ଆଜି ଶୁଭାରମ୍ଭ ହେବ 'ପରବ ୨୦୨୫'

# ଚମକୁଛି କୁଟୁଂଣିପଦର ଶୈବପୀଠ



କୋରାପୁଟ/କାକିରିଗୁମା,୧୧।୧୧(ସମିସ): କୋରାପୁଟ ଜିଲ୍ଲାର ଲୋକ ମହୋତ୍ସବ 'ପରବ ୨୦୨୫' ଆଜି ଲକ୍ଷ୍ମୀପୁର ବ୍ଲକ କୁସୁମୁଗୁଡା ପଞ୍ଚାୟତର କୁଟୁଂଣିପଦର ଶୈବ ପୀଠରୁ ଶୁଭାରମ୍ଭ ହେବ। ଏହି ପରିପ୍ରେକ୍ଷୀରେ ସାଜସଜାରେ ଚମକି ଉଠୁଛି ଶୈବ ପୀଠ। ଏହାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ଏସ୍‌ପି ରୋହିତ ବର୍ମା, ଆଇଏଏସ୍ ପ୍ରବେଶନାରୀ ସନ୍ତୋଷ କୁମାର ପ୍ରଧାନ, ସିଡିଓ ବେଣୁଧର ଶବର, ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ, ଉପଜିଲ୍ଲାପାଳ ପ୍ରେମଲାଲ ହିଆଲ , ବିଡିଓ ସବ୍ୟସାଚି ବେହେରା ପ୍ରମୁଖ ନିୟମିତ କୁଟୁଂଣିପଦର ଶୈବପୀଠ ପରିଦର୍ଶନ କରି ପ୍ରସ୍ତୁତିର ସମୀକ୍ଷା କରିଥିଲେ। ପରବ ଉଦ୍‌ଘାଟନୀ ସମାରୋହ କିଭଳି ସୁରୁଖୁରୁରେ ସମ୍ପନ୍ନ ହେବ, ଟ୍ରାଫିକ ନିୟନ୍ତ୍ରଣ, ଲୋକଙ୍କ ଯାତାୟାତ, ପାର୍କିଂ ବ୍ୟବସ୍ଥା ବିଷୟରେ ସମୀକ୍ଷା କରି ଏକ ରୋଡମେପ ପ୍ରସ୍ତୁତ କରିଥିଲେ। ପ୍ରସ୍ତୁତ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଶୈବପୀଠକୁ ରଙ୍ଗବେରଙ୍ଗ ଆଲୋକରେ ସୁସଜ୍ଜିତ କରାଯାଇଛି। ସୂଚନା ମୁତାବକ ପ୍ରତିବର୍ଷ ଭଳି ବୁଧବାର ସକାଳେ ଜିଲ୍ଲାପାଳ ତଥା ପରବ କମିଟି ଅଧକ୍ଷ ସମସ୍ତ ଅଧିକାରୀ ଏବଂ ଲୋକ ପ୍ରତିନିଧି ମାନଙ୍କୁ ନେଇ କୋରାପୁଟର ଗ୍ରାମଦେବୀ ନିଶାନୀମୁଣ୍ଡାରେ ପୂଜାର୍ଚ୍ଚନା କରି କୁଟୁଂଣିପଦର ଗସ୍ତ କରିବେ। କୁଟୁଂଣିପଦର ଶୈବ ପୀଠରେ ପାରମ୍ପରିକ ରୀତି ନୀତି ଅନୁଯାୟୀ ପୂଜା କରି ସେଠାରୁ ମଶାଲ ଜଳାଇ ପରବ ୨୦୨୫ ଶୁଭାରମ୍ଭ ହେବ।

## ■ ଓଡ଼ିଶା ପଞ୍ଚାୟତ ପିଅନ ମହାସଂଘ ଗଠିତ

# ୧୦ ଦଫା ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ



ନନ୍ଦପୁର,୧୧।୧୧(ସମିସ): ଲମତାପୁଟ ବ୍ଲକ ପଞ୍ଚାୟତ ପିଅନ ମହାସଂଘର ୧୦ ଦଫା ଦାବି ନେଇ ଆଜି ଲମତାପୁଟ ପଞ୍ଚାୟତ ବୈଠକ ଗୃହରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଦାବିପତ୍ରରେ ଶ୍ରମ ବିଭାଗର ସର୍ବନିମ୍ନ ହରରେ ଅନୁଦାନ, ସମାନ କାମକୁ ସମାନ ଦରମା, ସ୍ଥାୟୀ ନିଯୁକ୍ତି, ଗ୍ରାମପଞ୍ଚାୟତ ନିୟାମକ ୨୦୧୪ ଅନୁଛେଦ ୧୨୫କୁ ଉଚ୍ଛେଦ କରି ୧୯୬୪ ଅନୁଚ୍ଛେଦ ୧୨୩ କୁ ପୁନଃ ସଂସ୍ଥାପନ ନିମନ୍ତେ ଶୀତକାଳୀନ ଅଧିବେଶନରେ ବିଧାନସଭାରେ ଗୃହୀତ କରି ସଂଶୋଧନ ପୂର୍ବକ ଏହି ସଂଘକୁ ନ୍ୟାୟ ପ୍ରଦାନ ନିମନ୍ତେ ଉଲ୍ଲେଖ ରହିଛି। ଦାବି ପୂରଣ ନହେବା କ୍ଷେତ୍ରରେ ସଂଘ ସପରିବାର ଭୁବନେଶ୍ୱର ରାଜରାସ୍ତାରେ ବିକ୍ଷୋଭ ପ୍ରଦର୍ଶନ କରିବା ଲାଗି ତାଗିଦ୍ ମଧ୍ୟ କରାଯାଇଛି। ଉକ୍ତ ପ୍ରତିବାଦ ସଭାରେ ସଭାପତି ସୁଧୀର କୁମାର ଖେମୁଣ୍ଡୁ, ସମ୍ପାଦକ ସୁବାଷ ଖିଲ, କୋଷାଧକ୍ଷ କର୍ଣ୍ଣ କୁମାର ନାୟକଙ୍କ ସହ ବ୍ଲକର ସମସ୍ତ ପଞ୍ଚାୟତରେ କାର୍ଯ୍ୟରତ ପଞ୍ଚାୟତ ପିଅନ ମାନେ ଅଂଶଗ୍ରହଣ କରିଥିଲେ।

# 'ନାରୀବାଦର ଦିଗବଳୟ: ତତ୍ତ୍ୱ ଓ ସାହିତ୍ୟ' ଶୀର୍ଷକ ଜାତୀୟ ସଂପାନ




କୋରାପୁଟ,୧୧।୧୧(ସମିସ): ସ୍ଥାନୀୟ ସରକାରୀ ଡିଏଭି ମହାବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ବିଭାଗ ଓ ଇଂରାଜୀ ବିଭାଗର ମିଳିତ ଆନୁକୁଲ୍ୟରେ ଏକଦିବସୀୟ ଜାତୀୟ ଆଲୋଚନାଚକ୍ର ନାରୀବାଦର ଦିଗବଳୟ : ତତ୍ତ୍ୱ ଓ ସାହିତ୍ୟ ଶୀର୍ଷକରେ ଜାତୀୟ ସଂପାନ ଆୟୋଜିତ ହୋଇଯାଇଛି। ଉଦ୍‌ଘାଟନୀ ଅଧିବେଶନର ମୁଖ୍ୟ ଅତିଥି ଭାବରେ ମହାବିଦ୍ୟାଳୟର ଅଧକ୍ଷ ଦୀପକ କୁମାର ପଟ୍ଟନାୟକ ଯୋଗଦେଇ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଉତ୍ତରୀୟ ପ୍ରଦାନ ପୂର୍ବକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଡ. ପ୍ରୀତିଧାରା ସାମଲ ନିମନ୍ତ୍ରିତ ଅତିଥି ତଥା ବିଷୟ ବିଶେଷଜ୍ଞଙ୍କୁ ସଂପାନକୁ ସ୍ୱାଗତ କରିବା ସହ ପରିଚୟ ପ୍ରଦାନ କରିଥିଲେ। ପ୍ରାରମ୍ଭିକ ଅଭିଭାଷଣ ଡ.ଲୋପାମୁଦ୍ରା ସ୍ୱାଇଁ ପ୍ରଦାନ କରିଥିବା ବେଳେ ଡ. ଲହରୀ ବେହେରା ଭିତ୍ତିପ୍ରବନ୍ଧ ପାଠ କରିଥିଲେ। ପ୍ରଥମ ଅଧିବେଶନରେ ସଭା ପରିଚାଳନା କରିଥିଲେ ଡ. ପ୍ରୀତିଧାରା ସାମଲ ଓ ବିଷୟ ବିଶେଷଜ୍ଞ ଭାବରେ ଓଡ଼ିଶାର ପ୍ରଥିତଯଶା ଗାଳ୍ପିକ ତଥା ଔପନ୍ୟାସିକ ଡ.ସରୋଜିନୀ ସାହୁ "ନାରୀ ଲେଖକ' ଶୀର୍ଷକରେ ନିଜ ବକ୍ତବ୍ୟ ରଖିଥିବାବେଳେ ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଇଂରାଜୀ ବିଭାଗ ସହକାରୀ ପ୍ରଫେସର ଡ. ଝରଣାରାଣୀ ଧଙ୍ଗଡାମାଝୀ ମତ ଉପସ୍ଥାପନ କରିଥିଲେ। ଦ୍ୱିତୀୟ ଅଧିବେଶନକୁ ଡଲି ଚୌଧୁରୀ ପରିଚାଳନା କରିଥିବା ବେଳେ ପଣ୍ଡିଚେରୀ ବିଶ୍ୱବିଦ୍ୟାଳୟର ଇଂରାଜୀ ବିଭାଗ ପ୍ରାକ୍ତନ ପ୍ରଫେସର ଡ. ଏଚ କଳ୍ପନା ଉପସ୍ଥିତ ରହି ନିଜର ବକ୍ତବ୍ୟ ରଖିଥିଲେ। ଓଡ଼ିଶାର ବିଶିଷ୍ଟ କବି ଓ ସମାଲୋଚକ ଡ. ଅପର୍ଣ୍ଣା ମହାନ୍ତି " ମୋ ଦେହ , ମୋ କବିତା " ସଂପର୍କରେ ନିଜ ବିଚାର ରଖିଥିଲେ। ଉଭୟ ଅଧିବେଶନ ଶେଷରେ ଯଥାକ୍ରମେ ପ୍ରୀତିଧାରା ସାମଲ ଓ ପ୍ରଶାନ୍ତ ସାନ୍ତରା ଧନ୍ୟବାଦ ଅର୍ପଣ କରିଥିଲେ। ଅତିଥି ଛାତ୍ରଛାତ୍ରୀଙ୍କ ପ୍ରଶ୍ନର ଉତ୍ତର ରଖିଥିଲେ। କାର୍ଯ୍ୟକ୍ରମରେ ଡ. ଜଗବନ୍ଧୁ ସାମଲ, ନାରାୟଣ ପଣ୍ଡା, ରବି ଶତପଥୀ, ବିଜୟ ପ୍ରଧାନ, ମଧୁସୂଦନ ସ୍ୱାଇଁ, ଜାହ୍ନବୀ ଦୋରା, ଡ଼.ଜୟନ୍ତ ମହାନ୍ତି ଓ ଡ.ସନ୍ଧ୍ୟା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ● ଡେପୁଟେସନରେ ଗଲେ ଶିକ୍ଷକ

# ସ୍କୁଲ୍‌କୁ ପିଲାଙ୍କୁ ଛାଡ଼ିଲେ ଅଭିଭାବକ

ପୋଡ଼ାଗଡ଼, ୧୧।୧୧(ସମିସ): ବିଦ୍ୟାଳୟରେ ଶିକ୍ଷକଙ୍କର ମାନମାନୀକୁ ନେଇ ଅଭିଭାବକ ଅସନ୍ତୁଷ୍ଟ। ପିଲାଙ୍କୁ ଛାଡୁ ନାହାଁନ୍ତି ପାଠ ପଢ଼ିବା ପାଇଁ। ଏପରି ଦୃଶ୍ୟ ଦେଖିବାକୁ ମିଳିଛି କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ମୁଜାଙ୍ଗ ପଞ୍ଚାୟତ ଅଧିନସ୍ଥ ରୁଞ୍ଜିଗୁଡା କ୍ଲଷ୍ଟରର ତେନ୍ତୁଳି ଗୁଡା ବିଦ୍ୟାଳୟରେ। ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲା ପାଠ ପଢୁଥିବା ବେଳେ ମାତ୍ର ୮ଟି ଶ୍ରେଣୀକୁ ୩ଟି ଶିକ୍ଷକ ରହିଥିବାରୁ ପାଠପଢାରେ ବ୍ୟତିକ୍ରମ ଦେଖା ଦେଇଛି। ଏହାର ସୁଯୋଗ ନେଇ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ନିଜ ମନ ମାନିରେ ବିଦ୍ୟାଳୟ ପରିଚାଳନା କରିବା ସହ ପିଲାଙ୍କୁ ପାଠ ପଢାଇବା ବଦଳରେ ବିଦ୍ୟାଳୟର ଅନ୍ୟ ସହ ଗପସପରେ ଅଧିକ ସମୟ ବିତାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଫଳରେ ସୋମବାର ଦିନ ପିଲାଙ୍କୁ ଅଧୟନ ନିମନ୍ତେ ନ ଛାଡ଼ି ସମସ୍ତ ଅଭିଭାବକ ଏକତ୍ରିତ ହୋଇ ବିଦ୍ୟାଳୟ ନିକଟରେ ଆସି ବିଦ୍ୟାଳୟ ଖୋଲିବାକୁ ଦେଇ ନଥିଲେ। ଉକ୍ତ ଶିକ୍ଷକଙ୍କୁ ଅନ୍ୟ ଏକ ବିଦ୍ୟାଳୟରେ ବଦଳି କରି ଅନ୍ୟ ଶିକ୍ଷକଙ୍କୁ ଏହି ବିଦ୍ୟାଳୟକୁ ଆଣିଲେ ପିଲାଙ୍କୁ ଛାଡ଼ିବୁ ବୋଲି ଜିଦ୍ ଧରିଥିଲେ। ଏହି ଖବର ପାଇ ରୁଞ୍ଜିଗୁଡା ଆଞ୍ଚଳିକ ସାଧନା କେନ୍ଦ୍ରର ସଂଯୋଜକ ମାନସ ନାୟକ ପହଞ୍ଚି ଅଭିଭାବକ ମାନଙ୍କୁ ବୁଝାସୁଝା କରିବା ସହ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଏହି ବିଷୟରେ ଜଣାଇ ଥିଲେ। ଉକ୍ତ ଶିକ୍ଷକଙ୍କୁ ଦଶମନ୍ତପୁର ସଦର ମହକୁମା ସ୍ଥିତ ଉଚ୍ଚ ବିଦ୍ୟାଳୟରେ ଡେପୁଟେସନରେ ପଠାଇ ବିଦ୍ୟାଳୟର ଶିକ୍ଷକଙ୍କୁ ତେନ୍ତୁଳି ଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆଣି ଥିବାରୁ ଅଭିଭାବକ ପିଲାଙ୍କୁ ବିଦ୍ୟାଳୟକୁ ଅଧୟନ ନିମନ୍ତେ ପଠାଇ ଥିଲେ। ଆଜିରୁ ଅନ୍ୟ ଶିକ୍ଷକ ଆସୁଥିବାରୁ ପିଲାଙ୍କୁ ବିଦ୍ୟାଳୟ ପଠାଇ ଥିବା ଅଭିଭାବମାନେ କହିଛନ୍ତି।

# ଜନଜାତୀୟ ଗୌରବ ଦିବସ ପ୍ରସ୍ତୁତି ବୈଠକ




ନବରଙ୍ଗପୁର,୧୧।୧୧(ସମିସ): ନବରଙ୍ଗପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଅଶୋକ ମେହେଟା ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁଙ୍କ ଅଧକ୍ଷତାରେ ଜନଜାତୀୟ ଗୌରବ ଦିବସ ୨୦୨୫ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଉପଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଜନଜାତି ଉନ୍ନୟନ ସଂସ୍ଥା ରାଜୀବ କୁମାର ସାହୁ, ଜିଲ୍ଲା ମଂଗଳ ଅଧିକାରୀ ପାଲାକା ରବୀନ୍ଦ୍ର, ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ ପ୍ରମଖ ଉପସ୍ଥିତ ଥିଲେ। ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ ତମ ଜନ୍ମତିଥି ପାଳନ ଅବସରରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଜନଜାତୀୟ ଗୌରବ ବର୍ଷ ପଖୱାଡା ୨୦୨୫ ପାଳନ କରାଯାଉଛି। ଏହି ଅବସରରେ ନଭେମ୍ବର ୧୫ ତାରିଖରେ ଡାବୁଗାଁ ବ୍ଲକ ଅନ୍ତର୍ଗତ କୁରୁପା ସ୍ଥିତ ନୂତନ ନିର୍ମିତ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟରେ ହେବାକୁ ଥିବା କାର୍ଯ୍ୟକ୍ରମରେ ଆଇଟିଡିଏ, କୃଷି, ସମାଜ ମଙ୍ଗଳ, ଓରମାସ, ସ୍ୱାସ୍ଥ୍ୟ, କର୍ମ ନିୟୋଜନ ଓ ଦକ୍ଷତା ବିକାଶ ବିଭାଗ ତରଫରୁ ବିଭାଗୀୟ ଷ୍ଟଲ ସହ ଖାଦ୍ୟ ଷ୍ଟଲ ସ୍ଥାପନ କରାଯିବ। କାର୍ଯ୍ୟକ୍ରମରେ ସଫଳ ଜନଜାତି ବ୍ୟକ୍ତିଙ୍କୁ ସମ୍ମାନିତ, ଜନଜାତି ହିତାଧିକାରୀଙ୍କୁ ସହାୟତା, ସଚେତନତା କାର୍ଯ୍ୟକ୍ରମ, ଛାତ୍ର ଛାତ୍ରୀ ମଧ୍ୟରେ ପ୍ରତିଯୋଗିତା, ପ୍ରଦର୍ଶନୀ, ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବୈଠକରେ ଓରମାସ ଅଧିକାରୀ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ମନୋଜ ବେହେରା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦ୍ରୌପଦୀ କଁହର ,ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଭରତ ଚନ୍ଦ୍ର ସାହୁ, ପ୍ରକଳ୍ପ ପରିଚାଳକ, ପିରାମଲ ଫାଉଣ୍ଡେସନ, ବିକ୍ରମ କିଶୋର ରଣାଙ୍କ ସମେତ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# କୋରାପୁଟ କେନ୍ଦ୍ରୀୟ ସମବାୟ ବ୍ୟାଙ୍କରେ ସମୀକ୍ଷା ବୈଠକ




ଜୟପୁର,୧୧।୧୧(ସମିସ): କୋରାପୁଟ ଜିଲ୍ଲା ଜୟପୁରସ୍ଥିତ କୋରାପୁଟ କେନ୍ଦ୍ରୀୟ ବ୍ୟାଙ୍କ ପ୍ରଶାସନିକ ଭବନ ସମ୍ମିଳନୀ କକ୍ଷ ଠାରେ କେନ୍ଦ୍ର ସରକାରଙ୍କ ସମବାୟ ମନ୍ତ୍ରଣାଳୟର ନୀତି ବିଭାଗ ପକ୍ଷରୁ ଏକ ସମୀକ୍ଷା ବୈଠକ ମଙ୍ଗଳବାର ଆୟୋଜିତ ହୋଇଥିଲା। ଏଥିରେ ଦିଲ୍ଲୀ କେନ୍ଦ୍ର ସରକାରଙ୍କ ସମବାୟ ମନ୍ତ୍ରାଳୟର ନିର୍ଦ୍ଦେଶକ ଡ.ମୁକେଶ କୁମାର ଉପସ୍ଥିତ ଥିଲେ। କେନ୍ଦ୍ର ସରକାରଙ୍କ ସମବାୟ ବିଭାଗର ବିଭିନ୍ନ ଯୋଜନାର କାର୍ଯ୍ୟକାରିତାର ପର୍ଯ୍ୟବେକ୍ଷଣ ଓ ସମୀକ୍ଷା କରିଛନ୍ତି। ଆଜି ପୂର୍ବାହ୍ନରେ ବିମାନ ଯୋଗେ ଭୁବନେଶ୍ୱରରୁ ଜୟପୁର ବିମାନ ବନ୍ଦରରେ ପହଞ୍ଚି ଜୟପୁର ଠାରେ ସମୀକ୍ଷା ବୈଠକରେ ଉପସ୍ଥିତ ରହିଥିଲେ। ବ୍ୟାଙ୍କର ସଭାପତି ଇଂ. ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବ୍ୟାଙ୍କର ସମ୍ପାଦକ ଅତୁଲ୍ୟ କୁମାର ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରାରମ୍ଭ ବ୍ୟାଙ୍କ ପରିଚାଳନା ସଭାପତି ଶ୍ରୀ ପାଣିଗ୍ରାହୀ ବ୍ୟାଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ବିଭିନ୍ନ ଲୋକାଭିମୂଖୀ କାର୍ଯ୍ୟକ୍ରମ ଉପରେ ଆଲୋକପାତ ସହ ବିସ୍ତୃତ ଭାବେ ଉପସ୍ଥାପନ କରିଥିଲେ। ଏହାପରେ କେନ୍ଦ୍ର ସମବାୟ ମନ୍ତ୍ରାଳୟର ନିର୍ଦ୍ଦେଶକ ଡ.ମୁକେଶ କୁମାର କେନ୍ଦ୍ର ସରକାରଙ୍କ ସମବାୟ ମନ୍ତ୍ରଣାଳୟର ନୂତନ ସମବାୟ ନୀତି ଏବଂ ସମବାୟ ବିଭାଗର ବିଭିନ୍ନ ଯୋଜନା ମାଧ୍ୟମରେ ପ୍ରାଥମିକ ସମବାୟ ସମିତି ସହିତ ସମବାୟ ବ୍ୟାଙ୍କର ଅର୍ଥନୈତିକ ବିକାଶ ନେଇ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ଏହି ବୈଠକରେ କୋରାପୁଟ ଜିଲ୍ଲା ଡିଆରସିଏସ ମୋନିକା ରାୟ, ଢେଙ୍କାନାଳ ଜିଲ୍ଲା ଡିଆରସିଏସ ଉମାଶଙ୍କର ଦାସ, ବ୍ୟାଙ୍କ ପରିଚାଳନାର ଉପସଭାପତି ଦୁରୁପୁତା ଭତରା, ବରିଷ୍ଠ ନିର୍ଦ୍ଦେଶକ ରମାକାନ୍ତ ରାଉଳ ତଥା ବ୍ୟାଙ୍କ ପରିଚାଳନା ପରିଷଦର ସମସ୍ତ ସଦସ୍ୟ ଓ ସଦସ୍ୟା ବୃନ୍ଦ, ସମବାୟ ବିଭାଗ ଏବଂ ବ୍ୟାଙ୍କର କର୍ମଚାରୀ ଉପସ୍ଥିତ ଥିଲେ। ଶେଷରେ ବ୍ୟାଙ୍କର ସହକାରୀ ସାଧାରଣ ପ୍ରଶାସକ ହରିଶ୍ଚନ୍ଦ୍ର ବନାଗାଡି ଧନ୍ୟବାଦ ଅର୍ପଣ କରିଥିଲେ।

## ● ଅପରେସନ୍ 'ଗ୍ରୀନ୍ କ୍ଲିନ୍'

# ନଷ୍ଟ ହେଲା ୫୨,୮୦୦ ଗଞ୍ଜେଇ ଗଛ



ନନ୍ଦପୁର,୧୧।୧୧ (ସମିସ): ନନ୍ଦପୁର ବ୍ଲକ୍ ଅର୍ନ୍ତଗତ ପାଡୁଆ ପୁଲିସ, ନନ୍ଦପୁର ଅବକାରୀ ବିଭାଗ, ବନ ବିଭାଗ, ଆଇଆରବି, ଡିଏଫଏସ୍ କୋରାପୁଟ ସହିତ ଏକ ବିଶେଷ ଟିମ୍ ଲାମ୍ପି ଓ ଗନ୍ଧି ଶିକରପୁଟ ଗ୍ରାମରେ ମିଳିତ ଅପରେସନ ଗ୍ରୀନ କ୍ଲିନ୍ କାର୍ଯ୍ୟକ୍ରମ କରାଯାଇଛି। କୋରାପୁଟ ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ଏସଡିପିଓ ଦେବେନ୍ଦ୍ର ମଲ୍ଲିକଙ୍କ ତତ୍ତ୍ୱାବଧାନରେ ନନ୍ଦପୁର ଅବକାରୀ ବିଭାଗ ଅଧୀନରେ ମାଜିଷ୍ଟ୍ରେଟ୍ ତଥା ଅତିରିକ୍ତ ତହସିଲଦାର ମାଧବ ପାଙ୍ଗିଙ୍କ ଉପସ୍ଥିତିରେ ପାଡୁଆ ଥାନା ଆଇଆଇସି ଆଶୋକ ବିଶୋୟୀ, ଇନ୍ସପେକ୍ଟର ଟୁନା ଶବର, ନନ୍ଦପୁର ରେଞ୍ଜ ଅବକାରୀ ଇନ୍ସପେକ୍ଟର ଅନ୍ନପୂର୍ଣ୍ଣା ରଥ, ନନ୍ଦପୁର ଅବକାରୀ ଓଆଇସି ଅଭୟ କୁମାର ନାୟକ, କୋରାପୁଟ ମୋବାଇଲ ଟିମ୍ ଇନ୍ସପେକ୍ଟର ଚନ୍ଦ୍ର ଶେଖର ପଢିହାରୀ, ସବ୍ ଇନ୍ସପେକ୍ଟର ରାଜୁ ଖିତି, ବନ ବିଭାଗ କର୍ମଚାରୀ ଓ ପାଡୁଆ ଆଇଆରବି ଯବାନ୍‌ମାନେ ସକ୍ରିୟ ଭାବରେ ଅଂଶଗ୍ରହଣ କରି ମିଳିତ ଭାବେ ୪୪ ଏକର ଜମି ଉପରେ ଚାଷ ହୋଇଥିବା ପ୍ରାୟ ୫୨,୮୦୦ ଗଞ୍ଜେଇ ଗଛକୁ କାଟି ଧ୍ୱଂସ କରିଥିଲେ। ଅପରେସନ ଗ୍ରୀନ କ୍ଲିନ୍ ମାଧ୍ୟମରେ ଏପରି ଅବୈଧ ଗଞ୍ଜେଇ ଚାଷ ବିରୋଧରେ ଅଭିଯାନ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଅଞ୍ଚଳରେ ଅବୈଧ ମାଦକ ଚାଷ ରୋକିବା ପାଇଁ ପୁଲିସ ଓ ଆବକାରୀ ବିଭାଗ ମିଳିତ ଓ ନିୟମିତ ଭାବେ ଅଭିଯାନ ଚାଲାଇବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ଏସ୍‌ଡିପିଓ ଶ୍ରୀ ମଲ୍ଲିକ ସୂଚନା ଦେଇଛନ୍ତି।

# ବାଇକ ଚୋରି ମାମଲାରେ ୩ ଜଣଙ୍କୁ ୩ ବର୍ଷ ଜେଲ୍ ଦଣ୍ଡ

ରାୟଗଡ଼ା,୧୧/୧୧(ସମିସ)

ଏକ ବାଇକ ଚୋରି ମାମଲାରେ ୩ ଅଭିଯୁକ୍ତଙ୍କୁ ୩ ବର୍ଷ କାରାଦଣ୍ଡ ଏବଂ ୧୦ ହଜାର ଟଙ୍କା ଜୋରିମାନା ଶୁଣାଇଛନ୍ତି ରାୟଗଡ଼ା ଏସଡିଜେଏମ୍ ବର୍ଷା ଦାସ। ଜରିମାନା ଅନାଦେୟରେ ଅଧିକ ୬ ମାସ ଜେଲ ଦଣ୍ଡାଦେଶ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ମୁତାବକ, ଗତ ଫେବୃଆରୀ ୨୮ ତାରିଖରେ ଆଲମଣ୍ଡା ଗ୍ରାମରେ ମାଲ୍ଲାନା କୋଣ୍ଡା ଶିବରାତ୍ରୀ ଯାତ୍ରା ଦେଖିବାକୁ ଶେଷଖାଲ ଆସିଥିଲେ। ସେ ଯାତ୍ରା ଦେଖି ଫେରିବା ବେଳେ ତାଙ୍କର ମୋଟରସାଇକଲ ଚୋରି ହୋଇ ଯାଇଥିଲା। ଏନେଇ ସେ ଶେଷଖାଲ ଥାନାରେ ଏତଲା ଦେଇଥିଲେ। ଶେଷଖାଲ ଥାନା ଅଧିକାରୀ ମୁନିକୁମାରୀ ଆଚାରୀ ଏକ ମାମଲା ରୁଜୁ କରି ଏହାର ତଦନ୍ତ କରି ଚୋରି ବାଇକ୍ ଉଦ୍ଧାର କରିବା ସହ ୩ ଜଣଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଥିଲେ। ଅଭିଯୁକ୍ତ ମାନେ ହେଲେ ଅର୍ଜୁ ପିଡିକା, ସହଦେବ ମାଣ୍ଡାଙ୍ଗି ଓ ବିଜୟ କୁମାର ମାଣ୍ଡିଆ ସାହୁ। ଏହି ମାମଲାରେ ବିଚାରଣା କରି ଆଜି ଏସ୍‌ଡିଜେଏମ ବର୍ଷା ଦାସ ଏହି ରାୟ ଶୁଣାଇଛନ୍ତି। ଏହି ମାମଲା ସରକାରଙ୍କ ପକ୍ଷରୁ ସଚ୍ଚିଦାନନ୍ଦ ଖାଡ଼ଙ୍ଗା ପରିଚାଳନା କରୁଥିଲେ।

# ସାଇକଲ୍ ଚଳାଇ ଲୋକଙ୍କୁ ସଚେତନ କଲେ ଏସ୍‌ପି




ଉମରକୋଟ,୧୧।୧୧(ସମିସ): ଓଡ଼ିଶାରେ ସାଇବର ଅପରାଧ ଦିନକୁ ଦିନ ବୃଦ୍ଧି ପାଇଥିବାରୁ ଏହାକୁ ରୋକିବା ପାଇଁ ଓ ଲୋକଙ୍କ ମଧ୍ୟରେ ସଚେତନ ସୃଷ୍ଟି କରିବା ପାଇଁ ନବରଙ୍ଗପୁର ଜିଲ୍ଲା ପୋଲିସ ପକ୍ଷରୁ ଆଜି ଉମରକୋଟ ସହରରେ ଏକ ସାଇକେଲ ଶୋଭାଯାତ୍ରା ବାହାରିଥିଲା। ନବରଙ୍ଗପୁର ଆରକ୍ଷୀ ଅଧିକ୍ଷକ ଏମ୍ ସୁନୀଲ ସମ୍ପତ୍ତଙ୍କ ନେତୃତ୍ୱରେ ଏହି ସାଇକେଲ ଶୋଭାଯାତ୍ରା ମାଁ ପେଣ୍ଡ୍ରାଣୀ ମନ୍ଦିରରୁ ବାହାରି ସହର ପରିକ୍ରମା କରିଥିଲା। ଆରକ୍ଷୀ ଅଧିକ୍ଷକ ନିଜେ ସହରର ବିଭିନ୍ନ ଫଳ ଦୋକାନ, ଚାହା ଦୋକାନକୁ ଯାଇ ସଚେତନ କରିଥିଲେ। ଆରକ୍ଷୀ ଅଧିକ୍ଷକ ଏହି ଅବସରରେ ଓଡ଼ିଶାରେ ସାଇବର ଅପରାଧ ବଢୁଥିବାରୁ ଉଦ୍‌ବେଗ ପ୍ରକାଶ କରିବା ସହ ନିଜେ ସଚେତନ ରହିଲେଁ ଏହା ରୋକି ହେବ ବୋଲି କହିଥିଲେ। ସାଇବର କ୍ରାଇମର ଶିକାର ହେଲେ ତୁରନ୍ତ ୧୯୩୦ ହେଲ୍ପ ଲାଇନ ନମ୍ବରରେ ଫୋନ କରିବା, ଓଟିପି କାହାକୁ ଦେବା ନାହିଁ, ଅଜଣା ନମ୍ବରରୁ କଲ କିମ୍ବା ଭିଡିଓ କଲରୁ କିପରି ଦୂରେଇବା କିମ୍ବା କୌଣସି ଅଜଣା ଲିଙ୍କ ଆସିଲେ ତାକୁ କ୍ଲିକ୍ ନକରିବା ପାଇଁ କହିଥିଲେ। ଏହି କାର୍ଯ୍ୟକ୍ରମରେ କଲେଜ ଛାତ୍ର ଛାତ୍ରୀଙ୍କ ସହ ପୁଲିସ ଓ ସାଧାରଣ ଲୋକେ ମଧ୍ୟ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ନବରଙ୍ଗପୁର ଡିଏସପି ସୁଶ୍ରୀ ସରୋଜ କିସପଟା, ଉମରକୋଟ ଏସଡିପିଓ ଶୁଭେନ୍ଦୁ ଶବର, ରାଇଘର ଥାନା ଅଧିକାରୀ ରଘୁନାଥ ମାଝୀ, ଉମରକୋଟ ଥାନା ଅଧିକାରୀ ରମାକାନ୍ତ ସାଏ, କୁନ୍ଦେଇ ଥାନା ଅଧିକାରୀ ଦୁର୍ଗା ପ୍ରସାଦ ବ୍ରହ୍ମା , ଏସ ଆଇ ଶିବାଜୀ ପଣ୍ଡା, ଅକ୍ଷୟ ମିଶ୍ର, ସୌମେନ୍ଦ୍ର ସେଠ, ଏଏସ ଆଇ ବିଶ୍ୱରଂଜନ ପାଢ଼ୀ, ଝରୀଗାଁ କନେଷ୍ଟବଳ ମହେଶ ପଟ୍ଟନାୟକ, ପ୍ରଭାସ ମାଲାକାର, ଏସ୍ ଭାସ୍କର ରାଓ, ନରେନ୍ଦ୍ର ଗୋଲାପୀ ଏବଂ ଖେଳ ଶିକ୍ଷକ ଏସ୍. ବିଜୟ କୁମାର, ଜିଲ୍ଲା କ୍ରୀଡ଼ା ସଂଘର ମହିଳା ସଂଯୋଜିକା ଚନ୍ଦନା ମଲ୍ଲିକ ଓ ସମସ୍ତ ଥାନା କର୍ମଚାରୀ, ସ୍ଥାନୀୟ ବୁଦ୍ଧିଜୀବୀ ଯୋଗ ଦେଇଥିଲେ।

# ବୁଢ଼ା ଚାଉରିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



ପାପଡାହାଣ୍ଡି,୧୧।୧୧(ସମିସ): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ଡ଼ଙ୍ଗାର ପଞ୍ଚାୟତ ଅଧିନସ୍ଥ ଭଣ୍ଡାରୀଗୁଡା ଖେଳପଡିଆ ଠାରେ ଆଜି ବୁଢ଼ା ଚାଉରିଆ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଏହି ଟୁର୍ନାମେଣ୍ଟଟି ବୁଢା ଚାଉରିଆ ଫୁଟବଲ ଆସୋସିଏସନ ଆନୁକୂଲ୍ୟରେ ୧୬ ଟିମ୍‌କୁ ନେଇ ଅନୁଷ୍ଠିତ ହୋଇଥିଲା। ଆଜିର ଫାଇନାଲ ମ୍ୟାଚରେ ସନ୍ତୋଷପୁର ଏବଂ ଅମର ୧୧ ଚେରଚେଟା ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାକୁ ଗୋଲ ଦେଇପାରିନଥିଲେ। ଏଣୁ ପେନାଲଟି ସୁଟ ଆଉଟ୍‌ରେ ସନ୍ତୋଷପୁର ଦଳ ୫/୪ ଗୋଲ ବ୍ୟବଧାନରେ ଚାମ୍ପିଅନ ହୋଇଥିଲା। ମୁଖ୍ୟ ଅତିଥିଭାବେ ଡାବୁଗାଁ ବିଧାୟକ ମୋନହୋର ରାନ୍ଧରୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ନବରଙ୍ଗପୁର ଜିଲ୍ଲା ପରିଷଦ ସଭାପତି ମୋତିରାମ ନାୟକ, ପାପଡାହାଣ୍ଡି ବ୍ଲକ ଉପାଧକ୍ଷ ସୁଶାନ୍ତ ବେହେରା , ପାପଡାହାଣ୍ଡି ବ୍ଲକ ବିଜେଡି ସଭାପତି ବିଦ୍ୟା ମଳିକ, ଡ଼ଙ୍ଗାର ପଞ୍ଚାୟତ ସରପଞ୍ଚ ପ୍ରତିନିଧି ତୁଲାରାମ ମାଝୀ, ଖୁଟବାଇ ପଞ୍ଚାୟତ ସରପଞ୍ଚ ପ୍ରତିନିଧି କବିରାଜ ନାୟକ, ବିଜେଡି ବରିଷ୍ଠ ନେତା ଯୁଧିଷ୍ଠିର ଗୌଡ଼, ସୁକ୍ରୁ ଗୌଡ଼, ଭଗତ ମାଳି, ସାଧୁ ଭତରା, ସମିତି ସଭ୍ୟ ମଙ୍ଗରୁ ଭତରା ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୁଢ଼ା ଚାଉରିଆ ଫୁଟବଲ ଆସୋସିୟନ ସଭାପତି ପଦ୍ମ ହରିଜନ, ତୁଲାରାମ ଭତରା, ହରିହର ଭତରା, ବସମନ ଯାନୀ, ମଧୁ ଭତରା, ଲଖମୁ ଭତରା, ଡମୁ ଭତରା, ବିମଳ ଭତରା ପ୍ରମୁଖ ଏହି ଟୁର୍ନାମେଣ୍ଟକୁ ପରିଚାଳନା କରିଥିଲେ। ଏହି ଫାଇନାଲ ମ୍ୟାଚରେ ରେଫିରି ଭାବେ ରଘୁନାଥକଳାର, ଚଇନୁ ଭତରା, ଚାମ୍ପୁ ପୂଜାରୀ ଏବଂ ଭାଷ୍ୟକାର ଭାବେ ରାଜମନ କଳାର ଧାରା ବିବରଣୀ ପରିଚାଳନା କରିଥିଲେ।

# ସମ୍ପାଦକୀୟ



ଶିକ୍ଷା ନାମକ ବୃକ୍ଷଟିର ଚେର ତିକ୍ତ, କିନ୍ତୁ ତାହାର ଫଳ ମଧୁର

-ଆରିଷ୍ଟୋଟେଲ୍

ସକାଳ
THE SAKALA

## ହ୍ୱାଇଟକଲାର ଆତଙ୍କ

ଦିଲ୍ଲୀ କାର ବୋମା ବିସ୍ଫୋରଣ ପଛରେ ନିର୍ଦ୍ଦିଷ୍ଟ ଭାବେ କାହାର ଷଡ଼ଯନ୍ତ୍ର ରହିଛି ତାହା ତଦନ୍ତ ପରେ ସ୍ପଷ୍ଟ ହେବ। ତେବେ ଗଣମାଧ୍ୟମରେ ତରବରିଆ ଭାବେ ଅନେକ ମତ, ମନ୍ତବ୍ୟ ଓ ଅଭିଯୋଗମାନ ଆସିବାରେ ଲାଗିଛି। ସ୍ୱାଭାବିକ ଭାବେ ସନ୍ଦେହର ଛୁଞ୍ଚି ପାକିସ୍ତାନ ଦିଗକୁ ଇଙ୍ଗିତ କରୁଥିବା ବେଳେ ନିର୍ବାଚନ ବେଳେ ଏଭଳି ଆତଙ୍କବାଦୀ କାର୍ଯ୍ୟକଳାପ କାକତାଳିକ ନା ପ୍ରାୟୋଜିତ ବୋଲି ମଧ୍ୟ ଗୁରୁତର ବିବାଦୀୟ ଅଭିଯୋଗ ହୋଇଛି। ଆମ ମତରେ କେଉଁଠି ନା କେଉଁଠି ପୁଣି ଥରେ ଗୁଇନ୍ଦା ସୂଚନାରେ ବିଫଳତା ଓ ସୁରକ୍ଷା ବ୍ୟବସ୍ଥାରେ ତ୍ରୁଟି ରହିଛି, ଯାହାକୁ ଅସ୍ୱୀକାର କରି ହେବ ନାହିଁ।

ଦେଶର ରାଜଧାନୀ ନୂଆଦିଲ୍ଲୀର ସମ୍ବେଦନଶୀଳ ଅଞ୍ଚଳ ଲାଲକିଲ୍ଲା ନିକଟରେ କାର ବୋମା ବିସ୍ଫୋରଣ ଘଟଣା ଯେତିକି ହୃଦୟବିଦାରକ ଓ ନିନ୍ଦାଜନକ, ତା'ଠାରୁ ଅଧିକ ସମ୍ବେଦନଶୀଳ ଭାରତରେ ଆତଙ୍କବାଦୀ କାର୍ଯ୍ୟକଳାପରେ ଚାରିଜଣ ଡାକ୍ତରଙ୍କ ସମ୍ପୃକ୍ତି। ଯେଉଁମାନଙ୍କୁ କୋଟିକୋଟି ବିଶ୍ୱବାସୀ ଦ୍ୱିତୀୟ ଭଗବାନ ରୂପେ ମାନ୍ୟତା ଓ ସମ୍ମାନ ପ୍ରଦର୍ଶନ କରିଆସୁଛନ୍ତି ସେମାନଙ୍କ ଚେହେରା ପଛରେ ଯେ ଏଭଳି ନରପିଶାଚର ଆତ୍ମାଟିଏ ଲୁଚି ରହିଛି ତାହା କେହି ଚିନ୍ତା ମଧ୍ୟ କରି ନଥିବେ। ଆହୁରି ଉଦ୍‌ବେଗଜନକ ହେଲା ଦେଶର ବିଭିନ୍ନ ଅଞ୍ଚଳରୁ ଆତଙ୍କବାଦୀ ଷଡ଼ଯନ୍ତ୍ରରେ ଲିପ୍ତ ଚାରି ଡାକ୍ତରଙ୍କ ମଧ୍ୟରେ ଜଣେ ମହିଳା ଡାକ୍ତର ମଧ୍ୟ ଅଛନ୍ତି। କୋମଳ ହୃଦୟଧାରୀ ଓ ମମତାଭରା ମହିଳା ମନ ଯେ ନରଖାଦକରେ ରୂପାନ୍ତରିତ ହୋଇପାରେ ତାହା ମଧ୍ୟ ଅପରିକଳ୍ପନୀୟ। ଗିରଫ ବେଳେ ତାଙ୍କ କାରରୁ ଶକ୍ତିଶାଳୀ ସ୍ୱୟଂଚାଳିତ ବନ୍ଧୁକ ମିଳିଛି।

ପ୍ରାରମ୍ଭିକ ତଦନ୍ତ ରିପୋର୍ଟ ଅନୁଯାୟୀ, ଗୁଜରାଟରୁ ଗିରଫ ହାଇଦ୍ରାବାଦ୍‌ର ୩୫ ବର୍ଷୀୟ ଡାକ୍ତର ମହମ୍ମଦ ମୋହିଉଦ୍ଦିନ ସୟଦ ନାମକ ଡାକ୍ତର ଜଣକ 'ଗବ' ବା 'ଜଡ଼ା' ଗଛର ମଞ୍ଜିରୁ ବିଷାକ୍ତ ରାସାୟନିକ ଉତ୍ପାଦ ପ୍ରସ୍ତୁତ କରୁଥିଲେ, ଯାହା ଆମେ ଜାଣିଥିବା ସବୁଠାରୁ ମାରାତ୍ମକ ସିଆନାଇଡ୍ ବିଷଠାରୁ କାହିଁ କେତେଗୁଣରେ ଅଧିକ ଭୟଙ୍କର। ସୟଦ ସଫଳ ହୋଇଥିଲେ ତାଙ୍କ ଉତ୍ପାଦକୁ ମଣ୍ଡି ଓ ବଜାରରେ ବିକ୍ରି ହେଉଥିବା ବିଭିନ୍ନ ଖାଦ୍ୟସାମଗ୍ରୀ, ପନିପରିବା ଓ ଫଳରେ ମିଶାଇ ଥା'ନ୍ତେ, ଯାହା ଲକ୍ଷ ଲକ୍ଷ ଲୋକଙ୍କ ପ୍ରାଣ ନେଇଥା'ନ୍ତା। ତେଣୁ କାର ବୋମା ବିସ୍ଫୋରଣ ଜନିତ କ୍ଷୟକ୍ଷତିଠାରୁ କାହିଁ କେତେଗୁଣ ଅଧିକ କ୍ଷତି କରିଥା'ନ୍ତା ସୟଦ୍‌ଙ୍କ ଆବିଷ୍କାର ରିସିନ୍ ନାମକ ବିଷ। ସେ ତାଙ୍କ ଷଡ଼ଯନ୍ତ୍ରକୁ ବାସ୍ତବ ରୂପ ଦେବା ପୂର୍ବରୁ ଏଟିଏସ୍ ଦ୍ୱାରା ଗିରଫ ହେବା ଈଶ୍ୱରଙ୍କ ଆଶୀର୍ବାଦ ବିନା ସମ୍ଭବ ନୁହେଁ।

ଡାକ୍ତରୀ ପାଠ ଓ ତାଲିମ୍ ସମାପ୍ତି ପରେ ସମର୍ପିତ ଚିକିତ୍ସା ସେବା ଓ ରୋଗୀଙ୍କ ପ୍ରାଣରକ୍ଷାକୁ ପ୍ରାଥମିକତା ଦେବା ପାଇଁ ହିପୋକ୍ରେଟ୍‌ସଙ୍କ ନାମରେ ଶପଥ ନେଉଥିବା ଡାକ୍ତରମାନେ ଯଦି ମୃତ୍ୟୁର ଦୂତ ସାଜିବେ ସମାଜକୁ ଦିଗ୍‌ଦର୍ଶନ ଦେଉଥିବା ଶିକ୍ଷାବିତ୍‌ମାନେ ଯଦି କୁପଥକୁ ଆବୋରି ନେବେ ତେବେ ମାନବ ସଭ୍ୟତା ତିଷ୍ଠିବ କେମିତି? ଆତଙ୍କବାଦୀ ଡାକ୍ତରମାନେ ଗିରଫ ହେବା ପରେ ଭାରତରେ ହ୍ୱାଇଟ୍‌କଲାର ଟେରରିଜିମ୍ ବା ଶିକ୍ଷିତ ଓ ବୁଦ୍ଧିଜୀବୀଙ୍କୁ ଆତଙ୍କବାଦୀ କାର୍ଯ୍ୟକଳାପ ପାଇଁ ପ୍ରୋତ୍ସାହନ ଧାରା ବଢୁଥିବା ସନ୍ଦେହ କରାଯାଉଛି। ହୁଏତ ଆହୁରି ଏପରି ଅନେକ ଡାକ୍ତର, ବୁଦ୍ଧିଜୀବୀ ଆତଙ୍କବାଦୀ କାର୍ଯ୍ୟକଳାପରେ ଲିପ୍ତ ଥିବେ, ଯାହାର ସୂଚନା ମିଳିପାରିନାହିଁ। ଜଣେ ସନ୍ଥ କହିଥିଲେ ଜନ୍ମଜନ୍ମାନ୍ତରର ପୁଣ୍ୟ ବଳରେ ମଣିଷ ଜନ୍ମ ହୁଏ। ଏହି ଜନ୍ମରେ ସତ୍‌କର୍ମ ଓ ସତ୍‌ଚିନ୍ତାରେ ଜଣେ ଦେବତ୍ୱ ଲାଭ କରିପାରିବ। କିନ୍ତୁ ଯଦି କେହି ଦେବତ୍ୱ ବଦଳରେ ଦାନବତ୍ୱକୁ ବାଛି ନିଏ ତାହାକୁ ଲଗାମ ଦେବ କିଏ? କେବଳ ଭାରତ ପାଇଁ ନୁହେଁ, ସମଗ୍ର ବିଶ୍ୱ ପାଇଁ ଚିନ୍ତାଜନକ ହେଉଛି ଧର୍ମାନ୍ଧତା ଓ ଚରମପନ୍ଥୀଙ୍କ ଆଧିପତ୍ୟ ବଢୁଛି।

## ବ୍ୟାଙ୍କ-ବିବାହ


କେନ୍ଦ୍ର ସରକାର ପୁଣି ଥରେ କେତେକ ରାଷ୍ଟ୍ରାୟତ୍ତ ବ୍ୟାଙ୍କର ସମ୍ମିଶ୍ରଣ କରିବାକୁ ଯାଉଛନ୍ତି। କମ୍ପାନୀ ଆଇନ ଭାଷାରେ ଏହି ପ୍ରକ୍ରିୟାକୁ 'ସମ୍ମିଶ୍ରଣ' ନ କହି ବରଂ 'ବିବାହ' କହିବା ଅଧିକ ଠିକ୍ ହେବ। ସୀମିତ ସ୍ଥାନରେ ଏହାର ଯୌକ୍ତିକତା ଦର୍ଶାଇବା ସମ୍ଭବ ନୁହେଁ। ତେବେ ଏତିକି କହିଲେ ବୁଝି ହେବ ଯେ ଏଣିକି ସେହି ବ୍ୟାଙ୍କମାନେ ଗୋଟିଏ ଛାତ ତଳେ ପରିଚାଳିତ ହେଲେ ମଧ୍ୟ ନିଜ ନିଜ ପରିଚୟ ହରାଇବେ ନାହିଁ। ୨୦୨୦ ମସିହାରେ ଏଭଳି ପ୍ରକ୍ରିୟାରେ ୧୦ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କର ବିବାହରେ ଚାରିଟି ବୃହତ୍ ବ୍ୟାଙ୍କ ପରିବାର ଗଠନ ହୋଇଥିଲା।

ବ୍ୟାଙ୍କ ସମ୍ମିଶ୍ରଣ ବା ବିବାହ ପଛର କାରଣ ରୂପେ ସରକାରଙ୍କ ପକ୍ଷରୁ ଦର୍ଶାଯାଇଛି ଯେ ଭାରତୀୟ ବ୍ୟାଙ୍କ ବ୍ୟବସ୍ଥାକୁ ବିଶ୍ୱସ୍ତରୀୟ କରିବା ଲାଗି ଏହା ହିଁ ସମୟର ଆବଶ୍ୟକତା। ଏହାଦ୍ୱାରା ଅର୍ଥନୈତିକ ଭିତ୍ତିଭୂମି ସୁଦୃଢ଼ ହୋଇପାରିବ, ନିବେଶ ସଂପ୍ରସାରିତ ହେବ ଏବଂ ଅଭିବୃଦ୍ଧି ତ୍ୱରାନ୍ୱିତ ହୋଇପାରିବ। କିନ୍ତୁ ଏଥିରେ ଥିବା ମୁଖ୍ୟ ଆହ୍ୱାନ ହେଉଛି ପରିଚାଳନା ଓ ନିଷ୍ପତ୍ତିଗତ ବିଭ୍ରାଟ, ଯେଉଁ କାରଣରୁ ଭାରତୀୟ ବ୍ୟାଙ୍କିଙ୍ଗ ବ୍ୟବସ୍ଥାକୁ ଆଜି ଏହି ସ୍ଥିତି ଦେଇ ଗତି କରିବାକୁ ପଡୁଛି। ଆମ ରାଷ୍ଟ୍ରାୟତ୍ତ ବ୍ୟାଙ୍କିଙ୍ଗ ବ୍ୟବସ୍ଥାର ମୁଖ୍ୟ ସମସ୍ୟା ହେଉଛି ଏନ୍‌ପିଏ ବା ଅନାଦାୟ ଋଣ ବୋଝ। ସରକାରୀ ଚାପରେ ହେଉ ବା ପ୍ରଲୋଭନରେ ବ୍ୟାଙ୍କର ପରିଚାଳନା ମଣ୍ଡଳି ବିନା ଯାଞ୍ଚରେ ଉଦ୍ଦିଷ୍ଟ ନୀତି ନିୟମ ଓ କଟକଣା ଉଲ୍ଲଙ୍ଘନ କରି ହଜାର ହଜାର କୋଟି ଟଙ୍କାର ଋଣ ମଞ୍ଜୁର କରିଚାଲୁଛନ୍ତି। ଏହି ଋଣ ଶୁଝିବା ପାଇଁ ପୁଣି ଥରେ ଋଣ ଦିଆଯାଉଛି। ଏହିପରି ଭାବେ ବ୍ୟାଙ୍କର ଋଣ ବୋଝ ବଢ଼ି ଚାଲୁଛି। ସମ୍ପୃକ୍ତ ଋଣଗ୍ରହୀତା ନିଜକୁ ଦେବାଳିଆ ଘୋଷଣା କରି ବା ଦେଶାନ୍ତର ହୋଇ ଋଣ ପରିଶୋଧ ଜଞ୍ଜାଳରୁ ମୁକ୍ତି ପାଇବାର ବାଟ ଟିଏ ପାଇଯାଉଛି। ଶେଷରେ ବ୍ୟାଙ୍କର ଆର୍ଥିକ ସ୍ଥିତି ବିଗିଡ଼ି ଗଲା ପରେ ଗରିବ ଜନତାଙ୍କ ଟିକସରେ ଗଠିତ ରାଜକୋଷକୁ ସରକାରୀ ପୁଞ୍ଜି ସହାୟତା ଆଳରେ ହଜାର ହଜାର କୋଟି ଟଙ୍କା ରାଷ୍ଟ୍ରାୟତ୍ତ ବ୍ୟାଙ୍କମାନଙ୍କୁ ଦିଆଯାଉଛି। ବିଗତ ଦଶନ୍ଧିରେ କେନ୍ଦ୍ର ସରକାର 'ମିଶନ୍ ଇନ୍ଦ୍ରଧନୁଷ୍' ନାମରେ ପ୍ରାୟ ୫୫ ହଜାର କୋଟି ଟଙ୍କାର ସରକାରୀ ପୁଞ୍ଜି ବିଭିନ୍ନ ରାଷ୍ଟ୍ରାୟତ୍ତ ବ୍ୟାଙ୍କମାନଙ୍କୁ ଦେଇଥିଲେ। କିନ୍ତୁ ସ୍ଥିତିରେ ଉନ୍ନତି ଆସିବା ଦୂରେ ଥାଉ ଏବେ ପୁଣି ଥରେ ସରକାରଙ୍କୁ ବ୍ୟାଙ୍କର ଗଣବିବାହ କରିବାକୁ ପଡୁଛି। ଏହି ଷଡ଼ଯନ୍ତ୍ର କେବଳ ସମ୍ପୃକ୍ତ ଋଣଗ୍ରହୀତାଙ୍କ ଦ୍ୱାରା ଏକାକୀ ସମ୍ଭବ ନୁହେଁ।

ଗୋଟିଏ ଛାତ ତଳେ ଯଦି ଏକାଧିକ ବ୍ୟାଙ୍କର ପ୍ରଦର୍ଶନ ଉତ୍ସାହଜନକ ହେବ ତାହା ସ୍ୱାଗତଯୋଗ୍ୟ। କିନ୍ତୁ ତ୍ରୁଟିପୂର୍ଣ୍ଣ ନୀତିଗତ ନିଷ୍ପତ୍ତି ଓ ପକ୍ଷପାତିତାପୂର୍ଣ୍ଣ ମଞ୍ଜୁରୀ ପ୍ରକ୍ରିୟାକୁ କଠୋର କଟକଣା ଦ୍ୱାରା ନିରୁତ୍ସାହିତ ନ କରିବା ପର୍ଯ୍ୟନ୍ତ ଏହି ମହତ୍ ପରିକଳ୍ପନା ତାହାର ମୂଳ ଲକ୍ଷ୍ୟ ହାସଲ କରିପାରିବ ନାହିଁ।

# ଭାରତ ନୋବେଲ୍‌ରୁ ବଞ୍ଚିତ କାହିଁକି?

ପ୍ରାୟ ଏକ ଶତାବ୍ଦୀ ଧରି ବିଜ୍ଞାନ କ୍ଷେତ୍ରରେ ଭାରତ ନୋବେଲ ପୁରସ୍କାର ବିଜେତା ସୃଷ୍ଟି କରି ପାରିନାହିଁ। ଅଥଚ ବିଡ଼ମ୍ବନା ଏହା ଯେ ବିଦେଶର ନାଗରିକତ୍ୱ ଗ୍ରହଣ କରି ଅନେକ ଭାରତୀୟ ବୈଜ୍ଞାନିକ ଏହି ସମ୍ମାନଜନକ ପୁରସ୍କାର ପାଇବାର ଗୌରବ ଅର୍ଜନ କରିଛନ୍ତି। ଏହି ପ୍ରସଙ୍ଗ ଅନେକ ସମ୍ବେଦନଶୀଳ ଦିଗକୁ ଇଙ୍ଗିତ କରେ, ଯାହା ଉପରେ ଆଜି ବିଚାରବିମର୍ଶ କରିବାର ଆବଶ୍ୟତା ରହିଛି।



ଭାରତୀୟ ବୈଜ୍ଞାନିକମାନେ ନୋବୋଲ୍ ପରି ସମ୍ମାନଜନକ ପୁରସ୍କାରରୁ ବଞ୍ଚିତ ହେବା ପଛରେ ଯେଉଁ କେତେକ ଅଭିଯୋଗ ସାମ୍ନାକୁ ଆସୁଛି, ସେଥିମଧ୍ୟରୁ ପ୍ରମୁଖ ହେଉଛି ଗବେଷଣା ପାଇଁ ଭାରତ ସରକାର ପର୍ଯ୍ୟାପ୍ତ ସମ୍ବଳ ଖର୍ଚ୍ଚ କରନ୍ତି ନାହିଁ। ବାସ୍ତବରେ ଗବେଷଣା ଓ ବିକାଶରେ ସରକାରୀ ପୁଞ୍ଜି ନିବେଶ ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି)ର ଅତିକମରେ ୩ ପ୍ରତିଶତକୁ ବୃଦ୍ଧି ପାଇବା ଆବଶ୍ୟକ। ସାମ୍ପ୍ରତିକ ସ୍ଥିତିରେ ଏହି ସ୍ତର ଭାରତରେ ନୈରାଶ୍ୟଜନକ। ଦ୍ୱିତୀୟ ଅଭିଯୋଗ ହେଉଛି ସୃଜନଶୀଳତା ଉପରେ ସରକାରୀ ହସ୍ତକ୍ଷେପ ଓ ନିୟନ୍ତ୍ରଣ ଯୋଗୁଁ ବିଜ୍ଞାନର ଅନେକ ସ୍ୱନାମଧନ୍ୟ ଅନୁଷ୍ଠାନ ଅମଲାତାନ୍ତ୍ରିକ ଦୁର୍ଗରେ ପରିଣତ ହୋଇଛି। ତୃତୀୟ କାରଣ ହେଉଛି ଆମ ଦେଶରେ ଆଗଧାଡ଼ିରେ ଥିବା ବୈଜ୍ଞାନିକ, ଗବେଷକମାନେ ଅଧସ୍ତନ ବା କନିଷ୍ଠମାନଙ୍କ ମେଧା ଓ ସୃଜନଶୀଳତା ବୃଦ୍ଧି ପାଇଁ ସୁଯୋଗ ଦିଅନ୍ତି ନାହିଁ। ମାର୍ଗଦର୍ଶନ ଓ ନେତୃତ୍ୱ ବଦଳରେ ଅସୂୟାର ପରିବେଶ ସୃଷ୍ଟି କରନ୍ତି, ଯାହା ଫଳରେ ଉଚ୍ଚତର ଗବେଷଣା ଆରମ୍ଭ ହେବା ପୂର୍ବରୁ ବନ୍ଦ ହୋଇଯାଏ। ତେଣୁ ପର୍ଯ୍ୟାପ୍ତ ପାଣ୍ଠି ସହିତ ସ୍ୱଚ୍ଛତା ବିନା ଭାରତରେ ଉଚ୍ଚତର ଗବେଷଣା ଉଧେଇ ପାରିବ ନାହିଁ।

କୃତ୍ରିମ ବୁଦ୍ଧିମତ୍ତା ଆଧାରିତ ଓପନ୍ ଏଆଇର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସାମ୍ ଅଲଟ୍‌ମ୍ୟାନଙ୍କ ଭାରତ ଗସ୍ତ ଅବସରରେ ସାମ୍ବାଦିକମାନେ ତାଙ୍କୁ ଭାରତରେ ଓପନ୍‌ଏଆଇ ଭଳି ଏକ ସଫ୍ଟୱେର ବିକାଶର ସମ୍ଭାବନା ବିଷୟରେ ପଚାରନ୍ତେ ସେ ଯେଉଁ ଉତ୍ତର ଦେଇଥିଲେ ତାହା ଶ୍ରୁତିକଟୁ ହୋଇଥିଲେ ହେଁ ନିଚ୍ଛକ ବାସ୍ତବତା ଓ ନଗ୍ନ ସତ୍ୟ ଆଧାରିତ। ତାଙ୍କର ଉତ୍ତର ଥିଲା ବିଶ୍ୱ ଆଇଟି କ୍ଷେତ୍ରରେ ପ୍ରାଧାନ୍ୟ ବିସ୍ତାର କରିଥିବା ଭାରତୀୟ ପେସାଦାରମାନଙ୍କ ଦକ୍ଷତାକୁ ନେଇ କୌଣସି ସନ୍ଦେହ ନାହିଁ। ଭାରତର ବ୍ୟବସାୟୀ ଜଗତର ଯୁଗୋପଯୋଗୀ ମଡେଲ୍ ଏବଂ ବଜାର ଅର୍ଥନୀତିରେ ନୀତି ନିର୍ଦ୍ଧାରଣରେ ମଧ୍ୟ କୌଣସି ଦୁର୍ବଳତା ନାହିଁ। ଭାରତରେ ମେଧା ଓ ପାଣ୍ଠିର ପର୍ଯ୍ୟାପ୍ତ ସୁଯୋଗ ସତ୍ତ୍ୱେ ଏଆଇ ଭଳି ଏକ ଚାଟ୍‌ବଟ୍ ବିକଶିତ ହେବାର ସମ୍ଭାବନା ଊଣା ପଛର ପ୍ରମୁଖ କାରଣ ହେଉଛି ଏଠାରେ ଗବେଷଣାକୁ ପ୍ରୋତ୍ସାହନ ବଦଳରେ ନିରୁତ୍ସାହିତ କରାଯାଏ। ଆଗକୁ ବଢ଼ିବାର ସୁଯୋଗ ଦେବା ପରିବର୍ତ୍ତେ ବାଟ ଓଗାଳିବାର ହୀନମନ୍ୟତା ଆଧିପତ୍ୟ ବିସ୍ତାର କରି ରହିଛି।

ତେଣୁ ବୈଜ୍ଞାନିକ ଓ ଗବେଷଣା ବ୍ୟବସ୍ଥାରେ ସରକାର ଯେତିକି ଦାୟୀ ତତୋଧିକ ଦାୟୀ ବରିଷ୍ଠ ଶିକ୍ଷାବିତମାନେ। ଏହା ଗୋଟିଏ ଦେଶର ନେତୃତ୍ୱ ଓ ଦୂରଦୃଷ୍ଟିର ଅଭାବକୁ ଇଙ୍ଗିତ କରେ। ଏ କ୍ଷେତ୍ରରେ ହୋମି ଭାଭା ଓ ବିକ୍ରମ ସରଭାଇ ଜଣେ ଜଣେ ବିରଳ ଉଦାହରଣ। ଭାରତୀୟ ବିଜ୍ଞାନ ଗବେଷଣାର ଆଉ ଏକ ନକାରାତ୍ମକ ଦିଗ ହେଲା ବୈଜ୍ଞାନିକମାନଙ୍କ ନିଯୁକ୍ତି ପ୍ରକ୍ରିୟା। ଭାରତରେ ପ୍ରତିଭାବାନ ବୈଜ୍ଞାନିକମାନଙ୍କର ଅଭାବ ନାହିଁ। କିନ୍ତୁ ସେମାନଙ୍କ ମଧ୍ୟରୁ ଅନେକଙ୍କ ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତା ନଥିବାରୁ ଗବେଷଣା କ୍ଷେତ୍ରରେ ପ୍ରବେଶ କରିପାରୁନାହାନ୍ତି କି ନବାଗତମାନଙ୍କୁ ଦିଗ୍‌ଦର୍ଶନ ଦେଇପାରୁନାହାନ୍ତି। ଭାରତର ମିଶାଇଲ୍ ମ୍ୟାନ୍ ଭାବେ ପରିଚିତ ପୂର୍ବତନ ରାଷ୍ଟ୍ରପତି ଭାରତରତ୍ନ ଡ. ଏ ପିଜେ ଅବ୍‌ଦୁଲ୍ କାଲାମ୍‌ଙ୍କୁ ମଧ୍ୟ ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତା ଅଭାବରୁ ଭାରତର ଏକ ବିଶ୍ୱବିଦ୍ୟାଳୟରେ ପଢ଼ାଇବାର ସୁଯୋଗ ମିଳିନଥିଲା। ସେତେବେଳକୁ ଡ. କାଲାମ୍ ମିଶାଇଲ୍ ଟେକ୍‌ନୋଲଜିର ଉତ୍କର୍ଷ ସୋପାନରେ ପହଞ୍ଚି ସାରିଥିଲେ ଏବଂ ସେହି ଜ୍ଞାନକୁ ସେ ନବାଗତଙ୍କ ମଧ୍ୟରେ ବାଣ୍ଟିବାକୁ ଚାହୁଁଥିଲେ।

ବୈଜ୍ଞାନିକ ବା ଶିକ୍ଷାବିତ୍‌ଙ୍କୁ ନିଯୁକ୍ତି ବେଳେ ଯେଉଁ ମାନଦଣ୍ଡ ବା ମାର୍ଗଦର୍ଶିକା ଅନୁସରଣ କରାଯାଏ ତାହାକୁ ନେଇ ମଧ୍ୟ କେତେକ ଗବେଷକ ପ୍ରଶ୍ନ ଉଠାଇଛନ୍ତି। ପ୍ରାର୍ଥୀ ଚୟନ ଓ ନିଯୁକ୍ତିରେ ପ୍ରତିପତ୍ତି, ସରକାରୀ ଚାପ, ଆଞ୍ଚଳିକତା ଏବଂ ଅର୍ଥନୈତିକ ପୃଷ୍ଠପୋଷକତା ଅଯଥା ଓ ଅନାବଶ୍ୟକ ଗୁରୁତ୍ୱ ବହନ କରେ। ଗବେଷଣାଗୁଡ଼ିକ ମଧ୍ୟ ପାରମ୍ପରିକ ଏବଂ ପୂର୍ବଲିଖିତ ଏକ ଧାରାର କେବଳ ପୁନରାବୃତ୍ତି ମାତ୍ର। ଜଣେ ଗବେଷକ ନିଜ ଇଚ୍ଛା କିମ୍ବା ପସନ୍ଦ ଅନୁଯାୟୀ ଗବେଷଣା ପାଇଁ ଏକ ବିଷୟ ଚୟନ କରିପାରିବ ନାହିଁ କି ଗବେଷଣାର ନୂଆ ମାର୍ଗରେ ଯାଇପାରିବ ନାହିଁ। ଅଲିଖିତ ନିୟମ 'ବସ୍ ଇଜ୍ ଅଲ୍‌ୱେଜ୍ ରାଇଟ୍' ଅନୁଯାୟୀ ଗାଇଡ୍ ଦେଇଥିବା ବିଷୟ ଏବଂ ଦେଖାଇଥିବା ମାର୍ଗରେ ଚାଲିବାକୁ ବାଧ୍ୟ। ନତୁବା ଗବେଷଣା ପୂର୍ଣ୍ଣ ହୋଇପାରିବ ନାହିଁ।

ଜଣେ ଯୁବ ବୈଜ୍ଞାନିକ ଏକ ପ୍ରତିଷ୍ଠିତ ପ୍ରତିଷ୍ଠାନରେ ପହଞ୍ଚିବା ପରେ ମଧ୍ୟ ତା'ର ସଂଘର୍ଷ ଶେଷ ହୁଏ ନାହିଁ। ସେମାନଙ୍କୁ ପ୍ରାୟତଃ ପ୍ରତ୍ୟେକ ଉପକରଣ, ପ୍ରତ୍ୟେକ ଛାତ୍ର ଏବଂ ପ୍ରତିଟି ମୁହୂର୍ତ୍ତରେ ନିଜ ସ୍ଥାନ ସୁଦୃଢ଼ କରିବା ପାଇଁ ଲଢ଼ିବାକୁ ପଡ଼ିଥାଏ। ଯୁଗୋପଯୋଗୀ ଗବେଷଣା ପାଇଁ ବ୍ୟବହୃତ ମୂଲ୍ୟବାନ ସମୟ କେବଳ ଆଭ୍ୟନ୍ତରୀଣ ରାଜନୀତି ଓ ପକ୍ଷପାତିତା ସହିତ ସାଲିସ୍ କରିବା ପାଇଁ ଅଭ୍ୟସ୍ତ ହେବାରେ ବିନିଯୋଗ ହୁଏ। ଏଭଳି ବ୍ୟବସ୍ଥାରେ ଜଣେ ଯୁବ ବୈଜ୍ଞାନିକଙ୍କ ସ୍ୱପ୍ନ ହିଁ ମରିଯାଏ ଏବଂ ପ୍ରେରଣା ହଜିଯାଏ। ପ୍ରକାଶନ, ପୁରସ୍କାର ପାଇଁ ଦୌଡ଼ ଭିତରେ ଗବେଷଣାର ମୂଳ ଲକ୍ଷ୍ୟ ସୁଦୂରପ୍ରସାରୀ ହୋଇଯାଏ।

ଭାରତୀୟ ଶିକ୍ଷାକ୍ଷେତ୍ରରେ କିଏ କେତେ ସଫଳ ତା'ର ମାନଦଣ୍ଡ ନିର୍ଦ୍ଧାରଣ ଗବେଷଣାର ବିଷୟବସ୍ତୁ ଚୟନ ଏବଂ ତା'ର ପ୍ରାସଙ୍ଗିକତା ଦ୍ୱାରା ନୁହେଁ, ବରଂ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶନ ପରିମାଣ, ପ୍ରାୟୋଜିତ / ସଂଗୃହୀତ ପୁରସ୍କାର/ପଦକ ସଂଖ୍ୟା ଦ୍ୱାରା କରାଯାଏ। ଅନେକ ଜାତୀୟ ଏକାଡେମୀ ଏବଂ ସଂସ୍ଥା ପ୍ରତିବର୍ଷ ବିଭିନ୍ନ ପ୍ରକାରର ଫେଲୋସିପ୍, ପଦକ ଓ ପୁରସ୍କାର ବଣ୍ଟନ କରୁଥିବାରୁ ବୈଜ୍ଞାନିକମାନେ ଗବେଷଣା ବଦଳରେ ଉଦ୍ଧୃତି, ସମିତି ଓ ସମାରୋହକୁ ଅଧିକ ଗୁରୁତ୍ୱ ଦେଉଥା'ନ୍ତି। ଭାରତୀୟ ବ୍ୟବସ୍ଥା ନବସୃଜନ ବଦଳରେ ଦୃଶ୍ୟମାନତାକୁ ପୁରସ୍କୃତ କରେ। ବୈଜ୍ଞାନିକ/ ଗବେଷକମାନଙ୍କୁ ପ୍ରାୟତଃ ଏହି ଦୌଡ଼ରେ ସ୍ୱେଚ୍ଛାକୃତ ଭାବରେ କିମ୍ବା ପରୋକ୍ଷ ଚାପ ଦ୍ୱାରା ଅଂଶଗ୍ରହଣ କରିବାକୁ ବାଧ୍ୟ କରାଯାଏ। ଯେଉଁମାନେ ଏହି ଧାରାରେ ସାମିଲ୍ ହେବାକୁ ମନା କରିଦିଅନ୍ତି ସେମାନେ ତା'ର ପରାଭବ ଭୋଗନ୍ତି। ଏଭଳି ସ୍ଥିତିରେ ନୋବେଲ୍ ସ୍ତରୀୟ ଗବେଷଣା କଥା ଚିନ୍ତା କରିବ କିଏ ଓ କେତେବେଳେ?

ଭାରତୀୟ ବିଜ୍ଞାନ ଓ ଗବେଷଣାକୁ ନୋବେଲ୍‌ସ୍ତରୀୟ କରିବାକୁ ହେଲେ ଏବେ 'ଜେନ୍ ଜେଡ୍' ପିଢ଼ି ହିଁ ବିଶାଳ ସମ୍ଭାବନା ଭରା ଆଶାର ଆଲୋକ ରୂପେ ଦୃଶ୍ୟମାନ ହେଉଛନ୍ତି। ତେଣୁ ସେମାନଙ୍କୁ ସମସ୍ୟା ସମାଧାନ ସହିତ ନୀତି ନିର୍ଦ୍ଧାରଣରେ ନେତୃତ୍ୱ ନେବାର ସୁଯୋଗ ଦେବା ଆବଶ୍ୟକ। ଆମ ବରିଷ୍ଠ ପେସାଦାରମାନେ କୌଣସି ନୂତନ ପରିବର୍ତ୍ତନକୁ ସବୁବେଳେ ଭୟ କରନ୍ତି। ବରିଷ୍ଠମାନଙ୍କର ଜ୍ଞାନ ଓ ଅଭିଜ୍ଞତା ଅମୂଲ୍ୟ ହେଲେ ମଧ୍ୟ ପ୍ରଗତି ପାଇଁ ନୂତନ ଚିନ୍ତାଧାରା ଓ ବୈଶ୍ୱିକ ଦୃଷ୍ଟିକୋଣ ସହିତ କନିଷ୍ଠମାନଙ୍କ ସହିତ ସହଭାଗିତା ଆବଶ୍ୟକ। ଏବେ ଗବେଷଣା ସ୍ତରରେ ଅନେକ ପଦବୀ ଖାଲି ପଡ଼ିଛି। ସେସବୁର ଉପଯୁକ୍ତ ଯୋଗ୍ୟତା ଆଧାରରେ ପୂରଣ ହେବା ଆବଶ୍ୟକ। ଏହା ଭାରତର ନୋବେଲ୍ ପୁରସ୍କାର ଜିତିବା ପାଇଁ ନିର୍ଣ୍ଣାୟକ ସାବ୍ୟସ୍ତ ହୋଇପାରେ।

ଗତ କିଛି ବର୍ଷ ହେଲା ମୌଳିକ ଓ ଅନୁସୃଜନ ଗବେଷଣା, ଷ୍ଟାର୍ଟ-ଅପ୍ ଏବଂ ନବସୃଜନକୁ ପ୍ରୋତ୍ସାହିତ କରିବା ପାଇଁ ସରକାର ପ୍ରଶଂସନୀୟ ପଦକ୍ଷେପ ନେଇଛନ୍ତି। ଗବେଷଣାରେ ନିବେଶକୁ ବିସ୍ତାର ନ କଲେ ତାହା ମୂଲ୍ୟହୀନ ହୋଇପଡ଼ିବ। ଯେପର୍ଯ୍ୟନ୍ତ ପ୍ରଚଳିତ ବ୍ୟବସ୍ଥାକୁ ଭାଙ୍ଗି ସ୍ୱଚ୍ଛ ନିଯୁକ୍ତି, ଯୋଗ୍ୟତା-ଆଧାରିତ ପାଣ୍ଠି ଏବଂ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ସହିତ ବଦଳାଯାଇ ନାହିଁ, ସେପର୍ଯ୍ୟନ୍ତ ଭାରତ ସମ୍ଭାବନାର ଦେଶ ହୋଇ ରହିବ, ଆବିଷ୍କାର କିମ୍ବା ଉଦ୍‌ଭାବନର ନୁହେଁ।

(ସୌଜନ୍ୟ: ଇଣ୍ଡିଆନ୍ ଏକ୍ସପ୍ରେସ୍)

# ଭାଷାର ଲଢ଼େଇ, ଅସ୍ତିତ୍ୱର ଲଢ଼େଇ

ଡ. ବିକ୍ରମ ବିରୁଳି

'ହୋ' ଭାଷା ସମ୍ବିଧାନର ୮ମ ଅନୁସୂଚୀରେ କାହିଁକି ଏ ପର୍ଯ୍ୟନ୍ତ ସ୍ଥାନ ପାଇ ନାହିଁ? ଏହି ପ୍ରଶ୍ନର ଉତ୍ତର ଖୋଜିବା ଏବଂ ଦାବି ଉପସ୍ଥାପନ କରିବା ବେଳେ ଏହା ଉଲ୍ଲେଖ କରିବା ଜରୁରୀ ଯେ ଏହା ଏକ ଅଧିକାର, ଦାନ ନୁହେଁ। ୱାରାଂଚିତିର ଇତିହାସଠାରୁ ଜାତୀୟ ପରିଚୟ ପର୍ଯ୍ୟନ୍ତ 'ହୋ' ଭାଷାକୁ ସମ୍ବିଧାନିକ ସ୍ୱୀକୃତି ଏକ ନ୍ୟାଯ୍ୟ ଦାବି।



ଭାରତର ସମ୍ବିଧାନ ଯେପରି ଅନେକତାରେ ଏକତାର କବଚ, ସେପରି ଭାଷା ଏକ ଜାତିର ଆତ୍ମା। ଭାଷା ରହିଲେ ଇତିହାସ ରହେ, ସ୍ମୃତି ରହେ, ପରିଚୟ ରହେ। ତେଣୁ 'ହୋ' ଭାଷାକୁ ୮ମ ଅନୁସୂଚୀ ତାଲିକାରେ ସାମିଲ କରିବା ଅନୁଗ୍ରହ କିମ୍ବା ରାଜନୈତିକ ଭିକ୍ଷା ନୁହେଁ, ସାମ୍ବିଧାନିକ ଅଧିକାର। ଆଜି 'ହୋ' ଭାଷା କେବଳ ଗୃହଭାଷା ନୁହେଁ ଶିକ୍ଷା, ଲିପି, ଆଧୁନିକ ପ୍ରଯୁକ୍ତି ଓ ଡିଜିଟାଲ ମାଧ୍ୟମରେ ବିଶ୍ୱ ଦରବାରରେ ପଦାର୍ପଣ କରିସାରିଛି। ୫୦ ଲକ୍ଷରୁ ଅଧିକ ମାତୃଭାଷୀ ଲୋକ ରହିଥିବା ଏହି ଭାଷାକୁ ଅବହେଳା କରିବା ଇତିହାସ ଓ ନ୍ୟାୟ ପ୍ରତି ଅପମାନ। ୮ମ ଅନୁସୂଚୀରେ ସାମିଲ ହେବା ଆଦିବାସୀମାନଙ୍କ ପାଇଁ ପୁରସ୍କାର ନୁହେଁ, ଏହା ଭାରତର ସଂଘଟିତ ନ୍ୟାୟର ପ୍ରତୀକ।

୧୯୪୨ ମସିହାରେ ୩୨ ଗୋଟି ଅକ୍ଷର ବିଶିଷ୍ଟ 'ୱାରାଂଚିତି' ଲିପିକୁ ଅତ୍ ଗୁରୁ କୋଲ୍ ଲାକୋ ବଦ୍ରା ଆବିଷ୍କାର କରିଥିଲେ। ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ୧୯୭୬ରେ ସାକ୍ଷାତ କରି ହୋ ଭାଷା ଓ ୱାରାଂଚିତି ଲିପିର ସରକାରୀ ମାନ୍ୟତା ପାଇଁ ଅନୁରୋଧ କରିଥିଲେ। ଝାଡ଼ଖଣ୍ଡ ସରକାର ୨୦୦୩ରେ ଏବଂ ଓଡ଼ିଶା ସରକାର ୨୦୧୧ ଓ ୨୦୧୯ ରେ ହୋ ଭାଷା ସମେତ ୱାରଂଚିତି ଲିପିର ସରକାରୀ ମାନ୍ୟତା ପାଇଁ କେନ୍ଦ୍ର ସରକାରଙ୍କୁ ସୁପାରିସ କରିଛନ୍ତି। ୨୦୧୧ ମସିହାରୁ ଝାଡ଼ଖଣ୍ଡ ସରକାର ହୋ ଭାଷାକୁ ଦ୍ୱିତୀୟ ରାଜଭାଷା ରୂପରେ ମାନ୍ୟତା ପ୍ରଦାନ କରିଛନ୍ତି ଏବଂ ବିଭିନ୍ନ ସରକାରୀ ସ୍ତରରେ ବ୍ୟବହାର କରାଯାଉଛି।

୨୦୧୯ ରେ ପ୍ରଥମ କରି ବିଶାଳ ଗଣଧାରଣା ଦିଲ୍ଲୀ ଜନ୍ତରମନ୍ତରରେ ହେଇଥିଲା ଏବଂ ବର୍ତ୍ତମାନ ସୁଦ୍ଧା ପଞ୍ଚମ ଥର ଦିଲ୍ଲୀରେ ହୋ ଭାଷାକୁ ନେଇ ଗଣଧାରଣ ଚାଲି ଆସୁଛି। ଏହିଭଳି ଭାବରେ ହୋ ମାନଙ୍କର ସଂଗ୍ରାମ ସରି ନାହିଁ ଏବଂ ଦେଖିବାକୁ ବାକି ରହିଲା କେନ୍ଦ୍ର ସରକାର କେବେ ଆଦିବାସୀ ଭାଷାକୁ ସଂରକ୍ଷଣ କରୁଛନ୍ତି। ଏକ ଭାଷା ୮ମ ସୂଚୀରେ ସ୍ଥାନ ପାଇଲେ ସର୍ବଭାରତୀୟ ପ୍ରଶାସନିକ ସେବା ଓ ରାଜ୍ୟସ୍ତରୀୟ ଲୋକସେବା ଆୟୋଗ ଦ୍ୱାରା ପରିଚାଳିତ ପରୀକ୍ଷାରେ ଏକ ବିଷୟ ଭାବେ ସାମିଲ୍ ହୋଇପାରିବ, ସରକାରୀ ନିଯୁକ୍ତିରେ ଏହି ଭାଷାକୁ ଆଧାର ରୂପେ ଗ୍ରହଣ କରାଯିବ, ପାଠ୍ୟକ୍ରମରେ ସାମିଲ୍ ହେବାର ବାଟ ଫିଟିବ ଏବଂ ଡିଜିଟାଲ ଓ ଏଆଇରେ ଉପଯୋଗ ହୋଇପାରିବ।

ଆଜିର ଦିନରେ ଯଦି ଏହି ଭାଷାକୁ ସାମ୍ବିଧାନିକ ମାନ୍ୟତା ମିଳିବ ନାହିଁ ତେବେ ଆଗାମୀ ପିଢ଼ି ନିଜ ପରିଚୟ ହରାଇବେ। ନୀତି ନିର୍ଦ୍ଧାରକମାନେ ଭୁଲିଯିବା ଉଚିତ ହେବ ନାହିଁ ଯେ ବିକାଶ ମାନବକୁ ବଞ୍ଚାଏ, କିନ୍ତୁ ଭାଷା ମାନବତାକୁ ବଞ୍ଚାଏ। ହୋ ଭାଷା ଆଜି ଏଆଇ, ମୋବାଇଲ୍ ଆପ୍, ଡିଜିଟାଲ ଆର୍କାଇଭ୍, ୟୁନିକୋଡ୍‌ରେ ସଫଳ ଭାବେ ବ୍ୟବହୃତ ହୋଇପାରୁଛି। ଆଞ୍ଚଳିକ ଭାଷାର ସୁରକ୍ଷା ଦିଗରେ ବୈଷୟିକ ଜ୍ଞାନକୌଶଳ ଏକ କବଚ ହୋଇଥିବା ବେଳେ ଏହାର ଉପଯୋଗରେ ହୋ ଭାଷାକୁ ଆହୁରି ବିକଶିତ କରାଯାଇପାରିବ।

ଭାଷା ମରିଗଲେ ଜନଜାତି ମରିଯାଏ। ଆଜିର ଲଢ଼େଇ କେବଳ ଏକ ଆଇନ ମାମଲା ନୁହେଁ, ଏହା ପରିଚୟର, ଆତ୍ମସମ୍ମାନର ଓ ଭବିଷ୍ୟତର ଲଢ଼େଇ। ଭାରତର ମାଟିରେ ପ୍ରତ୍ୟେକ ସ୍ୱରର ମୂଲ୍ୟ ଅଛି। ଆମର ଭାଷା ରହିବା ଦରକାର। କାରଣ ଆମ ଜାତିର ଅନେକ କଥା ଅକୁହା ରହିଯାଇଛି।

କପ୍ତିପଦା(ମୟୂରଭଞ୍ଜ), ମୋ: ୯୭୮୧୫୭୭୮୨୮

# ତୋଟା ଗୋପୀନାଥ ମନ୍ଦିର ଓ ମଠ

## ଲୋକକଥାରେ ଲୋକଦେବତା

ସ୍ୱପ୍ନେଶ୍ୱର

୧୫୧୦ ମସିହାରେ ଚୈତନ୍ୟ ମହାପ୍ରଭୁ ଶ୍ରୀକ୍ଷେତ୍ରରେ ପଦାର୍ପଣ କଲେ। ତାଙ୍କର ହଜାର ହଜାର ଅନୁଗାମୀ ତାଙ୍କୁ ଶ୍ରୀକୃଷ୍ଣଙ୍କର ଅବତାର ମାନ୍ୟ କରୁଥିଲେ। ସେମାନଙ୍କ ଭିତରୁ ଅନେକ ତାଙ୍କ ସାଙ୍ଗରେ ଶ୍ରୀକ୍ଷେତ୍ର ଆସିଥିଲେ ଏବଂ ଆଉ କେତେକ ତାଙ୍କ ପରେ ଆସି ପହଞ୍ଚିଲେ। ଗଦାଧର ପଣ୍ଡିତ ସେମାନଙ୍କ ଭିତରୁ ଜଣେ ଥିଲେ।

ଆଗେ ଯମେଶ୍ୱର ମନ୍ଦିର ନିକଟରେ ଏକ ଆମ୍ବ ତୋଟା ଥିଲା। ସେ ତୋଟାକୁ 'ଯମେଶ୍ୱର ତୋଟା' କୁହା ଯାଉଥିଲା। ଦିନେ ଚୈତନ୍ୟ ମହୋଦଧିରେ ସ୍ନାନ କରି ଯମେଶ୍ୱର ତୋଟା ଦେଇ ଫେରୁଥିଲେ। ସାଙ୍ଗରେ ଗଦାଧର ପଣ୍ଡିତ ଥିଲେ। ଚୈତନ୍ୟ ତୋଟା ଭିତର ଦେଇ ଆସୁଥିବା ବେଳେ ଇତସ୍ତତଃ ହୋଇ କିଛି ଖୋଜିଖୋଜି ହଠାତ୍ ଗୋଟିଏ ଯାଗାରେ ଠିଆ ହୋଇଗଲେ। ସେ ଯାଗାରୁ ବାଲି ମୁଠାଏ ଆଣି ମୁଣ୍ଡରେ ଲଗେଇଲେ। ତା'ପରେ ସେଠାରେ ବସି ପଡ଼ି ଦୁଇ ହାତରେ ବାଲି ଖୋଳିବାକୁ ଲାଗିଲେ। ଏ ସବୁ ଦେଖି ଗଦାଧର ପଣ୍ଡିତ ଆଶ୍ଚର୍ଯ୍ୟ ହୋଇ ପଚାରିଲେ- 'କ'ଣ କିଛି ଖୋଜୁଥିଲେ କି ମହାପ୍ରଭୁ?' - 'ହଁ। ଏଇଠି ମାଟି ତଳେ ଏକ ମହାର୍ଘ ପଦାର୍ଥ ଲୁଚି ରହିଛି। ସେ ଜିନିଷ ପାଇଗଲେ ତା'କୁ ତୁମକୁ ଅର୍ପଣ କରିଦେବି। ସେ ପଦାର୍ଥର ଦାୟିତ୍ୱ ନେବା ପାଇଁ ଏକା ତୁମେ ହିଁ ଯୋଗ୍ୟ ମଣିଷ।' ଚୈତନ୍ୟ ଉତ୍ତର ଦେଲେ। ବେଶ୍ କିଛି ସମୟ ଖୋଳିବା ପରେ ବାଲି ତଳୁ ଶ୍ରୀକୃଷ୍ଣଙ୍କର ଏକ ଦିବ୍ୟ ମନୋହର ମୂର୍ତ୍ତି ବାହାରିଲେ। ଶ୍ରୀଚୈତନ୍ୟ ମୂର୍ତ୍ତିଙ୍କୁ ସେହି ତୋଟାରେ ପ୍ରତିଷ୍ଠା କଲେ ଏବଂ ତାଙ୍କର ପୂଜାର୍ଚ୍ଚନା ଦାୟିତ୍ୱ ଗଦାଧର ପଣ୍ଡିତଙ୍କୁ ଅର୍ପଣ କଲେ। ଚୈତନ୍ୟ ସେ ଠାକୁରଙ୍କର ନାମ ଗୋପୀନାଥ ରଖିଥିଲେ ଏବଂ ତୋଟାରେ ପ୍ରତିଷ୍ଠିତ ହୋଇଥିବାରୁ 'ତୋଟା ଗୋପୀନାଥ' ନାମରେ ବିଖ୍ୟାତ ହେଲେ।

କ୍ରମଶଃ ତୋଟା ଗୋପୀନାଥଙ୍କ ପାଇଁ ଏକ ମନ୍ଦିର ନିର୍ମିତ ହେଲା। ଗଦାଧର ପଣ୍ଡିତ ଭକ୍ତି ଓ ସମର୍ପଣ ଭାବ ନେଇ ଠାକୁରଙ୍କ ପୂଜାର୍ଚ୍ଚନା କରିବାକୁ ଲାଗିଲେ। ଠାକୁରଙ୍କର ଦୈନିକ ଅଷ୍ଟପ୍ରହରୀ ସେବା ପୂଜା କରିବା ପାଇଁ ମନ୍ଦିର ନିକଟରେ ଏକ ଛୋଟ ଆଶ୍ରମ ନିର୍ମାଣ କରି ସେଠାରେ ରହିଲେ। ଥରେ ନିତ୍ୟାନନ୍ଦ ମହାପ୍ରଭୁ ଗଦାଧର ପଣ୍ଡିତଙ୍କ ପାଖରେ ଆସି ପହଞ୍ଚିଲେ। ସେତେବେଳକୁ ପଣ୍ଡିତେ ଗୋପୀନାଥ ଠାକୁରଙ୍କ ପାଖରେ ଭାଗବତ ପାଠ କରୁଥିଲେ। ତାଙ୍କ କଣ୍ଠରୁ ଭାଗବତ ପାଠ ଶୁଣି ନିତ୍ୟାନନ୍ଦ ମୁଗ୍ଧ ହେଲେ ଏବଂ ତାଙ୍କ ସହ କିଛି ଦିନ ପାଇଁ ଆଶ୍ରମରେ ରହିଗଲେ। ଦୁହେଁ ଅପାର ଭକ୍ତିର ସହ ଗୋପୀନାଥଙ୍କର ଆରାଧନା ଓ ଶାସ୍ତ୍ର ଆଲୋଚନା କରି ଦିନ କାଟିଲେ।

ଶୁଣାଯାଏ ଗଦାଧର ପଣ୍ଡିତ ଖର୍ବକାୟ ଥିଲେ। ଗୋପୀନାଥଙ୍କର ଦଣ୍ଡାୟମାନ ବିଗ୍ରହ ସିଂହାସନ ଉପରେ ବିରାଜମାନ କରୁଥିଲେ। ତେଣୁ ପୂଜାର୍ଚ୍ଚନା ସମୟରେ ଛଡ଼ା ମାଳ ଉଲାଗି କରିବା ଏବଂ ନୂତନ ମାଳ ପିନ୍ଧେଇବା ବେଳେ ପଣ୍ଡିତେ ବହୁତ ଅସୁବିଧାର ସମ୍ମୁଖୀନ ହେଉଥିଲେ। କାଠ ଘୋଡ଼ା ଉପରେ ଚଢ଼ି ଏହି ନିତ୍ୟକର୍ମ କରୁଥିବା ବେଳେ ବେଳେବେଳେ ପଡ଼ିଯାଉ ଥିଲେ। ତେଣୁ ଦିନେ ସେ ତା'ର କିଛି ଗୋଟେ ପ୍ରତିକାର କରିବା ପାଇଁ ଗୋପୀନାଥଙ୍କୁ ପ୍ରାର୍ଥନା କଲେ। ତା'ପରଦିନ ସକାଳେ ଗଦାଧର କବାଟ ଖୋଲି ପୂଜା ପାଇଁ ଭିତରକୁ ପଶି ଦେଖିଲେ ପୂର୍ବ ଦିନ ପର୍ଯ୍ୟନ୍ତ ଯେଉଁ ବିଗ୍ରହ ସିଂହାସନ ଉପରେ ଦଣ୍ଡାୟମାନ ହୋଇଥିଲେ ସେ ଦିନ ସେ ସିଂହାସନରେ ପଦ୍ମାସନରେ ବସିଥିଲେ। ଗଦାଧର ପ୍ରଭୁଙ୍କର ଅପାର କରୁଣା ଲାଭ କରି ଥିବାରୁ ଆନନ୍ଦରେ କାନ୍ଦି ପକେଇଲେ ଏବଂ ସିଂହାସନ ସମ୍ମୁଖରେ ସାଷ୍ଟାଙ୍ଗ ହୋଇ ପଡ଼ିଗଲେ। ତା'ପରେ ଖର୍ବକାୟ ଗଦାଧରଙ୍କୁ ମାଳ ଉଲାଗି କରିବା ଓ ପିନ୍ଧେଇବାରେ କୌଣସି ଅସୁବିଧା ହେଲା ନାହିଁ।

ଏ କଥାଟା ଶ୍ରୀକ୍ଷେତ୍ର ଓ ବଙ୍ଗ ଭକ୍ତମହଲରେ ବ୍ୟାପି ଗଲା। ତୋଟା ଗୋପୀନାଥ ମନ୍ଦିର ଓ ମଠକୁ ଶହ ଶହ ଭକ୍ତଙ୍କର ସୁଅ ଛୁଟିଲା। ଭକ୍ତମାନଙ୍କର ପୃଷ୍ଠପୋଷକତାରେ ମନ୍ଦିର ଓ ଆଶ୍ରମର କଳେବର ବଢ଼ିବାକୁ ଲାଗିଲା ଏବଂ ସେ ଆଶ୍ରମ 'ତୋଟା ଗୋପୀନାଥ ମଠ' ନାମରେ ବିଖ୍ୟାତ ହେଲା।

ଚୈତନ୍ୟ ମହାପ୍ରଭୁଙ୍କ ପାଇଁ ତୋଟା ଗୋପୀନାଥ ଥିଲେ ଜୀବନ୍ତ ବିଗ୍ରହ। ସେ ପ୍ରାୟ ସବୁଦିନ ଗୋପୀନାଥଙ୍କୁ ଦର୍ଶନ କରି ଗଦାଧର ପଣ୍ଡିତଙ୍କ ସହ ସତ୍‌ସଙ୍ଗ କରୁଥିଲେ। ନିଜର ଶେଷ ସମୟ ଉପସ୍ଥିତ ହେବା ଜାଣି ସେ ଗୋପୀନାଥଙ୍କ ଶ୍ରୀଅଙ୍ଗରେ ଲୀନ ହୋଇଯିବା ପାଇଁ ନିଷ୍ପତ୍ତି ନେଇଥିଲେ ବୋଲି ଅନେକ ବିଶ୍ୱାସ କରନ୍ତି। 'କି କରବ କୋଥାୟ ଯାବ ବାକ୍ୟ ନାହିଁ ସ୍ଫୁରେ, ହାରାଇଲାମ ଶ୍ରୀଚୈତନ୍ୟ ଗୋପୀନାଥେର ଘରେ।'

ମୋ: ୯୯୦୦୦୮୩୪୩୩

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ସକାଳ
THE SAKALA



## ଅବଶିଷ୍ଟାଂଶ

### ଖୋଲୁଛି ଷଡ଼ଯନ୍ତ୍ର...

ସିସିଟିଭି ଫୁଟେଜରୁ ସ୍ପଷ୍ଟ ଦେଖାଯାଉଛି । ଉମର ତିନି ଘଣ୍ଟା ଧରି କାର ଚଳାଉଥିବା ଜଣାପଡ଼ିଛି । ବିସ୍ଫୋରଣ ବେଳେ ସେ ଓ ଅନ୍ୟ ଦୁଇ ଜଣ ବ୍ୟକ୍ତି କାର ଭିତରେ ଥିଲେ ବୋଲି କୁହାଯାଉଛି । ତେବେ ଏହା ଆତ୍ମଘାତୀ ବିସ୍ଫୋରଣ କି ନାହିଁ, ସେ ନେଇ ସ୍ପଷ୍ଟ ହୋଇନାହିଁ । ଦିଲ୍ଲୀ ପୁଲିସର ଜଣେ ଅଧିକାରୀ କହିଛନ୍ତି ଯେ ଆତ୍ମଘାତୀ ବିସ୍ଫୋରଣରେ ପ୍ରାୟତଃ ଜଣେ କି ଦୁଇ ଜଣ ସଂପୃକ୍ତ ଥାଆନ୍ତି । ତିନି ଜଣ ସଂପୃକ୍ତ ଥିବାର ନଜିର ନାହିଁ । ସେ କହିଛନ୍ତି ଯେ ଉକ୍ତ ବିସ୍ଫୋରକ ଲଦେଇ ଅନ୍ୟ କୌଣସି ସ୍ଥାନକୁ ନେଇ ବିସ୍ଫୋରଣ କରାଇବାକୁ ଯୋଜନା ଥିଲା । କିନ୍ତୁ କାର ଟ୍ରାଫିକରେ ଫସିବା ପରେ ହଠାତ୍ ବିସ୍ଫୋରଣ ହୋଇଥିଲା ।

ଦିଲ୍ଲୀ ପୁଲିସର ଆଉ ଜଣେ ଅଧିକାରୀ କହିଛନ୍ତି ଯେ ବିଭିନ୍ନ ସ୍ଥାନରେ ଆତଙ୍କବାଦୀମାନେ ଆକ୍ରମଣ ଲାଗି ଯୋଜନା ଚଳାଉଥିବା ବେଳେ ମିଳିତ ଅପରେସନରେ ୪ ଜଣ ଡାକ୍ତର ଧରାପଡ଼ିଥିଲେ । ସେଥିରେ ଅଲ ଫଲାହ ମେଡିକାଲ କଲେଜର ତିନି ଜଣ ଡାକ୍ତର ମଧ୍ୟ ଥିଲେ । ଏହି ଅଭିଯାନରେ ଆତଙ୍କିତ ହୋଇପଡ଼ି ଡାକ୍ତର ଉମର ତରବରିଆ ଭାବେ ଏମିତି ଆତ୍ମଘାତୀ ବିସ୍ଫୋରଣ କରିଥିବା ସନ୍ଦେହ କରାଯାଉଛି । ଗତକାଲି ଏହି ମେଡିକାଲ କଲେଜର ତିନି ଜଣ ଡାକ୍ତର ଧରାପଡ଼ିଥିଲେ, ସେମାନଙ୍କ ସହିତ ଡାକ୍ତର ଉମରର ଘନିଷ୍ଠତା ଥିଲା । ଉମର ସଂପର୍କରେ ସୂଚନା ମିଳିବା ପରେ ଦିଲ୍ଲୀ ଓ କଶ୍ମୀର ପୁଲିସ ଆଜି ପୁଲୱାମା ଯାଇ ତା ଘର ଚଢ଼ାଉ କରିଥିଲେ । ପୁଲିସ ଉମରର ଦୁଇ ଭାଇଙ୍କୁ ଅଟକ ରଖି ପଚରାଉଚରା କରୁଥିବା ବେଳେ ତାର ମାଆଙ୍କର ଡିଏନଏ ପରୀକ୍ଷା କରାଯାଉଛି । ଗତକାଲିର ବିସ୍ଫୋରଣରେ ଉମର ମରିଛି ନା ଫେରାର ଅଛି, ତାହା ଡିଏନଏ ରିପୋର୍ଟରୁ ସ୍ପଷ୍ଟ ହେବ । ଉମର ବିଷୟରେ ସେମାନଙ୍କୁ ପଚରାଉଚରା କରାଯାଉଥିବା ଜଣାପଡ଼ିଛି । ପରିବାର ପକ୍ଷରୁ କୁହାଯାଉଛି ଯେ ତିନି ଦିନ ହେଲା ଉମର ଘରକୁ ଆସି ନ ଥିଲା । ତିନି ଦିନ ଧରି ସେ ଆତ୍ମଗୋପନ କରିଥିଲା ବୋଲି ପୁଲିସ ସନ୍ଦେହ କରୁଛି ।

ଇତିମଧ୍ୟରେ ଦିଲ୍ଲୀ ପୁଲିସ ଏକ ଟିମ୍ ଆଜି ସକାଳେ ଫରିଦାବାଦ ଅଲ ଫଲାହ ମେଡିକାଲ କଲେଜ ଯାଇ ସିସିଟିଭି ଫୁଟେଜର ଛାନଭିନ୍ କରିବା ସହିତ ଡାକ୍ତର, କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କୁ ପଚରାଉଚରା କରିଛି । ଏହାସହିତ ଏହି ମାମଲାରେ ସଂପୃକ୍ତି ଥିବା ସନ୍ଦେହରେ ଆଉ ତିନି ଜଣ ଡାକ୍ତରଙ୍କୁ ଗିରଫ କରାଯାଇଛି । ଗତକାଲି ଏହି କଲେଜର ତିନି ଜଣ ଡାକ୍ତରଙ୍କୁ ଗିରଫ କରାଯାଇଥିଲା । ସେମାନଙ୍କ ମଧ୍ୟରୁ ଡାକ୍ତର ମୁଜାମ୍ମିଲ ଘରୁ ୨୯୦୦ କେଜି ବିସ୍ଫୋରକ ମିଳିଥିଲା । ମୁଜାମ୍ମିଲର ଘନିଷ୍ଠ ସହଯୋଗୀ ଥିଲା ଡାକ୍ତର ଉମର । ଫରିଦାବାଦରୁ ବିସ୍ଫୋରକ ଧରାପଡ଼ିବା ପରେ ପୁଲିସ ପକ୍ଷରୁ କୁହାଯାଉଥିଲା ଯେ ଏକ ବଡ଼ ଧରଣର ଆତଙ୍କବାଦୀ ଆକ୍ରମଣ ଯୋଜନାକୁ ପଣ୍ଡ କରିଦିଆଯାଇଛି । କିନ୍ତୁ ଏହାର କିଛି ସମୟ ପରେ ଲାଲକିଲ୍ଲା ନିକଟରେ କାର ବିସ୍ଫୋରଣ ହୋଇଥିଲା । ଇତିମଧ୍ୟରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଗତକାଲିର ବିସ୍ଫୋରଣରେ ମୃତାହତଙ୍କ ପରିବାର ପାଇଁ ଅନୁକମ୍ପା ରାଶି ଘୋଷଣା କରିଛନ୍ତି । ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଲେଖାଏଁ ସହାୟତା ଦିଆଯିବ । ସ୍ଥାୟୀ ରୂପେ ବିକଳାଙ୍ଗ ହୋଇଥିବା ବ୍ୟକ୍ତିଙ୍କୁ ୧୦ ଲକ୍ଷ ଏବଂ ଗୁରୁତର ଆହତଙ୍କୁ ୫ ଲକ୍ଷ ଲେଖାଏଁ ଟଙ୍କା ମିଳିବ ।

### ଏନ୍‌ଡିଏ ସପକ୍ଷରେ...

ଏହାକୁ ଅତି ବେଶିରେ ୫ଟି ଆସନ ମିଳିପାରେ ବୋଲି କୁହାଯାଉଛି । ଦୈନିକ ଭାସ୍କର ଆକଳନ ଅନୁଯାୟୀ ଏନଡିଏକୁ ୧୪୫ରୁ ୧୬୦, ମହାମେଣ୍ଟକୁ ୭୩ରୁ ୯୧ ଏବଂ ଜନ ସୁରାଜ ପାର୍ଟିକୁ ୫ଟି ଆସନ ମିଳିପାରେ । ପିପୁଲ୍ସ ଇନସାଇଟ୍ ସର୍ଭେ କହୁଛି ଯେ ଏନଡିଏ ଅଂଶୀଦାର ବିଜେପିକୁ ୬୮ରୁ ୭୨, ଜେଡିୟୁକୁ ୫୫ରୁ ୬୦ ଏବଂ ଏଲଜେପିକୁ ୯ରୁ ୧୨ ଆସନ ମିଳିପାରେ । ସେହିଭଳି ମହାମେଣ୍ଟ ଅଂଶୀଦାର ଆରଜେଡିକୁ ୬୫ରୁ ୭୨, କଂଗ୍ରେସକୁ ୯ରୁ ୧୩ ଏବଂ ବାମପନ୍ଥୀଙ୍କୁ ୧୧ରୁ ୧୪ଟି ପର୍ଯ୍ୟନ୍ତ ଆସନ ମିଳିପାରେ । ସୂଚନାଯୋଗ୍ୟ ଯେ ଏବେ ରାଜ୍ୟ ବିଧାନସଭାରେ ଏନଡିଏର ୧୩୧ଟି ସଭ୍ୟ ଥିବା ବେଳେ ଏହାର ଅଂଶୀଦାର ବିଜେପିର ୮୦ ଏବଂ ଜେଡିୟୁର ୪୫ ବିଧାୟକ ଅଛନ୍ତି । ସେହିଭଳି ମହାମେଣ୍ଟର ୧୧୧ ସଭ୍ୟ ଥିବା ବେଳେ ଅଂଶୀଦାର ଆରଜେଡିର ୭୭, କଂଗ୍ରେସର ୧୯ ଏବଂ ୧୫ ଜଣ ବାମପନ୍ଥୀ ବିଧାୟକ ଅଛନ୍ତି ।

### ନୂଆପଡ଼ାରେ ୮୧.୪୫%...

ଅଭିଯୋଗକୁ ଅଧିକ ଖୋରାକ ଯୋଗାଇଛି । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ସନ୍ଧ୍ୟା ୫ଟା ସୁଦ୍ଧା ଭୋଟଦାନ ପ୍ରକ୍ରିୟା ଶେଷ ହୋଇଛି । ପୋଲିଂ ଅଧିକାରୀମାନଙ୍କୁ ନେଇ ମତଦାନ କେନ୍ଦ୍ରକୁ ଯାଉଥିବା ସମସ୍ତ ୮ଟି ହେଲିକପ୍ଟର ନିଜର ଗନ୍ତବ୍ୟ ସ୍ଥାନକୁ ଫେରି ଆସିଥିବା ବେଳେ ସମସ୍ତ ବୁଥରେ ମତଦାନ ପ୍ରକ୍ରିୟା ସମାପ୍ତ ହୋଇଛି । କେତେକ ସ୍ଥାନରେ ଇଭିଏମରେ ଯାନ୍ତ୍ରିକ ତ୍ରୁଟି କାରଣରୁ ସେଠାରେ ତୁରନ୍ତ ସମାଧାନ କରାଯାଇଥିଲା । ବିଶେଷକରି ମକ୍ ପୋଲ ବେଳେ ଯାନ୍ତ୍ରିକ ତ୍ରୁଟି ଦେଖାଯିବା କାରଣରୁ ତିନୋଟି ବାଲାଟ ୟୁନିଟ(ବିୟୁ) ଏବଂ ତିନୋଟି କଣ୍ଟ୍ରୋଲ ୟୁନିଟ(ସିୟୁ) ତୁରନ୍ତ ବଦଳାଯାଇଥିଲା । ପରେ ମତଦାନ ଆରମ୍ଭ ହେବା ପରେ ଖରିଆର ରୋଡର ମଙ୍ଗୋରାପଲ୍ଲୀ ବୁଥ ନମ୍ବର ୭୬ରେ ଇଭିଏମରେ ସମସ୍ୟା ଦେଖାଦେଇଥିବା ବେଳେ ଏହାର ତୁରନ୍ତ ସମାଧାନ କରାଯାଇଥିବା ନେଇ ସିଇଓଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଥିଲା । ସେହିପରି ବୁଥ ନମ୍ବର ୨୪୬, ବୁଥ ନମ୍ବର ୨୯୮, ବୁଥ ନମ୍ବର ୮୦, ବୁଥ ନମ୍ବର ୨୯୮ରେ ଇଭିଏମ ଏବଂ ଏହାର କେତେକ ଅଂଶ ସଠିକ୍ ଭାବେ କାର୍ଯ୍ୟ ନକରିବାକୁ ଏହାକୁ ତୁରନ୍ତ ପରିବର୍ତ୍ତନ କରାଯାଇଛି ବୋଲି ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି ।

ଅପରପକ୍ଷେ ନୂଆପଡ଼ା ନିର୍ବାଚନମଣ୍ଡଳୀର ଏକାଧିକ ବୁଥରେ ବିଜେପି କର୍ମୀମାନେ ନିର୍ବାଚନ ଆଚରଣ ବିଧିର ଉଲ୍ଲଂଘନ ନେଇ ପ୍ରମାଣ ସହ ସଙ୍ଗୀନ ଅଭିଯୋଗ ଆଣିଛନ୍ତି ବିଜେଡି ଓ କଂଗ୍ରେସ । ବିଶେଷକରି ବୁଥ ପରିସର ମଧ୍ୟରେ ଛତିଶଗଡ଼ ଓ ଅନ୍ୟାନ୍ୟ ସ୍ଥାନରୁ ଲୋକ ଅଣାଯାଇ ସେମାନଙ୍କୁ ନକଲି ପରିଚୟ ପତ୍ର ଦେଇ ବିଜେପି ସପକ୍ଷରେ ଭୋଟଦାନ କରାଯାଇଛି ବୋଲି ବିରୋଧୀ ରାଜନୈତିକ ଦଳଗୁଡ଼ିକ ଅଭିଯୋଗ କରିଛନ୍ତି । ସେହିପରି ଇଭିଏମରେ ଗୋଟିଏ ଦଳର ପ୍ରାର୍ଥୀଙ୍କୁ ଭୋଟ ଦେଲା ବେଳେ ଏହା ବିଜେପି ପ୍ରାର୍ଥୀଙ୍କ ସପକ୍ଷରେ ଯିବା ଏବଂ ବିଜେପି ବୁଥ ମଧ୍ୟରେ ଭୋଟରଙ୍କୁ ଟିଫିନ ବାଣ୍ଟି ସେମାନଙ୍କୁ ପ୍ରଲୋଭିତ କରିବାକୁ ଚେଷ୍ଟା କରିବା, ବୁଥ୍ ରିଗିଂ କରାଯାଇ ଅନ୍ୟର ଭୋଟ ବିଜେପି ସପକ୍ଷରେ ଦିଆଯାଇଥିବା ବିରୋଧୀ ଅଭିଯୋଗ କରିଛନ୍ତି ।

### ସିବିଆଇ ତଦନ୍ତ...

ଘଟଣାର ତଦନ୍ତ ଆରମ୍ଭ କରିବା ପରେ ପର୍ଯ୍ୟାୟକ୍ରମେ ସିଲିକନ୍ ମୁଖ୍ୟ ସୁରେଶ ନାୟକ, ପଞ୍ଚସପ୍ଟ ମୁଖ୍ୟ ଶଙ୍କର ପୃଷ୍ଟି, ତା'ର ସହଯୋଗୀ ମୁନ୍ନା ମହାନ୍ତି ଓ ଅନ୍ୟ କେତେକ ଦଲାଲଙ୍କୁ ଗିରଫ କରିଥିଲା । ମୁଖ୍ୟମନ୍ତ୍ରୀ ସିବିଆଇ ତଦନ୍ତ ନିମନ୍ତେ ସୁପାରିସ କରିଥିଲେ ଓ ଏହା ମଧ୍ୟରେ କ୍ରାଇମବ୍ରାଞ୍ଚ ସମଗ୍ର ଘଟଣାରେ ସୁରେଶ ନାୟକ ଓ ଶଙ୍କର ପୃଷ୍ଟିକୁ ଦାୟୀ କରିଛି । ମାତ୍ର ପୁଲିସ ଏସ୍ଆଇ ପରୀକ୍ଷା ନିମନ୍ତେ ଗଠିତ ଓପିଆର୍‌ବି ଓ ପରୀକ୍ଷା ପରିଚାଳନା ଦାୟିତ୍ୱ ନେଇଥିବା ଆଇଟିଆଇକୁ ଏ ଯାଏ ତଦନ୍ତ ପରିସରଭୁକ୍ତ କରାଯାଇ ନାହିଁ । ଅନ୍ୟପକ୍ଷରେ ସିଲିକନ୍ ଟେକ୍‌ଲାବ୍ ମୁଖ୍ୟ ସୁରେଶ ନାୟକ ଆଇଟିଆଇରୁ କିପରି ସବ୍‌ଲେଟ୍ ପାଇଲେ ଓ ଏହା ପଛରେ କେଉଁ ଉଚ୍ଚ ଅଧିକାରୀମାନଙ୍କ ଭୂମିକା ରହିଛି ତାହା ଅସ୍ପଷ୍ଟ । ତେବେ ଏହି ତଦନ୍ତରୁ ଦୁର୍ନୀତିର ଚେର ଆନ୍ଧ୍ର ପ୍ରଦେଶ, ପଶ୍ଚିମବଙ୍ଗ ସହିତ ଅନ୍ୟାନ୍ୟ ରାଜ୍ୟକୁ ବ୍ୟାପୀ ଥିବାର ସନ୍ଦେହ କରାଯାଉଛି । ଏଥିରେ ଆନ୍ତରାଜ୍ୟ ସଂଗଠିତ କ୍ରିମିନାଲ ଗ୍ୟାଙ୍ଗର ସଂପୃକ୍ତି ଥିବା କୁହାଯାଉଛି ।

ଅପରପକ୍ଷରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ଯେ ପୁଲିସ ଚାକିରି ବିକ୍ରି ଘଟଣାର ଉପଯୁକ୍ତ ବିସ୍ତୃତ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାର ସିବିଆଇ ତଦନ୍ତ ପାଇଁ କେନ୍ଦ୍ର ସରକାରଙ୍କୁ ସୁପାରିଶ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧକୁ ଗ୍ରହଣ କରି କେନ୍ଦ୍ର ସରକାର ଏହାର ସିବିଆଇ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଘଟଣାରେ ଦୁର୍ନୀତି ପାଇଁ ହୋଇଥିବା ଉଦ୍ୟମ, ପ୍ରୋତ୍ସାହନ ଓ ଷଡଯନ୍ତ୍ର ସମ୍ପର୍କରେ ସିବିଆଇ ତଦନ୍ତ କରିବ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ।

### ଟ୍ରାକ୍ଟର୍ ମଡ଼ାଇ...

ସୂଚନାନୁଯାୟୀ, ମେରଘରାଗ୍ରାମର ଲାଲୁ ଭଇଁସାଲ ପ୍ରତିଦିନ ଭଳି ନିଜର ଟ୍ରାକ୍ଟର୍ ଡାଲାକୁ ଗତକାଲି ନିଜ ଘର ସାମ୍ନାରେ ରଖିଥିଲେ । ରାତି ପ୍ରାୟ ୧୨ଟାରେ ସମସ୍ତେ ଶୋଇଥିବା ବେଳେ ୪ରୁ ୫ଜଣ ଦୁର୍ବୃତ୍ତ ଅନ୍ୟ ଏକ ଟ୍ରାକ୍ଟର୍‌ରେ ତାଙ୍କ ଡାଲାକୁ ଯୋଡ଼ି ଚୋରି କରିନେଉଥିଲେ । ଏହା ଜାଣିପାରି ଲାଲୁଙ୍କ ଦାଦା ହରିଶଙ୍କର ଉଠିପଡ଼ିଥିଲେ । ତାଙ୍କ ପାଟି ଶୁଣି ଲାଲୁଙ୍କ ପୁଅ ସତ୍ୟମ୍ ମଧ୍ୟ ଉଠି ପଡ଼ିଥିଲା । ପରେ ଏକ ବାଇକ୍‌ରେ ଦୁହେଁ ଦୁର୍ବୃତ୍ତମାନଙ୍କୁ ପିଛା କରିଥିଲେ । ବ୍ରାହ୍ମଣଛେଣ୍ଡିଆ ଗାଁ ନିକଟରେ ସେମାନେ ଦୁର୍ବୃତ୍ତଙ୍କ ଟ୍ରାକ୍ଟରକୁ ଓଭରଟେକ୍ କରି ଗାଡ଼ି ଅଟକାଇଥିଲେ । ହେଲେ ଦୁର୍ବୃତ୍ତମାନେ ଦୁହିଁଙ୍କ ଉପରେ ଟ୍ରାକ୍ଟର୍ ମଡ଼ାଇ ଦେଇ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲେ । ପରେ ସେମାନେ କିଛି ଦୂରରେ ରାସ୍ତାକଡ଼ରେ ଚୋରି ଟ୍ରାକ୍ଟର୍ ଡାଲାକୁ ଛାଡ଼ି ପଳାଇଥିଲେ । ଅପରପକ୍ଷେ କିଛି ସ୍ଥାନୀୟ ଲୋକ ଗୁରୁତର ଜେଜେ-ନାତିଙ୍କୁ ଧର୍ମଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ । ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ଦୁହିଁଙ୍କୁ ଭବାନୀପାଟଣାସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ହରିଶଙ୍କରଙ୍କ ମୃତ୍ୟୁ ହୋଇଯାଇଥିଲା । ସତ୍ୟମଙ୍କୁ ସଂକଟାପନ୍ନ ଅବସ୍ଥାରେ କଟକ ସ୍ଥାନାନ୍ତର କରାଯାଇଥିଲା । ହେଲେ ସେଠାରେ ମଧ୍ୟ ଚିକିତ୍ସାଧୀନ ଅବସ୍ଥାରେ ସତ୍ୟମଙ୍କ ମୃତ୍ୟୁ ହୋଇଯାଇଥିଲା ।

ଏହି ଖବର ଜଣାପଡ଼ିବା ପରେ ଗାଁରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା । ଉତ୍ତ୍ୟକ୍ତ ଲୋକେ ଶବଦ୍ୱୟକୁ ଧର୍ମଗଡ଼-ଜୁନାଗଡ଼ ମୁଖ୍ୟ ରାସ୍ତାରେ ରଖି ଅବରୋଧ କରିଥିଲେ । ହତ୍ୟାକାରୀଙ୍କୁ ତୁରନ୍ତ ଚିହ୍ନଟ କରି ଗିରଫ ଦାବିରେ ଶହଶହ ଗ୍ରାମବାସୀ ରାସ୍ତା ଉପରେ ବସି ରହିବାରୁ ଏହି ବାଟ ଦେଇ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା । ଘଟଣାସ୍ଥଳରେ ଧର୍ମଗଡ଼ ତହସିଲଦାର କୀର୍ତ୍ତିଚନ୍ଦ୍ର ପଧାନ ଓ ଏସ୍‌ଡିପିଓ ଡୋଳାମଣି ଭୋଇ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିବା ସହ ରେଡ୍‌କ୍ରସ ପାଣ୍ଠିରୁ କ୍ଷତିପୂରଣ ରାଶି ଯୋଗାଇଦେବା ଓ ଅଭିଯୁକ୍ତଙ୍କୁ ତୁରନ୍ତ ଚିହ୍ନଟ କରିବା ନେଇ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା ।

## ବିଜେଡିର ସାଂଘାତିକ ଅଭିଯୋଗ
# ବୁଥରେ ଚାପ ପକାଇଛନ୍ତି ବିଜେପି କର୍ମୀ

ଭୁବନେଶ୍ୱର,୧୧।୧୧(ସମିସ): ନୂଆପଡ଼ା ଉପନିର୍ବାଚନ ପାଇଁ ମତଦାନ ଶେଷ ହୋଇଛି । ମାତ୍ର ଭୋଟ ଗ୍ରହଣ ଦିନ ବି ଆଦର୍ଶ ଆଚରଣ ବିଧିକୁ ମାନି ନାହିଁ ବିଜେପି । ବିଜେପି କର୍ମୀମାନେ ବୁଥ ଭିତରେ ପଶି ଜୟ ଢୋଲକିଆଙ୍କୁ ଭୋଟ ଦେବା ପାଇଁ ଲୋକଙ୍କ ଉପରେ ବଳପୂର୍ବକ ଚାପ ପକାଇଛନ୍ତି ବୋଲି ବିଜେଡି ଅଭିଯୋଗ କରିଛି । ସେହିପରି ମତଦାନ କେନ୍ଦ୍ର ଆଗରେ ବିଜେପି କର୍ମୀମାନେ ଭୋଟରଙ୍କୁ ଖାଦ୍ୟ ପୁଡିଆ ଦେଇ ପ୍ରଭାବିତ କରୁଥିବା ସଂକ୍ରାନ୍ତରେ ଅଭିଯୋଗ କରିଛନ୍ତି ନୂଆପଡ଼ା ଜିଲ୍ଲା ବିଜେଡି ସଭାପତି ଅବନୀ ଯୋଶୀ । ବିଜେଡି ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ.ଲେନିନ୍ ମହାନ୍ତି କହିଛନ୍ତି ଯେ ଭୋଟ ଗ୍ରହଣ ଚାଲିଥିବା ବେଳେ ନୀତି ନିୟମ ଓ କଟକଣାକୁ ବିଜେପି ନେତା ଓ କର୍ମୀ ଆଦୌ ନାହାନ୍ତି । ବୁଥ ଭିତରେ ବଳପୂର୍ବକ ଉପସ୍ଥିତ ରହି ଭୋଟରଙ୍କୁ ଭୟଭୀତ କରି ଜୟ ଢୋଲକିଆଙ୍କ ସପକ୍ଷରେ ଭୋଟ ଦେବା ପାଇଁ ସେମାନେ ଚାପ ପକାଇଛନ୍ତି । ଖରିଆର ରୋଡ ଏନଏସିରେ ଥିବା ବୁଥ୍ ନଂ ୩,୪,୫,୧୩,୧୪,୧୫ ଆଗରେ ଏପରି ସାଙ୍ଘାତିକ ଚିତ୍ର ସାମ୍ନାକୁ ଆସିଛି । ସେଠାରେ ଉପସ୍ଥିତ ସରକାରୀ ଅଧିକାରୀ ସବୁ ଦେଖି ବି କୌଣସି କାର୍ଯ୍ୟାନୁଷ୍ଠାନ ନେଇନାହାନ୍ତି । ବିଜେପି ପ୍ରାର୍ଥୀଙ୍କୁ ସୁହାଇବା ଭଳି କାର୍ଯ୍ୟରେ ସେମାନେ ଲିପ୍ତ ଥିଲେ । ତେଣୁ ଏହା ଉପରେ ତୁରନ୍ତ ପଦକ୍ଷେପ ନିଆଯିବା ଜରୁରୀ । ଅପରପକ୍ଷେ ନୂଆପଡ଼ା ଜିଲ୍ଲା ବିଜେଡି ସଭାପତି ଅବନୀ ଯୋଶୀ ଅଭିଯୋଗ କରିଛନ୍ତି ଯେ ନୂଆପଡ଼ାର ସବୁ ବୁଥ ଆଗରେ ବିଜେପି ନେତା ଓ କର୍ମୀମାନେ ଷ୍ଟଲ ଲଗାଇ ଭୋଟ ଦେବା ପାଇଁ ଆସୁଥିବା ଲୋକଙ୍କୁ ଟିଫିନ୍ ପୁଡିଆ ଧରାଇ ବିଜେପି ପ୍ରାର୍ଥୀ ଜୟ ଢୋଲକିଆଙ୍କୁ ଭୋଟ ଦେବା ପାଇଁ କହୁଛନ୍ତି । ଖାଦ୍ୟ ପୁଡିଆ ଦେଇ ସେମାନଙ୍କୁ ବିଭ୍ରାନ୍ତ କରାଯାଉଛି । ଆଦର୍ଶ ଆଚାର ବିଧିର ଏହା ଖୋଲା ଉଲ୍ଲଂଘନ । ଏପରି ଏକ ଗୁରୁତର ଓ ସମ୍ବେଦନଶୀଳ ମାମଲାରେ କାର୍ଯ୍ୟାନୁଷ୍ଠାନ ପାଇଁ ଶ୍ରୀ ଯୋଶୀ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିବା ଜଣାପଡ଼ିଛି । ବିଜେପିର ଏହି ନିନ୍ଦନୀୟ କାର୍ଯ୍ୟକୁ ନୂଆପଡ଼ାର ସଚେତନ ନାଗରିକ, ଉଚିତ୍ ଜବତ ଦେବେ ବୋଲି ବିଜେଡି ନେତୃବୃନ୍ଦ କହିଛନ୍ତି ।

### ନିଃସର୍ତ୍ତ କ୍ଷମା ମାଗିଲେ...

ପ୍ରକାଶଥାଉକି ଏହି ମାମଲାରେ ବ୍ରହ୍ମପୁର ଏସପିଙ୍କ ପକ୍ଷରୁ ପୂର୍ବରୁ ଏକ ଲିଖିତ ଜବାବ ଦାଖଲ କରାଯାଇଥିଲେ ମଧ୍ୟ ସତ୍ୟପାଠ ଜରିଆରେ ଏହାକୁ ଦାଖଲ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ । ପୀତବାସ ପଣ୍ଡା ହତ୍ୟା ଘଟଣା ସହ ଏହି ନିର୍ବାଚନୀ ମକଦ୍ଦମାର ସମ୍ପର୍କ ରହିଥିବା ନେଇ ଏକ ସାମ୍ବାଦିକ ସମ୍ମିଳନୀରେ ଏସପି ମନ୍ତବ୍ୟ ଦେଇଥିବା ନେଇ ଦାଖଲ ସତ୍ୟପାଠରେ ସ୍ୱୀକାର କରିଛନ୍ତି । ଏଭଳି ମନ୍ତବ୍ୟ ପ୍ରଦାନ ପାଇଁ ଦୁଃଖ ପ୍ରକାଶ ସହ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରି ଅଦାଲତଙ୍କ ଅବମାନନାର କିଛି ଉଦ୍ଦେଶ୍ୟ ନଥିଲା ବୋଲି ଏସପି ଅଦାଲତଙ୍କୁ ଅବଗତ କରିଛନ୍ତି ।

ମାମଲାରୁ ପ୍ରକାଶ ଯେ ପୀତବାସ ପଣ୍ଡା ହତ୍ୟା ଘଟଣା ପର୍ଦ୍ଦାଫାସକୁ ନେଇ ବ୍ରହ୍ମପୁର ଏସପି କରିଥିବା ଏକ ସାମ୍ବାଦିକ ସମ୍ମିଳନୀରେ ହତ୍ୟା ଘଟଣା ସହ ଉପରୋକ୍ତ ନିର୍ବାଚନୀ ମକଦ୍ଦମାର ସଂଯୋଗ ରହିଥିବା କହିଥିଲେ । ବ୍ରହ୍ମପୁର ବିଧାୟକଙ୍କ ବିରୋଧରେ ଦାୟର ଏହି ନିର୍ବାଚନୀ ମକଦ୍ଦମାକୁ ପୀତବାସ ପଣ୍ଡା ହତ୍ୟା ଘଟଣାର ଅଭିଯୁକ୍ତ ଶିବଶଙ୍କର ଦାସ ହିଁ ନିଜ ବାସଭବନରେ କାମ କରୁଥିବା ଜଣେ ସହାୟକଙ୍କ ନାମରେ ଦାଖଲ କରିଥିଲେ । ନିର୍ବାଚନ ମକଦ୍ଦମା ପାଇଁ ଆଇନଗତ ଖର୍ଚ୍ଚ ଓ ଓକିଲାତି ଫି' ବିକ୍ରମ ପଣ୍ଡା ଭରଣା କରୁଥିଲେ ବୋଲି ଏସପି ଗଣମଧ୍ୟମ ସମ୍ମୁଖରେ କହିଥିଲେ । ଏକ ହତ୍ୟା ଘଟଣା ସହ ଏହି ବିଚାରାଧୀନ ନିର୍ବାଚନୀ ମକଦ୍ଦମାକୁ ଯୋଡ଼ିବା ଅଦାଲତ ଅବମାନନା ବୋଲି ଦର୍ଶାଇ ଆବେଦନକାରୀ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏପରିକି ସେ ଦର୍ଶାଇଥିଲେ ଯେ ଗତ ୨୦୨୫ଅକ୍ଟୋବର୨୨ରେ ଘରକୁ ଫେରୁଥିବା ବେଳେ କିଛି ପୁଲିସ କର୍ମଚାରୀ ସାଦା ପୋଷାକରେ ରହି ତାଙ୍କୁ ବ୍ରହ୍ମପୁର ପୁଲିସ ବାରାକକୁ ଉଠାଇନେଇଥିଲେ । ଏପରିକି ସେଠାରେ ଅଟକ ରଖି ବିଧାୟକଙ୍କ ନାମରେ କାହିଁକି ନିର୍ବାଚନୀ ମକଦ୍ଦମା ଦାୟର କରିଛ ବୋଲି ପଚରାଉଚୁରା କରିଥିଲେ । ଉକ୍ତ ଘଟଣାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରି ଏସପିଙ୍କ ସ୍ପଷ୍ଟୀକରଣ ମାଗିବା ସହ ବ୍ୟକ୍ତିଗତ ହାଜିରା ନିର୍ଦ୍ଦେଶ ଦେଇଥିଲେ ।

### ଡିସେମ୍ବର ୧୭ରେ...

ଜୁଲାଇ ୨୦ରେ ହେବାକୁ ଥିବା ପରୀକ୍ଷାକୁ ସ୍ଥଗିତ ରଖାଯାଇଥିଲା । ପରେ ତରବରିଆ ଭାବେ ଅଗଷ୍ଟ ୩୧ରେ ପରୀକ୍ଷା ପାଇଁ ବିଜ୍ଞପ୍ତି ଜାରି କରାଯାଇଥିଲା । ଏହାକୁ ମଧ୍ୟ ସ୍ଥଗିତ ରଖାଯାଇଥିଲା । ଓଟିଇଟି ପ୍ରଶ୍ନପତ୍ର ଲିକ୍ ଘଟଣାରେ ବୋର୍ଡର ପ୍ରାକ୍ତନ ଉପସଭାପତି ନୀହାର ମହାନ୍ତି ଓ ଡାଟା ଏଣ୍ଟ୍ରି ଅପରେଟର୍ ଜିତନ ମହାରଣାଙ୍କ ସମେତ ମୋଟ ୮ଜଣଙ୍କୁ ଗିରଫ କରିଥିଲା କ୍ରାଇମବ୍ରାଞ୍ଚ । ଅଭିଯୁକ୍ତମାନଙ୍କ ଜାମିନ ଖାରଜ ପରେ ସେମାନେ ଏବେ ବି ଜେଲରେ ରହିଛନ୍ତି ।


यूनियन बैंक ऑफ इंडिया Union Bank of India
भारत सरकार का उपक्रम · A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ: ବ୍ରହ୍ମପୁର**
ଗାୟତ୍ରୀ ସେଣ୍ଟ୍ରାଲ୍ ପ୍ଲାଜା, ଟାଟା ବେଞ୍ଜ ସ୍କୋୟାର ନିକଟ, ବ୍ରହ୍ମପୁର-୭୬୦୦୦୧, ଓଡ଼ିଶା, ଫୋନ୍: ୦୬୮୦-୨୨୨୫୨୭୨

**ମେଗା ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

**ସ୍ଥାବର/ ଅସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି**

**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍ଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ସ୍ଥାବର / ଅସ୍ଥାବର ସମ୍ପତ୍ତିଗୁଡ଼ିକର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି ।**

ଏତଦ୍ୱାରା ସମୂହଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ କରି ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)**ଙ୍କ ଦ୍ୱାରା ବ୍ୟାଙ୍କ ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର / ଅସ୍ଥାବର ସମ୍ପତ୍ତିଗୁଡ଼ିକୁ ଗଠନାତ୍ମକ / ସାଙ୍କେତିକ/ ଭୌତିକ ଦଖଲକୁ ନେଇଛନ୍ତି ଏବଂ ନିମ୍ନସ୍ୱାକ୍ଷରକାରୀ ଋଣଗ୍ରହୀତା / ଗ୍ୟାରେଣ୍ଟିଦାତାମାନଙ୍କଠାରୁ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି"** ଭିତ୍ତିରେ **ତା.୨୮.୧୧.୨୦୨୫ରିଖ ମଧ୍ୟାହ୍ନ ୧୨.୦୦ ଘଟିକା ଠାରୁ ଅପରାହ୍ନ ୫.୦୦ ଘଟିକା** ମଧ୍ୟରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ସ୍ଥିର କରିଛନ୍ତି । ସମ୍ପତ୍ତିଗୁଡ଼ିକର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନରେ ପ୍ରଦାନ କରାଗଲା ।

| କ୍ର. ନଂ. | ଶାଖା / ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତା/ବନ୍ଧକଦାତା/ କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟମାନଙ୍କ ନାମ ଓ ଠିକଣା / ବକେୟା ଦେୟ | ନିଲାମ ହେବାକୁ ଥିବା ସମ୍ପତ୍ତିଗୁଡିକର ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ରାଶି/ ବିଡ୍ ବୃଦ୍ଧି ପରିମାଣ |
|---|---|---|---|
| ୧. | **ବେଲଗୁଣ୍ଠା ଶାଖା, ଫୋନ୍: ୭୦୦୮୫୧୭୬୮୭ /** ୧) **କୈଳାସ ଚନ୍ଦ୍ର ଶତପଥୀ,** ପିତା: କୃପାସିନ୍ଧୁ ଶତପଥୀ, ୨) **ବାସନ୍ତୀ ଶତପଥୀ,** ସ୍ୱାମୀ: କୈଳାସ ଚନ୍ଦ୍ର ଶତପଥୀ, ୩) **ଲକ୍ଷ୍ମୀକାନ୍ତ ଶତପଥୀ,** ପିତା: କୈଳାସ ଚନ୍ଦ୍ର ଶତପଥୀ, ସମସ୍ତଙ୍କ ଠିକଣା- ସା: କୁମ୍ଭାପଡା, ଭାୟା: ଜଗନ୍ନାଥପ୍ରସାଦ, ଗଞ୍ଜାମ, ଓଡ଼ିଶା-୭୬୧୧୨୧ / **ମୋଟ ବକେୟା: ୩୧.୦୩.୨୦୨୧ ସୁଦ୍ଧା ଟ.୨୦,୯୩,୦୧୧.୪୪** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | ବାସନ୍ତୀ ଶତପଥୀଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୫୬୮୯ ଏବଂ ୫୬୯୦, ଖାତା ନଂ.: ୧୩୨୧/୧୬୯, ରେଭିନ୍ୟୁ ମୌଜା: କୁମ୍ଭାପଡା, ତହସିଲ: ଜଗନ୍ନାଥପ୍ରସାଦ, ଜିଲ୍ଲା: ଗଞ୍ଜାମ, କ୍ଷେତ୍ର: ଏକର ୦.୦୬୯ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ବାସନ୍ତୀ ଶତପଥୀଙ୍କ ଗୃହ, ପଶ୍ଚିମ: ହାଡିଆ ନାୟକ ଏବଂ ନକୁଳ ନାୟକଙ୍କ ଜମି, ଉତ୍ତର: ରାସ୍ତା, ଦକ୍ଷିଣ: ଦାଶରଥି ନାୟକଙ୍କ ଜମି | ଟ.୨୨,୧୯,୦୦୦/- / ଟ. ୨,୨୨,୦୦୦/- / ଟ. ୨୨,୫୦୦/- |
| ୨. | **ବେଲଗୁଣ୍ଠା ଶାଖା, ଫୋନ୍: ୭୦୦୮୫୧୭୬୮୭ /** ୧) **ରବିନ୍ଦ୍ରନାଥ ସେଠୀ,** ପିତା: ଖଦାଳ ସେଠୀ, ସ୍ଥାୟୀ ଠିକଣା-କାଦପଡା, ପୋ.: ବାଲିପଦର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୧୧୭, ୨) **ମନୋରମା ସେଠୀ,** ସ୍ୱାମୀ: ରବିନ୍ଦ୍ରନାଥ ସେଠୀ, ସ୍ଥାୟୀ ଠିକଣା-କାଦପଡା, ପୋ.: ବାଲିପଦର, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୧୧୭, ୩) **ମନୋରମା ସେଠୀ,** ସ୍ଥାୟୀ ଠିକଣା- କ୍ୱାର୍ଟର ନଂ.: ଏ-୪୦୦, ସେକ୍ଟର-୨, ନାଲକୋ ଟାଉନସିପ୍ (ମାଇନିଂ ଅପରେଟର), ଦାମନଯୋଡି-୭୬୩୦୦୮, ଜିଲ୍ଲା: କୋରାପୁଟ, ଓଡ଼ିଶା / **ମୋଟ ବକେୟା: ୦୮.୦୫.୨୦୧୮ ସୁଦ୍ଧା ଟ.୧୪,୯୧,୨୯୬.୯୮** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | ରବିନ୍ଦ୍ରନାଥ ସେଠୀଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମି ଏବଂ ଗୃହ ଯାହାର ରେଭିନ୍ୟୁ ମୌଜା: କାଦପଡା, ଖାତା ନଂ.: ୫୨୭/୯୩, ପ୍ଲଟ୍ ନଂ.: ୭୧୯/୧୦୬୬, କ୍ଷେତ୍ର: ଏକର୦.୧୯୬ ଡିସିମିଲି, ବାଲିପଦର, ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ପୂର୍ବ: ବିକ୍ରେତା ରୁଦ୍ର ନାରାୟଣ ପାତ୍ରଙ୍କ ଜମି, ପଶ୍ଚିମ: ମଞ୍ଜୁଳା ପ୍ରଧାନଙ୍କ ଜମି, ଉତ୍ତର: ରାସ୍ତା, ଦକ୍ଷିଣ: ଦାଣ୍ଡ | ଟ.୨୧,୩୫,୦୦୦/- / ଟ.୨,୧୪,୦୦୦/- / ଟ.୨୧,୫୦୦/- |
| ୩. | **ବେଲଗୁଣ୍ଠା ଶାଖା, ଫୋନ୍: ୭୦୦୮୫୧୭୬୮୭ /** ୧) **ପ୍ରମୋଦ କୁମାର ଆରୁଖ,** ପିତା: ଲ୍ ଲିଙ୍ଗରାଜ ଆରୁଖ, ସା/ପୋ.: ଖମାରପଲ୍ଲୀ, ଭାୟା: ବରଗାଁ, ପୋ/ଥାନା: ଜଗନ୍ନାଥପ୍ରସାଦ, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୧୨୦, ୨) **କନ୍ଧ ଚରଣ ଆରୁଖ,** ପିତା: ଦୁର୍ଯ୍ୟୋଧନ ଆରୁଖ, ଗ୍ରାମ:ଖମାରପଲ୍ଲୀ, ଜିଲ୍ଲା: ଗଞ୍ଜାମ, ୩) **ସୁମନ୍ତ ଦିହୁଡି,** ପିତା: ସନ୍ୟାସୀ ଦିହୁଡି, ପୋ/ଥାନା: ଜଗନ୍ନାଥପ୍ରସାଦ, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୧୨୦ / **ମୋଟ ବକେୟା: ୦୧.୦୧.୨୦୨୦ ସୁଦ୍ଧା ଟ.୯,୦୨,୩୫୮.୬୨** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | ପ୍ରମୋଦ କୁମାର ଆରୁଖଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୯୫୨/୪୨୭୭, ଖାତା ନଂ.: ୪୦୫/୧୩୪, ରେଭିନ୍ୟୁ ମୌଜା: ଖମାରପଲ୍ଲୀ, ତହସିଲ: ଜଗନ୍ନାଥପ୍ରସାଦ, ସା: ଖମାରପଲ୍ଲୀ, ବେଲଗୁଣ୍ଠା, ଜିଲ୍ଲା: ଗଞ୍ଜାମ, ପରିମିତ କ୍ଷେତ୍ର: ଏକର ୦.୪୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ଦୁଃଖିଶ୍ୟାମ ଆରୁଖଙ୍କ ଗୃହ, ପଶ୍ଚିମ: ଅଭିମନ୍ୟୁ ଆରୁଖଙ୍କ ଗୃହ, ଉତ୍ତର: ହରିକୃଷ୍ଣ ଆରୁଖଙ୍କ ସମ୍ପତ୍ତି, ଦକ୍ଷିଣ: ରାସ୍ତା | ଟ.୬,୫୫,୦୦୦/- / ଟ.୬୫,୫୦୦/- / ଟ.୬,୬୦୦/- |
| ୪. | **କୋର୍ଟପେଟା ଶାଖା, ଫୋନ୍: ୯୯୦୩୮୨୦୧୦୨/** ୧) **ମେସର୍ସ ଏମ୍.ବି. ଫାର୍ମାସ୍ୟୁଟିକାଲ୍ସ, ସ୍ୱତ୍ୱାଧିକାରୀ: ଦିବ୍ୟ ଲୋଚନ ବେହେରା,** ସା: ବ୍ରଜ ନଗର, ୩ୟ ଲେନ୍, ବ୍ରହ୍ମପୁର, ୨) **ଦିବ୍ୟ ଲୋଚନ ବେହେରା,** ପିତା: ଶତ୍ରୁଘନ ବେହେରା, ୩) **ଶତ୍ରୁଘନ ବେହେରା,** ପିତା: ସୁବୁଦ୍ଧି ବେହେରା, କ୍ର. ନଂ.: ୨ ଏବଂ ୩ର ଠିକଣା- ଗ୍ରାମ: ହୁଣ୍ଡତ, ପୋ.: ହତାପୁର, ପୁରୁଷୋତ୍ତମପୁର, ଗଞ୍ଜାମ-୭୬୧୦୧୮ / **ମୋଟ ବକେୟା: ୩୦.୦୪.୨୦୨୧ ସୁଦ୍ଧା ଟ.୧୦,୧୮,୦୪୪.୭୧** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | ଶ୍ରୀ ଶତ୍ରୁଘନ ବେହେରାଙ୍କ ନାମରେ ଥିବା ବାସୋପଯୋଗୀ ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୯୭୩/୧୬୧୭, ଖାତା ନଂ.: ୩୦୩/୨୩୦, ମୌଜା: ପୁରୁଷୋତ୍ତମପୁର, ଗଞ୍ଜାମ, ପରିମିତ କ୍ଷେତ୍ର: ଏକର ୦.୦୪୧ ଡିସିମିଲି ଯାହା ୧୭୮୬ ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାମ ଚନ୍ଦ୍ର ସାହୁଙ୍କ ଜମି, ପଶ୍ଚିମ: ସୁକାନ୍ତି ସାସମଲଙ୍କ ଜମି, ଉତ୍ତର: କ୍ରେତାମାନଙ୍କ ଜମି, ଦକ୍ଷିଣ: ରାସ୍ତା | ଟ.୧୨,୯୦,୦୦୦/- / ଟ.୧,୨୯,୦୦୦/- / ଟ.୧୨,୯୦୦/- |
| ୫. | **କୋର୍ଟପେଟା ଶାଖା, ଫୋନ୍: ୯୯୦୩୮୨୦୧୦୨/** ୧) **ଅଜିତ୍ କୁମାର ପଣ୍ଡା,** ପିତା: ଦୁର୍ଗା ମାଧବ ପଣ୍ଡା, ସା: ମେନ୍ ରୋଡ୍, ଟାଙ୍ଗଣାପଲ୍ଲୀ, ଗଞ୍ଜାମ - ୭୬୧୦୦୩, ୨) **ଦୁର୍ଗା ମାଧବ ପଣ୍ଡା,** ପିତା: ଗୋପିନାଥ ପଣ୍ଡା, ସା: ମେନ୍ ରୋଡ୍, ଟାଙ୍ଗଣାପଲ୍ଲୀ, ଗଞ୍ଜାମ - ୭୬୧୦୦୩ / **ମୋଟ ବକେୟା: ୩୧.୦୩.୨୦୨୧ ସୁଦ୍ଧା ଟ.୬,୯୧,୫୭୨.୭୦** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | ଶ୍ରୀ ଦୁର୍ଗା ମାଧବ ପଣ୍ଡା (ସମ୍ପତ୍ତିର ମାଲିକ)ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୧୩୦୩/୨୮୩୫, ଖାତା ନଂ.: ୪୫୦/୪୭୮, ମୌଜା: ଟାଙ୍ଗଣାପଲ୍ଲୀ, ଗଞ୍ଜାମ, ପରିମିତ କ୍ଷେତ୍ର: ଏକର୦.୦୧୨ ଡିସିମିଲି ଯାହା ୫୨୩ ବର୍ଗଫୁଟ ଏବଂ ଏହାର ଚାରିପାର୍ଶ୍ୱରେ ପୂର୍ବ: କେନାଲ, ପଶ୍ଚିମ: ରାସ୍ତା, ଉତ୍ତର: ଦିନବନ୍ଧୁ ରାଉଳଙ୍କ ସମ୍ପତ୍ତି, ଦକ୍ଷିଣ: କରୁଣା ରାଉଳଙ୍କ ସମ୍ପତ୍ତି | ଟ.୧୦,୯୮,୦୦୦/- / ଟ.୧,୧୦,୦୦୦/- / ଟ.୧୧,୦୦୦/- |
| ୬. | **କୋର୍ଟପେଟା ଶାଖା, ଫୋନ୍: ୯୯୦୩୮୨୦୧୦୨/** ୧) **ଶ୍ରୀ ଅରୁଣ ଗୌଡ,** ପିତା: କାଶୀ ଗୌଡ, ସା.: ଲାଠି, ଅଡୁଆ ଷ୍ଟ୍ରିଟ୍, ସୁକୁଣ୍ଡା, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ୨) **ଶ୍ରୀ କାଶୀ ଗୌଡ,** ସା.: ଲାଠି, ଅଡୁଆ ଷ୍ଟ୍ରିଟ୍, ସୁକୁଣ୍ଡା, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ୩) **ଶ୍ରୀ ସୀମାଞ୍ଚଳ ଗୌଡ,** ସା.: ଲାଠି, ଅଡୁଆ ଷ୍ଟ୍ରିଟ୍, ସୁକୁଣ୍ଡା, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା / **ମୋଟ ବକେୟା: ୦୭.୧୧.୨୦୧୭ ସୁଦ୍ଧା ଟ.୭,୦୭,୪୪୬/-** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | ଶ୍ରୀ ଅରୁଣ ଗୌଡ, ଶ୍ରୀ କାଶୀ ଗୌଡ ଏବଂ ଶ୍ରୀ ସୀମାଞ୍ଚଳ ଗୌଡ (ସମ୍ପତ୍ତିର ମାଲିକ)ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ରେଭିନ୍ୟୁ ମୌଜା: ସୁକୁଣ୍ଡା, ମେନ୍ ରୋଡ୍, ସୁକୁଣ୍ଡା, ବ୍ରହ୍ମପୁର, ପରିମିତ କ୍ଷେତ୍ର: ୮୭୧ ବର୍ଗଫୁଟ, ପ୍ଲଟ୍ ନଂ.: ୨୯୮/୪୯୯, ଖାତା ନଂ.: ୧୦୪/୨୩୫, ଏହାର ଚାରିପାର୍ଶ୍ୱରେ ପୂର୍ବ:ରାସ୍ତା, ପଶ୍ଚିମ: ରାସ୍ତା, ଉତ୍ତର: ରଙ୍କନିଧି ଗୌଡଙ୍କ ଗୃହ, ଦକ୍ଷିଣ:କାମନା ଗୌଡଙ୍କ ଗୃହ | ଟ.୧୦,୫୦,୦୦୦/- / ଟ.୧,୦୫,୦୦୦/- / ଟ.୧୦,୫୦୦/- |
| ୭. | **କୋର୍ଟପେଟା ଶାଖା, ଫୋନ୍: ୯୯୦୩୮୨୦୧୦୨/** ୧) **ମେସର୍ସ ନବଜ୍ୟୋତି ପଲିପାଇପ୍ସ, ସ୍ୱତ୍ୱାଧିକାରୀ: ସରୋଜିନୀ ପଣ୍ଡିତ,** ସ୍ୱାମୀ: ଆଲି କୃଷ୍ଣ ପଣ୍ଡିତ, ସା: ପ୍ରେମ ନଗର ୨ୟ ଲେନ୍, ବ୍ରହ୍ମପୁର, ଗଞ୍ଜାମ, ୨) **ସରୋଜିନୀ ପଣ୍ଡିତ,** ସ୍ୱାମୀ: ଆଲି କୃଷ୍ଣ ପଣ୍ଡିତ, ସା: ପ୍ରେମ ନଗର ୨ୟ ଲେନ୍, ବ୍ରହ୍ମପୁର, ଗଞ୍ଜାମ / **ମୋଟ ବକେୟା: ୦୩.୦୮.୨୦୧୯ ସୁଦ୍ଧା ଟ.୯,୬୭,୮୦୨/- ଏବଂ ଟ.୧୨,୪୮,୬୦୪/-** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | ସରୋଜିନୀ ପଣ୍ଡିତ (ସମ୍ପତ୍ତିର ମାଲିକ)ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୧୧୨୩/୨୩୫୫, ଖାତା ନଂ.: ୧୮୮/୮୫୫, ଗ୍ରାମ: ଦୁବପଲ୍ଲୀ, କନିସି, ଗଞ୍ଜାମ, ଓଡ଼ିଶା, ପରିମିତ କ୍ଷେତ୍ର: ଏକର୦.୦୪୧ ଡିସିମିଲି ଏବଂ ଏହାର ଚାରିପାର୍ଶ୍ୱରେ ପୂର୍ବ: ବିକ୍ରେତାଙ୍କ ବଳକା ଜମି, ପଶ୍ଚିମ: ସ୍ୱର୍ଣ୍ଣମଞ୍ଜରୀ ପଣ୍ଡାଙ୍କ ଜମି, ଉତ୍ତର: ରାସ୍ତା, ଦକ୍ଷିଣ: ସମ୍ପୃକ୍ତ ପକ୍ଷଙ୍କ ବଳକା ଜମି | ଟ.୨୦,୧୦,୦୦୦/- / ଟ.୨,୦୧,୦୦୦/- / ଟ.୨୧,୦୦୦/- |

ଇ-ନିଲାମ ତାରିଖ ଏବଂ ସମୟ : ତା.୨୮.୧୧.୨୦୨୫ରିଖ ମଧ୍ୟାହ୍ନ ୧୨:୦୦ ଘଟିକାରୁ ଅପରାହ୍ନ ୫:୦୦ ଘଟିକା ମଧ୍ୟରେ (ପ୍ରତ୍ୟେକଙ୍କ ପାଇଁ ଅସୀମିତ ବର୍ଦ୍ଧିତ ୧୦ ମିନିଟ୍ ସମୟ ସହିତ), ଇ-ନିଲାମ ୱେବ୍‌ସାଇଟ୍ : https://baanknet.com

ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ : ତା.୨୮.୧୧.୨୦୨୫ରିଖ ଇ-ନିଲାମ ଆରମ୍ଭ ସୁଦ୍ଧା

ଅମାନତ ରାଶି ଜମା କରିବାର ଆକାଉଣ୍ଟର ବିବରଣୀ: ପେମେଣ୍ଟ ଗେଟ୍‌ୱେ ମାଧ୍ୟମରେ ଅମାନତ ରାଶି ପୈଠ କରନ୍ତୁ ଏବଂ ଚଲାଣ ଜେନେରେଟ୍ କରି ମଧ ପୈଠ କରନ୍ତୁ ଏବଂ ଅମାନତ ରାଶି ବିଡରଙ୍କ ଇଏମ୍‌ଡି ୱାଲେଟ୍‌କୁ ସ୍ଥାନାନ୍ତର କରନ୍ତୁ

ଇଚ୍ଛୁକ କ୍ରେତାମାନଙ୍କ ନିମନ୍ତେ ସମ୍ପତ୍ତିଗୁଡିକୁ ତନଖି କରିବାର ତାରିଖ ଏବଂ ସମୟ : ତା.୨୭.୧୧.୨୦୨୫ରିଖ ସୁଦ୍ଧା ବ୍ୟାଙ୍କ କାର୍ଯ୍ୟାଳୟ ସମୟ ମଧ୍ୟରେ,ଏନ୍‌କମ୍ବ୍ରାନ୍ସେସ୍ ବିବରଣୀ ଯଦି କିଛି ଥାଏ : ନାହିଁ

ରେଜିଷ୍ଟ୍ରେସନ୍ ଏବଂ ଲଗଇନ ଓ ନିଲାମ ସମ୍ବନ୍ଧୀୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ବ୍ୟାଙ୍କର ପ୍ରଦତ୍ତ ୱେବ୍‌ସାଇଟ୍: https://baanknet.com and https://www.unionbankofindia.co.in/auction-property/view-auction-property.aspx ଦେଖନ୍ତୁ । ସବିଶେଷ ବିବରଣୀ ନିମନ୍ତେ ଯୋଗାଯୋଗ କରନ୍ତୁ: ଶ୍ରୀ ଦୁର୍ଗା ପ୍ରସାଦ ବେହେରା, ମୋ.: ୬୨୮୯୨୪୬୪୯୨

ଏହି ବିକ୍ରୟ ନୋଟିସ୍‌ଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ ।

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଏହା ଏକ ନୋଟିସ୍ କି, ଉପରଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ ।

ସ୍ଥାନ: ବ୍ରହ୍ମପୁର
ତାରିଖ: ୧୧.୧୧.୨୦୨୫
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ



**ପୂର୍ବ ତଟ ରେଳପଥ**
ଟେଣ୍ଡର ସଂ. 36-KUR-TRD-OT-2025-26
**କାର୍ଯ୍ୟର ନାମ :** ଯାଜପୁର କେନ୍ଦୁଝର ରୋଡ୍ (JJKR) - ଯଖପୁରା (JKPR) ଷ୍ଟେସନ ମଧ୍ୟରେ ଇଣ୍ଟରମିଡିଏଟ୍ ବ୍ଲକ ସିଗନାଲିଂ (IBS) ବ୍ୟବସ୍ଥା ସହିତ ସହାୟକ ଟ୍ରାନ୍ସଫର୍ମର (AT) ର ବୃଦ୍ଧି ଏବଂ OHE ପରିବର୍ତ୍ତନ ।
ବିଜ୍ଞାପିତ ମୂଲ୍ୟ (₹): 21,70,505.09, EMD (₹) : 43,400.00, ଶେଷ ହେବା ଅବଧି : 180 ଦିନ ।
ବିଡ୍ ଆରମ୍ଭ ହେବା ତାରିଖ : ତା.17.11.2025ରିଖ,
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.01.12.2025 ରିଖ 1300 ଘଟିକାରେ ।
ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।
ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.inରେ ଉପଲବ୍ଧ ହେବ ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ୍
PR-786/Q/25-26



**AFFIDAVIT**
By virtue of an affidavit sworn before Executive Magistrate, K.S.Nagar, Ganjam, I Sri Manoj Jena, S/o- Late Mangulu Jena, resident of Vill.- Sadabarta Nuagan, Po./Via/ Ps.- Kabisurya Nagar, Dist.- Ganjam, Odisha state that, my nick name is Laba Jena. In my Adhar Card and Voter ID Card my name has been mentioned as Laba Jena. Hence **Manoj Jena** and **Laba Jena** S/o- Mangulu Jena is one and same person.

**AFFIDAVIT**
I, Hrusikesh Dash, aged about 48 years, S/o- Kunja Bihari Dash, resident of At/Po- Puran, Ps- Biridi, Dist- Jagatsinghpur, Odisha, Pin- 754102 declare by this affidavit No. 2296, dtd-10.11.2025, that now onwards I shall be known as **HRUSHIKESH DASH** for all future purposes

**NOTICE**
By virtue of an affidavit sworn before the Executive Magistrate, Athmallik dated 10th November 2025, I, Mr. MANORANJAN PADHAN address Village : OSKAPALI, P.O.: OSKAPALI, P.S.: KISHORENAGAR , District : ANGUL, PIN : 759126 , STATE : ODISHA, declare that I have changed the name of my daughter from HIRANMAREE PADHAN to HIRANMAYEE PADHAN Henceforth, she shall be known as HIRANMAYEE PADHAN for all purposes.
**MANORANJAN PADHAN**

**AFFIDAVIT**
By virtue of an affidavit sworn before the Executive Magistrate, Bhubaneswar, dated 10/11/2025, CF No.- 92/10.11.2025. I, Jashobanta Rout S/O Late Bishnu Rout, At- Sanamohanpur, PO-Badapada, PS- Pattamundai, Dist- Kendrapada, Pin- 754245, declare that I have changed the name of my son from Suvam Rout to Subham Kumar Rout. Henceforth, he shall be known as new name Subham Kumar Rout for all purposes.
**Sd/- Jashobanta Rout**

**AFFIDAVIT**
By the virtue of an affidavit sworn before the Notary public, Daringibadi, Dated 30.10.2025. I Upendra Malik, S/o- Mali Malik, Vill : Tudubiju, Po: Gudikia, Ps: Bamunigam, Dist: Kandhamal, State: Odisha-762021 declare that I have changed my minor son's name from DEBA MALIK to DEBAK MALIK. Henceforth, He shall be known as **DEBAK MALIK** for all purposes.
**Sd/- Upendra Malik**

**AFFIDAVIT**
By virtue of an Affidavit before Notary Public, Malkangiri, **I, Manoj Majumdar**, aged about 43 years, S/o.: Dilip Kumar Majumdar, resident of Village: MV-48, PO.: Tumsapalli, P.S./ Dist: Malkangiri, Odisha, declare by this Affidavit No.: 1397, Dated: 14.10.2025 that I have changed my name from Manoj Kumar Majumdar to **Manoj Majumdar.** Henceforth I shall be known as **Manoj Majumdar** for all future purposes.

**AFFIDAVIT**
By virtue of an affidavit sworn before (Executive Magistrate Daspalla) dated 13.10.2025 I, Tuna Mahakhud Vill-Hanumanta, PO-Chadeyapalli, PS- Banigochha, Dist-Nayagarh, Pin- 752089 declare that I have changed the name of my daughter from Loknath Mahakhuda to Adyasarani Mahakhud. Henceforth, she shall be known as Adyasarani Mahakhud for all purposes.
**(Tuna Mahakhud)**

**AFFIDAVIT**
**I Aishwarya Abhinandita Sahoo, D/o- Sarada Prasan Sahoo resident of QR No-E/169,Sector-18, Rourkela, Dist- Sundargarh, Pin-769003, Odisha declare by this Affidavit No - 81 Dtd 10.11.2025 that now onwards I shall be known as S AISHWARYA ABHINANDITA for all future purposes .**

**AFFIDAVIT**
By the virtue of an affidavit sworn before the Executive Magistrate, M. Rampur, Kalahandi, Dtd. 10.11.2025. I, Thabira Rana, S/o Chandra Rana, At- Jambahalai, P.O. Nunpur, P.S.: M. Rampur, Dist.- Kalahandi, Odisha – 766102 have changed my minor daughter's name from Suti Rana. to Sruti Rana. Henceforth, she shall be known as Sruti Rana for all purposes.
**Sd/- Thabira Rana**

**AFFIDAVIT**
By virtue of an affidavit before Notary Public, Bhubaneswar dtd. 17.10.2025, I Deepti Mishra residing at Baramunda, Bhubaneswar, that in Birth Certificate of my Daughter, my name printed wrongly as Deepti Nanda instead of Deepti Mishra and subsequently it was corrected to Deepti Mishra. Hence Deepti Mishra and Deepti Nanda is same and one person.
**Deepti Mishra**

**AFFIDAVIT**
By virtue of an affidavit sworn before Executive Magistrate, Bhubaneswar, on dated 11.11.2025, I Jhili Palei W/o- Kalu Charan Palei, resident at Tulasipur, Kendupata, Khalikote, Dist- Ganjam, Odisha, PIN- 761030, declare that I have changed my son's name from Suhan Palei to Sohan Palei. Henceforth, He shall be known as **SOHAN PALEI** for all future purposes.

**AFFIDAVIT**
By virtue of an affidavit sworn before Executive Magistrate, Jajpur, SL NO. 4177, dated 17-10-2025 I, **HADIANI MOHANTY,** Permanent resident- At- Mulapal, Po- Rudhia, Ps- Panikoili, Dist- Jajpur, State- Odisha, PIN- 755033, declare that I have changed my name from **RANGALATA MOHANTY** (Old name) to **HADIANI MOHANTY** (New name), Henceforth, I shall be known as **HADIANI MOHANTY** for all purposes.
Sd-( **HADIANI MOHANTY**)

**AFFIDAVIT**
By virtue of an affidavit sworn before The Executive Magistrate, Bhubaneswar, CF NO. 128, dated 04-09-2025 I, **SANTOSWINI GHATUAL,** Permanent resident- At- Laxmiprasad, Po- Sahaspur, Ps- Banpur, Dist- Khordha, State- Odisha, PIN- 752031, declare that I have changed my name from **SANTOSMINI GHATUAL** (Old name) to **SANTOSWINI GHATUAL** (New name), Henceforth, I shall be known as **SANTOSWINI GHATUAL** for all purposes.
Sd-( **SANTOSWINI GHATUAL**)

**AFFIDAVIT**
By virtue of an affidavit sworn before the Notary Public, Bhubaneswar, dated 06.11.2025,CF No.- 62/ 06.11.2025. I, Manash Kumar Digal S/O Srikant Digal, At- Mayfair Nagar, PO- R.R.L, PS- Maitri Vihar, Dist- Khordha, Pin- 751013, declare that I have changed the name of my son from Alfaz Digal to Jyoti Raditya Digal. Henceforth, he shall be known as new name Jyoti Raditya Digal for all purposes.
**Manash Kumar Digal**

**AFFIDAVIT**
By virtue of an affidavit sworn before Executive Magistrate, Muniguda, I Pramod Kumar Saraka, S/o- Gobinda Saraka, resident of Vill.- Gojakupuli, Po.- Kutragada, Ps.- Muniguda, Dist.- Rayagada, Pin- 765020 Odisha vide affidavit no.1922/2025 Dtd.11.11.2025 state that, I have changed my name from **Pramod Saraka** to **Pramod Kumar Saraka**. Henceforth I shall be known as **Pramod Kumar Saraka** for all future purposes.



**ପୂର୍ବ ତଟ ରେଳପଥ**
ରେଳ ଓକିଲମାନଙ୍କ ତାଲିକାଭୁକ୍ତିକରଣ
ଅଧିସୂଚନା ସଂ. 01/2025 ତାରିଖ : 10.11.2025
ରେଲୱେ ବୋର୍ଡର ପତ୍ର ସଂଖ୍ୟା 2024/LC/15/1 ତା 06.10.2025 ରିଖ ଅନୁଯାୟୀ ପୂର୍ବ ତଟ ରେଳପଥ ପରିସୀମା ଅଧିନସ୍ଥ ସେଣ୍ଟ୍ରାଲ ଆଡମିନିଷ୍ଟ୍ରେଟିବ୍ ଟ୍ରିବ୍ୟୁନାଲ୍ (CAT)/ କଟକ, ରେଲୱେ କ୍ଲେମ୍ସ ଟ୍ରିବ୍ୟୁନାଲ୍ (RCT)/ଭୁବନେଶ୍ୱର ପାଇଁ ରେଲୱେ ଓକିଲଙ୍କ ତାଲିକାଭୁକ୍ତିକରଣ ପାଇଁ ଆବଶ୍ୟକୀୟ ଯୋଗ୍ୟତା, ଉପଯୁକ୍ତତା ଏବଂ ଅଭିଜ୍ଞତା ଥିବା ଓକିଲମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରୁଛି ।
ଆବେଦନ ପତ୍ର, ଯୋଗ୍ୟତା ଏବଂ ଅନ୍ୟ ବିବରଣୀ ନିମନ୍ତେ ଦୟାକରି https://eastcoastrail.indianrailways.gov.in ଦେଖନ୍ତୁ ।
ଆବେଦନ ଜମା କରିବାର ଅନ୍ତିମ ତାରିଖ 11.12.2025 ଅଟେ ।
ଦ୍ରଷ୍ଟବ୍ୟ : ଦୟାକରି କୌଣସି ସବିଶେଷ ତଥ୍ୟ (ଯଦି କିଛି ଥାଏ) ନିମନ୍ତେ ଉପରୋକ୍ତ ୱେବ୍‌ସାଇଟ୍ ଅବଲୋକନ କରନ୍ତୁ ।
PR-791/Q/25-26
ଉପମହାପ୍ରବନ୍ଧକ (ଆଇନ), ଭୁବନେଶ୍ୱର

# ବିଏସ୍‌ଏନ୍‌ଏଲ୍ ପ୍ରଶାସନିକ ଭବନ ଅସାମାଜିକଙ୍କ ଆଡ୍ଡାସ୍ଥଳୀ

ଜୟପୁର, ୧୧।୧୧(ସମିସ):



କୋରାପୁଟ ଜିଲ୍ଲା ଜୟପୁର ସହରର ଅଡିଟି କଲୋନୀ ନିକଟରେ କେନ୍ଦ୍ର ସରକାରଙ୍କ ଭାରତୀୟ ସଞ୍ଚାର ନିଗମ ଲିମିଟେଡ (ବିଏସଏନଏଲ)ର ପ୍ରଶାସନିକ ଭବନ ଲକ୍ଷାଧିକ ଟଙ୍କାରେ ନିର୍ମିତ ହୋଇଥିଲା। କିନ୍ତୁ ବର୍ତ୍ତମାନ ଏହି ଭବନ ମଦୁଆ, ଗଞ୍ଜେଇଡ଼ ଏବଂ ଅସାମାଜିକ ବ୍ୟକ୍ତିଙ୍କ ଆ‡ା ସ୍ଥଳୀ ପାଲଟିଛି। ସରକାରଙ୍କ କୋଟି କୋଟି ଟଙ୍କାର ସମ୍ପତି ନଷ୍ଟ ହେଉଥିଲେ ସୁଦ୍ଧା ଏଥିପ୍ରତି ସରକାର ଦୃଷ୍ଟି ନ ଦେବା ଏବଂ ଏହି ଭବନ ଭାଙ୍ଗି ଏହାର ଭିତରେ ରହିଥିବା ଝରକା, କବାଟ ଏବଂ ଲୁହା ଫାଟକ ସମେତ ପାଚେରୀ ଭାଙ୍ଗି ଇଟା ମଧ୍ୟ ଚୋରି କରିନେଉଛନ୍ତି। ଏହିପରି ଧୀରେ ଧୀରେ ଉକ୍ତ ସରକାରୀ ଜମିକୁ ମଧ୍ୟ ଜବରଦଖଲ କରିବାକୁ ଉଦ୍ୟମ ଆରମ୍ଭ ହେଲାଣି। ତେଣୁ ଏହା ପୂର୍ବରୁ ସରକାର ଏବଂ ପ୍ରଶସାନ ପକ୍ଷରୁ ଉଚିତ ପଦକ୍ଷ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି। ବିଏସଏନଏଲର ଏହି ପ୍ରଶାସନିକ ଭବନ ସମତେ ନିଟରେ ୪ଟି ବ୍ଲକ୍‌ରେ ସମୁଦାୟ ୨୭ ଗୃହ ଅଧିକାରୀ ଏବଂ କର୍ମଚାରୀଙ୍କ ପାଇଁ ରହିଥିଲା। ଏହିପରି ବାହାର ଲୋକଙ୍କୁ ଉକ୍ତ ପରିସରକୁ ପ୍ରବେଶ ଉପରେ କଟକଣା ରହିଥିଲା। ଉଭୟ ଭବନ ସହିତ କର୍ମଚାରୀ ବାସଗୃହ ପରିସରରେ ସୁରକ୍ଷା କର୍ମୀ ୨୪ ଘଣ୍ଟିଆ ପଇଁତରା ମାରୁଥିଲେ। କିନ୍ତୁ କେନ୍ଦ୍ର ସରକାରଙ୍କ ଘରୋଇ ସଂସ୍ଥା ଯୋଗାଯୋଗ ଓ ସଞ୍ଚାର ସଂସ୍ଥା ପ୍ରତି ଅତ୍ୟଧିକ ପ୍ରୀତି ଏବଂ ନିଜସ୍ୱ ସଂସ୍ଥା ବିଏସଏନଲ ପ୍ରତି ଅଣଦେଖା ମନୋବୃତ୍ତି ପାଇଁ ବିଏସଏନଏଲ ସଂସ୍ଥା ବର୍ତ୍ତମାନ ଧୀରେ ଧୀରେ ବୁଡିବାରେ ଲାଗିଛି। ସେହିପରି ଏହାର କୋଟକୋଟି ଟଙ୍କା ଭବନ ଓ ଜମି ଗୁଡିକ ନଷ୍ଟ ହେବାରେ ଲାଗିଛି। କିନ୍ତୁ ଏହାକୁ କୌଣସି ଘରୋଇ ସଂସ୍ଥାକୁ ଭଡ଼ା ସୂତ୍ରରେ ପ୍ରଦାନ କିମ୍ବା ରକ୍ଷଣାବେକ୍ଷଣ ନେଇ ସରକାର ପଦକ୍ଷେପ ନେଉ ନଥିବାରୁ ଆଗାମୀ ଦିନରେ ବିଏସ୍‌ଏନଏଲ ଭଳି ଏକ ବୃହତ୍ ସଂସ୍ଥା ଇତିହାସ ପାଲଟିଯିବ ବୋଲି ବୁଦ୍ଧିଜୀବି ମାନେ ଆଶଙ୍କା ପ୍ରକାଶ କରିଛନ୍ତି। ବର୍ତ୍ତମାନ ଜୟପୁର ସହରର ଏକ ମୁଖ୍ୟ ସ୍ଥାନରେ ରହିଥିବା ଏହି ବିଏସଏନଲର ଏହି ଭବନ ଅର୍ଦ୍ଧଭଗ୍ନ ଅବସ୍ଥାରେ ରହିଥିବା ବେଳେ ଅତିଶୀଘ୍ର ଏହା ସମ୍ପୂର୍ଣ୍ଣ ଭାବେ ମାଟିରେ ମିଶିଯିବ ଏବଂ କର୍ମଚାରୀଙ୍କ ପାଇଁ ରହିଥିବା ୨୭ଟି ବାସଭବନ ଗୁଡିକ ମଧ୍ୟ ନଷ୍ଟ ହୋଇଯିବ। ବର୍ତ୍ତମାନ ଏହା ଦୁର୍ବୃତ୍ତ, ଲୁଟେରା ଏବଂ ଗଞ୍ଜେଇ ମାଫିଆଙ୍କ ଆ‡ା ସ୍ଥଳୀ ପାଲଟିଛି। ଏହି ଅଞ୍ଚଳକୁ ଗତ ୨୦୨୩ ମସିହାରେ ୩୦ ଫୁଟ ଓସାର ଏବଂ ପ୍ରାୟ ୧୦୦ ମିଟର ଲମ୍ବର ୯ ଲକ୍ଷ ୮ ୯ ହଜାର, ୫ଶହ ଟଙ୍କାର ପେବେର ବ୍ରିକ୍ସ ରାସ୍ତା ନିର୍ମାଣ କରାଯାଇଛି। କିନ୍ତୁ ଏହି ଅଞ୍ଚଳ ଯାତାୟାତ ପାଇଁ ଲୋକ ନଥିବା ଯୋଗୁଁ ଏହି ରାସ୍ତା ବଡ ବଡ ଗାଡି ପାଇଁ ପାର୍କିଂ ସ୍ଥଳ ପାଲଟିଛି। ଏହିପରି କାଁ ଭାଁ ଟାଉନ ପୁଲିସ ପକ୍ଷରୁ ପାଟ୍ରୋଲିଂ ହେଉଥିବା ଯୋଗୁଁ ଅସାମାଜିକ, ମଦ୍ୟପ ଏବଂ ଗଞ୍ଜେଇଡ଼ମାନଙ୍କର ଏକ ନିର୍ଭୟ ସ୍ଥାନ ପାଲଟିଥିବା ନେଇ ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି।

## ଅବକାରୀ ଚଢ଼ଉ, ଦେଶୀ ମଦ ଜବତ



ନବରଙ୍ଗପୁର,୧୧।୧୧(ସମିସ): ନବରଙ୍ଗପୁର ଜିଲ୍ଲାପାଳ ଡକ୍ଟର ମହେଶ୍ୱର ସ୍ୱାଇଁ ଏବଂ ଅବକାରୀ ଅଧିକ୍ଷ ପ୍ରତାପ କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ ନବରଙ୍ଗପୁର ଅବକାରୀ ନିରୀକ୍ଷକ ଦିଲ୍ଲୀପ କୁମାର ରଥଙ୍କ ନେତୃତ୍ୱରେ ବିଭାଗୀୟ କର୍ମଚାରୀମାନଙ୍କୁ ନେଇ ଏକ ଟିମ୍ ଗଠନ କରି ନବରଙ୍ଗପୁର ଥାନା ଅର୍ନ୍ତଗତ ଦସପୁର ଛକ ନିକଟରେ ଚିରମା ଗ୍ରାମର ନିରଞ୍ଜନ ମୁରିଆ ନାମକ ଜଣେ ବ୍ୟକ୍ତି ନିକଟରୁ ୨୨ ଲିଟର ଚୋରା ଦେଶୀ ହାତ ରନ୍ଧା ମଦ ଜବତ କରାଯାଇଛି। ଗୋଟିଏ ସ୍କୁଟି (ଓଡ଼ି ୧୦ ୱାଇ ୩୪୩୩) ଜବତ କରିବା ସହିତ ନବରଙ୍ଗପୁର ଅବକାରୀ ଥାନା ପିଆର୍‌ନଂ -୮ ୯/୨୦୨୫-୨୬ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ ନବରଙ୍ଗପୁର ଏସ୍‌ଡିଜେଏମଙ୍କ ଅଦାଲତରେ ହଜାର କରାଯାଇଛି ବୋଲି ନବରଙ୍ଗପୁର ଅବକାରୀ ନିରୀକ୍ଷକ ଦିଲୀପ କୁମାର ରଥ ସୂଚନା ଦେଇଛନ୍ତି। ଏହି ଚଢ଼ଉ ସମୟରେ ଅବକାରୀ କର୍ମଚାରୀ ରିସମା ସୁନା , ସୁଧାଂଶୁ ଶେଖର ବଘ ଓ ଅକ୍ରମ ଖାନ ପ୍ରମୁଖ ସହଯୋଗ କରିଥିବା ସୂଚନା ଦେଇଛନ୍ତି ଅବକାରୀ ନିରୀକ୍ଷକ ଶ୍ରୀ ରଥ।

## ମହିଳା ସ୍ନାତକ ମହାବିଦ୍ୟାଳୟରେ ଜାତୀୟ ଶିକ୍ଷା ଦିବସ



ନବରଙ୍ଗପୁର,୧୧।୧୧(ସମିସ): ଭାରତର ପ୍ରଥମ ଶିକ୍ଷାମନ୍ତ୍ରୀ ମୌଲାନା ଅବ୍‌ଦୁଲ କଲାମ ଆଜାଦଙ୍କ ଜନ୍ମଦିନ ଅବସରରେ ନବରଙ୍ଗପୁର ମହିଳା ସ୍ନାତକ ମହାବିଦ୍ୟାଳୟରେ ଜାତୀୟ ଶିକ୍ଷା ଦିବସ ୨୦୨୫ ପାଳିତ ହୋଇଯାଇଛି। ଏହି ଅବସରରେ ଶିକ୍ଷା କ୍ଷେତ୍ରରେ ତାଙ୍କ ଅପରିସୀମ ଅବଦାନ ଓ ନବଚେତନାର ସ୍ମୃତିରେ ଅଧ୍ୟକ୍ଷା ମାଳେଶ୍ୱରୀ ସାହୁ ନିଜ ବକ୍ତବ୍ୟରେ ଶିକ୍ଷା ହେଉଛି ଜୀବନର ଆଲୋକ, ଆଜିର ଯୁବପିଢ଼ି ଶିକ୍ଷା ମାଧ୍ୟମରେ ନିଜକୁ ସଚେତନ, ଦାୟିତ୍ୱ ପରାୟଣ ଓ ସମାଜ ସେବୀ ଭାବେ ଗଢ଼ିବା ଉଚିତ ବୋଲି କହିଥିଲେ। ଶିକ୍ଷା ବିଭାଗ ଅଧାପିକା ଡ. ସଂଯୁକ୍ତା ପଣ୍ଡା ବକ୍ତବ୍ୟ ରଖିଥିଲେ। ସେ ଶିକ୍ଷାକୁ ଜୀବନ ପରିବର୍ତ୍ତନର ଶକ୍ତି ଭାବେ ବିବେଚନା କରି, ସମାଜର ସମସ୍ତଙ୍କ ପାଖକୁ ଶିକ୍ଷା ପହଞ୍ଚିବାର ଆହ୍ୱାନ ଜଣାଇଥିଲେ। ଏହି ସମଗ୍ର କାର୍ଯ୍ୟକ୍ରମର ପରିଚାଳନା ଡ. ସଂଯୁକ୍ତା ପଣ୍ଡା କରିଥିବା ବେଳେ ମହାବିଦ୍ୟାଳୟର ସମସ୍ତ ଅଧାପକ, ଅଧାପିକା, କର୍ମଚାରୀ ଓ ଛାତ୍ରୀମାନେ ଉତ୍ସାହର ସହିତ ଯୋଗଦେଇଥିଲେ।

## ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ନବରଙ୍ଗପୁର,୧୧।୧୧(ସମିସ): ନବରଙ୍ଗପୁର ସ୍ନାତକ ମହିଳା ମହାବିଦ୍ୟାଳୟରେ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷା ମାଳେଶ୍ୱରୀ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରରେ ଜିଲ୍ଲା ପୋଲିସ ବିଭାଗ ତରଫରୁ ଅତିରିକ୍ତ ଏସ୍‌ପି. ଆଦିତ୍ୟ ସେନ, ଏସ୍‌ଡିପିଓ କୃଷ୍ଣ ଚନ୍ଦ୍ର ଭତରା, ଇନ୍ସପେକ୍ଟର ସୀମା ପ୍ରଧାନ, ସୀମା ସଂଗୀତା ଲୁଗୁନ, ସବ୍ ଇନ୍ସପେକ୍ଟର ସମ୍ବିତ କୁମାର ସାହୁ, ଗଣେଶ ଚନ୍ଦ୍ର ପଟ୍ଟନାୟକ ଓ କନଷ୍ଟେବଲ ଅନିଲ କୁମାର ଉପସ୍ଥିତ ଥିଲେ। ଏହି ଅବସରରେ ସାଇବର ଠକେଇରୁ କିଭଳି ସମସ୍ତେ ସୁରକ୍ଷିତ ରହିବା, ଅଜଣା ଲିଙ୍କ ଓ ଅନଲାଇନ୍ ଠକେଇ ପ୍ରତି ସଚେତନତା ବିଷୟରେ ଛାତ୍ରୀମାନଙ୍କୁ ଅବଗତ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ଛାତ୍ରୀ ତାରିଣୀ ଗଦବା ଓ ଲିପୁସ୍ମିତା ମହାନ୍ତି ନାଟକ ମାଧ୍ୟମରେ ସାଇବର ଠକେଇ ଓ ଏହାର ଦୁର୍ଭାଗ୍ୟଜନକ ପରିଣାମ ଉପରେ ସଚେତନତା କରେଇଥିଲେ। କାର୍ଯ୍ୟକ୍ରମ ଶେଷରେ କୁଇଜ୍ ପ୍ରତିଯୋଗିତା କରାଯାଇ, କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସମଗ୍ର କାର୍ଯ୍ୟକ୍ରମର ପରିଚାଳନା ଡ. ସଂଯୁକ୍ତା ପଣ୍ଡା କରିଥିବା ବେଳେ ମହାବିଦ୍ୟାଳୟର ସମସ୍ତ ଅଧାପକ, ଅଧାପିକା, କର୍ମଚାରୀ ଓ ଛାତ୍ରୀମାନେ ଉତ୍ସାହର ସହିତ ଯୋଗ ଦେଇଥିଲେ।

## ସାଇବର ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମ

ଗୁଡାରୀ,୧୧।୧୧(ସମିସ): ଗୁଡାରୀ ପୁଲିସ ଥାନା ତରଫରୁ ହାଇସ୍କୁଲ ପଡ଼ିଆରେ ଗତ ମଙ୍ଗଳବାର ଦିନ ଥାନାଧିକାରୀ ସମର୍ପିତା ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ସାଇବର ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୁଡାରୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଚିସ୍ମିତ ବେହେରା ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିବାବେଳେ ପରିଷଦର ଇଓ ପ୍ରସନ୍ନ ପାଢ଼ି ଏବଂ ଶିଶୁ ବିକାଶ ବିଭାଗର ସିଡିପିଓ ଅନିତା ପାଣିଗ୍ରାହି, ଡାକ୍ତର କାଶୀନାଥ ସାଇବର ଇନ୍ସପେକ୍ଟର ଅବିନାଶ ରେଡି, ହାଇସ୍କୁଲ ଅତିରିକ୍ତ ପ୍ରଧାନଶିକ୍ଷକ ସୁଶାନ୍ତୀ ପେଡେଣ୍ଟି ମଞ୍ଚରେ ଉପସ୍ଥିତ ଥିଲେ। ପ୍ରଥମେ ସମସ୍ତ ଅତିଥିମାନେ ଶ୍ରୀଜଗନ୍ନାଥଙ୍କ ପାଖରେ ଦୀପ ପ୍ରଜ୍ୱଳନ କରିବା ପରେ ଶ୍ରୀପାଢ଼ି ସାଇବାର ମାଧ୍ୟମରେ କେମିତି ସାଧାରଣ ଲୋକ ଲୁଟ୍‌ର ଶିକାର ହେଉଛନ୍ତି ସେ ବିଷୟରେ ଉପସ୍ଥିତ ଥିବା ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଅବଗତ କରିଥିଲେ। ଏହା ପରେ ବିଡିଓ ଶ୍ରୀମତି ବେହେରା ଏବଂ ଅନ୍ୟ ଅତିଥି ମାନେ ସାଇବର କ୍ରାଇମ୍‌ରୁ ନିଜକୁ କିପରି ବଞ୍ଚେଇ ରହିପାରିବା ସେହି ସମସ୍ତ ବିଷୟ ଉପରେ ଉପସ୍ଥାପନ କରିଥିଲେ। ଶେଷରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗୁଡାରୀ ଏ ସାଇ ଶ୍ୟାମ ସୁନ୍ଦର ଏସ୍‌ଆଇ ସଞ୍ଜୟ ଛତ୍ର ଗୁମୁଡ଼ା ଏଏସ୍‌ଇ ରବିନ୍ଦ୍ର ରାୟ, ଥାନା ଅଧିନସ୍ଥ ଆର୍ମୀ ବାହିନୀ, ପୁଲିସ ଥାନାର ସମସ୍ତ କର୍ମଚାରୀ ଉପସ୍ଥିତ ଥିବା ଦେଖିବାକୁ ମିଳିଛି।

### ସମସ୍ୟା ଘେରରେ ଗୁଣପୁର ଡାକଘର

# ପ୍ରତିଦିନ ଲିଙ୍କ୍‌ଫେଲ୍, ଉପଭୋକ୍ତା ହନ୍ତସନ୍ତ

ଗୁଣୁପୁର,୧୧।୧୧(ସମିସ):



ଗୁଣପୁର ଡାକ ଘର ଅବ୍ୟବସ୍ଥା ଘେରରେ ରହିଛି। ବିଭାଗୀୟ ଅଧିକାରୀଙ୍କୁ ଯେତେ ଅଭିଯୋଗ କଲେ କିମ୍ବା ଗଣମାଧ୍ୟମରେ ଖବର ପ୍ରକାଶ ହେଲେ ମଧ୍ୟ ଗୁଣପୁରର ଉପ ଡାକଘର ସମସ୍ୟା ସୁଧୁରୁନି। ଗ୍ରାହକମାନେ ଡାକଘରକୁ ଯାଇ ସେବା ନପାଇ ନାନା ହଇରାଣ ହୋଇ ଫେରୁଥିବା ଏକ ନିତି ଦିନିଆ ଘଟଣା ହୋଇଗଲାଣି। ସ୍ଥାନୀୟ କୁମୁଟି ସାହିରେ ଏକ ଭଡାଘରେ ଚାଲୁଥିବା ଏହି ଉପ ଡାକଘରର ଅବ୍ୟବସ୍ଥା ଏମିତି ଯେ ଗତ ଆଠମାସ ହେବ ଏଠି ଜେନେରେଟର ଅଚଳ ହୋଇ ପଡିଛି। ଯାହା ଫଳରେ ବିଦ୍ୟୁତ୍ କଟିଲେ ସବୁ କାମ ଠପ୍ ହୋଇଯାଉଛି। ଲିଙ୍କଫେଲ୍, ନେଟ ନାହିଁ, କରେଣ୍ଟ ନାହିଁ, ସର୍ଭର ଡାଉନ୍, ଷ୍ଟାଫ୍ ଅଭାବ ଏମିତି ପ୍ରତିଦିନ ବିଭିନ୍ନ ପ୍ରକାର ବାହାନା କରି ଗ୍ରାହକ ମାନଙ୍କୁ ସେବା ନ ଦେଇ ପଠେଇ ଦିଆଯାଉଛି। ଏଠାକୁ ଗଲେ, ମରାଠିଗୁଡା ଡାକଘରକୁ ଯାଅ ବୋଲି କର୍ତ୍ତୃପକ୍ଷ କହୁଥିବା ବେଳେ ଗ୍ରାହକ ମାନେ ସେଠିକୁ ଗଲେ, ଯେଉଁ ଅଞ୍ଚଳର କାମ ସେଇ ଡାକଘର ହେବ ବୋଲି ମରାଠିଗୁଡା ଡାକଘର କର୍ତ୍ତୃପକ୍ଷ କହୁଥିବା ଗ୍ରାହକ ମାନେ ଅଭିଯୋଗ କରିଛନ୍ତି। ସୁକନ୍ୟା, ପୋଷ୍ଟାଲ ଲାଇଫ୍ ଇନ୍‌ସ୍ୟୁରାନ୍ସ, ସ୍ପିଡ ପୋଷ୍ଟ, ଆରଡି, ଜମା କରିବା, ଆଧାର କାଡ୍‌ର୍ ଆଦି ବିଭିନ୍ନ ସେବା ପାଇବାକୁ ଲୋକେ ଡାକଘରକୁ ଯାଇଥାନ୍ତି। ଅନେକ ବରିଷ୍ଠ ନାଗରିକ ମଧ୍ୟ ଆସି ନିତିଦିନ ଫେରି ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଠାରେ ଜଣେ ସ୍ଥାୟୀ ପୋଷ୍ଟ ମାଷ୍ଟର ନ ଥିବାରୁ କିରାଣୀଙ୍କ ଦ୍ୱାରା ଡାକଘର ଚାଲିବା ଆଉ ଏକ ବିଡମ୍ବନା ହୋଇଛି। ୬ ଜଣ କର୍ମଚାରୀ ମଧ୍ୟରୁ କେବଳ ୨ ଜଣ କର୍ମଚାରୀ ଥିବା ଏବଂ ଏହି ଅଭାବକୁ ଆଳକରି ଆଧାରକାର୍ଡ ହେଉନଥିବାରୁ ଅନେକ ଲୋକେ ହଇରାଣ ହେଉଛନ୍ତି। ଗ୍ରାହକ ମାନେ ଗଲେ ବସିବା ପାଇଁ ଟିକେ ସୁବିଧା ମଧ୍ୟ ଏହି ଡାକଘର ନାହିଁ। ଏସବୁ ବ୍ୟତିକ୍ରମ ସମ୍ପର୍କରେ ବାରମ୍ବାର ଅଭିଯୋଗ ହୋଇଆସୁଛି। ଗ୍ରାହକ ମାନଙ୍କ ଅଭିଯୋଗ ଓ ଅସନ୍ତୋଷକୁ ନେଇ ଏକାଧିକ ବାର ଗଣମାଧ୍ୟମରେ ଖବର ମଧ୍ୟ ପ୍ରକାଶ ପାଇଲାଣି। ତଥାପି କେହି କିଛି ପଦକ୍ଷେପ ନେଉ ନାହାନ୍ତି। ଜିଲ୍ଲା ଡାକ ଅଧିକାରୀ, ବ୍ରହ୍ମପୁର ଡାକ ଅଧିକାରୀଙ୍କୁ ବିଭିନ୍ନ ସମୟରେ ଗୁଣପୁର ଉନ୍ନୟନ ଯୁବ ସଂଗଠନ ତରଫରୁ ଲିଖିତ ଓ ମୌଖିକ ଆକାରରେ କହିବା ପରେ ମଧ୍ୟ ଗୁଣପୁର ପୋଷ୍ଟ ଅଫିସକୁ ବୈମାତୃକ ଭାବନା ଦେଖାଉଥିବା ଅଭିଯୋଗ ହେଉଛି। ଡାକଘର ଭଳି ଏକ ସୁଲଭ ସେବା କ୍ଷେତ୍ରରେ ଏଭଳି ବ୍ୟତିକ୍ରମକୁ ସୁଧାରିବା ଦିଗରେ ପଦକ୍ଷେପ ନେବାକୁ ବରିଷ୍ଠ ନାଗରିକ ସଂଘ ଦାବି କରି ଆସୁଛି।

## ଛଅ ମାସର ଭତ୍ତାଟଙ୍କା ପାଇଲେ ତୁଳସା

‘ସକାଳ’ ପ୍ରଭାବ



ନନ୍ଦପୁର,୧୧।୧୧ (ସମିସ): ନନ୍ଦପୁର ଥାନା ଅଧୀନ ବାନମାଳିପୁଟ ଅନ୍ତର୍ଗତ ଜଡ଼ାପୁଟ ଗ୍ରାମର ତୁଳସା କ୍ରିର୍ସାନୀ ଗତ ଛଅ ମାସ ଧରି ଭତ୍ତା ଟଙ୍କା ପାଇବାରୁ ବଞ୍ଚିତ ହୋଇଥିବା ନେଇ ‘ସକାଳ’ରେ ଖବର ପ୍ରକାଶିତ ହୋଇଥିଲା। ଖବର ପ୍ରକାଶନ ପରେ ତତ୍ପରତା ଦେଖାଇଛି ପଞ୍ଚାୟତ ପ୍ରଶାସନ। ତୁଳସା କ୍ରିସାନୀକୁ ଛ ମାସ ଭତ୍ତା ଟଙ୍କା ଫେରାଇ ଥିବା ଜଣାପଡିଛି। ସୂଚିତ ଯେ ସୋମବାର ବନମାଳୀପୁଟ ଗ୍ରାମ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିରରେ ପହଞ୍ଚି ଛ ମାସକର ଭତ୍ତା ଟଙ୍କା ପାଇ ନଥିବା ଅଭିଯୋଗ କରିଥିଲେ ତୁଳସା। ପିଇଓ ତୁଳସାଙ୍କ ନାମରେ ଭତ୍ତା ଟଙ୍କା ଅନ୍ୟ ଜଣେ ଟିପ ଦେଇ ନେଉଥିବା କହି ଥିବା ବେଳେ ଖବର ପ୍ରସାରଣ ପରେ ତୁଳସା ଛ ମାସର ଟଙ୍କା ଫେରି ପାଇଛନ୍ତି। ପ୍ରଶ୍ନ ଉଠୁଛି ଛ’ ମାସ ଧରି ତୁଳସାଙ୍କ ଭତ୍ତା ଟଙ୍କା ନେଉଥିଲା କିଏ। ଆଉ ଖବର ପ୍ରସାରଣ ପରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଘରକୁ ପହଞ୍ଚି ଛ’ ମାସର ଭତ୍ତା ଟଙ୍କା ପ୍ରଦାନ କରିଛନ୍ତି ତୁଳସା ବୃଦ୍ଧା ମା’ଙ୍କୁ। ସେପଟେ ଛ ମାସର ଭତ୍ତା ଟଙ୍କା ପାଇ ତୁଳସା ଖୁସି ବ୍ୟକ୍ତ କରିଥିବା ବେଳେ ପରିବାର ଲୋକେ ଆଶ୍ୱସ୍ତି ପ୍ରକାଶ କରିଛନ୍ତି।

## ସାମାଜିକ ଚେତନା କେନ୍ଦ୍ରର ଶୁଭାରମ୍ଭ

**ମାଲକାନଗିରି, ୧୧।୧୧ (ସମିସ):** ମାଲକାନଗିରି ଜିଲ୍ଲା କାରାଗରରେ ଉଲ୍ଲାସ କାର୍ଯ୍ୟକ୍ରମରେ ପ୍ରଥମ ଥର କରି ସାମାଜିକ ଚେତନା କେନ୍ଦ୍ରର ଶୁଭାରମ୍ଭ କରିଛନ୍ତି ଜିଲ୍ଲାପାଳ ଓ ଏସ୍‌ପି। ଏହାଦ୍ୱାରା ନିରକ୍ଷର ହେବେ ସାକ୍ଷର ଓ କାରାଗର ଅନ୍ତେବାସୀଙ୍କୁ ଦିଆଯିବ କୌଶଳ ବିକାଶ ତାଲିମ। ମାଲକାନଗିରି ଜିଲ୍ଲା ଜେଲ ପରିସରରେ ଆଜି ଏକ ସାମାଜିକ ଚେତନା କେନ୍ଦ୍ର ଶୁଭାରମ୍ଭ କରାଯାଇଛି। ଜାତୀୟ ଶିକ୍ଷା ଦିବସ ୨୦୨୫ ଅବସରରେ ଜିଲ୍ଲପାଳ ସୋମେଶ କୁମାର ଉପାଧ୍ୟାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି କେନ୍ଦ୍ରର ଶୁଭାରମ୍ଭ କରିଛନ୍ତି। ଜିଲ୍ଲା କାରାଗାର ରେ ଥିବା



ନିରକ୍ଷର ଅନ୍ତେବାସୀମାନଙ୍କୁ ଏହି କେନ୍ଦ୍ର ମାଧ୍ୟମରେ ସାକ୍ଷର କରାଯିବ। ପୁନଶ୍ଚ ଯେଉଁ ବ୍ୟକ୍ତି ମାନେ ସାକ୍ଷର ଓ ଶିକ୍ଷିତ ଥିବେ ସେମାନଙ୍କୁ କୌଶଳ ବିକାଶ ର ତାଲିମ ମଧ୍ୟ ପ୍ରଦାନ କରାଯିବ। ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ ଏଚ୍, ମୁଖ୍ୟ ବକ୍ତା, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ ଓ ଭାଗିରଥି ବେହେରା ଓ କାରାଗାର ଅଧିକ୍ଷକ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ମମତା ସୋଏ ଓ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏହି କେନ୍ଦ୍ର ମାଧ୍ୟମରେ ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମ ଅଧୀନରେ ନିରକ୍ଷର ଅନ୍ତେବାସୀ ମାନଙ୍କୁ ସାକ୍ଷର କରାଯିବ। ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ତରଫରୁ ସମସ୍ତ ଯୋଗ୍ୟ ଅନ୍ତେବାସୀଙ୍କୁ ଉଲ୍ଲାସ ପୁସ୍ତକ ଓ ପାଠ୍ୟ ପୁସ୍ତକ ଯୋଗାଇ ଦିଆଯାଇଥିଲା।

## ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟରେ ସାଇବର ସଚେତନତା

ଚନ୍ଦ୍ରପୁର,୧୧।୧୧(ସମିସ): ଆଦିବାସୀ ଅଧ୍ୟୁଷିତ ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ବ୍ଲକ୍ ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟରେ ଡାଙ୍ଗସରଡ଼ାଠାରେ ମୁନିଗୁଡା ଥାନା ଅଧିକାରୀ ମୁଖ୍ୟ ଅତିଥି ଭାବେ ସଉଦାମିନୀ ବେହେରା, ମୁଖ୍ୟ ବକ୍ତା ଭାବେ ଏସଆଇ ବିକାଶ ଦେବନାଥ, ସଭାପତି ଭାବେ ପ୍ରଧାନ ଶିକ୍ଷକ ମୃତ୍ୟୁଞ୍ଜୟ ପଟନାୟକ , ସମ୍ମାନିତ ଅତିଥି ରୂପେ ଏଏସଆଇ ଏଫ ଏ ମହମ୍ମଦ ଉପସ୍ଥିତ ରହି ଆଜି ସ୍କୁଲ ଥାନାର ମିଳିତ ଆନୁକୂଲ୍ୟରେ ସାଇବର ସଚେତନା ଉପରେ ବିସ୍ତୃତ ପ୍ରାଞ୍ଜଳ ଭାବେ ଏସଆଇ ଶ୍ରୀ ବିକାଶ ଦେବନାଥ ଛାତ୍ରଛାତ୍ରୀମାନଙ୍କୁ ବୁଝାଇଥିଲେ। ଅଧିକାଂଶ ସାଇବର ଠକାମୀର ପ୍ରମୁଖ କାରଣ ହେଉଛି ସଚେତନାର ଅଭାବ। ଏଥିପାଇଁ ଅନଲାଇନ ଡିଜିଟାଲ, ଇଣ୍ଟରନେଟ ବ୍ୟବହାରକାରୀ ସତର୍କ ରହିବାକୁ ପଡିବ। କାର୍ଯ୍ୟକ୍ରମରେ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଛାତ୍ରଛାତ୍ରୀ ମାନଙ୍କ ସହ ଫାଣ୍ଡିଠାରୁ ଗ୍ରାମ ପରିକ୍ରମା କରିବା ସହିତ ସାହି ଛକରେ ଗ୍ରାମବାସୀଙ୍କୁ ସାଇବର ସଚେତନା ଉପରେ ବୁଝାଇ ଥିଲେ।

## ଜିଲ୍ଲା ପାଇଁ ଗୌରବ ଆଣିଲେ ସ୍ୱନ୍ଦନା



ନନ୍ଦପୁର,୧୧।୧୧(ସମିସ): ଓଡ଼ିଶା ପୁଲିସ ପକ୍ଷରୁ ଜନସାଧାରଣଙ୍କ ଧନସମ୍ପଦର ସୁରକ୍ଷା ନିମନ୍ତେ ସାଇବର ସୁରକ୍ଷା ଅଭିଯାନ-୨୦୨୫ ଓଡ଼ିଶା ପୋଲିସ ଦକ୍ଷିଣ ପଶ୍ଚିମାଞ୍ଚଳ ପରିସର ଅନ୍ତର୍ଗତ କୋରାପୁଟ, ମାଲକାନଗିରି, ରାୟଗଡ଼ା, ନବରଙ୍ଗପୁର, କଳାହାଣ୍ଡି ଓ ନୂଆପଡା ଜିଲ୍ଲାରୁ ଜିଲ୍ଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାର ପ୍ରତିଯୋଗୀମାନଙ୍କୁ ନେଇ ପ୍ରତିଯୋଗିତା ହୋଇଥିଲା। ଉକ୍ତ ପ୍ରତିଯୋଗିତା ଦକ୍ଷିଣ ପଶ୍ଚିମାଞ୍ଚଳ ପରିସର ଉପ-ନିର୍ଦ୍ଦେଶକ ଆରକ୍ଷୀ ନିରୀକ୍ଷକ କାର୍ଯ୍ୟାଳୟ କୋରାପୁଟ ଠାରେ ଅନୁଷ୍ଠିତ ହୋଇଯାଇଛି। ଇଂରାଜୀ ବିଭାଗ ବକ୍ତୃତା ପ୍ରତିଯୋଗିତାରେ ସିନ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ ନନ୍ଦପୁର, ଜିଲ୍ଲା କୋରାପୁଟ ପ୍ରଥମ ବର୍ଷର ଛାତ୍ରୀ ସ୍ୱନ୍ଦନା ଖିଲ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ ହୋଇଛନ୍ତି। ପୁଲିସ ବିଭାଗ ପକ୍ଷରୁ ପ୍ରମାଣ ପତ୍ର ଏବଂ ସ୍ମୃତି ଚିହ୍ନ ଦେଇ ସମ୍ମାନିତ କରାଯାଇଥିଲା। ପ୍ରତିଯୋଗୀତାର ବିଚାରକ ଭାବେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅମ୍ବିତ ମହାନ୍ତି ଓ ମନୋବ୍ରତ ଶତପଥି, ସହକାରୀ ଆରକ୍ଷୀ ଅଧିକ୍ଷକ ଭବାନୀ ପ୍ରଧାନ ଓ ଅଧାପକ ରବି ଶତପଥି ପ୍ରମୁଖ ଉପସ୍ଥିତ ଥିଲେ। ମହାବିଦ୍ୟାଳୟ ଅଧକ୍ଷ ଅମର କୁମାର ମହାପାତ୍ର, ଅଧାପକ ଅଧାପିକା ଓ କର୍ମଚାରୀମାନେ ସ୍ୱନ୍ଦନା ଖିଲକୁ ଶୁଭେଚ୍ଛା ଓ କୃତଜ୍ଞତା ଜଣାଇବା ସହ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିବା ପାଇଁ ଆଶା ରଖିଛନ୍ତି। ସେପଟେ ପଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଡ଼ାମ ସ୍ପନ୍ଦନା ଖିଲଙ୍କୁ ଶୁଭେଚ୍ଛା ଓ ଶୁଭ କାମନା ଜଣାଇଛନ୍ତି।

**ବିଧାୟକଙ୍କ ଶୁଭେଚ୍ଛା**

### ଭାଟଗୁଡା ଗାଁକୁ ନାହିଁ ପକ୍କା ରାସ୍ତା

# ଭୋଟ ବର୍ଜନ କରିବାକୁ ଲୋକଙ୍କ ଚେତାବନୀ

ବିଷମ କଟକ,୧୧।୧୧(ସମିସ): ସ୍ୱାଧୀନତାରେ ୭ ଦଶନ୍ଧୀ ବିତିଯାଇଥିଲେ ସୁଦ୍ଧା ଅନେକ ଗ୍ରାମକୁ ପକ୍କା ରାସ୍ତାଟିଏ ହେଇ ପାରିଲା ନାହିଁ। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ରାୟଗଡା ବିଷମ କଟକ ବ୍ଲକରୁ ମାତ୍ର ୪ କିଲୋମିଟର ଦୂରରେ ଥିବା ଚାଙ୍ଗଡାଗୁଡା ଗ୍ରାମ ପଞ୍ଚାୟତ ଅଧୀନରେ ଥିବା ଭାଟଗୁଡା ଗ୍ରାମରେ। ବିଷମ କଟକକୁ ଯୋଗାଯୋଗ ନିମନ୍ତେ ଏକ ପକ୍କା ରାସ୍ତା ନିର୍ମାଣ ନିମନ୍ତେ ଗ୍ରାମବାସୀଙ୍କ ତରଫରୁ ଦୀର୍ଘ ଦିନ ହେବ ଦାବି ହୋଇ ଆସୁଥିଲେ ସୁଦ୍ଧା ପ୍ରଶାସନିକ ବାବୁ କିମ୍ବା ଲୋକ ପ୍ରତିନିଧି ମାନେ ଏଥିପ୍ରତି କୌଣସି କର୍ଣ୍ଣପାତ କରୁନଥିବା ଅଭିଯୋଗ ହୋଇଛି। ପକ୍କା ରସ୍ତା ନଥିବା ଫଳରେ ଗ୍ରାମବାସୀ ବିଷମ କଟକ ଆସିବାକୁ ହେଲେ



ବହୁ ରାସ୍ତା ଅତିକ୍ରମ କରି ଆସିବାକୁ ପଡୁଛି। ପୂର୍ବ ପୁରୁଷରୁ ଭାଟଗୁଡା ଗ୍ରାମରେ ୧୦୦ କୁମ୍ଭକାର ପରିବାର ବସବାସ କରିଆସୁଥିବା ବେଳେ ମାଟିପାତ୍ର ନିର୍ମାଣ ଏହି ମାନଙ୍କ କୌଳିକ ବୃତ୍ତି। ଏହି ମାନଙ୍କ ଦ୍ୱାରା ନିର୍ମିତ ସାମଗ୍ରୀ ବିଷମ କଟକକୁ ଆଣିବାକୁ ହେଲେ ୧୦କିଲୋମିଟ ରାସ୍ତା ଦେଇ ଆସିବାକୁ ବାଧ୍ୟ ହେଉଛନ୍ତି। ଅପରପକ୍ଷେ ଭାଟଗୁଡା ଗ୍ରାମରୁ ବିଷମ କଟକ ମାତ୍ର ୪ କିମି ଦୂରତା ହୋଇଥିବା ବେଳେ ଦୁଇ କିଲୋମିଟର ଯିବା ଆସିବା କରିବା ନିମନ୍ତେ ପକ୍କା ରାସ୍ତା ନାହିଁ। ଯାହା ଫଳରେ ଗ୍ରାମବାସୀଙ୍କ ଜୀବନ ଜୀବିକା ଉପରେ ବେଶ ପ୍ରଭାବ ପକାଉଛି। ଦୀର୍ଘ ୨୦ ବର୍ଷ ପୂର୍ବେ ଗ୍ରାମବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ମନରେଗା ଯୋଜନାରେ ପାହାଡ଼ ମାଟି କାଟି ଏକ ଅଣ ଓସାରିଆ ରାସ୍ତା ନିର୍ମାଣ କରାଯାଇଥିଲା। ହେଲେ ବର୍ତମାନ ବର୍ଷା ପାଣିରେ ଏହି ରାସ୍ତା ଏବେ ଧୋଇ ହୋଇ ଯାତାୟାତ ଉପଯୋଗୀ ହୋଇନାହିଁ। ଏହି ରାସ୍ତାର ପୁନରୁଦ୍ଧାର ନିମନ୍ତେ ଗ୍ରାମବାସୀ ସରପଞ୍ଚ ଏବଂ ବ୍ଲକ ପ୍ରଶାସନ ନିକଟରେ ବାରମ୍ବାର ଗୁହାରି କରିଆସୁଥିଲେ ମଧ୍ୟ କେହି ଶୁଣୁନଥିବା ଅଭିଯୋଗ ହୋଇଛି। ନିର୍ବାଚନ ସମୟ ଆସିଲେ ବିଭିନ୍ନ ଦଳର ନେତା ମାନେ ରାସ୍ତା ନିର୍ମାଣ କରିଦେବାର ପ୍ରତିଶୃତି ଦେଉଛନ୍ତି। ଭୋଟ ହାସଲ କଲା ପରେ ଆଉ ପ୍ରତିଶୃତି ଭୁଲି ଯାଉଛନ୍ତି ବୋଲି ଗ୍ରାମବାସୀ ମାନେ କ୍ଷୋଭର ସହ ପ୍ରକାଶ କରିଛନ୍ତି। ପ୍ରଶାସନ ଏବଂ ନେତା ମାନଙ୍କ ଉପରେ ଏବେ ଗ୍ରାମବାସୀଙ୍କ ଭରସା ତୁଟିଯାଇଥିବା ମଧ୍ୟ କହିଛନ୍ତି। ଗ୍ରାମବାସୀ ରାସ୍ତା ନିର୍ମାଣ ନିମନ୍ତେ

### ନେତା, ଅଧିକାରୀ କାହାର ପଡୁନି ଦୃଷ୍ଟି

ଜିଲ୍ଲାପାଳଙ୍କୁ ଭେଟି ଗୁହାରି ଜଣାଇବେ। ଯଦି ଏକ ମାସ ମଧ୍ୟରେ ପ୍ରଶାସନ କିମ୍ବା ଲୋକପ୍ରତିନିଧି ମାନେ ଏହି ରାସ୍ତା ନିର୍ମାଣ କରିବା ଦିଗରେ ପଦକ୍ଷେପ ନ ନିଅନ୍ତି ତେବେ ନିଜ ଶ୍ରମଦାନ କରି ନିଜ ଖର୍ଚ୍ଚରେ ରାସ୍ତା ନିର୍ମାଣ କରିବେ ବୋଲି ଗଣମାଧ୍ୟମ କୁ ସୂଚନା ଦେଇଛନ୍ତି। ଏଥି ସହିତ ଅଗାମୀ ଦିନରେ ହେବାକୁ ଥିବା ନିର୍ବାଚନ ଗୁଡିକରେ ନିଜକୁ ଦୂରେଇ ରଖିବା ସହ ଭୋଟ ବର୍ଜନ କରିବେ ଏବଂ କୌଣସି ରାଜନୈତିକ ଦଳକୁ ଗାଁରେ ଭର୍ତ୍ତି କରାଇ ଦେବେ ନାହିଁ ବୋଲି ଭାଟଗୁଡା ଗ୍ରାମର ଟଙ୍କଧର କାଶି, ଡିଜେନ୍ କାଶି, ଘନ କାଶି, ଡମ୍ବରୁ କାଶି ପ୍ରମୁଖ ଏଭଳି ଚରଣ ବାଣି ଶୁଣାଇଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗକୁ ନେଇ ଆମେ ବିଷମ କଟକ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଏ ବାବଦରେ ଗ୍ରାମବାସୀଙ୍କ ତରଫରୁ ତାଙ୍କ ନିକଟକୁ କୌଣସି ଅଭିଯୋଗ ଆସିନାହିଁ। ତଥାପି ଗ୍ରାମବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହାର ଅନୁଧ୍ୟାନ କରାଯିବ ବୋଲି କହିଛନ୍ତି।

# ୫୮ କେଜି ଗଞ୍ଜେଇ ଜବତ, ୫ ଗିରଫ

ମାଥିଲି, ୧୧ ।୧୧(ସମିସ): ଅଭିନବ ଉପାୟରେ ସୁଟକେସ୍‌ରେ ଦିଲ୍ଲୀ ଚାଲାଣ ହେଉଥିଲା ଗଞ୍ଜେଇ। ମାଡି ବସିଲା ପୁଲିସ। ୫ ଗିରଫ ସହ ୫୮ କେଜି ଗଞ୍ଜେଇ ଜବତ। ସୂଚନା ଅନୁଯାୟୀ ମାଲକାନଗିରି ଜିଲା ମାଥିଲି ଥାନା ଅନ୍ତର୍ଗତ ଝୁଲୁନିବାହାଲ ଛକରେ ଚାଲାଣ ହେଉଥିବା ୫୮ କେଜି ଗଞ୍ଜେଇକୁ ଜବତ କରିଛି ମାଥିଲି ପୁଲିସ। ଏଥିରେ ସଂପୃକ୍ତ ଥିବା ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରାଯାଇଛି। ଅଭିନବ ଉପାୟରେ ସୁଟକେସ୍‌ରେ ଏହି ଗଞ୍ଜେଇ ନେବାକୁ ଯୋଜନା କରିବା ବେଳେ ବିଶେଷ ସୂତ୍ରରୁ ଖବର ପାଇ ଚାଲାଣକାରୀଙ୍କୁ ଗିରଫ କରିଛି ପୁଲିସ। ପୋଲିସକୁ ଧୂଳି ଦେଇ ଏହି ଗଞ୍ଜେଇ ଚାଲାଣ କରିବାକୁ ଦିଲ୍ଲୀର ୫ଜଣ ଯୁବକ ସ୍ଥିର କରି ଆସିବା ସହ ଏକ ନାଇଟ୍ କୋଚ୍ ବସ୍‌ରେ ଯିବା ସମୟରେ ମାଥିଲି ପୂର୍ବ ଝୁଲୁନିବାହାଲ ଛକରେ ଓହ୍ଲାଇ ପଡିଥିଲେ ଚାଲାଣକାରୀ। ସେଠାରେ ଯୁବକ ମାନଙ୍କ କଥାବାର୍ତ୍ତା ଓ ଆଚରଣ ଉପରେ ସନ୍ଦେହ ହେବାରୁ ପୁଲିସକୁ ଏନେଇ ଖବର ଦିଆଯାଇଥିଲା। ଖବର ପାଇ ସେଠାରେ ପଚରା ଉଚରା ଓ ତଲାସୀ ବେଳେ ସେମାନେ ଗଞ୍ଜେଇ ଚାଲାଣ କରୁଥିବା ଜାଣି ଗଞ୍ଜେଇକୁ ଜବତ କରି ସମସ୍ତ ୫ଜଣ ଚାଲାଣ କରୁଥିବା ଯୁବକଙ୍କୁ ଧରିବାରେ ସକ୍ଷମ ହୋଇଛି ମାଥିଲି ପୋଲିସ।



# ପୁଲିସ ଦେଲା ସାଇବର ସୁରକ୍ଷା ସଚେତନତା ବାର୍ତ୍ତା



ବିଷମ କଟକ,୧୧।୧୧(ସମିସ): ରାୟଗଡା ଜିଲ୍ଲା ବିଷମ କଟକ ବ୍ଲକର ଅନ୍ତର୍ଗତ ନିୟମଗିରି ସଦର କୁର୍ଲି ପଞ୍ଚାୟତରେ ରୋଡ଼ ସ୍ଥିତ ସରକାରୀ ପୁଲିସର ସାଇବର ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଷମକଟକ ପୁଲିସ ଥାନା ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ବିଷମକଟକ ଥାନା ଅଧିକାରୀ ସୂର୍ଯ୍ୟ ଚନ୍ଦ୍ର ପାଢି ଏବଂ ଥାନାର ଏସଆଇ ମନୋରଞ୍ଜନ ବିଶ୍ୱାଳ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ରହି ବିରଳ ଜନଜାତି ସାଇବର ଠକେଇ ଏବଂ ମୋବାଇଲ ଦ୍ୱାରା ହେଉଥିବା ଠକେଇରୁ କିପରି ନିଜେ ଓ ନିଜ ପରିବାରକୁ ବଞ୍ଚେଇ ପାରିବ ସେଥିପ୍ରତି ସଚେତନ କରାଇଥିଲେ। ଥାନା ଅଧିକାରୀ ଶ୍ରୀ ପାଢି ଡିଜିଟାଲ ଠକେଇ, ପାର୍ସଲ ଠକେଇ, ଟ୍ରେଣ୍ଡ ଠକେଇ ଓଟିପି ଠକେଇ ହେଉଥିବା ସମ୍ପର୍କରେ ଜନଜାତିଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ କୁର୍ଲି ସରପଞ୍ଚ ଶୁଭାର୍ଦ୍ଧିନୀ ୱାଡାକା ପୂର୍ବତନ ସରପଞ୍ଚ ଡିଞ୍ଜି ଜାକା ଶିକା ପ୍ରମୁଖ ଅଞ୍ଚଳବାସୀ ଉପସ୍ଥିତ ରହିଥିଲେ। ବିଷମ କଟକ ଥାନା ଅଧୀନରେ ବିଭିନ୍ନ ଶିକ୍ଷାନୁଷ୍ଠାନ ସହ ବିଭିନ୍ନ ଗ୍ରାମରେ ଏହି ସାଇବର ସୁରକ୍ଷା ସଚେତନତା ବାର୍ତ୍ତା ଦିଆ ଯାଉଛି। ସାଇବର ଅପରାଧ ରୋକିବା ପାଇଁ ପୁଲିସ ପକ୍ଷରୁ ପ୍ରୟାସ କରାଯାଉଥିବା ବିଷମ କଟକ ଥାନା ଅଧିକାରୀ ଶ୍ରୀ ପାଢି ସୂଚନା ଦେଇଛନ୍ତି।

# ମାଲକାନଗିରି ଥାନା ପକ୍ଷରୁ ସାଇବର ସୁରକ୍ଷା ଅଭିଯାନ



ମାଲକାନଗିରି, ୧୧ ।୧୧(ସମିସ): ଅନ୍‌ଲାଇନ ଓ ସାଇବର ଠକେଇ ରୋକିବା ଓ ସୁରକ୍ଷିତ ରହିବା ପାଇଁ ମାଲକାନଗିରି ଆଦର୍ଶ ଥାନା ପକ୍ଷରୁ ପଦ୍ମଗିରି ପଞ୍ଚାୟତ ରେ ସାଇବର ସୁରକ୍ଷା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ମାଲକାନଗିରି ଜିଲା ପୋଲିସ ବିଭାଗ ମାଲକାନଗିରି ଆଦର୍ଶ ଥାନା ମିଳିତ ଉଦ୍ୟମରେ ମାଲକାନଗିରି ବ୍ଲକ୍ ଛତିଶଗଡ଼ ସୀମାନ୍ତ ପଦ୍ମଗିରି ପଞ୍ଚାୟତ ତଳସାହି ଖେଳ ପଡିଆ ଠାରେ ଏହି କାର୍ଯ୍ୟକ୍ରମ ହୋଇଛି। କାର୍ଯ୍ୟକ୍ରମ ରେ ମୁଖ୍ୟଅତିଥି ଭାବେ ଏସ୍‌ଡିପିଓ ଦିବ୍ୟରଞ୍ଜନ ଦଳେଇ ଯୋଗଦେଇ ପ୍ରଥମେ ପଦ୍ମଗିରି ଉଚ୍ଚ ବିଦ୍ୟାଳୟ ନିକଟରେ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବିରାଟ ସଚେତନତା ଶୋଭାଯାତ୍ରା ବାହାରି ପଦ୍ମଗିରି ବଜାର ଗାଁ ପରିକ୍ରମା କରି ତଳସାହି ଖେଳପଡିଆ ଠାରେ ଏକ ବିରାଟ ସଚେତନତା ସଭାର ଆୟୋଜନ କରାଯାଇଥିଲା। ମାଲକାନଗିରି ଥାନା ଅଧିକାରୀ ରିଗାନ କିଣ୍ଡୋଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଏସ୍‌ଡିପିଓ ଦିବ୍ୟ ରଞ୍ଜନ ଦଳେଇ, ମୁଖ୍ୟବକ୍ତା ଭାବେ ସମାଜସେବୀ ରତ୍ନାକର ଦାଶ, ସମ୍ମାନିତ ଅତିଥିଭାବେ ବ୍ଲକ ଅଧ୍ୟକ୍ଷା ଗୌରୀ ପଡିଆମୀ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦଶରଥ ପଡିଆମୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅକ୍ଷୟ ନାୟକ, ଆଦିବାସୀ ନେତା କୃଷ୍ଣ ଚନ୍ଦ୍ର ମାଡକାମୀ, ଜିଲ୍ଲା ପରିଷଦ ସଭ୍ୟା କୁନି ଭୂମିଆ, ବିଧାୟକ ପ୍ରତିନିଧି ଅଶୋକ ବୈଦ୍ୟ, ନାଏବ ସରପଞ୍ଚ ରମିଳା ନାୟକ ପ୍ରମୁଖ ଉପସ୍ଥିତ ରହି ସାଇବର ଠକେଇରୁ ଜନସାଧାରଣ କିପରି ସୁରକ୍ଷା ପାଇପାରିବେ ସଚେତନ କରିଥିଲେ। ସାଇବର ଅପରାଧୀମାନେ ଡିଜିଟାଲ ପ୍ଲାଟଫର୍ମ, ହ୍ୱାଟ୍‌ସ ଆପ୍, ଇନ୍‌ଷ୍ଟାଗ୍ରାମ, ଇ-ମେଲ ଓ ମୋବାଇଲ ଫୋନ୍, ଇଣ୍ଟେରନେଟ ମାଧ୍ୟମରେ ବ୍ୟାଙ୍କ ଜମା ଖାତାରୁ ଟଙ୍କା ଗାଏବ କରିଥାନ୍ତି। ସେମାନେ ନାନା ପ୍ରକାର ଲୋଭ ଦେଖାଇଥାନ୍ତି। ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଆଓମା ଗୁରୁକୁଳ କଳାକାର ଦ୍ୱାରା ସାଇବର ଠକେଇ ସମ୍ପର୍କରେ ନାଟକ ମଞ୍ଚସ୍ଥ ହୋଇଥିଲା। ବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରାଯାଇଥିଲା। ସଚେତନତା ଶୋଭାଯାତ୍ରା ଓ କାର୍ଯ୍ୟକ୍ରମରେ ଶତାଧିକ ସ୍ଥାନୀୟ ବୁଦ୍ଧିଜୀବୀ, ଜନସାଧାରଣ ଓ ଅଭିଭାବକ ମଧ୍ୟ ଉପସ୍ଥିତ ଥିଲେ।

## ପୌର ପରିଷଦରେ ସଫେଇ ନାମରେ ମହାଦୁର୍ନୀତି

# ମୃତ ଓ ଅନୁପସ୍ଥିତଙ୍କ ନାଁରେ ଟଙ୍କା ଉଠାଇ ହରିଲୁଟ୍

ମାଲକାନଗିରି,୧୧।୧୧ (ସମିସ): ମାଲକାନଗିରି ପୌର ପରିଷଦରେ ସଫେଇ ନାମରେ ମହାଦୁର୍ନୀତି ହୋଇଛି। ଠିକା ସଂସ୍ଥା ଏଲଏଣ୍ଡକେ ସର୍ଭିସ ପ୍ରତି ମାସରେ ଲୁଟ କରୁଛି ଲକ୍ଷ ଲକ୍ଷ ଟଙ୍କା। ମଲା ଲୋକଙ୍କୁ ସଫେଇ କର୍ମଚାରୀ ଦର୍ଶାଇ ପ୍ରତିମାସରେ ଟଙ୍କା ଉଠାଯାଉଥିବା ବେଳେ କିଛି କର୍ମଚାରୀ କାର୍ଯ୍ୟ କରୁନଥିବା ବେଳେ ତାଙ୍କ ନାମରେ ମଧ୍ୟ ଉଠାଯାଉଛି ଟଙ୍କା। ଏପରିକି ଦୈନିକ ଉପସ୍ଥାନ ଖାତାରେ କୌଣସି କର୍ମଚାରୀ ଦସ୍ତଖତ କରୁନଥିବା ବେଳେ ଜାଲ ଦସ୍ତଖତ କରିଚାଲିଛି ଠିକା ସଂସ୍ଥା। ସେହିଭଳି ଇପିଏଫ ଟଙ୍କା ନିୟମିତ ପୈଠ ନକରି ହଡ଼ପ କରୁଛି ସଂସ୍ଥା। ଏନେଇ ସଫେଇ କର୍ମଚାରୀ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କଲେ ନାଲି ଆଖି ଦେଖାଉଥିବା କର୍ମଚାରୀ କହିଛନ୍ତି। ଏ ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ ୭ ଦିନ ମଧ୍ୟରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବେ ବୋଲି କହିଛନ୍ତି। ନାମ "ଥୋମାସ ସୋରେନ"। ଘର ମାଲକାନଗିରି ସଦରସ୍ଥିତ ରୁକ୍ମିଣୀଗୁଡା। ଥୋମାସ ମାଲକାନଗିରି ପୌର ପରିଷଦର ସଫେଇ କାର୍ଯ୍ୟରେ କର୍ମଚାରୀ ଭାବେ କାର୍ଯ୍ୟ କରୁଥିବା ବେଳେ ଗତ ୧୧.୫.୨୦୨୫ରେ ତାଙ୍କର ଦେହାନ୍ତ ହୋଇଥିବା ବେଳେ ମେ ମାସ ୩୧ ତାରିଖ ପର୍ଯ୍ୟନ୍ତ ତାଙ୍କ ନାମରେ ଉଠାଯାଇଛି ଟଙ୍କା। ଏପରିକି ଟଙ୍କା ଯାଇଥିବା ସମ୍ପର୍କରେ ପରିବାର ଲୋକ କିଛି ଜାଣିନଥିବା କହିଛନ୍ତି। ଏପରିକି ଉପସ୍ଥାନ ଖାତାରେ ଭୁତ ମାରିଛି ଦସ୍ତଖତ। ଆଉଏ ହେଉଛନ୍ତି ଟି.ଜୁଲି। ଏବେ ମଧ୍ୟ ସେ ସଫେଇ କାର୍ଯ୍ୟ କରୁଥିବା ବେଳେ କୌଣସି ଦିନ ଉପସ୍ଥାନ ଖାତାରେ ଦସ୍ତଖତ କରୁନଥିବା କହିଛନ୍ତି। ଏପରିକି ଦସ୍ତଖତ ଖାତାକୁ ଭଲଭାବେ ନଜର କଲେ ଗୋଟିଏ ବ୍ୟକ୍ତି ହିଁ ସମସ୍ତ କର୍ମଚାରୀଙ୍କ ଦସ୍ତଖତ ଓ ଟିପ ମାରିଥିବା ଅନୁମାନ କରାଯାଉଛି। ଆଉ ଉପସ୍ଥାନ ଖାତାରେ ଥିବା ୯୫ ନମ୍ବର କେ.ସୁନିତା ବିବାହ କରି ଆନ୍ଧ୍ରପ୍ରଦେଶରେ ରହୁଥିବା ବେଳେ ତାଙ୍କ ନାମରେ ମଧ୍ୟ ମାସ ମାସ ଧରି ଉଠାଯାଇଛି ଟଙ୍କା। ତେବେ ପୌର ପରିଷଦରେ ମୋଟ ୧୧୮ ଜଣ ସଫେଇ କର୍ମଚାରୀ କାର୍ଯ୍ୟ କରୁଥିବା ଉପସ୍ଥାନ ଖାତାରେ ଥିବା ବେଳେ ବାସ୍ତବିକ ୬୦ରୁ ୭୦ ଜଣ ସଫେଇ କର୍ମଚାରୀ କାର୍ଯ୍ୟ କରୁଥିବା ସୂଚନା ଅଧିକାର ଆଇନ ବଳରେ ପ୍ରାପ୍ତ ହୋଇଛି। ପ୍ରତି କର୍ମଚାରୀ ମାସକ ସାରା ସଂପୂର୍ଣ୍ଣ କାର୍ଯ୍ୟ କଲେ ଦୈନିକ ୪୫୨ ଆକାରରେ ମାସିକ ୧୩,୫୬୦ ଟଙ୍କା ପାଇଥାନ୍ତି। ୪୦ ଜଣଙ୍କର ଦରମା ଟଙ୍କା ହଡ଼ପ କଲେ ମାସକୁ ଯାହାକୁ ୫ ଲକ୍ଷରୁ ଅଧିକ ହେବ। ଏପରିକି ଠିକା ସଂସ୍ଥା ପୌର ପରିଷଦରୁ ଇପିଏଫ ଟଙ୍କା ନେଇ ଚାଲିଥିବା ବେଳେ କର୍ମଚାରୀଙ୍କୁ ସଠିକ ଭାବେ ପୈଠ କରୁନାହିଁ। ଏ ସଂପର୍କରେ ପୌର ପରିଷଦର ନିର୍ବାହୀ ଅଧିକାରୀ ରାଜୀବ ଲୋଚନ ନାୟକଙ୍କୁ ପଚାରିବାରୁ ଏ ସଂପର୍କରେ ଆମ ଠାରୁ ସୂଚନା ପାଇଛନ୍ତି ଓ ୭ ଦିନ ଭିତରେ ଏହାର ତଦନ୍ତ କରାଯିବ। ଯଦି ଠିକା ସଂସ୍ଥା ନାମରେ କୌଣସି ଦୁର୍ନୀତି ପଦାକୁ ଆସିବ ତାହା ହେଲେ ଠିକା ସଂସ୍ଥା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ କେତେ ମାସରୁ ଏପରି ପୌର ପରିଷଦରେ ଦୁର୍ନୀତି ଚାଲିଛି ଓ କେତେ ଟଙ୍କା ଦୁର୍ନୀତି ହୋଇଛି ଓ କେଉଁ କେଉଁମାନେ ଏଥିରେ ସଂପୃକ୍ତ ତାହା ପଦାକୁ ଆସିବ।




# ମୋଟର ସାଇକଲ୍ ନେଇ ଫେରାର ଅଭିଯୁକ୍ତ ଗିରଫ



କୋରୁକୋଣ୍ଡା/ବାଲିମେଳା,୧୧ ।୧୧(ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ଓର୍କେଲ ପୁଲିସ ଜଣେ ବାଇକ୍ ଚୋରକୁ ଗିରଫ କରିଛି। ଅଭିଯୁକ୍ତ ଯୁବକକୁ ମଙ୍ଗଳବାର କୋର୍ଟ ଚାଲାଣ କରିଛି ଓର୍କେଲ ପୁଲିସ। ଗିରଫ ଅଭିଯୁକ୍ତ ହେଲେ କୋରାପୁଟ ଜିଲ୍ଲା ବୋରିଗୁମା ଥାନା ଅଧିନସ୍ତ ମାଲଦା ଗ୍ରାମର ନାରାୟଣ ମାଲି(୨୩)। ଗିରଫ ପରେ ଯୁବକଙ୍କ ନିକଟରୁ ଚୋରି ବାଇକ୍ ସମେତ ଏକ ମୋବାଇଲ ଫୋନ ଜବତ କରିଛି ପୁଲିସ। ସୂଚନାନୁଯାୟୀ, ଓର୍କେଲ ଥାନା ଅନ୍ତର୍ଗତ କେନ୍ଦୁଗୁଡା ଗ୍ରାମରେ ରହୁଥିବା ଲକ୍ଷ୍ମଣ ଖିଲଙ୍କ ବାଇକ୍‌କୁ ଜଣେ ବ୍ୟକ୍ତି ମାଗିନେଇ କେଉଁଆଡେ ଫେରାର ହୋଇଯାଇଥିଲେ। ଏନେଇ ଲକ୍ଷ୍ମଣ ଗତ ଅକ୍ଟୋବର ମାସ ୧୮ ତାରିଖରେ ଓର୍କେଲ ଥାନାରେ ଏକ ଲିଖିତ ଏତଲା ଦେଇଥିଲେ। ଏତଲାରେ ଉଲ୍ଲେଖ ରହିଥିଲା ଯେ କିଛିଦିନ ପୂର୍ବେ ଜୟପୁର ଅଞ୍ଚଳରେ କାମ କରିବା ସମୟରେ ସେଠାରେ ତାଙ୍କ ସହିତ ମିଶି କାମ କରୁଥିବା ନାରାୟଣଙ୍କ ସହିତ ତାଙ୍କର ଚିହ୍ନା ପରିଚୟ ହୋଇଥିଲା। ଏହାର କିଛିଦିନ ପରେ ଅର୍ଥାତ ଅକ୍ଟୋବର ମାସରେ ନାରାୟଣ ନାମକ ଯୁବକ ଲକ୍ଷ୍ମଣଙ୍କ ଘରକୁ ବୁଲିବାକୁ ଆସିଥିଲେ। ଲକ୍ଷ୍ମାଣଙ୍କ ଘରେ ଖାଇବା ପରେ ନାରାୟଣ ଗାଁ ପାଖରୁ ବୁଲି ଆସିବେ ବୋଲି କହି ତାଙ୍କର ମୋଟର ସାଇକେଲ ମାଗି ନେଇ କେଉଁଆଡେ ପଳାଇଯାଇଥିଲେ। ଦୀର୍ଘ ଘଣ୍ଟା ଧରି ଅପେକ୍ଷା କରିବା ପରେ ନାରାୟଣ ଆଉ ଲକ୍ଷ୍ମଣଙ୍କ ଘରକୁ ଫେରିନଥିଲେ କିମ୍ବା ତାଙ୍କର ଫୋନ ବନ୍ଦ ରହିଥିଲା। ଏହାପରେ ଲକ୍ଷ୍ମଣ ଏବଂ ତାଙ୍କ ସମ୍ପର୍କୀୟମାନେ ଆଖ ପାଖ ଅଞ୍ଚଳରେ ବହୁତ ଖୋଜା ଖୋଜି କରିବା ପରେ ଉକ୍ତ ବ୍ୟକ୍ତିଙ୍କର କୌଣସି ସୂଚନା ନମିଳିବାରୁ ଲକ୍ଷ୍ମଣ ନିରୁପାୟ ହୋଇ ଗତ ଅକ୍ଟୋବର ମାସ ୧୮ ତାରିଖରେ ଓର୍କେଲ ଥାନାରେ ଦ୍ୱାରସ୍ଥ ହୋଇ ଏକ ଲିଖିତ ଏତଲା ପ୍ରଦାନ କରିଥିଲେ। ଉକ୍ତ ଏତଲାକୁ ଭିତ୍ତି କରି ପୋଲିସ ପକ୍ଷରୁ ଥାନାରେ କେସ ନମ୍ବର -୨୮୨/୨୦୨୫ରେ ଏକ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଏକ ବିଶେଷ ସୂତ୍ରରୁ ଖବର ପାଇବା ପରେ ଥାନା ଅଧିକାରୀ ଧିରେନ ପଟ୍ଟନାୟକଙ୍କ ନେତୃତ୍ୱରେ ପୁଲିସର ଏକ ସ୍ୱତନ୍ତ୍ର ଟିମ କୋରାପୁଟ ଜିଲ୍ଲା ବରିଗୁମା ଥାନା ଅଧିନସ୍ତ ମାଲଦା ଗ୍ରାମରେ ପହଞ୍ଚି ଘଟଣାରେ ସମ୍ପୃକ୍ତ ଥିବା ନାରାୟଣଙ୍କୁ ଗିରଫ କରିବା ସହିତ ତାଙ୍କ ନିକଟରୁ ଉକ୍ତ ବାଇକ୍ ଏବଂ ଏକ ମୋବାଇଲ ଫୋନ ଜବତ କରି ଓର୍କେଲ ଥାନାକୁ ଆଣିଥିଲା। ଏହି ବାଇକ ଚୋରି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୁକ୍ତ ନାରାୟଣଙ୍କୁ ମଙ୍ଗଳବାର ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି।

# ବ୍ଲକ୍‌ସ୍ତରୀୟ ମତ୍ସ୍ୟ, ପ୍ରାଣୀସମ୍ପଦ ମେଳା; ୮ ଚାଷୀଙ୍କୁ ସମ୍ବର୍ଦ୍ଧନା



ଗୁଣପୁର,୧୧।୧୧(ସମିସ): ରାୟଗଡ଼ା ଜିଲ୍ଲା ଗୁଣପୁର ବ୍ଲକ ପରିସରରେ ମଙ୍ଗଳବାର ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଅନୁଷ୍ଠିତ ହୋଇଥିଲା। ପଶୁ ପାଳନ ଓ ମତ୍ସ୍ୟ ସମ୍ପଦ ଉପରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରି ସରକାରଙ୍କ ଯୋଜନା ଭୁକ୍ତ ହୋଇ ଲାଭ ଉଠେଇବା ପାଇଁ ଏହି ମେଳାର ମୁଖ୍ୟ ଲକ୍ଷ୍ୟ ରହିଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ସତ୍ୟଜିତ ଗମାଙ୍ଗ ଯୋଗ ଦେଇ ଥିବାବେଳେ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଝିଲି ଶବର, ଉପାଧ୍ୟକ୍ଷ ସୁଦର୍ଶନ ଶବର, ପୌର ପରିଷଦର ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ଼, ରାୟଗଡ଼ା ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା ମୃଣ୍ମୟ କୁମାର ପଣ୍ଡା, ଜିଲ୍ଲା ମତ୍ସ୍ୟ ଅଧିକାରୀ ସୁଶାନ୍ତ କୁମାର ଗୌଡ ଯୋଗ ଦେଇଥିଲେ କ୍ଷ ଗୁଣପୁର ବିଡ଼ିଓ ତଥା ବ୍ଲକ୍ ସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା ପରିଚାଳନା କମିଟି ଅଧ୍ୟକ୍ଷ ସ୍ୱସ୍ତିକ ଜମାଦାର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ରାଧେ ଶ୍ୟାମ ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ଉପସ୍ଥିତ ବିଭାଗୀୟ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ସରକାରଙ୍କ ବିଭିନ୍ନ ଯୋଜନା ଯଥା ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା, ପ୍ରାଣୀ କଲ୍ୟାଣ ଯୋଜନା, ଜାତୀୟ ପ୍ରାଣିଧନ ମିଶନ ଉପରେ ଅବଗତ କରାଇଥିଲେ। ମେଳାରେ ମିଶନ ଶକ୍ତି, ମିଲେଟ ମିଶନ, ଆଇସିଡ଼ିଏସ, ପ୍ରାଣୀ ବିଭାଗ ଏବଂ ବିଭିନ୍ନ ବିଭାଗ ପକ୍ଷରୁ ଷ୍ଟଲ ପ୍ରଦର୍ଶନୀ ହୋଇଥିଲା। ସଫଳ ପ୍ରାଣୀ ପାଳକ ଓ ମତ୍ସ୍ୟ ଚାଷୀ ଏପରି ୮ ଜଣଙ୍କୁ ୧୦୦୦ ଟଙ୍କା ପୁରସ୍କାର ରାଶି ସହ ମାନପତ୍ର ଏବଂ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧିତ ଚାଷୀ ମାନେ ହେଲେ ଜଗଦୀଶ ଗଙ୍ଗା, ମଣ୍ଟୁ ଶବର,ପାଲକା ଲତା, ମହିମା ସ୍ୱୟଂ ସହାୟକ ଗୋଷ୍ଠୀ, ଅଭିରାମ ଦୋରା, ବୁଡ଼ି ଶବର, ଶ୍ରୀମତୀ ଟି. ଶୈଳଜା, ମା ବୃନ୍ଦାବତୀ ସ୍ୱୟଂ ସହାୟକ ଗୋଷ୍ଠୀ ସମ୍ବର୍ଦ୍ଧିତ ହୋଇଥିଲେ। ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ଭିଭାଗ ଦ୍ୱାରା ବ୍ଲକ୍ ସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳାରେ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ରହି ବିଭିନ୍ନ ବିଷୟ ରେ ଆଲୋଚୋନ କରିଥିଲେ। ବିଭାଗୀୟ କାର୍ଯ୍ୟକ୍ରମର ପ୍ରଦର୍ଶନୀ, ଚାଷୀ- ବିଶେଷଜ୍ଞ ଆଲୋଚନାଚକ୍ର, ସଚେତନତା କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ଗୁଣପୁର ଜିଲ୍ଲା ପରିଷଦ ସଭ୍ୟ ଇଗାନ ଶବର, ସାଂସଦ ପ୍ରତିନିଧି ତଥା ସରପଞ୍ଚ ସନ୍ତୋଷ ଶବର ଓ ତରଣୀ ସେନ୍ ଶତପଥୀ ସହ ବିଭିନ୍ନ ଗ୍ରାମ ପଞ୍ଚାୟତର ଚାଷୀ ଓ ନିର୍ବାଚିତ ପ୍ରତିନିଧ ଉପସ୍ଥିତ ରହି ଚାଷୀ ମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଗୋ-ପୂଜନ କରାଯାଇଥିଲା। ଶେଷରେ ସୁପ୍ରିୟା ସୁଆର, ସହକାରୀ ମତ୍ସ୍ୟ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ● ରାୟଗଡ଼ା ପୌର ଉପାଧ୍ୟକ୍ଷାଙ୍କ ବିରୋଧରେ ଅନସ୍ଥା ଭୋଟ ଗଣତି ପ୍ରସଙ୍ଗ

# ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ଜିଲ୍ଲାପାଳଙ୍କୁ ଦେଲେ କାଉନ୍ସିଲର

## ● ଫଳାଫଳ ଘୋଷଣା ଏବେ ନୁହେଁ : ଜିଲ୍ଲାପାଳ



ରାୟଗଡ଼ା,୧୧।୧୧(ସମିସ): ଆଜି ରାୟଗଡ଼ା ଜିଲ୍ଲାପାଳଙ୍କୁ ଭେଟି ରାୟଗଡ଼ା ପୌର ଉପାଧ୍ୟକ୍ଷାଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବରେ ହୋଇଥିବା ଭୋଟ ଗଣତି ସଂପର୍କୀତ ଉଚ୍ଚ ନ୍ୟାୟାଳୟ, ଓଡିଶାଙ୍କ ଆଦେଶ ପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି ରାୟଗଡ଼ା ପୌର ପରିଷଦର କାଉନସିଲରମାନେ। ଉପାଧ୍ୟକ୍ଷା ଶୁଭ୍ରା ପଣ୍ଡାଙ୍କ ବିରୋଧରେ ୧୯ଜଣ କାଉନ୍‌ସିଲର ଆଣିଥିବା ଅନାସ୍ଥାକୁ ନେଇ ଗତ ମାସ ଅକ୍ଟୋବର ୯ ତାରିଖରେ ଭୋଟିଂ ହୋଇଥିଲା। ତେବେ ଉପାଧ୍ୟକ୍ଷା ଏ ନେଇ ହାଇକୋର୍ଟର ଦ୍ୱାରସ୍ଥ ହେବା ପରେ ବିଚାରପତି ଭୋଟ ଗଣତି ଓ ଘୋଷଣା ଉପରେ ରହିତାଦେଶ ଜାରି କରିଥିଲେ। ଏ ନେଇ ଚଳିତ ମାସ ଗତ ୬ ତାରିଖରେ ଏହାର ବିଚାର କରି ପୁଣି ଥରେ ହାଇକୋର୍ଟ ବିଚାରପତି ଆର .କେ. ପଟ୍ଟନାୟକ ଭୋଟ ଗଣତି କରିବା ନେଇ ରାୟ ଦେଇଥିବାରୁ ଏହାର ଆଦେଶ ପତ୍ରକୁ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କୁ କାଉନସିଲରମାନେ ଆଜି ପ୍ରଦାନ କରିଛନ୍ତି ଏବଂ ଘୋଷଣା ପାଇଁ ଶୀଘ୍ର ପ୍ରକ୍ରିୟା ଆରମ୍ଭ କରିବାକୁ ନିବେଦନ କରିଥିଲେ। ଜିଲ୍ଲାପାଳ ଏହାକୁ ଗ୍ରହଣ କରି ସହମତି ପ୍ରକାଶ କରିଥିବା ଏବଂ କୋର୍ଟଙ୍କ ଆଦେଶ ପ୍ରକାରେ ବର୍ତମାନ ଫଳାଫଳ ଘୋଷଣା କରାଯିବ ନାହିଁ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି। ଏ ନେଇ ଶେଷ ଶୁଣାଣି ଉଚ୍ଚ ନ୍ୟାୟାଳୟରେ ହୋଇ ନ ଥିବା ଏବଂ ପୌର ନିର୍ବାହୀ ଅଧିକାରୀ କୁଲଦୀପ କୁମାର ପ୍ରଶିକ୍ଷଣ ପାଇଁ ବାହାରକୁ ଯାଇଥିବାରୁ ଏହି ପ୍ରକ୍ରିୟା ଆହୁରି ବିଳମ୍ବ ନେଇପାରେ ବୋଲି ଜଣାପଡିଛି।

# ଚିତ୍ରକୋଣ୍ଡା ବିଧାୟକଙ୍କ ବିରୋଧରେ ଅଭିଯୋଗକୁ ଖଣ୍ଡନ

ଚିତ୍ରକୋଣ୍ଡା ,୧୧ ।୧୧(ସମିସ): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବିଧାୟକଙ୍କ ବିରୋଧରେ ଆସିଥିବା ଅଭିଯୋଗକୁ ଚିତ୍ରକୋଣ୍ଡା ଠାରେ ଏକ ପ୍ରେସ୍ ମିଟ୍ ଜରିଆରେ ଖଣ୍ଡନ କରିଛନ୍ତି ଚିତ୍ରକୋଣ୍ଡା ବିଧାୟକ ଜିଲ୍ଲା ପ୍ରତିନିଧି ଗୋବିନ୍ଦ ପାତ୍ର। ସୂଚନା ଅନୁଯାୟୀ ଗତ ଅକ୍ଟୋବର ୩୦ ତାରିଖରେ ଚିତ୍ରକୋଣ୍ଡା ବ୍ଲକ ଅଧ୍ୟକ୍ଷା, ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ମିଳିତ ଭାବେ ବିଧାୟକ ମଙ୍ଗୁ ଖିଲଙ୍କ ନାମରେ ଏକ ଲିଖିତ ଅଭିଯୋଗ ବିଡ଼ିଓଙ୍କ ନିକଟରେ ଦାଖଲ କରିଥିଲେ। ଅଭିଯୋଗ ଅନୁସାରେ ବ୍ଲକ ଅଧ୍ୟକ୍ଷା କହିଛନ୍ତି "ଆମ ଗାଆଁ ଆମ ବିକାଶ" ଯୋଜନାରେ ଥିବା ସମସ୍ତ କାମର ୪୦ ପ୍ରତିଶତ ଭାଗ ବିଧାୟକ କଂଗ୍ରେସ କର୍ମୀଙ୍କୁ ବାଣ୍ଟିବା ପାଇଁ ବିଡ଼ିଓ, ଜେଇ ମାନଙ୍କୁ ବାଧ୍ୟ କରୁଛନ୍ତି। ଏହି ଅଭିଯୋଗକୁ ଦୃଢ଼ ଖଣ୍ଡନ କରିଛନ୍ତି ବିଧାୟକ ଜିଲ୍ଲା ପ୍ରତିନିଧି ଗୋବିନ୍ଦ ପାତ୍ର। ବ୍ଲକ ଅଧ୍ୟକ୍ଷା ଯେଉଁ ଅଭିଯୋଗ ଆଣିଛନ୍ତି, ତାହା ସମ୍ପୂର୍ଣ୍ଣ ଭିତ୍ତିହୀନ ଓ ଏକ ହୀନ ରାଜନୀତିର ନମୁନା ମାତ୍ର ବୋଲି କହିଛନ୍ତି ଗୋବିନ୍ଦ ପାତ୍ର। ଏହା କେବଳ ବିଧାୟକଙ୍କର ଥିବା ନିର୍ମଳ ଭାବମୂର୍ତ୍ତିକୁ କ୍ଷୁର୍ଣ୍ଣ କରିବା ପାଇଁ ଏକ ପ୍ରଚେଷ୍ଟା ମାତ୍ର। ଚିତ୍ରକୋଣ୍ଡା ବ୍ଲକ ଅଧ୍ୟକ୍ଷା ଅନ୍ୟ ଦଳ ପକ୍ଷରୁ ଥିବା ଓ ବର୍ତ୍ତମାନ ବିଜେପି ସରକାରରେ ଥିବା ବେଳେ ବିଧାୟକ କଂଗ୍ରେସ ଦଳ ତରଫରୁ ଥିବା ଯୋଗୁଁ ଔଷଧ ବିକଳରେ ତାଟିଆ କାମୁଡିଲା ଭଳି ହେଉଛନ୍ତି ବୋଲି କହିଛନ୍ତି ଜିଲ୍ଲା ପ୍ରତିନିଧି। ଯଦି ଜନ ପ୍ରତିନିଧି ମାନେ ଠିକାଦାର ହେବେ, ତା ହେଲେ ସେବା କେମିତି କରିବେ ଏବଂ ସାଧାରଣ ଜନତା କେମିତି ଗୁଜୁରାଣ ମେଣ୍ଟାଇବେ । ଏହି କାର୍ଯ୍ୟରୁ ଜନ ପ୍ରତିନିଧି ମାନେ ନିବୃତ୍ତ ନ ରହିଲେ ଆଗାମୀ ଦିନରେ ତୀବ୍ର ଜନ ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଛନ୍ତି।

## ବାଲି ବୋଝେଇ ଟ୍ରାକ୍ଟରକୁ ଧକ୍କା ଦେଇ ଘଟିଲା ଦୁର୍ଘଟଣା

# ଗୋରୁ ବୋଝେଇ ଗାଡ଼ି ଦୁର୍ଘଟଣାଗ୍ରସ୍ତ; ଜଣେ ମୃତ, ୩ ଗୁରୁତର



ରାୟଗଡ଼ା,୧୧।୧୧(ସମିସ): ରାୟଗଡ଼ା କେରଡା ମୁଖ୍ୟ ରାସ୍ତାରେ ଆଜି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣକର ମୃତ୍ୟୁ ଘଟିଥିବା ବେଳେ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ଆହତମାନେ ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଜଣାପଡିଛି। ଗୋରୁ ବୋଝେଇ ମେକ୍ସ ପିକ୍‌ଅପ୍ ଗାଡିଟି ରାସ୍ତା ପାର ହେଉଥିବା ଏକ ବାଲି ବୋଝେଇ ଟ୍ରାକ୍ଟରକୁ ମୁହାଁମୁହିଁ ଧକ୍କା ଦେଇ ଭାରସାମ୍ୟ ହରାଇ ରାସ୍ତା କଡରେ ଥିବା ଏକ କୁଡିଆ ଦୋକାନ ଉପରକୁ ମାଡି ଯାଇଥିଲା। ଫଳରେ ରାସ୍ତା କଡ଼ରେ ଛିଡା ହୋଇଥିବା ୪ଜଣ ଲୋକେ ଗୁରୁତର ଆହତ ହୋଇଥିବା ବେଳେ ଘଟଣାରେ ଦୁଇଟି ବାଇକ୍ ଓ ଗୋଟିଏ ସ୍କୁଟି ଗାଡ଼ି ନଷ୍ଟ ହୋଇଯାଇଥିଲା। ଘଟଣାଟି ଶେଷଖାଲ ଥାନା ଅନ୍ତର୍ଗତ ଜଗନ୍ନାଥପୁର ଛକ ନିକଟରେ ଘଟିଥିବା ବେଳେ ଦୁର୍ଘଟଣାରେ ଘଟଣାସ୍ଥଳରେ ସ୍ଥାନୀୟ ଜଗନ୍ନାଥପୁର ଗ୍ରାମର ମୋହନ ଉଲାକା (୪୮)ଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ସେହିପରି ଦୁର୍ଘଟଣାରେ ଗୁରୁତର ଆହତ ହୋଇଛନ୍ତି କୁମୁଦିନି କଣ୍ଡାଗରୀ, ସନ୍ତୋଷ ସେନାପତି ଓ କୁମୁଦିନୀ ହିମିରିକା । ଖବର ପାଇ ଶେଷଖାଲ ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ବେଳେ ପୁଲିସ ଓ ସ୍ଥାନୀୟ ଲୋକେ ଆହାତମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ପଠାଇଥିଲେ। ତେବେ ଦୁର୍ଘଟଣା ଘଟାଇ ଥିବା ଗୋରୁ ବୋଝେଇ ମେକ୍ସ ପିକଅପ୍ ଗାଡି ଡ୍ରାଇଭର ଘଟଣା ସ୍ଥଳରୁ ଫେରାର ହୋଇଯାଇଥିବା ନେଇ ଶେଷଖାଲ ଥାନା ଆରକ୍ଷୀ ନିରୀକ୍ଷକ ମୁନି ଆଚାରୀ ପ୍ରକାଶ କରିଛନ୍ତି। ଦୁର୍ଘଟଣାରେ ଗୋଟିଏ ଗୋରୁର ମୃତ୍ୟୁ ହୋଇଥିବା ଜଣାପଡିଛି। ଏ ନେଇ ମିଳିଥିବା ସୂଚନା ପ୍ରକାରେ ,ଆଜି ପୂର୍ବାହ୍ନ ପ୍ରାୟ ୧୦ଟା ସମୟରେ ରାୟଗଡ଼ା-କେରଡା ମୁଖ୍ୟ ରାସ୍ତାର ଜଗନ୍ନାଥପୁର ଛକ ରାସ୍ତା କଡ଼ରେ ଲୋକେ ଛିଡା ହୋଇଥିବା ବେଳେ ରାୟଗଡ଼ା ପଟରୁ ଆନ୍ଧ୍ର ଯିବାକୁ ଏକ ମ୍ୟାକ୍ସ ପିକଅପ (ଓଡି ୧୮କେ ୭୦୩୮)ଗୋରୁ ବୋଝେଇ ଗାଡିଟି ଦ୍ରୁତ ବେଗରେ ଯାଉଥିବା ବେଳେ ଜଗନ୍ନାଥପୁର ଛକରେ ଏକ ବାଲି ବୋଝେଇ ଟ୍ରାକ୍ଟର ରାସ୍ତା ଉପରକୁ ଆସୁଥିବା ସମୟରେ ମେକ୍ସ ପିକଅପ ଗାଡିଟି ଟ୍ରାକ୍ଟରକୁ ଧକ୍କା ଦେଇ ଭାରସାମ୍ୟ ହରାଇ ରାସ୍ତା କଡକୁ ଓଲଟି ପଡିଥିବା ବେଳେ ରାସ୍ତା କଡରେ ଠିଆ ହୋଇଥିବା ୪ଜଣ ଲୋକେ ଗୁରୁତର ଆହାତ ହୋଇଥିଲେ। ଏଥିରେ ମୋହନ ଉଲାକାଙ୍କ ମୃତ୍ୟୁ ହୋଇଥିଲା। ରାୟଗଡ଼ା ପଟରୁ ଆନ୍ଧ୍ରକୁ ଅନେକ ଗାଡିରେ ଗୋରୁ ଚାଲଣ ହେଉଥିବା ବେଳେ ନାଗାବଳୀ ନଦୀର ଅନେକ ସ୍ଥାନରୁ ବେଆଇନ ଭାବେ ଟ୍ରାକ୍ଟର,ଟ୍ରିପର ଗୁଡିକରେ ବାଲି ଚାଲାଣ ହେଉଥିବା ଯୋଗୁଁ ରାୟଗଡ଼ା-କେରଡା ମୁଖ୍ୟ ରାସ୍ତା ବ୍ୟସ୍ତ ବହୁଳ ହୋଇ ପଡିଥିବା ବେଳେ ଏହା ସାଧାରଣ ଜନତାଙ୍କ ପାଇଁ ମରଣାଯନ୍ତା ପାଲଟିଛି ବୋଲି ବୁଦ୍ଧିଜୀବି ମହଲରେ ଚର୍ଚ୍ଚା ହେଉଛି।

# ଆଦିବାସୀ ମେଳା ଆୟୋଜନ କଲା ଆନ୍ଧ୍ର




ପଟାଙ୍ଗି,୧୧।୧୧(ସମିସ): ଦୀର୍ଘ ଦିନର ବ୍ୟବଧାନ ପରେ ପୁଣି ଆନ୍ଧ୍ର ଅଧିକାରୀଙ୍କ ଅନୁପ୍ରବେଶ ଦେଖିବାକୁ ମିଳିଛି କୋଟିଆରେ। ଆଦିବାସୀ ଆନ୍ଦୋଳନର ନେତା ବିର୍ସା ମୁଣ୍ଡାଙ୍କ ଜନ୍ମବାର୍ଷିକୀ ଅବସରରେ ଆଦିବାସୀ ମେଳା ଆୟୋଜନ କଲା ଆନ୍ଧ୍ର। ଲୋକଙ୍କୁ ଆନ୍ଧ୍ରର ଗୁଣବତ୍ତା ସାମଗ୍ରୀ ଗୁଡ଼ିକୁ କିଣିବା ନିମନ୍ତେ ଲୋକଙ୍କୁ ସଚେତନ କରାଯାଇଛି। ସୂଚନା ଅନୁଯାୟୀ ଓଡ଼ିଶା-ଆନ୍ଧ୍ର ମଧ୍ୟରେ ବିବାଦ ଲାଗି ରହିଥିବା କୋଟିଆର ସୀମାନ୍ତ ଗ୍ରାମ ନେରେଡିୱାଲାସାରେ ଆଜି ସାପ୍ତାହିକ ହାଟରେ ହୋଇଥିଲା ଏହି କାର୍ଯ୍ୟକ୍ରମ। ଆନ୍ଧ୍ର ପ୍ରଦେଶର ଗିରିଜନା କୋପରେଟିଭ୍ କର୍ପୋରେସନ ବିଭାଗ ପକ୍ଷରୁ ଆଦିବାସୀ ମେଳା ଆୟୋଜନ କରାଯାଇଥିଲା। ଆନ୍ଧ୍ର ପ୍ରଦେଶ ପାର୍ବତୀ ପୁରମ୍ ମାନ୍ୟମ ଜିଲ୍ଲାର ଆଇଟିଡିଏ ପିଇଓ ଯଶୋବନ୍ତ କୁମାର ରେ‡ଙ୍କ ନିର୍ଦ୍ଦେଶରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। କାର୍ଯ୍ୟକ୍ରମ ମାଧ୍ୟମରେ ସୀମାନ୍ତ ସାଲୁରୁ ବ୍ଲକର ବିଭାଗୀୟ ଅଧିକାରୀ ମାନେ ଆଦିବାସୀ ସମବାୟ ସମିତି ଗୁଡ଼ିକର ଷ୍ଟଲ ସ୍ଥାପନ କରିବା ସହ ବିଭିନ୍ନ ସାମଗ୍ରୀ ବିକ୍ରି କରିଛନ୍ତି। ସେମାନେ ସ୍ଥାନୀୟ ବଜାରରେ ଦୋକାନ ଗୁଡ଼ିକୁ ବୁଲି ସାମଗ୍ରୀ ଗୁଡ଼ିକୁ ମଧ୍ୟ ଯାଞ୍ଚ କରିଛନ୍ତି। ଯଦି କେହି ଆଦିବାସୀ ଅଞ୍ଚଳରେ ଲୋକଙ୍କୁ ଠକିବାକୁ ଚେଷ୍ଟା କରନ୍ତି, ତେବେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଥିବା ନେଇ ଜଣାପଡିଛି। ଆନ୍ଧ୍ରର ଜନ ପ୍ରତିନିଧି ତଥା ଗଞ୍ଜେଇପଦର ସରପଞ୍ଚ ବିସୁଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ କରାଯାଇଛି। ଉକ୍ତ ବିଭାଗର ସାଲୁରୁ ଶାଖା ପରିଚାଳକ ଚୌଧୁରୀ ରାମୁଲୁ, ବିକ୍ରୟ କର୍ତ୍ତା ରମେଶ କୁମାର, ମହେଶ ଏବଂ ଅନ୍ୟ କର୍ମଚାରୀମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ସୂଚନା ମିଳିଛି।



ନବୀନ ନିବାସରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ସହ ସାକ୍ଷାତ ଆଲୋଚନା ଅବସରରେ ଏମ୍.ଏସ୍ ସ୍ୱାମୀନାଥନ୍ ଗବେଷଣା ପ୍ରତିଷ୍ଠାନର ଅଧ୍ୟକ୍ଷା ତଥା ପ୍ରଖ୍ୟାତ ବୈଜ୍ଞାନିକ ଡ. ସୌମ୍ୟା ସ୍ୱାମୀନାଥନ୍

**ଆଜି ପ୍ରଥମାଷ୍ଟମୀ**

# ପୋଢୁହାଁ ହେବେ ବଡ଼ଦେଉଳର ବଡ଼ଠାକୁର

ପୁରୀ, ୧୧।୧୧ (ସମିସ): ପ୍ରଥମାଷ୍ଟମୀରେ ପୋଢୁହାଁ ହେବେ ବଡ଼ଦେଉଳର ବଡ଼ଠାକୁର। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି। ବୁଧବାର ଭୋଗମଣ୍ଡପ ବଢ଼ିବା ପରେ ତିନିବାଡ଼ରେ ମଇଲମ କରାଯାଇ ମହାସ୍ନାନ କରାଯିବ। ପରେ ଠାକୁରଙ୍କୁ ନୂଆ ଲୁଗା ଲାଗି କରାଯିବ। ଠାକୁରଙ୍କ ମଉଳା କ୍ଷେତ୍ର କୁହାଯାଉଥିବା ପ୍ରାଚୀର ଅଧିଷ୍ଠାତା ଦେବତା ନିଆଳି ମାଧବଙ୍କ ପୀଠରୁ ଗତ ପାଞ୍ଚବର୍ଷ ହେବ ପୋଢୁଆଁ ଭାର ଆସୁଛି। ଶ୍ରୀମନ୍ଦିର ପ୍ରଶାସନ ଏହାକୁ ଭକ୍ତଙ୍କ ଦାନ ଆକାରରେ ଗ୍ରହଣ କରୁଛି। ଏବର୍ଷ ମଧ୍ୟ ମାଧବଙ୍କ ପୀଠରୁ ଭାର ଆସିଛି। ଏହାକୁ ଶ୍ରୀମନ୍ଦିର କାର୍ଯ୍ୟାଳୟ ଦାନ ଆକାରରେ ଗ୍ରହଣ କରିଛି।

ଅପରାହ୍ନରେ ମାଧବ ମନ୍ଦିରରୁ ଭାର ଆଣି ଆସିଥିବା ଶ୍ରଦ୍ଧାଳୁ ପୁରୀରେ ପହଞ୍ଚିଥିଲେ। ଏହି ଭାରରେ ଅରୁଆ ଚାଉଳ, ବିରି, ନଡ଼ିଆ, ଗୁଡ଼, ଡାଲି, ପାଚିଲା କଦଳୀ, ଘିଅ ଚନ୍ଦନକାଠ, ପାନ, ଗୁଆ, ଅଳେଇଚ, ଲବଙ୍ଗ ଓ ଗୋପାଳବଲ୍ଲଭ ପାଇଁ ବିଭିନ୍ନ ଫଳମୂଳ, ତୁଳସୀ, ପଦ୍ମଫୁଲ ମାଳ ଆସିଛି। ଶ୍ରଦ୍ଧାଳୁମାନେ ବଡ଼ଦାଣ୍ଡରେ ଶୋଭାଯାତ୍ରା କରି ଏହି ଭାର ଶ୍ରୀମନ୍ଦିରକୁ ନେଇଥିଲେ। ଆଗରେ ଭୋଇ ସେବକମାନେ ପତାକା ଧରି ଚାଲିଥିଲେ। ଢୋଲିଆ ଓ ମହୁରିଆ ମଙ୍ଗଳ ବାଦ୍ୟରେ କମ୍ପିଥିଲା




**ନିଆଳି ମାଧବ ମନ୍ଦିରରୁ ଆସିଲା ପୋଢୁହାଁ ଭାର**

ପରିବେଶ। ପଛକୁ ପଛ ସଂକୀର୍ତ୍ତନ, ଲଉଡ଼ି ଖେଳ, ନୃତ୍ୟ ଆଦି ପରିବେଷଣ କରାଯାଉଥିଲା। ଏହି ସମୟରେ ବଡ଼ଦାଣ୍ଡରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଶ୍ରୀମନ୍ଦିର କାର୍ଯ୍ୟାଳୟ ନିକଟରେ ପହଞ୍ଚିବା ପରେ କାର୍ଯ୍ୟାଳୟ ଡୋନେସନ୍ ସେଲ୍‌ରେ ଏହି ଭାର ରଖାଯାଇଛି। ଶ୍ରୀଶ୍ରୀମାଧବାନନ୍ଦଜୀଉ ବିକାଶ ପରିଷଦ କର୍ମକର୍ତ୍ତା ଏହି ଶୋଭାଯାତ୍ରାରେ ସାମିଲ ଥିଲେ।

# ବିଜେପି ନୂଆପଡ଼ାରେ ନକଲି ଭୋଟରଙ୍କୁ ଆୟୁଧ କରିଛି: ବିଜେଡି

ଭୁବନେଶ୍ୱର,୧୧।୧୧(ସମିସ): ବିଜେପି ବିରୋଧରେ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ସଂକ୍ରାନ୍ତ ମାଳମାଳ ଅଭିଯୋଗ ନେଇ ମଙ୍ଗଳବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହୋଇଛି ବିଜେଡି। ଉପ ନିର୍ବାଚନରେ ଜିଲ୍ଲା ବାହାରୁ ନକଲି ଭୋଟରଙ୍କୁ ଆଣି ଭୋଟ ଦାନ କରାଇବା, ମହିଳା ଭୋଟରଙ୍କ ଭୋଟ ଅନ୍ୟ ଲୋକ ଦେବା, ଭୋଟରଙ୍କୁ ଟିଫିନ୍ ପୁଡ଼ିଆ ଦେଇ ପ୍ରଭାବିତ କରିବା ଆଦି ପ୍ରସଙ୍ଗରେ ବିଜେଡିର ପ୍ରତିନିଧିମାନେ ସିଇଓଙ୍କ ଦୃଷ୍ଟି ଆକର୍ଷଣ କରିନ୍ତି।

ବିଜେଡିର ଅଭିଯୋଗ ଅନୁଯାୟୀ କ୍ଷମତା ହାତେଇବା ନିଶାରେ ବିଜେପି ନେତାମାନେ ଲୋକତନ୍ତ୍ରକୁ ଥଟ୍ଟା ମଜାରେ ପରିଣତ କରିଛନ୍ତି। ନୂଆପଡ଼ାବାସୀଙ୍କ ଆକ୍ରୋଶ ଭୋଟରେ ପ୍ରତିଫଳିତ ହେଉଥିବା ଦେଖି ବିଜେପି ବିରାଟ ବଡ଼ ଷଡ଼ଯନ୍ତ୍ର କ୍ରମେ ନକଲି ଭୋଟରଙ୍କ ସହାୟତା ନେଇ ଗଣତନ୍ତ୍ରକୁ ହତ୍ୟା କରିବା ପାଇଁ ପଛାଇ ନାହିଁ। ସୁଚିନ୍ତିତ ଯୋଜନାକ୍ରମେ ଅପରାହ୍ନ ୩.୩୦ ପରେ ନକଲି ଭୋଟରମାନଙ୍କୁ ବିଭିନ୍ନ ବୁଥରେ ପଶିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଦୂରଦୂରାନ୍ତରୁ ନିଜ ମତାଧିକାର ସାବ୍ୟସ୍ତ କରିବା ପାଇଁ କାହିଁ କେତେ ସାଧାରଣ ଭୋଟର ଧାଇଁ ଆସିଥିଲେ; କିନ୍ତୁ ନକଲି ଭୋଟର ଓ ପ୍ରଶାସନିକ ବିଫଳତା ପାଇଁ



- ପ୍ରଶାସନିକ ବିଫଳତା ପାଇଁ ବହୁ ଲୋକ ଗଣତାନ୍ତ୍ରିକ ଅଧିକାରରୁ ବଞ୍ଚିତ
- ୫ କିଲୋମିଟର ଦୂରରୁ ଚାଲିଚାଲି ଆସି ବି ଦେଇପାରିଲେନି ଭୋଟ
- ଛଡ଼ାଇ ନେଲେ ନୂଆପଡାର ଗରିବ ମହିଳାଙ୍କ ଭୋଟ ଅଧିକାର
- ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ବିଜେଡି ଫେରାଦ

ସେମାନେ ନିଜ ଗଣତାନ୍ତ୍ରିକ ଅଧିକାରରୁ ବଞ୍ଚିତ ହେଲେ। ନୂଆପଡ଼ାର ସମସ୍ତ ଅତିସମ୍ବେଦନଶୀଳ ବୁଥ୍‌ଗୁଡ଼ିକ ସମ୍ପର୍କରେ ବିଜେଡି ଆଗୁଆ ସୂଚନା ଦେଇ ବିହିତ ପଦକ୍ଷେପ ନେବା ଲାଗି ଅନୁରୋଧ କରିଥିଲା। କିନ୍ତୁ କିଛି କାର୍ଯ୍ୟାନୁଷ୍ଠାନ ହେଲା ନାହିଁ। ସବୁ ନୀତି, ନୈତିକତାକୁ ଜଳାଞ୍ଜଳି ଦେଇ ବିଜେପି ନୂଆପଡ଼ା ଉପନିର୍ବାଚନ ଜିତିବା ପାଇଁ ଉଦ୍ୟମ କରିଛି। ଏହାକୁ ବିଜେଡି ଘୋର ନିନ୍ଦା କରିବା ସହିତ ନିର୍ବାଚନର ପବିତ୍ରତା ରକ୍ଷା କରିବା ପାଇଁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛି।

ସେହିପରି ନୂଆପଡା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସିଙ୍ଗାରି ଗ୍ରାମର ମହିଳା ଭୋଟର ଜୟନ୍ତୀ ଛତ୍ରିଆଙ୍କ ନାମରେ ଆଉ କେହି ଭୋଟ ଦେବା ଘଟଣାକୁ ବିଜେଡି ନିନ୍ଦା କରିଛି। ଶ୍ରୀମତୀ ଛତ୍ରିଆ କେତେ ଦୂରରୁ ଚାଲି ଚାଲି କୋମନା ବ୍ଲକ ଅଧୀନ ବୁଥ୍ ନମ୍ବର ୩୫୧କୁ ନିଜର ସାମ୍ବିଧାନିକ ଅଧିକାର ସାବ୍ୟସ୍ତ କରିବା ପାଇଁ ପହଞ୍ଚିଥିଲେ। କିନ୍ତୁ ସେଠାରେ କାର୍ଯ୍ୟରତ ନିର୍ବାଚନ କର୍ମଚାରୀମାନେ ଭୋଟ ଦେବା ପାଇଁ ଅନୁମତି ଦେଇନଥିଲେ। ତାଙ୍କ ଭୋଟ ଦିଆସରିଛି ବୋଲି ଜୟନ୍ତୀଙ୍କୁ କୁହାଯାଇଥିଲା। ନିଜ ଅଧିକାର ହରାଇ ଥିବାରୁ ଶ୍ରୀମତୀ ଛତ୍ରିଆ ଗଭୀର ନିରାଶା ଓ ଦୁଃଖ ବ୍ୟକ୍ତ କରିଥିଲେ। ଏହା ଗୋଟିଏ ଘଟଣା ନୁହେଁ ବରଂ ନିର୍ବାଚନରେ ପ୍ରଶାସନର ଗମ୍ଭୀର ବିଫଳତାର ବଳିଷ୍ଠ ଉଦାହରଣ ବୋଲି ବିଜେଡି କହିଛି। ଭୋଟ ଦେବା ଅଧିକାର ଗଣତନ୍ତ୍ରର ସର୍ବପ୍ରଥମ ଅଧିକାର। କିନ୍ତୁ ନୂଆପଡ଼ାରେ ଲୋକଙ୍କୁ ତାଙ୍କର ମୌଳିକ ଅଧିକାରରୁ ବଞ୍ଚିତ କରାଯାଉଛି। ବିଜେଡି ଏହି ଘଟଣାର ତୀବ୍ର ନିନ୍ଦା କରିବା ସହ ଏହାର ବିଧିବଦ୍ଧ ତଦନ୍ତ କରି ଦାୟୀ ଅଧିକାରୀମାନଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ନେବା ସହିତ ସାରା ରାଜ୍ୟ ପାଇଁ ଉଦାହରଣ ରଖିବା ପାଇଁ ନିର୍ବାଚନ ଅଧିକାରୀ ପଦକ୍ଷେପ ନିଅନ୍ତୁ ବୋଲି ବିଜେଡି ଦାବି ଜଣାଇଛି। ବିଜେଡିର ପ୍ରତିନିଧି ଦଳରେ ସୁଲତା ଦେଓ, ଡ. ଲେନିନ୍ ମହାନ୍ତି, ମିହିର ରାୟ, ତ୍ରୁମ୍ବନାଥ ପଣ୍ଡା, ଇପ୍ସିତା ସାହୁ, ନାରାୟଣ ଜେନା, ସୋଫିଆ ଆଲାମ, ରୀତାଞ୍ଜଳି ପ୍ରଧାନ, ଇଲ୍ଲା ସ୍ୱାଇଁ, ଜ୍ୟୋତ୍ସ୍ନାମୟୀ ପରିଡ଼ା ଓ ଅଂଶୁ ତ୍ରିପାଠୀ ସାମିଲ ହୋଇଥିଲେ।

**କଂଗ୍ରେସ ବଟନ ଟିପିଲେ ବିଜେପିକୁ ଭୋଟ୍**

# ଉପନିର୍ବାଚନକୁ ଅସିଦ୍ଧ ଘୋଷଣା କରାଯାଉ: କଂଗ୍ରେସ

ଭୁବନେଶ୍ୱର,୧୧।୧୧(ସମିସ): ନୂଆପଡ଼ାର ଉପନିର୍ବାଚନରେ ଭୋଟ ଚୋରି ନେଇ ସାଙ୍ଘାତିକ ଅଭିଯୋଗ ଆଣିଛି କଂଗ୍ରେସ। ଶାସକ ବିଜେପି ଶାସନ କଳ, ବଳ ଓ କୌଶଳ ଲଗାଇ ଅନୈତିକ ଉପାୟରେ ନିର୍ବାଚନ ଜିତିବାକୁ ଚେଷ୍ଟା କରୁଛି ବୋଲି ଦଳ କହିଛି। ଦଳ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ପିସିସି ଉପସଭାପତି ଲଲାଟେନ୍ଦୁ ମହାପାତ୍ର କହିଛନ୍ତି, ମଙ୍ଗଳବାର ନୂଆପଡ଼ା ଉପନିର୍ବାଚନ ଚାଲିଥିବା ବେଳେ ଡୁମେରବାହାଲର ୩୩୯ ନମ୍ବର ବୁଥରେ ବିଜେପିକୁ ଭୋଟ ଦେବା ପାଇଁ ଟଙ୍କା ବଣ୍ଟା ଯାଉଥିଲା। କଂଗ୍ରେସର ଜଣେ କର୍ମୀଙ୍କ ସ୍ତ୍ରୀ ଅଭିଯୋଗ କରିବାରୁ ପୁଲିସ ଉପସ୍ଥିତିରେ ତାଙ୍କୁ ଆକ୍ରମଣ କରାଯାଇଥିଲା। ନିର୍ବାଚନ ନୀରବ ଅବଧି ସମୟ ପୂର୍ବରୁ ବାହାର ଜିଲ୍ଲାର ରାଜନୈତିକ ବ୍ୟକ୍ତି ଯିଏ କି, ଜିଲ୍ଲା ବାହାରୁ ଆସିଥିଲେ ସମସ୍ତଙ୍କୁ ବାହାର କରିଦିଆଗଲା। କିନ୍ତୁ ବିଜେପିର ମନ୍ତ୍ରୀ, ବିଧାୟକ, ପୂର୍ବତନ ବିଧାୟକ, କର୍ମକର୍ତ୍ତାମାନେ ସେମାନେ ନିର୍ବାଚନ ମଣ୍ଡଳୀ ବୁଲି ବୁଲି ଅବାଧରେ ଟଙ୍କା ବାଣ୍ଟିଲେ।

ଏହା ବ୍ୟତୀତ ଇଭିଏମ ମେସିନରେ କଂଗ୍ରେସ ବଟମ୍ ଚିପିଲେ ବିଜେପିର ଲାଇଟ୍ ଜଳୁଛି, ଅର୍ଥାତ୍ କଂଗ୍ରେସକୁ ଭୋଟ ଦେଲେ ବିଜେପିକୁ ଯାଉଛି। ଯାହା କି ୨୫୦ ନମ୍ବର ବୁଥରେ ପ୍ରମାଣିତ ହୋଇଛି। ନିର୍ବାଚନ ଆଦର୍ଶ ଆଚରଣ ବିଧିକୁ ଖୋଲାଖୋଲି ଉଲଂଘନ କରାଯାଉଛି। ଜିଲ୍ଲା ନିର୍ବାଚନ ଅଧିକାରୀ, ପ୍ରଶାସନ ସବୁ ଦେଖି ଚୁପ୍ ରହିଛି। ବିଜେପି ଦଳୀୟ କର୍ମୀ ଲୋକମାନଙ୍କୁ ବିଜେପି ଚିହ୍ନ ଲଗା ଟ୍ରାକ୍ଟରରେ ବୁଥ ମଧ୍ୟକୁ ଆଣୁଛନ୍ତି। ଜିତମିତ୍ର ହାଇସ୍କୁଲରେ ଜଣେ ମହିଳା ଭୋଟ ଦେଇ ନପାରି ଫେରିଛନ୍ତି। କାରଣ ତାଙ୍କ ଭୋଟ ଆଉ କିଏ ଦେଇଦେଇଛି। ଅଭିଯୋଗ କଲେ କେହି ଶୁଣୁନାହାନ୍ତି। ବୁଥ ମଧ୍ୟରେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଏବଂ ବିଜେପି ପ୍ରାର୍ଥୀ ଫଟୋ ଥିବା ଚିରୁକୁଟି ବଣ୍ଟା ଯାଉଛି ବୋଲି କଂଗ୍ରେସ ଦାବି କରିଛି।

ବରିଷ୍ଠ ମୁଖପାତ୍ର ରଜନୀ ମହାନ୍ତି କହିଲେ, ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ଦାୟିତ୍ୱହୀନତା ଯୋଗୁଁ ନୂଆପଡା ଉପନିର୍ବାଚନରେ ଶାସକ ଦଳ ଖୋଲାଖୋଲି ଆଚରଣ ବିଧି ଉଲଂଘନ କରିବାକୁ ବଳ ପାଉଛି। ନିର୍ବାଚନ ପ୍ରଚାର ବେଳେ ବିଜେପିର ଆଚରଣ ବିଧି ଉଲଂଘନ ବିଷୟକୁ ନେଇ ଅନେକ ଥର ତାଙ୍କୁ ଅଭିଯୋଗ କରାଯାଇଛି। କିନ୍ତୁ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଭୋଟ ଚୋରୀ, ପ୍ରାର୍ଥୀ ଚୋରୀ ବର୍ତ୍ତମାନ ସମ୍ପୂର୍ଣ ଇଭିଏମ ସିଷ୍ଟମ ଚୋରୀ ପ୍ରମାଣିତ କରୁଛି ଯେ ବିଜେପି ଭୋଟ ଚୋରୀ କରି ସରକାର ଗଢିଛି ଏବଂ ନୂଆପଡାରେ ମଧ୍ୟ ଭୋଟ ଚୋରୀ କରି ଜିତିବା ଉଦ୍ୟମ କରୁଛି ବୋଲି ସେ କହିଛନ୍ତି।

**ଅଲକଏଦା ଆତଙ୍କବାଦୀ ଲିଙ୍କ୍**

# ଅବଦୁର ରହେମାନର ଜାମିନ ଖାରଜ

କଟକ, ୧୧।୧୧(ସମିସ): ଆତଙ୍କବାଦୀ ସଂଗଠନ ଅଲ୍‌କାଏଦା ସହ ସମ୍ପୃକ୍ତି ଅଭିଯୋଗରେ ଗିରଫ ହୋଇ ଜେଲରେ ଥିବା ଅବଦୁର ରହେମାନର ଜାମିନ ଆବେଦନକୁ ହାଇକୋର୍ଟ ଆଜି ଖାରଜ କରିଦେଇଛନ୍ତି। ରହେମାନ ପକ୍ଷରୁ ଦାୟର ନିୟମିତ ଜାମିନ ଆବେଦନର ଶୁଣାଣି କରି ଜଷ୍ଟିସ ଗୌରୀଶଙ୍କର ଶତପଥୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। କଟକ ଦୌରାଜଜ୍ ଅଦାଲତରେ ପ୍ରଥମେ ଜାମିନ ଖାରଜ ହେବାରୁ ରହେମାନ୍ ହାଇକୋର୍ଟରେ ନିୟମିତ ଜାମିନ ଆବେଦନ କରଥିଲା। ରହେମାନ ଆତଙ୍କବାଦୀ କାର୍ଯ୍ୟକଳାପରେ ସଂପୃକ୍ତ ଥିବା ଅଭିଯାଗ ରହିଥିବା ପ୍ରସଙ୍ଗକୁ ବିଚାରକୁ ନେଇ ଜିଲ୍ଲା ଦୌରା ଅଦାଲତ ଗତ ୨୦୨୫ଜାନୁଆରି ୭ରେ ଜାମିନ ଖାରଜ କରିଥିଲେ। ପୂର୍ବରୁ ମଧ୍ୟ, ୨୦୨୪ ନଭେମ୍ବର ୮ରେ ରହେମାନର ଜାମିନ ଆବେଦନକୁ ହାଇକୋର୍ଟ ଖାରଜ କରିଥିଲେ। ପରେ ରହେମାନ ଜିଲ୍ଲା ଦୌରା ଅଦାଲତରେ ସାନି ଜାମିନ ଆବେଦନ କରିଥିଲା। ତାହା ଖାରଜ ହେବାରୁ ପୁଣି ହାଇକୋର୍ଟରେ ଜାମିନ ଆବେଦନ କରିଥିଲା।

ସୂଚନାଯୋଗ୍ୟ, ରହେମାନକୁ ଦିଲ୍ଲୀ ପୁଲିସ ଗତ ୨୦୧୫, ଡିସେମ୍ବର ୧୬ ତାରିଖରେ ଜଗତପୁର ଥାନା ଅନ୍ତର୍ଗତ ପଶ୍ଚିମକଚ୍ଛରୁ ବିଳମ୍ବିତ ରାତିରେ ଗିରଫ କରିଥିଲା। ଅନ୍ୟପକ୍ଷରେ ଏହି ମାମଲାରେ ଅଦ୍ୟାବଧି ୪୦ ଜଣଙ୍କ ସାକ୍ଷ୍ୟ ଗ୍ରହଣ ଶେଷ ହୋଇଥିବା ଜଣାପଡ଼ିଛି।

# ଜଙ୍ଗଲ ଜମିରୁ ଗଛ କାଟିବା ପାଇଁ ଟ୍ରାଞ୍ଜିଟ ପରମିଟ୍ ଆବେଦନ ଅଯଥାର୍ଥ: ହାଇକୋର୍ଟ

କଟକ, ୧୧। ୧୧(ସମିସ): ଜଙ୍ଗଲ ଶ୍ରେଣୀଭୁକ୍ତ ଜମିରୁ ଗଛ କାଟିବା ନିମନ୍ତେ ଟ୍ରାଞ୍ଜିଟ୍ ପରମିଟ୍ ପାଇଁ କରାଯାଇଥିବା ଆବେଦନ ଜଙ୍ଗଲ ସଂରକ୍ଷଣ ଆଇନ ଅନୁସାରେ ଅଯଥାର୍ଥ। ବନ ସଂରକ୍ଷଣ ଆଇନର ଧାରା-୨ ଅନୁସାରେ ଏଥିପାଇଁ କେନ୍ଦ୍ର ସରକାରଙ୍କ ପୂର୍ବ ସ୍ୱୀକୃତି ଆବଶ୍ୟକ ବୋଲି ହାଇକୋର୍ଟ କହିଛନ୍ତି। ଏଣୁ ଓଡ଼ିଶା ଟ୍ରାଞ୍ଜିଟ୍ ରୁଲ୍ ମଧ୍ୟ ଉପରୋକ୍ତ ଆଇନଗତ ଆବଶ୍ୟକତାକୁ ଅତିକ୍ରମ କରିପାରିବ ନାହିଁ ବୋଲି ଅଦାଲତ ସ୍ପଷ୍ଟ କରିଛନ୍ତି। ଅମ୍ରିତଲାଲ ସୁଡ୍‌ଙ୍କ ତରଫରୁ ରୁଜୁ ମାମଲା ଶୁଣାଣି କରିବା ସହ ଏହାକୁ ଖାରଜ କରି ଡ. ଜଷ୍ଟିସ୍ ସଂଜୀବ କୁମାର ପାଣିଗ୍ରାହୀ ଏପରି ରାୟ ପ୍ରଦାନ କରିଛନ୍ତି। ମାମଲାରୁ ପ୍ରକାଶ, ନୂଆପଡ଼ା ଜିଲ୍ଲା ବୋଲଦା ଅଞ୍ଚଳର ଆବେଦନକାରୀ ନିଜସ୍ୱ ଏକ ସ୍ଥିତିବାନ ଜମିରେ ଶାଗୁଆନ, ଗମ୍ଭାରୀ ଓ ଇୟୁକାଲିପଟାସ ଆଦି ଗଛ ଲଗାଇଥିଲେ। ହେଲେ ଏହି ଜମି ପରବର୍ତ୍ତୀ ସମୟରେ ଜଙ୍ଗଲ କିସମ ଶ୍ରେଣୀଭୁକ୍ତ ହୋଇଥିବାରୁ ନିଜର ଆବଶ୍ୟକତା ପାଇଁ ଏହି ଜମିରୁ ଗଛଗୁଡ଼ିକୁ କାଟି ସଫା କରିବା ପାଇଁ ଟ୍ରାଞ୍ଜିଟ୍ ପରମିଟ୍ ପ୍ରଦାନ ପାଇଁ ଆବେଦନ କରିଥିଲେ। ହେଲେ ଏହାକୁ ଖାରଜ କରିଦିଆଯିବାରୁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପୂର୍ବରୁ ମାମଲାର ଶୁଣାଣି ବେଳେ ନୂଆପଡ଼ା ତହସିଲଦାର ଓ ଖରିଆର ବନଖଣ୍ଡର ଡିଏଫ୍‌ଓ ହାଜର ହୋଇ ସେମାନଙ୍କ ପକ୍ଷ ରଖିଥିଲେ। ପ୍ରକାଶଥାଉକି, ଆବେଦନକାରୀଙ୍କ ନାମରେ ନୂଆପଡ଼ା ଅଞ୍ଚଳରେ ରହିଥିବା କେତେକ ପ୍ଲଟ୍‌ରେ ତାଙ୍କ ପକ୍ଷରୁ ବୃକ୍ଷରୋପଣ କରାଯାଇଥିଲା। ପରବର୍ତ୍ତୀ ସମୟରେ ସେ ଏହି ଜମିଗୁଡ଼ିକ ଜଙ୍ଗଲ କିସମ ହୋଇଯାଇଥିଲା।

**ଚଉମୁଖ-ଡଗରା ବେଳାଭୂମିର ବିକାଶ ପ୍ରସଙ୍ଗ**

# ମାମଲାରେ ପୂର୍ଣ୍ଣଚ୍ଛେଦ ପକାଇଲେ ହାଇକୋର୍ଟ

କଟକ,୧୧।୧୧(ସମିସ): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ୍ ଅନ୍ତର୍ଗତ ଚଉମୁଖ-ଡଗରା ବେଳାଭୂମି ବିକାଶ ପ୍ରସଙ୍ଗକୁ ନେଇ ଦାୟର ଜନସ୍ୱାର୍ଥ ମାମଲାର ଶୁଣାଣିରେ ହାଇକୋର୍ଟ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ସମାଜିକ କର୍ମୀ ଅନୋଜ କୁମାର ମହାପାତ୍ର ଓ ବାଲିଆପାଳ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ରାଜେଶ ଚୌଧୁରୀଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ୍ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଚଉମୁଖ-ଡଗରା ବେଳାଭୂମିର ବିକାଶ ହେବ। ଏଥିପାଇଁ ଯୋଜନା ପ୍ରସ୍ତୁତ ସହ ଜାଗା ଚିହ୍ନଟ କରାଯାଇଛି। ଖୁବ୍‌ଶୀଘ୍ର ଉନ୍ନତୀକରଣ ପାଇଁ ଆବଶ୍ୟକ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ସରକାରଙ୍କ ପକ୍ଷରୁ ଅଦାଲତଙ୍କୁ ଅବଗତ କରାଯାଇଥିଲା।

ମାମଲାରୁ ପ୍ରକାଶ ଯେ ବାଲିଆପାଳ ବ୍ଲକ୍‌ର ଦୁଇ ଗାଁ ଚଉମୁଖ ଓ ଡଗରାକୁ ଲାଗି ସୁବର୍ଣ୍ଣରେଖା ନଦୀ ମୁହାଣରେ ବିସ୍ତୀର୍ଣ୍ଣ ବେଳାଭୂମି ରହିଥିବା ବେଳେ ରାଜ୍ୟ ସରକାର ୧୯୮୮ରେ ଏହାକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପ୍ରଦାନ କରିଥିଲେ। କିନ୍ତୁ ଏଯାବତ୍ ଏହି ସ୍ଥାନର ବିକାଶ ହୋଇପାରିନାହିଁ। ପଶ୍ଚିମବଙ୍ଗ ସରକାର ଦୀଘାକୁ ବିକାଶ କରାଇଥିବାରୁ ସେଠାକୁ ହଜାର ହଜାର ପର୍ଯ୍ୟଟକ ଯାଉଛନ୍ତି ଓ ସ୍ଥାନୀୟ ଲୋକଙ୍କ ଆତ୍ମନିଯୁକ୍ତି ପାଇଁ ସୁଯୋଗ ସୃଷ୍ଟି ହୋଇଛି। ଚଉମୁଖ-ଡଗରା ବେଳାଭୂମିକୁ ଭଲ ରାସ୍ତା ଓ ପର୍ଯ୍ୟଟକଙ୍କ ରହଣି ପାଇଁ ବ୍ୟବସ୍ଥା ଅଭାବ ଥିବାରୁ ପର୍ଯ୍ୟଟକମାନେ ନିରାଶ ହୋଇ ଫେରୁଛନ୍ତି। ବେଳାଭୂମିର ବିକାଶ ପ୍ରସଙ୍ଗରେ ଆବେଦନକାରୀ ଓ ସ୍ଥାନୀୟ ସ୍ୱେଚ୍ଛାସେବୀମାନେ ବାରମ୍ବାର ଦାବି କରିଥିଲେ ମଧ୍ୟ କିଛି ପଦକ୍ଷେପ ଗ୍ରହଣ କରାଯାଉନାହିଁ ବୋଲି ଆବେଦନକାରୀଙ୍କ ତରଫରୁ ଦର୍ଶାଯାଇଥିଲା। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ସମୀକ୍ଷା ସ୍ଥିତପ୍ରଜ୍ଞା ମାମଲା ପରିଚାଳନା କରୁଥିଲେ।

# ୩ ଜଣଙ୍କୁ କଚାଡ଼ି ମାରିଲା ଦନ୍ତା

## ବିଲ ଜଗିବାକୁ ଯାଉଥିବା ୨ ଚାଷୀଙ୍କୁ ଦଳିଦେଲା

ଜମନକିରା/କୁଚିଣ୍ଡା, ୧୧।୧୧ (ସମିସ): ବିଲ ଜଗିବାକୁ ଯାଉଥିବା ବେଳେ ଦନ୍ତା ଆକ୍ରମଣରେ ୨ଜଣ ଚାଷୀ ପ୍ରାଣ ହରାଇଛନ୍ତି। ମୃତକଦ୍ୱୟ ହେଲେ, ସମ୍ବଲପୁର ଜିଲ୍ଲା ଜମନକିରା ଥାନା କୁତବଗାଁର ଗଙ୍ଗାରାମ ପଟେଲ(୬୩) ଏବଂ ଅନ୍ୟ ଜଣେ ଯୁଯୁମୁରା ଥାନା ଟାମ୍ପରଗଡ଼ ଗାଁର ପ୍ରଦୀପ



ଘଟୁଆଲ(୩୮)। ସମ୍ବଲପୁର ଜିଲ୍ଲା ବାମରା ବନ୍ୟପ୍ରାଣୀ ବନଖଣ୍ଡ ଅଧୀନ ବଡ଼ରମା ଅଭୟାରଣ୍ୟ କୁତବ ବିଟ୍ ଅଞ୍ଚଳରେ ଏହି ଘଟଣା ଘଟିଛି।

ସୂଚନାନୁଯାୟୀ, ପ୍ରଦୀପଙ୍କ ଶଶୁର ଘର କୁତବ ଗାଁରେ। ସେ ଉକ୍ତ ଗାଁର ଗଙ୍ଗାରାମଙ୍କ ଜମିକୁ ଭାଗରେ ନେଇ ଧାନଚାଷ କରିଥିଲେ। ପ୍ରଦୀପ ଓ ଗଙ୍ଗାରାମ ପ୍ରତି ସନ୍ଧ୍ୟାରେ ଉଡସରା ନିକଟସ୍ଥ ବିଲକୁ ଜଗିବାକୁ ଯାଉଥିଲେ। ସେଠାରେ ଥିବା ଏକ ଗଛ ତଳେ ନିଆଁ ଜାଳି ରାଗି ସାରା ଜଗି ରହିବା ପରେ ସକାଳୁ ଘରକୁ ଫେରି ଆସୁଥିଲେ। ସୋମବାର ରାତି ପ୍ରାୟ ୮ଟାରେ ଉଭୟ ବିଲ ଜଗିବାକୁ ଯାଉଥିବା ବେଳେ ଏହି ଅଘଟଣ ଘଟିଥିଲା। ରାତିରେ ଟର୍ଚ୍ଚଲାଇଟ୍ ମାରିବାରୁ ସେହି ପାଖରେ ଥିବା ଦନ୍ତା ଉଭୟଙ୍କୁ ଅତର୍କିତ ଆକ୍ରମଣ କରିଥିଲା। ଗଙ୍ଗାରାମଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେବା ସହ ତାଙ୍କ ମୁଣ୍ଡକୁ ପାଦରେ ଦଳି ଛିନ୍‌ଛତ୍ର କରି ଦେଇଥିଲା। ପରେ ତାଙ୍କ ଗୋଡ଼କୁ ଟାଣି ଫିଙ୍ଗି ଦେଇଥିଲା। ସେଠାରୁ ପ୍ରାୟ ୧୫ଫୁଟ୍ ଦୂରରେ ଟର୍ଚ୍ଚ ଲାଇଟ୍ ମାରୁଥିବା ପ୍ରଦୀପଙ୍କର ବି ସମାନ ଅବସ୍ଥା କରିଥିଲା ଦନ୍ତା। ତାଙ୍କୁ ଏକ ନାଳକୁ ଫିଙ୍ଗି ଦେଇଥିଲା।

ମଙ୍ଗଳବାର ସକାଳୁ ଏହି ଘଟଣା ଜଣାପଡ଼ିବା ପରେ ଗାଁରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ବଡ଼ରମା ରେଞ୍ଜର ଗିରିଧାରୀ ପଧାନ, ଜମନକିରା ଆଇଆଇସି ପଦ୍ମାଳୟା ସାହୁ, ତହସିଲଦାର ପ୍ରବୀଣା ବିଲୁଙ୍ଗ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ପରେ ଦୁହିଁଙ୍କ ଶବକୁ ବ୍ୟବଚ୍ଛେଦ ପାଇଁ କୁଚିଣ୍ଡା ଡାକ୍ତରଖାନାକୁ ପଠାଯାଇଥିଲା। ମୃତକଙ୍କ ପରିବାରଙ୍କୁ ୧୦ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ଦିଆଯିବା ସହ ତିନିଦିନ ମଧ୍ୟରେ ଉଭୟ ପରିବାରଙ୍କୁ ଏକ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରାଯିବ ବୋଲି ରେଞ୍ଜର୍ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତ ଶାନ୍ତ ପଡ଼ିଥିଲା।

## ଫୁଲ ତୋଳୁଥିବା ବୃଦ୍ଧାକୁ କଚାଡ଼ି ମାରିଲା

ରାଉରକେଲା, ୧୧।୧୧(ସମିସ): ରାଉରକେଲା ସହରରେ ପଶିଲା ଦନ୍ତା। ମଙ୍ଗଳବାର ଭୋର୍‌ରେ ଫୁଲ ତୋଳୁଥିବା ଜଣେ ବୃଦ୍ଧାଙ୍କୁ ଏକ ଦନ୍ତାହାତୀ କଚାଡ଼ି ମାରିଦେଇଛି। ମୃତ ମହିଳାଜଣଙ୍କ ହେଲେ, କୋଏଲନଗର ସି’ ବ୍ଲକ୍‌ର ପୂର୍ଣ୍ଣିମା ବସ୍ତିଆ(୭୯)। ଏହି ଘଟଣା ପରେ କୋଏଲ ନଗରବାସୀ ଭୟଭୀତ ଅବସ୍ଥାରେ ଅଛନ୍ତି।

- ରାଉରକେଲା ସହରରେ ପଶିଲା ଦନ୍ତା
- ଭୟଭୀତ ଅବସ୍ଥାରେ କୋଏଲ ନଗରବାସୀ

ସୂଚନାନୁଯାୟୀ, ପୂର୍ଣ୍ଣିମା ଆଜି ଭୋର୍ ସମୟରେ ଘର ସମ୍ମୁଖ ଗଛରୁ ଫୁଲ ତୋଳୁଥିବା ବେଳେ ହଠାତ୍ ଏକ ଦନ୍ତାହାତୀ ତାଙ୍କ ଆଗକୁ ଚାଲି ଆସିଥିଲା। ସେ କିଛି ବୁଝିବା ଆଗରୁ ଦନ୍ତା ତାଙ୍କୁ କଚାଡ଼ି ଦେଇ ପଳାଇଥିଲା। ଏହା ପୂର୍ବରୁ ସ୍ଥାନୀୟ ଅଞ୍ଚଳରେ ପ୍ରାତଃ ଭ୍ରମଣ କରୁଥିବା କିଛି ଲୋକେ ମଧ୍ୟ ଦନ୍ତାର ସମ୍ମୁଖୀନ ହୋଇ ଅଳ୍ପକେ ବର୍ତ୍ତିଯାଇଥିଲେ। ଲୋକଙ୍କ ଚିତ୍କାର ଶୁଣି ଅଞ୍ଚଳବାସୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ପୁଲିସ ପହଞ୍ଚି ବୃଦ୍ଧାଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ନେଇଥିଲା। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅପରପକ୍ଷେ, ଦନ୍ତା କୋଏଲ ନଦୀ ଅତିକ୍ରମ କରି ରିଡ଼ଁ ଜଙ୍ଗଲକୁ ଚାଲିଯାଇଥିବା ଜଣାପଡ଼ିଛି।

ଏଭଳି ଘଟଣା ପ୍ରାୟ ସମୟରେ ଗ୍ରାମାଞ୍ଚଳଗୁଡ଼ିକରେ ହେବାର ନଜିର୍ ରହିଛି। ତେବେ ହାତୀ ବର୍ତ୍ତମାନ ସହର ଭିତରେ ପଶିବା ଘଟଣାକୁ ନେଇ ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି। ସୂଚନାଯୋଗ୍ୟ, ବନ୍ଧମୁଣ୍ଡାସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ନିକଟ ରାସ୍ତାରେ ବିଳମ୍ବିତ ରାତିରେ ଦନ୍ତା ବୁଲୁଥିବା ଲୋକେ ଦେଖିବାକୁ ପାଇଥିଲେ। ଏହାର କିଛି ସମୟ ପରେ ଡିଜେଲ କଲୋନୀ ରେଳ ଫାଟକ ଦେଇ ରେଲୱେ ୟାର୍ଡକୁ ଯାଇ ପହଞ୍ଚିଥିଲା ଦନ୍ତା ହାତୀ। ବନବିଭାଗ ପକ୍ଷରୁ ଦନ୍ତାକୁ ଜଙ୍ଗଲ ଭିତରକୁ ଘଉଡ଼ା ଯାଇଥିଲା। ପରେ ଦୁର୍ଗାପୁର ରାସ୍ତା ଦେଇ ଦନ୍ତା ଏନ୍‌ଆଇଟି ମୁଖ୍ୟ ରାସ୍ତା ହୋଇ କୋଏଲନଗର ଅଞ୍ଚଳକୁ ଯାଇଥିବା ଜଣାପଡିଛି। ଏହା ପୂର୍ବରୁ ହାତୀପଲ ବରକାନି ଗାଁରେ ଦେଖାଦେଇଥିଲେ। ବନ ବିଭାଗ ହାତୀ ପଲକୁ ଜଙ୍ଗଲକୁ ଘଉଡାଇ ଦେଇଥିଲା। ହେଲେ ଫର୍ଟିଲାଇଜର ସୋନା ପର୍ବତରୁ ହାତୀ ପଲରୁ ଗୋଟିଏ ଦନ୍ତା ଅଲଗା ହୋଇ ଯାଇଥିବା ସୂଚନା ମିଳିଛି।

**ଆଇନଜୀବୀ ପୀତବାସ ହତ୍ୟା ମାମଲା**

# ବାଲାଷ୍ଟିକ୍ ଟେଷ୍ଟ ପାଇଁ ଗଲା ଜବତ ଦୁଇ ବନ୍ଧୁକ

ବ୍ରହ୍ମପୁର, ୧୧।୧୧(ସମିସ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ପୁଲିସ ପର୍ଯ୍ୟାୟକ୍ରମେ ମୋଟ ୧୬ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କଠାରୁ ପୁଲିସ ଦୁଇଟି ବନ୍ଧୁକ ଜବତ କରିଥିଲା। ଜବତ ବନ୍ଧୁକର ତଥ୍ୟକୁ ପୁଲିସ ମଙ୍ଗଳବାର ସ୍ଥାନୀୟ ଏସଡିଜେଏମ୍‌ଙ୍କ କୋର୍ଟରେ ଦାଖଲ କରିଛି। ଏହାସହ ବାଲାଷ୍ଟିକ୍ ଟେଷ୍ଟ ପାଇଁ ବନ୍ଧୁକଦ୍ୱୟକୁ ଭୁବନେଶ୍ୱର ରସୁଲଗଡ଼ସ୍ଥିତ ଏସ୍‌ଏଫ୍‌ଏସ୍‌ଏଲକୁ ପଠାଯାଇଛି। ଜବତ ବନ୍ଧୁକ, ଉଦ୍ଧାର ହୋଇଥିବା ଖୋକା ଓ ପୋଷ୍ଟମୋର୍ଟମ୍ ସମୟରେ ପୀତବାସଙ୍କ ଶରୀରରୁ ଉଦ୍ଧାର ହୋଇଥିବା ଗୁଳିକୁ ବାଲାଷ୍ଟିକ ଏକ୍ସପର୍ଟଙ୍କ ନିକଟକୁ ପଠାଯାଇଛି। ରିପୋର୍ଟ ଆସିବା ପରେ କିଛି ତଥ୍ୟ ମିଳିବ ବୋଲି କୁହାଯାଉଛି। ଜବତ ବନ୍ଧୁକଦ୍ୱୟ ୯ ଏମ୍‌ଏମ୍ ବୋଲି ସ୍ପଷ୍ଟ ହୋଇଥିବାରୁ ପୀତବାସଙ୍କୁ ଏହି ପିସ୍ତଲରୁ ହିଁ ଗୁଳି କରାଯାଇଥିବା ପୁଲିସ ଦାବି କରିଛି।

**ଏମ୍‌କେସିଜିରେ ଚିକିତ୍ସା ପାଇଁ ସୁନୀଲ ହୋତାଙ୍କୁ ମିଳିଲା ଅନୁମତି**

ଏହି ମାମଲାରେ ଗିରଫ ୧୬ଜଣଙ୍କ ମଧ୍ୟରୁ ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା, ପୂର୍ବତନ ମେୟର ଶିବଶଙ୍କର ଦାଶ ଓରଫ ପିଣ୍ଟୁ, କର୍ପୋରେଟର୍ ତଥା ଆଇନଜୀବୀ ମଳୟ ବିଷୋୟୀ, ମଦନ ଦଳାଇ ଓ ସୁନୀଲ ହୋତାଙ୍କ ପାଇଁ ଆଇନଜୀବୀମାନେ କୋର୍ଟରେ ଓକାଲତନାମା ଦାଖଲ କରିଛନ୍ତି। ସେହିପରି ବିକ୍ରମ ଓ ମଳୟଙ୍କୁ ସ୍ୱାସ୍ଥ୍ୟଗତ କାରଣରୁ ଘରର ରନ୍ଧା ଖାଦ୍ୟ ଯୋଗାଇବା ପାଇଁ ନିଜନିଜ ଓକିଲଙ୍କ ଜରିଆରେ ନିକଟରେ ସ୍ଥାନୀୟ ଏସଡିଜେଏମ୍‌ଙ୍କ ଅଦାଲତରେ ପିଟିସନ୍ ଦାଖଲ କରିଥିଲେ। ଏସଡିଜେଏମ୍ କୁମାର ସ୍ୱନ୍ଦନ ଉକ୍ତ ପିଟିସନ୍‌ର ଶୁଣାଣି କରି ବିକ୍ରମ ଓ ମଳୟଙ୍କୁ ଜେଲ ଭିତରେ ଆବଶ୍ୟକସ୍ଥଳେ ଘର ରନ୍ଧାଖାଦ୍ୟ ଯୋଗାଇଦେବାକୁ ଜେଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବର୍ତ୍ତମାନ ଉଭୟ ବିକ୍ରମ ଓ ମଳୟଙ୍କ ସ୍ୱାସ୍ଥ୍ୟବସ୍ଥା ଜେଲରେ ଯାଞ୍ଚ କରାଯାଇଥିଲା। ସମସ୍ତ ରିପୋର୍ଟ ଠିକ୍ ଥିବାରୁ ସେମାନଙ୍କୁ ବାହାରର କୌଣସି ଖାଦ୍ୟ ଯୋଗାଣର ଆବଶ୍ୟକତା ନଥିବା ଜେଲ କର୍ତ୍ତୃପକ୍ଷ କୋର୍ଟକୁ ଜଣାଇଛନ୍ତି।

ଅନ୍ୟପକ୍ଷରେ ସୁନୀଲ ମଳକଣ୍ଟକ ରୋଗରେ ଆକ୍ରାନ୍ତ ଥିବାରୁ ତାଙ୍କୁ ମେଡିକାଲ ଚିକିତ୍ସାର ଆବଶ୍ୟକତା ରହିଛି। ସୁନୀଲଙ୍କ ଓକିଲ ରଶ୍ମିତା ଦାସ ଓ ଚକ୍ରପାଣି ନାହାକ ଏନେଇ ଏକ ପିଟିସନ୍ ଶୁକ୍ରବାର କୋର୍ଟରେ ଦାଖଲ କରିଥିଲେ। କୋର୍ଟ ଉକ୍ତ ପିଟିସନ୍‌ର ଶୁଣାଣି କରି ସୁନୀଲଙ୍କୁ ଚିକିତ୍ସା ପାଇଁ ତୁରନ୍ତ ଏମକେସିଜି ମେଡିକାଲକୁ ପଠାଇବାକୁ ଜେଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ବୁଧବାର ସୁନୀଲଙ୍କୁ ଏମ୍‌କେସିଜି ମେଡିକାଲରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯିବ ବୋଲି ସୂଚନା ମିଳିଛି।



**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୮.୨୫ • ପାଉଣ୍ଡ ୧୧୫.୬୮
- ୟୁରୋ ୧୦୧.୫୯ • ୟେନ୍ ୦.୫୭




**ସୁନା, ରୁପା ଦର (ଟଙ୍କାରେ)**

୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୧୩,୫୧୦ (ନୂଆଦିଲ୍ଲୀ)
- ରୁପା : ୧,୫୭,୧୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୩,୮୭୧.୦୦
- ନିଫ୍ଟି ୨୫,୬୯୪.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ଋଷୀୟ ତେଲ ଅର୍ଡର ବନ୍ଦ କଲେ ଭାରତୀୟ କମ୍ପାନୀ



## ରିଲାଏନ୍ସ ସମେତ ୫ କମ୍ପାନୀ ଡିସେମ୍ବରରେ ତେଲ କିଣିବେନି

**ନୂଆଦିଲ୍ଲୀ,୧୧।୧୧(ଏଜେନ୍ସି):** ଡିସେମ୍ବର ଡେଲିଭରୀ ପାଇଁ ଭାରତ ରୁଷରୁ ଏହାର ଅଶୋଧିତ ତୈଳ କ୍ରୟକୁ ଯଥେଷ୍ଟ ହ୍ରାସ କରିଛି। ବ୍ଲୁମବର୍ଗର ଏକ ରିପୋର୍ଟ ଅନୁଯାୟୀ, ଦେଶର ପାଞ୍ଚଟି ପ୍ରମୁଖ ବିଶୋଧନାଗାର ଡିସେମ୍ବର ପାଇଁ କୌଣସି ନୂତନ ଅର୍ଡର ଦେଇନାହାଁନ୍ତି। ଆମେରିକାର ପ୍ରତିବନ୍ଧକ ଏବଂ ଭାରତ-ଆମେରିକା ବାଣିଜ୍ୟ ଆଲୋଚନା ମଧ୍ୟରେ ଏହି ନିଷ୍ପତ୍ତି ନିଆଯାଇଛି।

ଅଗଷ୍ଟରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ରୁଷଠାରୁ ତୈଳ କ୍ରୟ ପାଇଁ ଭାରତ ଉପରେ ୫୦% ଶୁଳ୍କ ଲାଗୁ କରିଥିଲେ। ପରବର୍ତ୍ତୀ ସମୟରେ, ସେ ରୁଷର ସରକାରୀ ତେଲ କମ୍ପାନୀ, ରୋସନେଫ୍ଟ ଏବଂ ଲୁକ୍‌ଅଏଲ ସହିତ ସମସ୍ତ କାରବାରକୁ ନିଷେଧ କରିଥିଲେ। ଏହି କଟକଣାଗୁଡ଼ିକ ନଭେମ୍ବର ୨୧ ତାରିଖରୁ ଲାଗୁ ହେବ। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍, ଭାରତ ପେଟ୍ରୋଲିୟମ୍, ହିନ୍ଦୁସ୍ତାନ ପେଟ୍ରୋଲିୟମ୍, ମାଙ୍ଗାଲୋର ରିଫାଇନାରୀ ଏବଂ ଏଚ୍‌ପିସିଏଲ-ମିତ୍ତଲ ଏନର୍ଜି ଡିସେମ୍ବର ପାଇଁ ରୁଷକୁ କୌଣସି ନୂତନ ଅର୍ଡର ଦେଇ ନାହାଁନ୍ତି। ଏହି କମ୍ପାନୀଗୁଡ଼ିକ ଚଳିତବର୍ଷ ଏ ପର୍ଯ୍ୟନ୍ତ ରୁଷଠାରୁ ଭାରତକୁ ହୋଇଥିବା ଆମଦାନୀର ଦୁଇ-ତୃତୀୟାଂଶ ତେଲ କିଣିଛନ୍ତି। ଇଣ୍ଡିଆନ୍ ଅଏଲ୍ (ଆଇଓସି) ଏବଂ ନାୟାରା ଏନର୍ଜି ହେଉଛି ଡିସେମ୍ବର ପାଇଁ ରୁଷର ତେଲ କ୍ରୟ କରୁଥିବା ଏକମାତ୍ର ଦେଶ। ଆଇଓସି ଅଣ-ପ୍ରତିବନ୍ଧିତ ଯୋଗାଣକାରୀଙ୍କଠାରୁ ତେଲ କ୍ରୟ କରୁଥିବାବେଳେ, ନାଏରା ଯେଉଁଥିରେ ରୁଷିଆର ରୋସନେଫ୍ଟର ୪୯% ଅଂଶଧନ ଅଛି, ତାହା ସମ୍ପୂର୍ଣ୍ଣ ଭାବରେ ରୁଷିଆର ଯୋଗାଣ ଉପରେ ନିର୍ଭରଶୀଳ।

ଚଳିତବର୍ଷ ଭାରତର ତୈଳ ଯୋଗାଣର ପ୍ରାୟ ୩୬% ରୁଷ କରିଛି, କିନ୍ତୁ ରିଫାଇନାରୀଗୁଡ଼ିକ ଏବେ ବିକଳ୍ପ ଖୋଜୁଛନ୍ତି। ଆଇଓସି ଜାନୁଆରୀ-ମାର୍ଚ୍ଚ ପାଇଁ ଆମେରିକା ଏବଂ ଅନ୍ୟାନ୍ୟ ଅଞ୍ଚଳରୁ ୨୪ ନିୟୁତ ବ୍ୟାରେଲ ତେଲ କିଣିବାକୁ ବିଡ୍ କରିଛି। ହିନ୍ଦୁସ୍ତାନ ପେଟ୍ରୋଲିୟମ୍ ଜାନୁଆରୀ ପାଇଁ ଆମେରିକା ଏବଂ ପଶ୍ଚିମ ଏସିଆରୁ ୪ ନିୟୁତ ବ୍ୟାରେଲ ତେଲ କିଣିଛି। ସାଉଦି ଆରାମ୍‌କୋ ଏବଂ ଆବୁଧାବି ନ୍ୟାସନାଲ୍ ଅଏଲ୍ କମ୍ପାନୀ (ଏଡିନକ୍) ଭାରତୀୟ ଅଧିକାରୀଙ୍କ ସହ ସାକ୍ଷାତ କରି ଯୋଗାଣ ଜାରି ରଖିବାର ପ୍ରତିଶ୍ରୁତି ଦେଇଛନ୍ତି।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସୋମବାର କହିଛନ୍ତି ଯେ ଭାରତ ଏବଂ ଆମେରିକା ଏକ ନୂତନ ବାଣିଜ୍ୟ ଚୁକ୍ତିନାମା ଚୂଡ଼ାନ୍ତ କରିବାର ନିକଟତର। ସେ କହିଛନ୍ତି ଯେ ଆମେରିକା ଭାରତ ଉପରେ ଲଗାଯାଇଥିବା ଶୁଳ୍କକୁ ଧୀରେ ଧୀରେ ହ୍ରାସ କରିବ। ଭାରତ ଉପରେ ଶୁଳ୍କ ହ୍ରାସ କରିବା ପ୍ରଶ୍ନରେ, ଟ୍ରମ୍ପ୍ କହିଛନ୍ତି ଯେ ରୁଷିଆର ତେଲ କିଣିବା ଯୋଗୁଁ ଭାରତ ଉପରେ ଉଚ୍ଚ ଶୁଳ୍କ ଲାଗୁ କରାଯାଇଥିଲା, କିନ୍ତୁ ଏବେ ଭାରତ ରୁଷିଆରୁ ତେଲ କ୍ରୟକୁ ଯଥେଷ୍ଟ ହ୍ରାସ କରିଛି। ସେ କହିଛନ୍ତି, ହଁ ଆମେ ଶୁଳ୍କ ହ୍ରାସ କରିବୁ। ସୂଚନାଯୋଗ୍ୟ ଯେ, ଟ୍ରମ୍ପ୍ ଏ ପର୍ଯ୍ୟନ୍ତ ଭାରତ ଉପରେ ମୋଟ ୫୦% ଶୁଳ୍କ ଲାଗୁ କରିଛନ୍ତି। ଏଥିରେ ୨୫% ପାରସ୍ପରିକ ଶୁଳ୍କ ଏବଂ ରୁଷରୁ ତେଲ କିଣିବା ପାଇଁ ୨୫% ଜରିମାନା ଅନ୍ତର୍ଭୁକ୍ତ। ପାରସ୍ପରିକ ଶୁଳ୍କ ଅଗଷ୍ଟ ୭ ରୁ ଲାଗୁ ହୋଇଛି ଏବଂ ଅଗଷ୍ଟ ୨୭ରୁ ଜୋରିମାନା ଲାଗୁ ହୋଇଛି। ଆମେରିକା ରୁଷ ଉପରେ ଚାପ ପକାଇବା ପାଇଁ ଭାରତ ଉପରେ ଆର୍ଥିକ କଟକଣା ଲଗାଇଛି। ଟ୍ରମ୍ପ୍ ଅନେକ ଥର ଦାବି କରିଛନ୍ତି ଯେ ରୁଷ ଭାରତରୁ ତେଲ କିଣିବା ଦ୍ୱାରା ପାଉଥିବା ଟଙ୍କାରେ ୟୁକ୍ରେନରେ ଯୁଦ୍ଧକୁ ପ୍ରୋତ୍ସାହିତ କରୁଛି।

## ଇପିସିଏଚ୍ ଦୁବାଇରେ ଭାରତୀୟ ହସ୍ତଶିଳ୍ପ ପ୍ରଦର୍ଶନୀ



**ନୂଆଦିଲ୍ଲୀ,୧୧।୧୧:** ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ର ଦୁବାଇସ୍ଥିତ ଦୁବାଇ ବିଶ୍ୱ ବାଣିଜ୍ୟ କେନ୍ଦ୍ରରେ ଉପହାର ଏବଂ ଜୀବନଶୈଳୀ ମଧ୍ୟପ୍ରାଚ୍ୟ ନଭେମ୍ବର ୧୧ ରୁ ୧୩ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଇପିସିଏଚ୍‌ର ବିଷୟବସ୍ତୁ ପ୍ରଦର୍ଶନୀ, ଭାରତୀୟ ହସ୍ତଶିଳ୍ପ - ଉପହାରପ୍ରାପ୍ତ ହାତର ଯାଦୁ,ଉପସ୍ଥାପିତ ହୋଇଥିଲା। ଇପିସିଏଚ୍ ଇଣ୍ଡିଆ ପାଭିଲିୟନକୁ ଦୁବାଇରେ ଭାରତର କନସୁଲ ଜେନେରାଲ ସତୀଶ କୁମାର ସିଭାନଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ଏହି ଅବସରରେ ହସ୍ତଶିଳ୍ପ ପାଇଁ ରପ୍ତାନି ପ୍ରମୋସନ ପରିଷଦ (ଇପିସିଏଚ୍) ର ଅଧ୍ୟକ୍ଷ ଡକ୍ଟର ନୀରଜ ଖାନ୍ନା, ଇପିସିଏଚ୍‌ର ମୁଖ୍ୟ ସଂଯୋଜକ ଅବଧେଶ ଅଗ୍ରୱାଲ, ଇପିସିଏଚ୍‌ର ବରିଷ୍ଠ ଅଧିକାରୀ, ସଦସ୍ୟ ପ୍ରଦର୍ଶକ ଏବଂ ଉପହାର ଏବଂ ଜୀବନଶୈଳୀର ପୋର୍ଟଫୋଲିଓ ନିର୍ଦ୍ଦେଶକ ଟେରେସା ହାଇଟର ଉପସ୍ଥିତ ଥିଲେ। ମେସେ ଫ୍ରାଙ୍କଫର୍ଟ ମଧ୍ୟପ୍ରାଚ୍ୟର ସରକାରୀ ସମ୍ପର୍କ ନିର୍ଦ୍ଦେଶକ ମହମ୍ମଦ ଆଲମାନସୁରୀ ମଧ୍ୟ ଉପସ୍ଥିତ ଥିଲେ। ହସ୍ତଶିଳ୍ପ ପାଇଁ ରପ୍ତାନି ପ୍ରମୋସନ ପରିଷଦ (ଇପିସିଏଚ୍)ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଆର.କେ. ବର୍ମା ସୂଚନା ପ୍ରଦାନ କରିଥିଲେ। ଉଦଘାଟନୀ ଉତ୍ସବରେ ଶ୍ରୀ ସିଭାନ ଭାରତୀୟ ହସ୍ତଶିଳ୍ପକୁ ବିଶ୍ୱ ବଜାରରେ ପ୍ରୋତ୍ସାହିତ କରିବା ଏବଂ ଦେଶରୁ ହସ୍ତଶିଳ୍ପ ରପ୍ତାନିକୁ ବୃଦ୍ଧି କରିବା ପାଇଁ ପରିଷଦର ନିରନ୍ତର ପ୍ରୟାସକୁ ପ୍ରଶଂସା କରିଥିଲେ।

# ଭାରତ ଉପରୁ କମିବ ଟାରିଫ୍: ଟ୍ରମ୍ପ୍

## ବାଣିଜ୍ୟ ଚୁକ୍ତିରେ ଖୁବ୍ ଶୀଘ୍ର ବାଜିବ ମୋହର

**ୱାଶିଂଟନ୍, ୧୧।୧୧(ଏଜେନ୍ସି):** ଭାରତ ଉପରୁ କମ୍ ହେବ ଟାରିଫ୍। ଏ ନେଇ ସଙ୍କେତ ଦେଇଛନ୍ତି ଖୋଦ୍ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍। ଖୁବ୍ ଶୀଘ୍ର ଦୁଇ ଦେଶ ମଧ୍ୟରେ ହେବାକୁ ଥିବା ବାଣିଜ୍ୟ ଚୁକ୍ତିରେ ବାଜିବ ମୋହର। ଆମେରିକା ଏବଂ ଭାରତ ମଧ୍ୟରେ ବିଗିଡ଼ିଥିବା ସମ୍ପର୍କକୁ ପୁନଃସ୍ଥାପିତ କରିବାର ଦାୟିତ୍ୱ ଏବେ ଭାରତ ପାଇଁ ନୂତନ ଭାବେ ନିଯୁକ୍ତ ଆମେରିକାର ରାଷ୍ଟ୍ରଦୂତ ସର୍ଗିଓ ଗୋରଙ୍କ ଉପରେ ରହିବ। ଗୋରଙ୍କ ଶପଥ ଗ୍ରହଣ ସମାରୋହରେ ଅଧ୍ୟକ୍ଷତା କରି ଟ୍ରମ୍ପ ଆଶା ପ୍ରକାଶ କରିଥିଲେ ଯେ ଗୋର୍ ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ଉନ୍ନତ କରିବେ। ସେ କହିଥିଲେ, ମୁଁ ଆମ ଦେଶର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅନ୍ତର୍ଜାତୀୟ ସମ୍ପର୍କ ମଧ୍ୟରୁ ଗୋଟିଏ - ଭାରତ ସହିତ ଆମର ରଣନୈତିକ ସହଭାଗିତାକୁ ଆହୁରି ମଜବୁତ କରିବା ପାଇଁ ସର୍ଗିଓ ଗୋରଙ୍କ ଉପରେ ନିର୍ଭର କରୁଛି। ଏହା ଏକ ବହୁତ ବଡ଼ କଥା। ଟ୍ରମ୍ପ୍ ଆହୁରି କହିଛନ୍ତି ଯେ ଭାରତ ବିଶ୍ୱର ସବୁଠାରୁ ପୁରୁଣା ସଭ୍ୟତା ମଧ୍ୟରୁ ଗୋଟିଏ ଏବଂ ବର୍ତ୍ତମାନ ବିଶ୍ୱର ସର୍ବବୃହତ ଦେଶ, ଯେଉଁଠାରେ ପାଖାପାଖି ୧୫୦ କୋଟି ଲୋକ ରହୁଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହିତ ତାଙ୍କର ବହୁତ ଭଲ ସମ୍ପର୍କ ଅଛି। ଯେତେବେଳେ ଟ୍ରମ୍ପଙ୍କୁ ଭାରତ ସହିତ ବାଣିଜ୍ୟ ଚୁକ୍ତିର ଅଗ୍ରଗତି ଏବଂ ଶୁଳ୍କ (ଆମଦାନୀ ଶୁଳ୍କ) ହ୍ରାସ କରିବାର ସମ୍ଭାବନା ବିଷୟରେ ପଚରାଯାଇଥିଲା, ସେ କହିଥିଲେ ବର୍ତ୍ତମାନ ଭାରତ ଉପରେ ଶୁଳ୍କ ବହୁତ ଅଧିକ। ପୂର୍ବରୁ, ଭାରତ ରୁଷରୁ ତେଲ ଆମଦାନୀ କରୁଥିଲା, କିନ୍ତୁ ବର୍ତ୍ତମାନ ତାହା ଯଥେଷ୍ଟ ହ୍ରାସ ପାଇଛି। ତେଣୁ, ଆମେ ଖୁବ୍ ଶୀଘ୍ର ଭାରତ ଉପରେ ଶୁଳ୍କ ହ୍ରାସ କରିବାକୁ ଯାଉଛୁ ଏବଂ ଆମେ କୌଣସି ସମୟରେ ସେଗୁଡ଼ିକୁ ହ୍ରାସ କରିବୁ। ଏହି ବିବୃତ୍ତି ସହିତ ଟ୍ରମ୍ପ ଇଙ୍ଗିତ ଦେଇଛନ୍ତି ଯେ ଆମେରିକା ଏବଂ ଭାରତ ମଧ୍ୟରେ ବାଣିଜ୍ୟ ସମ୍ପର୍କ ଉନ୍ନତ ହେବା ସହିତ ଭବିଷ୍ୟତରେ ଆମଦାନୀ ଶୁଳ୍କ ହ୍ରାସ କରାଯାଇପାରିବ।

ସେ ଭାରତକୁ ବିଶ୍ୱର ସବୁଠାରୁ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ମଧ୍ୟବିତ୍ତ ଦେଶ ଭାବରେ ବର୍ଣ୍ଣନା କରିଥିଲେ ଏବଂ କହିଥିଲେ ଯେ ଏହା ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ଆମେରିକା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଅର୍ଥନୈତିକ ଏବଂ ରଣନୈତିକ ଅଂଶୀଦାର। ଟ୍ରମ୍ପ କହିଛନ୍ତି ଯେ ରାଷ୍ଟ୍ରଦୂତ ଭାବରେ, ସେର୍ଗିଓ ଗୋରଙ୍କ କାର୍ଯ୍ୟ ହେବ ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ଆହୁରି ମଜବୁତ କରିବା, ଆମେରିକୀୟ ଶିଳ୍ପ ଏବଂ ପ୍ରଯୁକ୍ତିବିଦ୍ୟାରେ ନିବେଶକୁ ପ୍ରୋତ୍ସାହିତ କରିବା, ଆମେରିକୀୟ ଶକ୍ତି ରପ୍ତାନି ବୃଦ୍ଧି କରିବା ଏବଂ ସୁରକ୍ଷା ସହଯୋଗକୁ ବିସ୍ତାର କରିବା।

## ସେୟାର ବଜାରରେ ଅନିଶ୍ଚିତତା

# ଏସ୍‌ଆଇପିରେ ନିବେଶ ବନ୍ଦ କଲେ ଲକ୍ଷାଧିକ ନିବେଶକ

**ନୂଆଦିଲ୍ଲୀ,୧୧।୧୧(ଏଜେନ୍ସି):** ଗତ କିଛି ବର୍ଷ ଧରି ମ୍ୟୁଚୁଆଲ୍ ଫଣ୍ଡ ଏଓ୍ଆଇପି (ସିଷ୍ଟମେଟିକ୍ ଇନଭେଷ୍ଟମେଣ୍ଟ ପ୍ଲାନ୍) ନିବେଶ କରିବାର ସବୁଠାରୁ ସହଜ ଏବଂ ନିର୍ଭରଯୋଗ୍ୟ ଉପାୟ ପାଲଟିଛି। ପ୍ରତି ମାସରେ ଅଳ୍ପ ପରିମାଣରେ ନିବେଶ କରି ଏକ ବଡ଼ କର୍ପସ୍ ପାଣ୍ଠି ଗଠନ କରିବାର କ୍ଷମତା ଲକ୍ଷ ଲକ୍ଷ ଲୋକଙ୍କୁ ଏଥିପ୍ରତି ଆକର୍ଷିତ କରିଛି। କିନ୍ତୁ ବର୍ତ୍ତମାନ, ପରିସ୍ଥିତି ବଦଳିଥିବା ପରି ମନେ ହେଉଛି। ସାମ୍ପ୍ରତିକ ତଥ୍ୟ ଅନୁଯାୟୀ, ବହୁ ସଂଖ୍ୟକ ନିବେଶକ ସେମାନଙ୍କର ଏସ୍‌ଆଇପି ବନ୍ଦ କରୁଛନ୍ତି। ଏହି ଲୋକପ୍ରିୟ ନିବେଶ ଉପକରଣରୁ ନିବେଶକମାନେ ଦୂରେଇ ଯାଉଛନ୍ତି। ଭାରତୀୟ ମ୍ୟୁଚୁଆଲ୍ ଫଣ୍ଡ ଆସୋସିଏସନ୍ (ଏଏମ୍‌ଏଫ୍‌ଆଇ) ର ତଥ୍ୟ ଅନୁଯାୟୀ, ଚଳିତବର୍ଷ ସେପ୍ଟେମ୍ବର ରେ ପ୍ରାୟ ୪.୪୦୩ ନିୟୁତ ଏସ୍‌ଆଇପି ବନ୍ଦ ହୋଇଥିଲା। ତେବେ ଅଗଷ୍ଟରେ ୪.୧୧୫ ନିୟୁତ ଏସ୍‌ଆଇପି ବନ୍ଦ ଥିଲା, ଯାହା ୭% ବୃଦ୍ଧି ଦର୍ଶାଉଛି। ଗତ ବର୍ଷ, ସେପ୍ଟେମ୍ବର ମାସରେ ପ୍ରାୟ ୪ ନିୟୁତଏସ୍‌ଆଇପି ବନ୍ଦ ହୋଇଥିଲା। ଏହି ଧାରା ସୂଚାଇ ଦେଉଛି ଯେ ନିବେଶକମାନେ ସେମାନଙ୍କର ରଣନୀତିର ପୁନଃବିଚାର କରୁଛନ୍ତି। କେତେକ ବଜାର ଅସ୍ଥିରତା ବିଷୟରେ ଚିନ୍ତିତ, ଯେତେବେଳେ କି ଅନ୍ୟମାନେ ଲକ୍ଷ୍ୟର ଅଭାବ କିମ୍ବା ଦୁର୍ବଳ ପାଣ୍ଠି ପ୍ରଦର୍ଶନ ଯୋଗୁଁ




ଏସ୍‌ଆଇପି ବନ୍ଦ କରୁଛନ୍ତି।

ଏଏମ୍‌ଏଫ୍‌ଆଇ ତଥ୍ୟ ଦର୍ଶାଉଛି ଯେ ଗତ କିଛି ମାସ ଧରି ଏସ୍‌ଆଇପି ବନ୍ଦ କରିବାର ଗତି ଅସ୍ଥିର ରହିଛି। ଜୁନ୍ ମାସରେ ୪.୮ ନିୟୁତ ଏସ୍‌ଆଇପି ବନ୍ଦ ହୋଇଥିଲା, ଜୁଲାଇରେ ୪.୩ ନିୟୁତ, ଅଗଷ୍ଟରେ ୪.୧ ନିୟୁତ ଏବଂ ସେପ୍ଟେମ୍ବରରେ ପୁଣି ଥରେ ଏଥିରେ ବୃଦ୍ଧି ଘଟି ତାହା ୪.୪ ନିୟୁତ ହୋଇଯାଇଛି। ଏହା ସ୍ପଷ୍ଟ ଯେ ନିବେଶକମାନେ ସେମାନଙ୍କର ନିବେଶ ବିଷୟରେ ଏ ପର୍ଯ୍ୟନ୍ତ ଅନିଶ୍ଚିତ ଏବଂ ନିରନ୍ତର ଭାବେ ସେମାନଙ୍କର ପୋର୍ଟଫୋଲିଓ ସମୀକ୍ଷା କରୁଛନ୍ତି। ନିବେଶକମାନେ ଏସ୍‌ଆଇପି ବନ୍ଦ କରିବାର ପ୍ରମୁଖ କାରଣ ହେଉଛି, ପୋର୍ଟଫୋଲିଓ ଉନ୍ନତି। ଅନେକ ନିବେଶକ ସେମାନଙ୍କର ନିବେଶକୁ ଗୋଟିଏ ଏସ୍‌ଆଇପି ବଦଳରେ

## ସେପ୍ଟେମ୍ବରରେ ୪.୪ ନିୟୁତ ଏସ୍‌ଆଇପି ବନ୍ଦ

ଅନେକ ଛୋଟ ଏସ୍‌ଆଇପିରେ ବିଭକ୍ତ କରି ବିପଦ ହ୍ରାସ କରିବାକୁ ଏବଂ ଭଲ ରିଟର୍ଣ୍ଣ ହାସଲ କରିବାକୁ ଚାହାଁନ୍ତି। ଏଥିପାଇଁ ସେମାନଙ୍କୁ ସେମାନଙ୍କର ପୁରୁଣା ଏସ୍‌ଆଇପି ବନ୍ଦ କରିବାକୁ ଏବଂ ଏକ ନୂତନ ରଣନୀତି ଗ୍ରହଣ କରିବାକୁ ପଡିବ। କେତେକ ସମୟରେ ନିବେଶକମାନେ ପରେ ଅନୁଭବ କରନ୍ତି ଯେ ସେମାନେ ଏପରି ଏକ ପାଣ୍ଠି ବାଛିଛନ୍ତି ଯାହା ସେମାନଙ୍କର ଲକ୍ଷ୍ୟ ସହିତ ମେଳ ଖାଉ ନାହିଁ। ଏପରି ପରିସ୍ଥିତିରେ, ଏସ୍‌ଆଇପି ବନ୍ଦ କରିବା ଏବଂ ସିଷ୍ଟମେଟିକ୍ ଟ୍ରାନ୍ସଫର ପ୍ଲାନ୍ (ଏସ୍‌ଟିପି) ମାଧ୍ୟମରେ ଟଙ୍କାକୁ ଏକ ଭଲ ପାଣ୍ଠିକୁ ସ୍ଥାନାନ୍ତର କରିବା ହେଉଛି ସଠିକ୍ ପଦକ୍ଷେପ।

ଯଦି ଏକ ସେକ୍ଟର-ନିର୍ଦ୍ଦିଷ୍ଟ ପାଣ୍ଠି ଦୀର୍ଘ ସମୟ ଧରି ଖରାପ ପ୍ରଦର୍ଶନ କରୁଛି, ତେବେ ସେଥିରେ ଏସ୍‌ଆଇପି ଜାରି ରଖିବା କ୍ଷତିକାରକ ହୋଇପାରେ। ଏପରି ପରିସ୍ଥିତିରେ, ନିବେଶକମାନେ ବ୍ୟାପକ ବଜାର କିମ୍ବା ବଡ଼-କ୍ୟାପ୍ ପାଣ୍ଠିକୁ ପସନ୍ଦ କରିଥାନ୍ତି। ଚାକିରି ହରାଇବା, ଚିକିତ୍ସା ଖର୍ଚ୍ଚ କିମ୍ବା ପରିବାରର ଆର୍ଥିକ ସଙ୍କଟ ଭଳି ପରିସ୍ଥିତିରେ ଏସ୍‌ଆଇପି ବନ୍ଦ କରିବା ଏକ ଆବଶ୍ୟକତା ହୋଇଯାଏ। ଏହି ସମୟରେ, ନଗଦ ସଂରକ୍ଷଣ କରିବା ଏକ ପ୍ରାଥମିକତା। ପ୍ରାୟତଃ କୁହାଯାଏ ଯେ ଏସ୍‌ଆଇପି କେବେ ବି ବନ୍ଦ କରାଯିବା ଉଚିତ୍ ନୁହେଁ, କିନ୍ତୁ ଆର୍ଥିକ ବିଶେଷଜ୍ଞମାନେ ସମ୍ପୂର୍ଣ୍ଣ ଭାବରେ ଏକମତ ନୁହଁନ୍ତି। ସେମାନେ ବିଶ୍ୱାସ କରନ୍ତି ଯେ ଏସ୍‌ଆଇପି ବନ୍ଦ କରିବା ଜରୁରୀ ନୁହେଁ; ଏହା ଆବଶ୍ୟକତା ଏବଂ ପରାମର୍ଶ ଉପରେ ଆଧାରିତ ହେବା ଉଚିତ।

## ୧୪ରୁ ଡିଜାଇନ କାର୍ଣ୍ଣିଭାଲ ଆଣ୍ଡ ବିଲ୍‌ଡ ଏକ୍ସପୋ

**ଭୁବନେଶ୍ୱର,୧୧।୧୧(ସମିସ):** ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ ଆର୍କିଟେକ୍ଟସ୍ ଓଡ଼ିଶା ଚାପ୍ଟର ପକ୍ଷରୁ ଏହାର ଅଗ୍ରଣୀ ବାର୍ଷିକ କାର୍ଯ୍ୟକ୍ରମ ଡିଜାଇନ କାର୍ଣ୍ଣିଭାଲ ଆଣ୍ଡ ବିଲ୍‌ଡ ଏକ୍ସପୋ ୨୦୨୫ ପୁନଃ ଆୟୋଜନ ସମ୍ପର୍କରେ ଗର୍ବର ସହିତ ଘୋଷଣା କରାଯାଇଛି। ଏହା ନଭେମ୍ବେର ୧୪ରୁ ୧୬ ପର୍ଯ୍ୟନ୍ତ ଭୁବନେଶ୍ୱର ପଟିଆସ୍ଥିତ ହୋଟେଲ କ୍ରିଷ୍ଟାଲ କ୍ରାଉନରେ ଆୟୋଜିତ ହେବାକୁ ଯାଉଛି। ଚଳିତ ବର୍ଷ ଏହାର ବିଷୟବସ୍ତୁ ରଖାଯାଇଛି 'ଏଆଇ-ଆର୍କିଟେକ୍‌ଚର ଇଣ୍ଟେଲିଜେନ୍ସ' ଯାହା କୃତ୍ରିମ ବୁଦ୍ଧିମତା ଏବଂ ସ୍ଥାପତ୍ୟଗତ ଡିଜାଇନକୁ ନେଇ ହେଉଥିବା ନୂତନ ଆଲୋଚନାକୁ ଆଗକୁ ବଢାଇବା ସହିତ ପ୍ରଯୁକ୍ତି କିଭଳି ମାନବୀୟ ସୃଜନଶୀଳତାରେ ବୃଦ୍ଧି ଘଟାଇପାରିବ,ଡିଜାଇନ ପ୍ରକ୍ରିୟାରେ ବିପ୍ଲବ ଆଣିବ ଏବଂ ଆମର ନିର୍ମାଣ ପରିବେଶର ଭବିଷ୍ୟତକୁ କିଭଳି ରୂପରେଖ ପ୍ରଦାନ କରିବ ସେ ସମ୍ପର୍କରେ ସମ୍ଭାବ୍ୟତା ଅନୁଧ୍ୟାନ କରୁଛି। ଏହି କାର୍ଯ୍ୟକ୍ରମକୁ ନଭେମ୍ବର ୧୪ରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି।

## ଭାରତ ମସଲା ପକ୍ଷରୁ ୫ମ ଦିନର ଲକି ଡ୍ର



**କଟକ,୧୧।୧୧(ସମିସ):** ଭାରତ ମସଲା ପକ୍ଷରୁ ବାଲିଯାତ୍ରାରେ ପ୍ରତିଦିନ ଉଠାଯାଇଥିବା ଲକି ଡ୍ର କାର୍ଯ୍ୟକ୍ରମର ଆଜି ଥିଲା ୫ମ ଦିବସ। ଏଥିରେ ପ୍ରଥମ ବିଜେତା ଜଣକ ହେଇଛନ୍ତି ଜଗତପୁର କଟକର ଲୋକନାଥ ସେଠୀ ଯିଏକି ମୁଖ୍ୟ ଅତିଥି ଭାରତ ମସଲାର ଅଧ୍ୟକ୍ଷ ସୁରେନ୍ଦ୍ର ପଣ୍ଡାଙ୍କଠାରୁ ପୁରସ୍କାର ସ୍ୱରୂପ ମାଇକ୍ରୋ ଓଭେନ୍ ଗ୍ରହଣ କରିଥିଲେ। ସେହିପରି ୨ୟ ବିଜେତା ଯାଜପୁରର ସୌମ୍ୟରଞ୍ଜନ ମଲ୍ଲିକଙ୍କୁ ରେସିଂ ବାଇ ସାଇକେଲ,୩ୟ ବିଜେତା ଚୌଦ୍ୱାର ନୂଆସାହିର ରବୀନ୍ଦ୍ରନାଥ ସାହୁଙ୍କୁ ବାଉଲ୍ ସେଟ୍, ସାନ୍ତ୍ୱନା ମୂଳକ ବିଜେତା କଟକ ଶିଖରପୁରର ବଳଦେବ ସିଂ ଙ୍କୁ ଫ୍ରାଇଂ ପାନ୍ ପ୍ରଦାନ କରାଯାଇଛି। ଆଜିର ଏହି କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ ଶ୍ରୀମନ୍ତ କୁମାର ପଣ୍ଡା ,ଦିଗନ୍ତ କୁମାର ପଣ୍ଡା, ଆଶୁତୋଷ ପଣ୍ଡା,ଏସଏନ ମିଲେନିୟମ, ଜିଏମ୍ ଅଶ୍ୱିନୀ କୁମାର ଦାସ, ଜିଏମ୍ ପ୍ରଡକ୍ସନ ନବକୃଷ୍ଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଦ୍ୱିତୀୟ ତ୍ରୈମାସିକରେ ଟାଟା ପାୱାରର ଦୃଢ଼ ଆର୍ଥିକ ଫଳାଫଳ

**ନୂଆଦିଲ୍ଲୀ,୧୧।୧୧:** ଚଳିତ ଆର୍ଥିକବର୍ଷର ଦ୍ୱିତୀୟ ତ୍ରୈମାସିକରେ ଟାଟା ପାୱାର ଦୃଢ଼ ଆର୍ଥିକ ଫଳାଫଳ ପ୍ରଦର୍ଶନ କରିଛି। ଏଥିରେ କମ୍ପାନୀର ଟିକସ ପରବର୍ତ୍ତୀ ଲାଭ (ପ୍ୟାଟ୍)ରେ ୧୪ ପ୍ରତିଶତ ଅଭିବୃଦ୍ଧି ଘଟି ତାହା ୧୨୪୫ କୋଟି ଟଙ୍କାରେ ପହଞ୍ଚିଛି। କମ୍ପାନୀର ମୋଟ ବ୍ୟବସାୟ ରେ ୩୫ ପ୍ରତିଶତ ବୃଦ୍ଧି ହୋଇଛି। ଅପରପକ୍ଷେ ଚଳିତ ଆର୍ଥିକବର୍ଷର ପ୍ରଥମାର୍ଦ୍ଧରେ ଟାଟା ପାୱାରର ଟିକସ ପରବର୍ତ୍ତୀ ଲାଭରେ ୧୦ ପ୍ରତିଶତ ଅଭିବୃଦ୍ଧି ଘଟି ୨୫୦୮ କୋଟି ଟଙ୍କା ହୋଇଛି। କମ୍ପାନୀର ସୋଲାର ସେଲ୍ ଏବଂ ମଡ୍ୟୁଲ୍ ମାନୁଫାକ୍‌ଚରିଂ ଟିକସ ପରବର୍ତ୍ତୀ ଲାଭରେ ୨୬୨ ପ୍ରତିଶତ ବୃଦ୍ଧି ଘଟି ୨୪୦ କୋଟି ଟଙ୍କା ଛୁଇଁଛି। ଅପରପକ୍ଷେ ଓଡ଼ିଶା ଡିସ୍‌କମ୍‌ର ଟିକସ ପରବର୍ତ୍ତୀ ଲାଭଷର ୩୬୨ ପ୍ରତିଶତ ବୃଦ୍ଧି ହୋଇ ତାହା ୧୭୪ କୋଟି ଟଙ୍କାରେ ପହଞ୍ଚିଛି।

## ଆସ୍ଥା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟରେ ଜାତୀୟ ଆଲୋଚନାଚକ୍ର




**ଭୁବନେଶ୍ୱର,୧୧।୧୧(ସମିସ):** ଆସ୍ଥା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟରେ 'ଆଡ଼ପ୍ଟ ଜିରୋ ଆକ୍ସିଡେଣ୍ଟ' ଭିଜନ ଉପରେ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଆଇଜିଏଫପି, ସିଏଚଡ଼ିଏନଏଲ୍‌ଆର ଏବଂ ସ୍ୱସ୍ଥଭୂମି ପ୍ରାଇଭେଟ ଲିମିଟେଡ଼ ମିଳିତ ଭାବେ ଆୟୋଜନ କରିଥିଲେ। କାର୍ଯ୍ୟକ୍ରମରେ ଆଇଜିଏଫପିର ପ୍ରତିଷ୍ଠାତା ନିର୍ଦ୍ଦେଶକ ବି. କେ. ସାହୁ ସଭାପତିତ୍ୱ କରିଥିବାବେଳେ ଆସ୍ଥା ସ୍କୁଲ ଅଫ ମ୍ୟାନେଜମେଣ୍ଟର ଅଧ୍ୟକ୍ଷା ପ୍ରଫେସର ଡ଼ଃ ଶର୍ମିଳା ସୁବ୍ରମଣିୟମ୍ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜିରୋ ଆକ୍ସିଡେଣ୍ଟ ଭିଜନ ଉପରେ ଗୁରୁତ୍ୱାରୋପ କରିଥିଲେ। ଇଏସଆଇସିର ରିଜିଓନାଲ ଡ଼ାଇରେକ୍ଟର ରୁଦ୍ର ଦତ୍ତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମର ବିଷୟ ବସ୍ତୁ ଉପରେ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ୱର୍ଶ ହସ୍ପିଟାଲର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର ଡ଼ଃ ଘନଶ୍ୟାମ ବିଶ୍ୱାସ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଆସ୍ଥା ସ୍କୁଲ ଅଫ ମ୍ୟାନେଜମେଣ୍ଟର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏବଂ ସମ୍ପାଦକ ଡ଼ଃ ବଙ୍କିମ ମହାନ୍ତି ଏବଂ ଆସ୍ଥା ସ୍କୁଲ ଅଫ ମ୍ୟାନେଜମେଣ୍ଟର ଡ଼ିନ୍ (ଟ୍ରେନିଂ ଏବଂ ପ୍ଲେସମେଣ୍ଟ) ପ୍ରଫେସର ଜିନାଶିଷ ମହାନ୍ତି ଏବଂ ସିଏଚଡ଼ିଏନଏଲ୍‌ଆର ର ସଭାପତି ଡ଼ଃ ସ୍ୱାତୀ ପରୋଶି ବୁଝାମଣା ପତ୍ରରେ ସ୍ୱାକ୍ଷର କରିଥିଲେ।

## ହରିୟାଣାରେ ଋଣ କାରବାରର 'ଅଦୃଶ୍ୟ' ଖେଳ

# ବିନା କାଗଜପତ୍ରରେ ମିଳିଯାଉଛି ୪୦୦ କୋଟିର ଋଣ

- ଜଡ଼ିତ ନାହାଁନ୍ତି ବ୍ୟାଙ୍କ କିମ୍ବା ଆର୍ଥିକ ସଂସ୍ଥା
- ୨୦ ରୁ ୫୦ ବର୍ଷ ବୟସର ପ୍ରାୟ ୧୨୦୦ ଲୋକ ଏହି ବ୍ୟବସାୟରେ ଜଡ଼ିତ

**ଚଣ୍ଡିଗଡ଼, ୧୧।୧୧ (ଏଜେନ୍ସି):** ଋଣ କାରବାରରେ ବ୍ୟାଙ୍କ ଏବଂ ଆର୍ଥିକ ସଂସ୍ଥାଗୁଡିକର ବଡ଼ ଭୂମିକା ରହିଥାଏ। ହେଲେ ହରିୟାଣାରେ ଏପରି ଏକ ଋଣ କାରବାର ଚାଲିଛି ଯେଉଁଥିରେ ବ୍ୟାଙ୍କ କିମ୍ବା କୌଣସି ଫାଇନାନ୍ସ କମ୍ପାନୀର କୌଣସି ଭୂମିକା ନାହିଁ। ହରିୟାଣାର ଝାଜ୍ଜର ଜିଲ୍ଲାର ଦିଘଲ ଗାଁ କୁ ବର୍ତ୍ତମାନ 'ଫାଇନାନ୍ସରଙ୍କ ଗାଁ' କୁହାଯାଉଛି। କାରଣ ଏହି ଗାଁରେ ମୁହଁମତରେ ଆପୋଷ ଆଲୋଚନାରେ ମିଳିଯାଉଛି ପ୍ରାୟ ୪୦୦ କୋଟି ଟଙ୍କା ପର୍ଯ୍ୟନ୍ତ ଋଣ। ମାସିକ ୫% ସୁଧହାରରେ ଚାଲିଥିବା ଏହି ଋଣ କାରବାରର 'ଅଦୃଶ୍ୟ' ଖେଳରେ କେବଳ ଫାଇନାନ୍ସର ନୁହଁନ୍ତି, କର୍ପୋରେଟ୍ ଏବଂ ଗ୍ୟାଙ୍ଗଷ୍ଟର ସାମିଲ ଅଛନ୍ତି।

ଏକ ରିପୋର୍ଟ ଅନୁସାରେ, ସମଗ୍ର ମାମଲା ସେତେବେଳେ ସାମ୍ନାକୁ ଆସିଥିଲା ଯେତେବେଳେ ରୋହତକ ସାଇବର ସେଲର ସବ-ଇନ୍ସପେକ୍ଟର ସନ୍ଦୀପ କୁମାର ଲାଥର ଅକ୍ଟୋବର ୧୪ରେ ଆତ୍ମହତ୍ୟା କରିଥିଲେ। ମୃତ୍ୟୁ ପୂର୍ବରୁ, ସେ ଏକ ଭିଡିଓରେ ଅଭିଯୋଗ କରିଥିଲେ ଯେ ହରିୟାଣାର ଜଣେ ଆଇଜି (ୱାଇ ପୁରନ କୁମାର) ଏକ ମ୍ୟୁଜିକ୍ କମ୍ପାନୀ ମାଲିକ ରାଓ ଇନ୍ଦ୍ରଜିତ ଯାଦବଙ୍କ ନାମ ଏକ ହତ୍ୟା ମାମଲାରୁ ହଟାଇବା ପାଇଁ ୫୦ କୋଟି ଟଙ୍କା ଲାଞ୍ଚ ମାଗିଥିଲେ। ଆଶ୍ଚର୍ଯ୍ୟଜନକ ଭାବରେ, ସେହି ଆଇଜି ମଧ୍ୟ କିଛି ଦିନ ପୂର୍ବରୁ ଆତ୍ମହତ୍ୟା କରିଥିଲେ। ଏହି ସମ୍ପୂର୍ଣ୍ଣ ଘଟଣା ଦିଘଲ ଗ୍ରାମର କୋଟି କୋଟି ଟଙ୍କାର ନଗଦ ଆର୍ଥିକ ବ୍ୟବସାୟ ସହିତ ଜଡିତ ଠକେଇ କାର୍ଯ୍ୟକଳାପର ନେଟୱର୍କକୁ ପଦାରେ ପକାଇଦେଇଥିଲା। ଦିଘଲର ଲୋକମାନେ ଏହି ଗାଁକୁ 'ଫାଇନାନ୍ସରଙ୍କ ଗାଁ' ବୋଲି କୁହନ୍ତି। ୨୦ ରୁ ୫୦ ବର୍ଷ ବୟସର ପ୍ରାୟ ୧୨୦୦ ଲୋକ ଏହି ବ୍ୟବସାୟରେ ଜଡିତ। ସେମାନଙ୍କ ମଧ୍ୟରୁ ଅଧିକାଂଶ ଯୁବକ। ସେମାନେ ୧୦ ରୁ ୨୦ ଲକ୍ଷ ଟଙ୍କା ଏକାଠି କରି ଏକ ବଡ଼ 'ପୁଲ୍' ଗଠନ କରନ୍ତି। ଏହି ପୁଲ୍‌ରୁ ବଡ଼ ବଡ଼ କର୍ପୋରେଟ୍ ଏବଂ ରିଅଲ୍ ଇଷ୍ଟେଟ୍ ଡେଭଲପରମାନଙ୍କୁ କୋଟି କୋଟି ଟଙ୍କାର ଋଣ ନଗଦରେ ଦିଆଯାଏ। ଦିଘଲ ଏବଂ ଆଖପାଖର ଅନେକ ଜିଲ୍ଲା (ରୋହତକ, ସୋନିପତ, ଭିୱାନୀ) ରୁ ହଜାର ହଜାର ଯୁବକ ଏହି ଟଙ୍କା ଆଦାୟ ପାଇଁ କାମ କରୁଛନ୍ତି। ସେମାନଙ୍କର ଏହି ଋଣ କାରବାର କେବଳ ହରିୟାଣା ପର୍ଯ୍ୟନ୍ତ ସୀମିତ ନୁହେଁ, ବରଂ ଉତ୍ତର ପ୍ରଦେଶ, ରାଜସ୍ଥାନ, ଗୁଡ଼ଗାଓଁ, ମୁମ୍ବାଇ ଏବଂ ଦିଲ୍ଲୀ ପର୍ଯ୍ୟନ୍ତ ବିସ୍ତାରିତ।



୨୦୨୪ ଡିସେମ୍ବର ୬ରେ ଦିଘଲର ଜଣେ ଫାଇନାନ୍ସର ମନଜିତଙ୍କୁ ହତ୍ୟା କରାଯିବା ପରେ ଏହି ସମ୍ପୂର୍ଣ୍ଣ 'ସିଷ୍ଟମ'ର ପୋଲ୍ ଖୋଲିଥିଲା। ମନଜିତ ୬ ଫୁଟ ୩ ଇଞ୍ଚ ଉଚ୍ଚତାର ଥିଲେ, ତେଣୁ ତାଙ୍କ ନାମ ସହିତ '୬.୩' ନାମ ଯୋଡା ଯାଇଥିଲା। ମନଜିତଙ୍କ କାକା, ହଂସରାଜ ଆହଲାୱତ (ଜଣେ ପୂର୍ବତନ ସରପଞ୍ଚ ମଧ୍ୟ) କହିଛନ୍ତି ଯେ ହତ୍ୟାର କିଛି ମାସ ପୂର୍ବରୁ, ମନଜିତ, ଗ୍ରାମର ପ୍ରାୟ ୧୫୦୦ ଯୁବକଙ୍କ ସହିତ ଗୁଡ଼ଗାଓଁରେ ଏକ ଟାୟାର ବିକ୍ରି କର୍ପୋରେଟ୍ ଗୋଷ୍ଠୀର କାର୍ଯ୍ୟାଳୟରେ ପ୍ରତିବାଦ କରିବାକୁ ଯାଇଥିଲେ। ଏହି ଯୁବକମାନେ ଏକାଠି ହୋଇ କମ୍ପାନୀକୁ ୨୦୦ କୋଟି ଟଙ୍କାରୁ ଅଧିକ ନଗଦ ଋଣ ପ୍ରଦାନ କରିଥିଲେ। ଯେତେବେଳେ କମ୍ପାନୀ ଇଏମ୍‌ଆଇ ବନ୍ଦ କରିଦେଲା, ସେତେବେଳେ ଏକ ବିବାଦ ଉପୁଜିଲା। ଅଭିଯୋଗ ହୋଇଛି ଯେ ରାଓ ଇନ୍ଦ୍ରଜିତ ନିଜେ ସୁଧ ହାର ସମାଧାନ କରିବାକୁ ଜିଦ୍ ଧରିଥିଲେ, ଯାହା ଫଳରେ ମନଜିତଙ୍କୁ ହତ୍ୟା କରିଥିବା ବିଦେଶୀ ଗ୍ୟାଙ୍ଗଷ୍ଟର ହିମାଂଶୁ ଭାଉ ଏବଂ ଫରିଦପୁରିଆଙ୍କ ସମ୍ପୃକ୍ତି ହୋଇଥିଲା। ପୋଲିସ ଏହି ମାମଲାରେ ୨୦ ଜଣଙ୍କୁ ଗିରଫ କରିଥିଲା, କିନ୍ତୁ କମ୍ପାନୀର ନାମ ଚାର୍ଜସିଟରେ ଅନ୍ତର୍ଭୁକ୍ତ କରାଯାଇ ନ ଥିଲା। ତଥାପି, ରାଓ ଇନ୍ଦ୍ରଜିତଙ୍କ ନାମ ଷଡ଼ଯନ୍ତ୍ରକାରୀ ଭାବରେ ତାଲିକାଭୁକ୍ତ କରାଯାଇଥିଲା। ତାଙ୍କ ଆତ୍ମହତ୍ୟା ଭିଡିଓରେ, ସବ-ଇନ୍ସପେକ୍ଟର ସନ୍ଦୀପ ଲାଥର ଆଇଜିଙ୍କୁ ଅଭିଯୋଗ କରିଥିଲେ ଯେ ସେ ଚାର୍ଜସିଟରୁ ରାଓ ଇନ୍ଦ୍ରଜିତଙ୍କ ନାମ ବାଦ ଦେବା ପାଇଁ ୫୦ କୋଟି ଟଙ୍କା ଲାଞ୍ଚ ଦାବି କରିଥିଲେ।

କୌଣସି ବ୍ୟାଙ୍କ କିମ୍ବା ଆଇନଗତ ପ୍ରକ୍ରିୟା ବିନା କୋଟି କୋଟି ଟଙ୍କାର ଏହି ଋଣ କାରବାର ଚାଲିଥାଏ। ଋଣ ପ୍ରଦାନ କରିବା ପୂର୍ବରୁ, ଏହି ଫାଇନାନ୍ସରମାନେ ଋଣଗ୍ରହୀତାଙ୍କଠାରୁ ମାସିକ ଚେକ୍ ସଂଗ୍ରହ କରନ୍ତି, ୫% ସୁଧ ଯୋଡିଥାନ୍ତି। ୬ ମାସର ବ୍ୟାଙ୍କ ଆକାଉଣ୍ଟ ଏବଂ ଟର୍ଣ୍ଣଓଭର ମଧ୍ୟ ସମୀକ୍ଷା କରାଯାଏ। ଯଦି ମାମଲା ଟିକିଏ ବି ସନ୍ଦେହଜନକ ମନେହୁଏ, ତେବେ ଜମି, ଘର କିମ୍ବା କମ୍ପାନୀର ମାଲିକାନାର ମୂଳ ଡକ୍ୟୁମେଣ୍ଟଗୁଡ଼ିକୁ ବନ୍ଧକ ରଖାଯାଏ। କିନ୍ତୁ ଏହି କାରବାରରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଉପାଦାନ ହେଉଛି ଜଣେ "ପଞ୍ଚ" (ମଧ୍ୟସ୍ଥି)। ଏହା ଜଣେ ରାଜନୈତିକ କିମ୍ବା ସାମାଜିକ ପ୍ରଭାବଶାଳୀ ବ୍ୟକ୍ତି ଯିଏ ଉଭୟ ପକ୍ଷଙ୍କୁ ଗ୍ୟାରେଣ୍ଟି ଦିଅନ୍ତି। ୟୁପିଏ ସରକାର ଭୂମି ଅଧିଗ୍ରହଣ ଆଇନରେ ସଂଶୋଧନ କରି କ୍ଷତିପୂରଣ ପରିମାଣ ବହୁଗୁଣ ବୃଦ୍ଧି କଲେ, ଏହି ଗାଁର ଲୋକେ ଟଙ୍କାରେ ବୁଡ଼ିବାକୁ ଲାଗିଲେ। କେବଳ ଦିଘଲରେ, ଅନେକ ଯୁବକ ୧୦ କୋଟି ଟଙ୍କା ପର୍ଯ୍ୟନ୍ତ କ୍ଷତିପୂରଣ ପାଇଥିଲେ। ଏହି ଟଙ୍କାକୁ ବ୍ୟାଙ୍କରେ ରଖିବା କିମ୍ବା କୌଣସି ଛୋଟ ବ୍ୟବସାୟରେ ନିୟୋଜିତ କରିବା ପରିବର୍ତ୍ତେ, ଯୁବକମାନେ ୫% ମାସିକ ସୁଧର ଏହି ଲାଭଜନକ ଖେଳରେ ଏହାକୁ ନିବେଶ କରିଥିଲେ।

# ଇଡେନ୍‌ରେ ଜୋରଦାର ଅଭ୍ୟାସ

କୋଲକାତା,୧୧।୧୧(ଏଜେନ୍ସି): ଏଠାରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଶୁକ୍ରବାରଠାରୁ ଖେଳାଯିବାକୁ ଥିବା ପ୍ରଥମ ଟେଷ୍ଟ ପୂର୍ବରୁ ଉଭୟ ଦଳ ଆଜି ଅଭ୍ୟାସ କରିଛନ୍ତି। ଗତକାଲି ବା ସୋମବାର ଉଭୟ ଦଳର ସମସ୍ତ ଖେଳାଳି ଏଠାରେ ଏକତ୍ର ହୋଇଥିଲେ। ଉଭୟ ଦଳର କୋଚ୍ ଓ ଅଧିନାୟକ ଆଜି ପଡ଼ିଆକୁ ଆସିବା ପରେ ପ୍ରଥମେ ପିଚ୍ ଦେଖିଥିଲେ। ଏହା ପରେ ଖେଳାଳିମାନେ ଅଧିକ ଶାରିରୀକ ଅଭ୍ୟାସ ଉପରେ ଗୁରୁତ୍ୱ ଦେଇଥିଲେ। ଶେଷରେ ନେଟ୍‌ରେ ବ୍ୟାଟିଂ ଓ ବୋଲିଂ ଉପରେ ଅଳ୍ପ ଅଭ୍ୟାସ କରିବା ପରେ ହୋଟେଲକୁ ଫେରିଯାଇଥିଲେ। ଆସନ୍ତାକାଲି ଦୁଇଟି ପର୍ଯ୍ୟାରେ ଖେଳାଳିମାନେ ଅଭ୍ୟାସ କରିବେ ବୋଲି ଜଣାଯାଇଛି।

# ସୁରକ୍ଷା ବଢ଼ାଇଲା କୋଲକାତା ପୁଲିସ୍

କୋଲକାତା,୧୧।୧୧(ଏଜେନ୍ସି): ଦିଲ୍ଲୀରେ ବିସ୍ଫୋରଣ ପରେ ସମଗ୍ର ଦେଶର ସୁରକ୍ଷା ବ୍ୟବସ୍ଥାକୁ କଡ଼ା କଡ଼ି କରାଯାଇଛି। ଏହା ମଧ୍ୟରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯିବାକୁ ଥିବା ପ୍ରଥମ ଟେଷ୍ଟ ଲାଗି ମଧ୍ୟ ସୁରକ୍ଷା ବ୍ୟବସ୍ଥାକୁ କଡ଼ା କଡ଼ି କରାଯାଇଛି। କୋଲାକାତା ପୁଲିସ୍ କମିଶନରଙ୍କ କହିବା ଅନୁଯାୟୀ ଦିଲ୍ଲୀ ଘଟଣା ପରେ ସୁରକ୍ଷା ଲାଗି ପୁଲିସ୍‌ଙ୍କ ସଂଖ୍ୟା ବୃଦ୍ଧି କରାଯାଇଛି। ସ୍ୱେଶାଲ ଟାସ୍କ ଫୋର୍ସଙ୍କୁ ମଧ୍ୟ ନିୟୋଜିତ କରାଯାଇଛି। ଖେଳାଳି ରହୁଥିବା ହୋଟେଲରେ ମଧ୍ୟ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇଦିଆଯାଇଛି।

# ମୁକାବିଲା ୪୪: ଦ.ଆଫ୍ରିକା ୧୮ ଓ ଭାରତ ୧୬ଟିରେ ବିଜୟୀ

କୋଲକାତା,୧୧।୧୧(ଏଜେନ୍ସି): ଶୁକ୍ରବାର ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ୨ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ୍ ଆରମ୍ଭ ପୂର୍ବରୁ ଉଭୟ ଦେଶ ମଧ୍ୟରେ ୪୪ଟି ମୁକାବିଲା ହୋଇଯାଇଛି। ଏହା ମଧ୍ୟରୁ ଦକ୍ଷିଣ ଆଫ୍ରିକା ୧୮ ଟିରେ ଓ ଭାରତ ୧୬ଟିରେ ବିଜୟୀ ହୋଇଛନ୍ତି। ଅନ୍ୟ ୧୦ଟି ମ୍ୟାଚ୍ ହାରଜିତ ବିନା ଫଇସଲାରେ ଶେଷ ହୋଇଛି। ୪୪ଟି ମଧ୍ୟରୁ ଭାରତରେ ଖେଳାଯାଇଛି ୧୯ଟି ଟେଷ୍ଟ। ଏହି ୧୯ଟି ମଧ୍ୟରୁ ଭାରତ ୧୧ଟିରେ ଓ ଦକ୍ଷିଣ ଆଫ୍ରିକା ୫ଟି ମ୍ୟାଚ୍‌ରେ ବିଜୟୀ ହୋଇଛି। ଅନ୍ୟ ୩ଟି ଟେଷ୍ଟ ଡ୍ର ରହିଛି। ସେହିପରି ଦକ୍ଷିଣ ଆଫ୍ରିକା ୭ଥର ସିରିଜ୍ ଖେଳିବାକୁ ଭାରତ ଆସିଛି। ଏହି ଦଳ ଶେଷଥର ଲାଗି ହାନ୍ସି କ୍ରୋନିଏଙ୍କ ନେତୃତ୍ୱରେ ଦକ୍ଷିଣ ଆଫ୍ରିକା ଭାରତରେ ୧୯୯୯-୨୦୦୦ ଟେଷ୍ଟ ସିରିଜ୍‌କୁ ୨-୦ରେ ଜିତିଥିଲା। ଏହା ପରେ ୫ଟି ସିରିଜ୍ ଆୟୋଜିତ ହୋଇଥିଲେ ମଧ୍ୟ ଥରେ ହେଲେ ଦକ୍ଷିଣ ଆଫ୍ରିକା ଜିତିବାରେ ସମର୍ଥ ହୋଇନାହିଁ।

## ଶୁକ୍ରବାରଠାରୁ ଭାରତ-ଦକ୍ଷିଣ ଆଫ୍ରିକା କ୍ରିକେଟ୍ ସିରିଜ୍

# ୨ ଟେଷ୍ଟ- ୩ ଦିନିକିଆ- ୫ ଟି୨୦

ନୂଆଦିଲ୍ଲୀ,୧୧।୧୧(ଏଜେନ୍ସି):





ଅଷ୍ଟ୍ରେଲିଆ ସହ ସୀମିତ ଓଭର କ୍ରିକେଟ ସିରିଜ୍ ଶେଷ ହେବା ପରେ ଭାରତୀୟ କ୍ରିକେଟ ଦଳ ଦକ୍ଷିଣ ଆଫ୍ରିକା ସହ ଏକ ପୂର୍ଣ୍ଣାଙ୍ଗ କ୍ରିକେଟ ସିରିଜ୍ ଖେଳିବାକୁ ଏଠାରେ ଆସି ପହଞ୍ଚିଛି। ଏହି ସିରିଜ୍‌ରେ ୨ଟି ଟେଷ୍ଟ, ୩ଟି ଦିନିକିଆ ଓ ୫ଟି ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। କୋଲକାତାର ଇଡେନଗାର୍ଡେନ୍ସରେ ନଭେମ୍ବର ୧୪ରୁ ପ୍ରଥମ ଟେଷ୍ଟ ଆରମ୍ଭ ହେବ ଓ ଅହମ୍ମଦାବାଦ୍‌ରେ ୫ମ ତଥା ଶେଷ ଟି-୨୦ ସହ ଏହି ସିରିଜ୍ ଶେଷ ହେବ। ଆସନ୍ତାବର୍ଷ ଭାରତରେ ଟି-୨୦ ବିଶ୍ୱକପ୍ ଖେଳାଯିବାକୁ ଥିବାରୁ ଏହି ସିରିଜ୍‌ରେ ସର୍ବାଧିକ ୫ଟି ମ୍ୟାଚ୍ ରଖାଯାଇଛି। ବେଙ୍ଗାଲୁରୁରେ ଚାଲିଥିବା ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟରେ ଭାରତ-ଏ'କୁ ରେକର୍ଡ ୪୧୭ ରନ୍ ଚେଜ୍‌ରେ ହରାଇ ଏହି ଦଳ ଭାରତ ବିପକ୍ଷରେ ଟେଷ୍ଟ ସିରିଜ୍ ଖେଳିବାକୁ ପ୍ରସ୍ତୁତ ହୋଇଯାଇଛି। ଅନ୍‌ଅଫିସିଆଲ ଟେଷ୍ଟ ସିରିଜ୍‌ରେ ଉଭୟ ଦଳର ଟେଷ୍ଟ ବିଶେଷଜ୍ଞ ଖେଳାଳିମାନେ ଖେଳିଛନ୍ତି। ଏହା ମଧ୍ୟରେ ଉଭୟ ଦଳ କୋଲକାତାର ଇଡେନ୍ ଗାର୍ଡେନ୍ସରେ କଡ଼ା ସୁରକ୍ଷା ମଧ୍ୟରେ ପ୍ରଥମଥର ମଙ୍ଗଳବାର ଅଭ୍ୟାସ ଆରମ୍ଭ କରିଛନ୍ତି।

ଦକ୍ଷିଣ ଆଫ୍ରିକା ଏବେ ବିଶ୍ୱ ଟେଷ୍ଟ ଚାମ୍ପିଅନ। ତେମ୍ବା ବଭୂମାଙ୍କ ନେତୃତ୍ୱରେ ଦଳ ଅଷ୍ଟ୍ରେଲିଆକୁ ହରାଇ ପ୍ରଥମ ଟେଷ୍ଟ ଚାମ୍ପିଅନସିପ୍ ଟାଇଟଲ ଜିତିଥିଲା। ଦିନିକିଆ ବିଶ୍ୱକପ୍‌ରେ ସେମିଫାଇନାଲ ଓ ଟି-୨୦ ବିଶ୍ୱକପ୍‌ରେ ରନର୍ସ ଅପ୍ ହେବାର ସୌଭାଗ୍ୟ ଲାଭ କରିଛି ଭ୍ରମଣକାରୀ ଦଳ। ନିକଟରେ ପାକିସ୍ତାନ ସହ ଟେଷ୍ଟ ସିରିଜ୍ ୧-୧ରେ ଡ୍ର ରଖି ଭାରତୀୟ ଉପମହାଦେଶର ଟର୍ଣ୍ଣିଂ ପିଚ୍‌ରେ ଖେଳିବାକୁ ପ୍ରସ୍ତୁତ ହୋଇଯାଇଛି। ଭାରତରେ ଟେଷ୍ଟ ଦଳର ଅଧିକାଂଶ ଖେଳାଳିଙ୍କୁ ଅନ୍‌ଅଫିସିଆଲ ଟେଷ୍ଟରେ ଖେଳିବାର ସୁଯୋଗ ଦେଇଛି ଦକ୍ଷିଣ ଆଫ୍ରିକା। ଏପରିକି ତେମ୍ବା ବଭୂମା ଦ୍ୱିତୀୟ ଟେଷ୍ଟରେ ଖେଳିବା ସହ ଦକ୍ଷିଣ ଆଫ୍ରିକାକୁ ୪୧୭ ରନ୍‌ର ଟାର୍ଗେଟ୍‌କୁ ହାସଲ କରାଇବାରେ ସମର୍ଥ ହୋଇଥିଲେ। ଦଳରେ ୩ଜଣ ଭଲ ତଥା ପ୍ରଭାବଶାଳୀ ସ୍ପିନର ରହିଛନ୍ତି। ସ୍ପିନ୍ ବୋଲିଂରେ ଦୁଇ ଭାରତୀୟ ବଂଶୋଦ୍ଭବ କେଶବ ମହାରାଜ ଓ ସେନୁରନ ମୁଥୁସ୍ୱାମୀଙ୍କ ସହ ସାଇମନ ହାର୍ମର ନିଶ୍ଚିତଭାବେ ଭାରତୀୟ ବ୍ୟାଟରଙ୍କୁ ଅଡୁଆରେ ପକାଇବେ। ପେସ୍ ବୋଲିଂ ଓ ବ୍ୟାଟିଂରେ ଦଳ ଶକ୍ତିଶାଳୀ। କେବଳ ଭାରତରେ ଭାରତୀୟ ସ୍ପିନରଙ୍କୁ ମୁକାବିଲା କରିବା ଏମାନଙ୍କ ପକ୍ଷେ ହେବ ବଡ଼ ଚ୍ୟାଲେଞ୍ଜ। ପାକିସ୍ତାନ ମାଟିରେ ଟେଷ୍ଟ ସିରିଜ୍ ଓ ଭାରତୀୟ ମାଟିରେ ଅନ୍‌ଅଫିସିଆଲ ଟେଷ୍ଟ ସିରିଜ୍ ଖେଳି ଦକ୍ଷିଣ ଆଫ୍ରିକା କିଛି ପରିମାଣରେ ପ୍ରସ୍ତୁତ କରିନେଇଛି। ଏଣୁ ପୂର୍ବ ଭାରତରେ ଖେଳାଯିବାକୁ ଥିବା ଟେଷ୍ଟ ସିରିଜ୍‌ରେ ଲଢ଼େଇ ଜୋରଦାର ହେବ ବୋଲି ଆଶା କରିବା ସ୍ୱାଭାବିକ୍।

ଘରୋଇ ମାଟିରେ ନ୍ୟୁଜିଲାଣ୍ଡ ନିକଟରୁ ୩-୦ରେ ଟେଷ୍ଟ ସିରିଜ୍ ହାରିଯିବା ପରେ ଭାରତ ଉପରେ ଆଉ କେହି ବିଶ୍ୱାସ କରୁନାହାନ୍ତି। ଏହା ନିଃସନ୍ଦେହ ଘରୋଇ ମାଟିରେ ୱେଷ୍ଟଇଣ୍ଡିଜ୍‌କୁ ହରାଇବା ଓ ଇଂଲଣ୍ଡରେ ଦମ୍‌ର ସହ ଖେଳିଥିବା ଭାରତ ଘରୋଇ ମାଟିରେ ଦକ୍ଷିଣ ଆଫ୍ରିକାକୁ ମାତ୍ ଦେବ। କିନ୍ତୁ ଏଠାରେ ମନେ ରଖିବା ଉଚିତ ଟେଷ୍ଟ କ୍ରିକେଟରେ ୱେଷ୍ଟଇଣ୍ଡିଜ୍‌ର ଆଉ ସେଭଳି ଶକ୍ତିନାହିଁ ଓ ଏହି ଦଳ ଆଇସିସି ର୍‌ୟାଙ୍କିଙ୍ଗ୍‌ରେ ୯ମ ସ୍ଥାନରେ ରହିଛି। ଇଂଲଣ୍ଡର ପିଚ୍ ଭାରତରେ ନାହିଁ। ଏଣୁ ଦକ୍ଷିଣ ଆଫ୍ରିକା ସିରିଜ୍ ନିଶ୍ଚିତପକ୍ଷେ ଭାରତ ଲାଗି ଏକ ଚ୍ୟାଲେଞ୍ଜ ହେବ ବୋଲି ନିଃସନ୍ଦେହରେ କୁହାଯାଇପାରେ।

### ଭାରତ-ଦକ୍ଷିଣ ଆଫ୍ରିକା ଖେଳସୂଚୀ

| କେବେ | ମ୍ୟାଚ୍ | ଭେନ୍ୟୁ |
|---|---|---|
| ଟେଷ୍ଟ -୨ | | |
| ୧୪ରୁ ୧୮।୧୧ | ପ୍ରଥମଟେଷ୍ଟ | କୋଲକାତା |
| ୨୨ରୁ ୨୬।୧୧ | ଦ୍ୱିତୀୟଟେଷ୍ଟ | ଗୁଆହାଟୀ |
| ଦିନିକିଆ -୩ | | |
| ତାରିଖ | ମ୍ୟାଚ୍ | ଭେନ୍ୟୁ |
| ନଭେମ୍ବର ୩୦ | ପ୍ରଥମ ଦିନିକିଆ | ରାଞ୍ଚି |
| ଡିସେମ୍ବର ୦୩ | ଦ୍ୱିତୀୟ ଦିନିକିଆ | ରାୟପୁର |
| ଡିସେମ୍ବର ୦୬ | ତୃତୀୟ ଦିନିକିଆ | ବିଶାଖାପାଟଣା |
| ଟି-୨୦ ମୁକାବିଲା- ୫ | | |
| ତାରିଖ | ମ୍ୟାଚ୍ | ଭେନ୍ୟୁ |
| ଡିସେମ୍ବର ୦୯ | ପ୍ରଥମ ଟି-୨୦ | କଟକ |
| ଡିସେମ୍ବର ୧୧ | ଦ୍ୱିତୀୟ ଟି-୨୦ | ମୁଲାନପୁର |
| ଡିସେମ୍ବର ୧୪ | ତୃତୀୟ ଟି-୨୦ | ଧର୍ମଶାଳା |
| ଡିସେମ୍ବର ୧୭ | ଚତୁର୍ଥ ଟି-୨୦ | ଲକ୍ଷ୍ନୌ |
| ଡିସେମ୍ବର ୧୯ | ପଞ୍ଚମ ଟି-୨୦ | ଅହମ୍ମଦାବାଦ |

### ଘୋଷିତ ଟେଷ୍ଟ ଦଳ

**ଭାରତ :** ଲୋକେଶ ରାହୁଲ, ଯଶସ୍ୱୀ ଜୟସ୍ୱାଲ, ସାଇ ସୁଦର୍ଶନ, ଶୁବମନ ଗିଲ୍ (ଅଧିନାୟକ), ଦେବଦତ୍ତ ପାଡିକଲ, ଋଷଭ ପନ୍ତ (ଉପଅଧିନାୟକ) ଓ ଧ୍ରୁବ ଜୁରେଲ (ଉଭୟେ ୱିକେଟରକ୍ଷକ/ ବ୍ୟାଟର), ରବୀନ୍ଦ୍ର ଜାଡେଜା, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ, ଯଶପ୍ରୀତ୍ ବୁମ୍‌ରା, ଆକାଶଦୀପ୍, ମହମ୍ମଦ୍ ସିରାଜ, ନୀତୀଶ କୁମାର ରେଡ୍ଡୀ।

**ଦକ୍ଷିଣ ଆଫ୍ରିକା :** ତେମ୍ବା ବଭୂମା (ଅଧିନାୟକ), ଆଇଡେନ୍ ମାକ୍ରାମ, ଟୋନି ଡି ଜୋର୍ଜି, ରିୟାନ ରିକେଟଲନ ଓ କାଏଲ ଭେରିନ (ଉଭୟ ୱିକେଟରକ୍ଷକ/ବ୍ୟାଟର), ଟ୍ରିଷ୍ଟାନ ଷ୍ଟବ୍‌ସ, ଡିୱାଲ୍ଡ ବ୍ରେଭିସ୍, ଜୁବେର ହାମ୍‌ଜା, କୋର୍ବିନ ବୋଶ୍, ୱିଆନ ମୁଲ୍ଡର, ମାର୍କୋ ଜାନସେନ୍, କାଗିସୋ ରାବାଡା, ସେନୁରନ ମୁଥୁସ୍ୱାମୀ, କେଶବ ମହାରାଜ, ସାଇମନ୍ ହାର୍ମର।

# ଭିସା ପାଇବା ଲାଗି ଚୀନ ଦୂତାବାସର ସାହାଯ୍ୟ ମାଗିଲେ ନାଗଲ



ମେକ୍ସିକୋ ସିଟି, ୧୧।୧୧ (ଏଜେନ୍ସି): ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ୍‌ରେ ଭାଗନେବା ପୂର୍ବରୁ ଚେଙ୍ଗଡୁରେ ଖେଳାଯିବ ପ୍ଲେ ଅଫ୍ ଟୁର୍ଣ୍ଣାମେଣ୍ଟ। ଏଥିରେ ଭାଗନେବାକୁ ଭାରତର ନଂ-୧ ଟେନିସ ଖେଳାଳି ସୁମିତ ନାଗଲ ପଞ୍ଜୀକରଣ କରିଥିଲେ। ଚୀନ୍ ଯିବାକୁ ତାଙ୍କୁ ଭିସା ମିଳିଲାନି। କୌଣସି କାରଣ ନ ଦର୍ଶାଇ ଏହାକୁ ରଦ୍ଦ କରାଗଲା। ଭିସା ପାଇବାକୁ ସେ ଚୀନ୍ ଦୂତାବାସ୍‌ର କର୍ମକର୍ତ୍ତାଙ୍କୁ ନିବେଦନ କରିଛନ୍ତି।

# ଐଶ୍ୱର୍ଯ୍ୟ ତୋମାରଙ୍କ ବିଶ୍ୱ ରେକର୍ଡ

କାଇରୋ, ୧୧।୧୧ (ସମିସ): ଭାରତର ଐଶ୍ୱର୍ଯ୍ୟ ପ୍ରତାପ ସିଂହ ତୋମାର ଆଜି ସୁଟିଂ ବିଶ୍ୱକପ୍‌ର ପୁରୁଷ ରାଇଫଲ-୩ ପୋଜିସନରେ ବିଶ୍ୱରେକର୍ଡ ପ୍ରତିଷ୍ଠା କରିଛନ୍ତି। କ୍ୱାଲିଫାଇଂରେ ସେ ଏହି ରେକର୍ଡ କରି ଫାଇନାଲରେ ପ୍ରବେଶ କରିଥିଲେ। କିନ୍ତୁ ଫାଇନାଲରେ ତାଙ୍କୁ ଦ୍ୱିତୀୟ ସ୍ଥାନରେ ରହିବାକୁ ପଡ଼ିଥିଲା ଓ ସେ ରୌପ୍ୟରେ ସନ୍ତୁଷ୍ଟ ହୋଇଥିଲେ।

# ଅଲିମ୍ପିକ୍ସରେ କେମିତି ଭାଗନେବେ ଟ୍ରାନ୍ସଜେଣ୍ଡର

ଲଣ୍ଡନ, ୧୧।୧୧ (ଏଜେନ୍ସି): ନ୍ୟୁଜିଲାଣ୍ଡର ଲୌରେଲ ହୁବାର୍ଡ ପ୍ରଥମ ଟ୍ରାନ୍ସଜେଣ୍ଡର ଆଥଲେଟ ଭାବେ ପ୍ୟାରିସ୍ ଅଲିମ୍ପିକ୍ସରେ ଅଂଶଗ୍ରହଣ କରି ଇତିହାସ ସୃଷ୍ଟି କରିଥିଲେ। ଏହି ସଂସ୍କରଣ ସୁଦ୍ଧା ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବାକୁ ଟ୍ରାନ୍ସଜେଣ୍ଡରଙ୍କ ଲାଗି କୌଣସି ଯୋଗ୍ୟତାର ମାପକାଠି ନ ଥିଲା। କିନ୍ତୁ ମହିଳା ଆଥିଲେଟଙ୍କୁ ସୁରକ୍ଷା ଦିଆଯିବ ବୋଲି ବର୍ତ୍ତମାନର ଅଲିମ୍ପିକ୍ କମିଟି ସଭାପତି କ୍ରିଷ୍ଟି କଭେଣ୍ଟ୍ରି ଘୋଷଣା କରିବା ପରେ ତୃତୀୟ ଲିଙ୍ଗ ବା ଟ୍ରାନ୍ସଜେଣ୍ଡର ଆଥଲେଟଙ୍କ ଲାଗି ବିପଦ ସୃଷ୍ଟି ହୋଇଛି। ଏମାନଙ୍କୁ ଏକ ସ୍ୱତନ୍ତ୍ର କାଟାଗୋରୀରେ ରଖାଯିବ କିମ୍ବା ମହିଳାଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ସୁଯୋଗ ମିଳିବ ତାହାର ସମାଧାନ ହୋଇପାରି ନାହିଁ। ପୂର୍ବରୁ କଭେଣ୍ଟ୍ରି ସମସ୍ତ କ୍ରୀଡ଼ା ମହାସଂଘକୁ ନିଜସ୍ୱ ଯୋଗ୍ୟତାର ମାପକାଠି ପ୍ରସ୍ତୁତ କରିବାକୁ କହିଥିଲେ। ଏବେ ସମସ୍ତେ ମହିଳା ଆଥିଲେଟଙ୍କ ଅଧିକାରକୁ ସୁରକ୍ଷା ଦିଆଯିବ ବୋଲି କଭେଣ୍ଟ୍ରି ଘୋଷଣା କରିବା ପରେ ଟ୍ରାନ୍ସଜେଣ୍ଡର ଆଥଲେଟଙ୍କ ଭବିଷ୍ୟତ କ'ଣ ହେବ ତାହାକୁ ନେଇ ଆଶଙ୍କା ସୃଷ୍ଟି ହୋଇଛି।

# ୨୦୨୬ ବିଶ୍ୱକପ୍ ପରେ ଅବସର ନେବି: ରୋନାଲ୍ଡୋ




ଦୁବାଇ,୧୧।୧୧ (ଏଜେନ୍ସି): ୨୦୨୬ ଫିଫା ବିଶ୍ୱକପ୍ ଫୁଟବଲ ମୋର ଶେଷ ବିଶ୍ୱକପ୍ ଓ ଏହାର ବର୍ଷେ କିମ୍ବା ୨ ବର୍ଷ ପରେ ମୁଁ ପେସାଦାର ଫୁଟବଲରୁ ଅବସର ନେବି ବୋଲି ଘୋଷଣା କରିଛନ୍ତି ସୁପରଷ୍ଟାର କ୍ରିଷ୍ଟିଆନୋ ରୋନାଲ୍ଡୋ। ରୋନାଲ୍ଡୋଙ୍କ ବୟସ ଏବେ ୪୦ ଓ ଆସନ୍ତାବର୍ଷ ବିଶ୍ୱକପ୍ ବେଳକୁ ତାଙ୍କୁ ୪୧ ବର୍ଷ ହୋଇସାରିଥିବ। ଏହି ବିଶ୍ୱକପ୍ ଆମେରିକା, କାନାଡା ଓ ମେକ୍ସିକୋରେ ଆୟୋଜିତ ହେବ। ୨୦୨୨ରେ ମାଞ୍ଚେଷ୍ଟର ୟୁନାଇଟେଡ୍ ଛାଡିବା ପରେ ରୋନାଲ୍ଡୋ ୨୦୨୩ରୁ ସାଉଦି ଆରବର ଅଲ ନାସର କ୍ଲବ୍ ପକ୍ଷରୁ ମୋଟା ପାଉଣାରେ ଖେଳୁଛନ୍ତି। କ୍ଲବ୍ ଓ ଅନ୍ତର୍ଜାତୀୟ ଫୁଟବଲରେ ରୋନାଲ୍ଡୋ ୯୫୦ରୁ ଊର୍ଦ୍ଧ୍ୱ ଗୋଲ ସ୍କୋର କରିଛନ୍ତି।

## ଦୃଷ୍ଟିହୀନ ମହିଳା ବିଶ୍ୱକପ୍ କ୍ରିକେଟ

# ଭାରତ ୧୦ ୱିକେଟରେ ବିଜୟୀ



ନୂଆଦିଲ୍ଲୀ,୧୧।୧୧(ଏଜେନ୍ସି): ଶ୍ରୀଲଙ୍କାକୁ ୧୦ ୱିକେଟରେ ପରାସ୍ତ କରି ଭାରତ ଏଠାରେ ମଙ୍ଗଳବାର ଆରମ୍ଭ ହୋଇଥିବା ପ୍ରଥମ ଦୃଷ୍ଟିହୀନ ମହିଳା ବିଶ୍ୱକପ୍ କ୍ରିକେଟରେ ବିଜୟରୁ ଅଭିଯାନ ଆରମ୍ଭ କରିଛି। ବରଖମ୍ବା ରୋଡରେ ଥିବା ମଡର୍ଣ୍ଣ ସ୍କୁଲ ଗ୍ରାଉଣ୍ଡରେ ଏହି ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ମୁକାବିଲା ଆରମ୍ଭ ହୋଇଥିଲା। ଏଥିରେ ପ୍ରଥମେ ବ୍ୟାଟିଂ କରି ଶ୍ରୀଲଙ୍କା ୧୩.୩ ଓଭରରେ ମାତ୍ର ୪୧ ରନ୍ କରିଥିଲା। ଜବାବରେ ଭାରତ କୌଣସି ୱିକେଟ ନ ହରାଇ ମ୍ୟାଚ୍‌କୁ ୧୦ ୱିକେଟରେ ଜିତିନେଇଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ୬ଟି ଦଳ ଅଂଶଗ୍ରହଣ କରିଥିଲାବେଳେ ପୂର୍ବତନ କ୍ରୀଡ଼ା ମନ୍ତ୍ରୀ ତଥା ପୂର୍ବତନ ବିସିସିଆଇ ସଭାପତି ଅନୁରାଗ ଠାକୁର ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଟୁର୍ଣ୍ଣାମେଣ୍ଟ ପରିଚାଳନା କମିଟି ଅଧ୍ୟକ୍ଷ ତଥା ଭାରତୀୟ ଦୃଷ୍ଟିହୀନ କ୍ରିକେଟ ସଂଘ ସଭାପତି ଡ. ମହନ୍ତେଶ ଜି. କିଭାଦାସନାଭର, ସମ୍ପାଦକ ଶୈଳେନ୍ଦ୍ର ଯାଦବ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ନଭେମ୍ବର ୨୩ ଯାଏ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ଆମେରିକା, ଅଷ୍ଟ୍ରେଲିଆ, ପାକିସ୍ତାନ ଓ ନେପାଳ ଟିମ୍ ଅଂଶଗ୍ରହଣ କରିଛନ୍ତି। ସିଙ୍ଗଲ ରାଉଣ୍ଡ ରବିନ ଲିଗ୍ ଭିତ୍ତିରେ ଏହି ଟୁର୍ଣ୍ଣାମେଣ୍ଟ ଖେଳାଯିବ। ପଏଣ୍ଟ ଭିତ୍ତିରେ ୪ଟି ଶ୍ରେଷ୍ଠ ଦଳ ସେମିଫାଇନାଲକୁ ଉନ୍ନୀତ ହେବେ। ନଭେମ୍ବର ୨୨ରେ ଦୁଇଟି ଯାକ ସେମିଫାଇନାଲ ଓ ୨୩ରେ ଫାଇନାଲ ମ୍ୟାଚ୍ ଖେଳାଯିବ।



# ମା' ହେବେ ଜାବେଉର୍

ମେକ୍ସିକୋ ସିଟି,୧୧।୧୧ (ଏଜେନ୍ସି): ପୂର୍ବତନ ବିଶ୍ୱର ନଂ-୨ ଟେନିସ ଖେଳାଳି ତଥା ୩ଥରର ଗ୍ରାଣ୍ଡ ସ୍ଲାମ୍ ରନର୍ସଅପ୍ ଟ୍ୟୁନିସିଆର ଓନସ ଜାବେଉର ମା ହେବାକୁ ଯାଉଛନ୍ତି। ଏ ସମ୍ପର୍କରେ ସେ ନିଜେ ଘୋଷଣା କରିଛନ୍ତି ଓ ଆସନ୍ତା ଏପ୍ରିଲ ମାସରେ ଏକ ପୁତ୍ର ସନ୍ତାନ ଜନ୍ମ ଦେବେ ବୋଲି କୁହାଯାଉଛି। ଏଥିଲାଗି ସେ ଟେନିସ ଖେଳରୁ କିଛି ଦିନ ଅବସର ନେବେ ଓ ପୁଣିଥରେ ରିଚାର୍ଜ ହୋଇ ଖେଳ ରିଷ୍ଟାର୍ଟ କରିବେ ବୋଲି ସାମାଜିକ ଗଣମାଧ୍ୟମ ସଂସ୍ଥା ଇନ୍‌ଷ୍ଟାଗ୍ରାମ୍‌ରେ ଜାବେଉର ପୋଷ୍ଟ କରି ଜଣାଇଛନ୍ତି।


ADMISSION NOTICE-2025-26
Manjari Devi College
Affiliated to Utkal University, OUHS, PCI, OSBP & DMLT/RTEB
Campus:
262, Puranpadhan, Balakati, Bhubaneswar
Mob. 7019799567, 7978608747
9853801459
Email: mdscnbbsr@gmail.com
• B. Pharm
Rs. 58,000/- P.A.
Eligibility: +2 Sc. (PCB/M & OJEE Appeared)
• D. Pharm
Rs. 48,000/- P.A.
Eligibility: +2 Sc. (PCB/M)
• B.M.L.T.
Rs. 58,000/- P.A.
Eligibility: +2 Sc. (PCB/M with 50 % Mark)
• D.M.L.T.
Rs. 48,000/- P.A.
Eligibility: +2 Sc. Pass (PCB/M)
• M.P.H.
Rs. 42,000/- P.A.
Eligibility: Any Graguate
ALL COURSE FEES ARE EXCLUDING HOSTEL


## ରଣଜୀ ଟ୍ରଫି

# ଓଡ଼ିଶାର ଆଉ ଏକ ଲଜ୍ଜାଜନକ ପରାଜୟ

## ବିଦର୍ଭଠାରୁ ୧୦୦ ରନ୍‌ରେ ହାରିଲା

କଟକ,୧୧।୧୧(ସମିସ):

ଚଳିତ ରଣଜୀ ଟ୍ରଫିରେ ଓଡ଼ିଶାର ପ୍ରଦର୍ଶନ ଲଜ୍ଜାଜନକ ପରିସ୍ଥିତି ସୃଷ୍ଟି କଲାଣି। ପ୍ରଥମ ୪ଟି ମୁକାବିଲାରେ ଦଳ ୩ଟି ପରାଜୟର ସମ୍ମୁଖୀନ ହୋଇଛି। ଗୋଟିଏ ମ୍ୟାଚ୍ ଅମୀମାଂସିତ ରହିଥିବା ଯୋଗୁଁ ଓଡ଼ିଶା ମାତ୍ର ୧ ପଏଣ୍ଟ ହାସଲ କରି ଗ୍ରୁପ-ଏ ଟେବଲର ୭ମ ସ୍ଥାନରେ ରହିଛି। ମଙ୍ଗଳବାର ଶେଷ ହୋଇଥିବା ୪ର୍ଥ ଲିଗ୍‌ରେ ଓଡ଼ିଶାକୁ ୧୦୦ରନରେ ବିଦର୍ଭ ପରାସ୍ତ କରିଛି। ଲିଗ୍ ପର୍ଯ୍ୟାୟରେ ଓଡ଼ିଶା ଆଉ ୩ଟି ମ୍ୟାଚ୍ ଖେଳିବ। ତେବେ ତାମିଲନାଡୁ, ଝାଡଖଣ୍ଡ ଭଳି ଦଳକୁ ହରାଇ ଓଡ଼ିଶା କ୍ୱାର୍ଟରରେ ପ୍ରବେଶ କରିବା କାଠିକର ପାଠ। ଏଣୁ ଓଡ଼ିଶା ଚଳିତ ସିଜନରେ ଅଭିଯାନ ଶେଷ କରିଛି ବୋଲି କୁହାଯାଇପାରେ।

ନାଗପୁରରେ ଖେଳାଯାଇଥିବା ଓଡ଼ିଶା ଏବଂ ବିଦର୍ଭ ବିପକ୍ଷ ମ୍ୟାଚ୍ ନାଟକୀୟ ଢଙ୍ଗରେ ଶେଷ ହୋଇଥିଲା। ଓଡ଼ିଶାର ବିଜୟ ଆଶା ରହିଥିବା ସତ୍ତ୍ୱେ ମଧ୍ୟକ୍ରମର ବ୍ୟାଟିଂ ବିଫଳତା ଦଳ ପାଇଁ ବୋଝ ସାବ୍ୟସ୍ତ ହେଲାଣି। ୩୪୫ରନର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ଓଡ଼ିଶା ସୋମବାର ମ୍ୟାଚର ୩ୟ ଦିବସ ଷ୍ଟମ୍ପ୍ ଅପସାରଣ ସୁଦ୍ଧା ବିନା ୱିକେଟରେ ୪୪ରନ ସଂଗ୍ରହ କରିଥିଲା। ଓପନର ସ୍ୱସ୍ତିକ ସାମଲ ୨୫ରନ ଏବଂ ଗୌରବ ଚୌଧୁରୀ ୧୭ରନରେ ଅପରାଜିତ ରହିଥିଲେ। ଆଜି ଉଭୟ ଚମତ୍କାର ଶୈଳୀରେ ରନ୍ ସଂଗ୍ରହ କରି ଓଡ଼ିଶାର ବିଜୟ ଲକ୍ଷ୍ୟକୁ ଛୁଇଁବାରେ ଲାଗିଥିଲେ। ତେବେ ୨୪ତମ ଓଭରର ଶେଷ ବଲରେ ବିଦର୍ଭକୁ ପ୍ରଥମ ସଫଳତା ମିଳିଥିଲା। ବାମହାତୀ ଅର୍ଥୋଡକ୍ସ ପାର୍ଥ ରେଖାଡେ ୪୮ ରନରେ ଗୌରବଙ୍କୁ ଏଲବିଡବ୍ଲ୍ୟୁ କରି ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ ବ୍ରେକଥ୍ରୁ ଦେଇଥିଲେ। ଏହି ୱିକେଟ ମ୍ୟାଚ୍‌ର ଦୃଶ୍ୟପଟ ବଦଳାଇ ଦେଇଥିଲା। ଦଳୀୟ ସ୍କୋର ୧୦୦ରନରେ ପ୍ରଥମ ୱିକେଟ ହରାଇଥିବା ଓଡ଼ିଶା କ୍ରମାଗତ ୱିକେଟ ହରାଇ ବିଦର୍ଭ ହାତକୁ ମ୍ୟାଚ୍ ଟେକି ଦେଇଥିଲା। ଅନ୍ୟତମ ଓପନର ସ୍ୱସ୍ତିକ ୬୫ରନରେ ରେଖାଡେଙ୍କ ଦ୍ୱିତୀୟ ଶିକାର ପାଲଟିଥିଲେ। ସନ୍ଦୀପ ପଟ୍ଟନାୟକ ୨୭ରନ, ଅଧିନାୟକ ଶୁଭ୍ରାଂଶୁ ସେନାପତି ୨୮ରନ, ସମ୍ବିତ ବରାଳ ୪ରନ, ରାଜେଶ ଧୂପର ୧ରନରେ ପ୍ୟାଭିଲିୟନ ବାହୁଡିଥିଲେ। ୬ନଂ ବ୍ୟାଟିଂ କ୍ରମରେ କ୍ରିଜକୁ ଆସିଥିବା ଗୋବିନ୍ଦ ପୋଦ୍ଦାର ୪୬ରନର ପାଳି ଖେଳିଥିଲେ ସୁଦ୍ଧା ତାହା ବିଜୟ ପାଇଁ ପର୍ଯ୍ୟାପ୍ତ ନଥିଲା। ନିମ୍ନକ୍ରମରେ ରାଜେଶ ମହାନ୍ତି ୬ରନ, ଜାମଲା ଭଞ୍ଜନ ମହାପାତ୍ର ୭ରନ, ବାଦଲ ବିଶ୍ୱାଳ ୫ରନ, ତାପସ ଦାସ ୨ରନ କରିଥିଲେ। ରେଖାଡେଙ୍କୁ ୮୦ରନ ବ୍ୟୟରେ ୫ଟି ଓ ପ୍ରଫୁଲ ହିଙ୍ଗେଙ୍କୁ ୩ଟି ୱିକେଟ ମିଳିଥିଲା। ୧୬ ତାରିଖରୁ ନାଗାଲାଣ୍ଡ ବିପକ୍ଷରେ ଓଡ଼ିଶା ୫ମ ଲିଗ୍ ମ୍ୟାଚ୍ ଖେଳିବ।

### ପ୍ରଥମ ୪ଟି ମ୍ୟାଚ୍‌ରେ ଓଡ଼ିଶାର ପ୍ରଦର୍ଶନ

ପ୍ରଥମ ମ୍ୟାଚ୍ (ବାରବାଟୀ)
ବରୋଦାଠାରୁ ୭ ୱିକେଟରେ ପରାସ୍ତ

ଦ୍ୱିତୀୟ ମ୍ୟାଚ୍ (ଲକ୍ଷ୍ନୌ)
ମ୍ୟାଚ୍ ଡ୍ର, ୟୁପିଠାରୁ ପ୍ରଥମ ଇନିଂସ ପଛୁଆ

ତୃତୀୟ ମ୍ୟାଚ୍ (ବାରବାଟୀ)
ଆନ୍ଧ୍ରଠାରୁ ଇନିଂସ ଓ ୫୦ ରନ୍‌ରେ ପରାସ୍ତ

ଚତୁର୍ଥ ମ୍ୟାଚ୍ (ନାଗପୁର)
ବିଦର୍ଭଠାରୁ ୧୦୦ ରନ୍‌ରେ ପରାଜିତ

ପଞ୍ଚମ ମ୍ୟାଚ୍ (ଭୁବନେଶ୍ୱର)
ବନାମ ନାଗାଲାଣ୍ଡ(ପ୍ରଥମ ବିଜୟ ଆଶା)


ନନ୍ଦିଘୋଷ

'ନନ୍ଦିଘୋଷ ଟିଭି'
ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଅଛି।
ଯୋଗ୍ୟ ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | ଅଭିଜ୍ଞତା |
|---|---|
| ଇନ୍‌ପୁଟ୍ କପି ଏଡିଟର (୦୨) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ଭିଡିଓ ଏଡିଟର୍ -ଡିଜିଟାଲ (୦୨) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| କପି ଏଡିଟର -ଡିଜିଟାଲ (୦୩) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ଗ୍ରାଫିକ୍ସ ଡିଜାଇନର -ଡିଜିଟାଲ (୦୧) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ଗ୍ରାଫିକ୍ସ ଡିଜାଇନର -ନ୍ୟୁଜ୍ (୦୧) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ସିଜି ଅପରେଟର (୦୧) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ସ୍ୱିଚର / ଅନଲାଇନ୍ ଏଡିଟର | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୧୫ ନଭେମ୍ବର ୨୦୨୫ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।

*କେବଳ ନିର୍ବାଚିତ ଆବେଦନଗୁଡିକୁ ସାକ୍ଷାତକାର ପାଇଁ ଡକାଯିବ।
ଯୋଗାଯୋଗ: ୯୪୩୭୦୧୭୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS